ବର୍ଷ-୫୪ : ସଂଖ୍ୟା-୭ ଜୁଲାଇ, ୨୦୨୩ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜୁଲାଇ, ୨୦୨୩


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ଭୌତିକ ପଦାର୍ଥ ପ୍ରତି ସମ୍ମାନବୋଧ | ... | ଶ୍ରୀଅରବିନ୍ଦ | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ଦିବ୍ୟ କର୍ମ | ... | ଶ୍ରୀମା | ... | ୬ |
| ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ (ଦ୍ୱିତୀୟ ପରିଚ୍ଛେଦ) ବ୍ୟକ୍ତିବାଦର ଯୁଗ : ବିବେକବୁଦ୍ଧିର ଯୁଗ | ... | ଶେଖ ଅବଦୁଲ କାଶମ | ... | ୭ |
| ଚୈତ୍ୟ-ଅଗ୍ନିଙ୍କୁ ଆବାହନ (କବିତା) | ... | ରାମଚନ୍ଦ୍ର ପାଣି | ... | ୧୨ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୧୨୦) | ... | ... | ... | ୧୩ |
| ଦେବମୁହୂର୍ତ୍ତ | ... | ରାମକୃଷ୍ଣ ଦାସ | ... | ୧୭ |
| ଶ୍ରୀଅରବିନ୍ଦ ଓ ନୂତନ ମାନବଜାତିର ଆବିର୍ଭାବ | ... | ପ୍ରପତ୍ତି | ... | ୨୧ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୭୫) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୪ |
| ଧର୍ମ ବିସଂବାଦ (କବିତା) | ... | ସନ୍ତୋଷ ରଥ | ... | ୨୭ |
| ଦ୍ୱୀପାନ୍ତରର କଥା (ଚତୁର୍ଥ ପରିଚ୍ଛେଦ) ସେଲ୍ୟୁଲାର୍‌ରେ ପ୍ରଥମ ଜୀବନ (୩) | ... | ବାରୀନ୍ଦ୍ର କୁମାର ଘୋଷ | ... | ୨୮ |
| ସନାତନ ଧର୍ମ (୮) | ... | କୁମାର ଚନ୍ଦ୍ର ମିଶ୍ର | ... | ୩୧ |
| ଅବତାର ପୁରୁଷ ଶ୍ରୀରାମଙ୍କ ସମ୍ପର୍କରେ ଶ୍ରୀଅରବିନ୍ଦ | ... | ଆର୍ତ୍ତତ୍ରାଣ ମିଶ୍ର | ... | ୩୬ |
| ଆସନ୍ତୁ ଦ୍ୱନ୍ଦ୍ୱ ବନ୍ଦ କରିବା | ... | ପ୍ରସାଦ ତ୍ରିପାଠୀ | ... | ୩୮ |
| ମା' ଓ ସନ୍ତାନ (୪) | ... | ଗୟାଧର ଦାଶ | ... | ୪୧ |
| ମୁଁ ଟିକି ଜଳବିନ୍ଦୁ (କବିତା) | ... | ଦୀପ୍ତି ମିଶ୍ର | ... | ୪୩ |
| ସୁନିଲ-ଦା' (୨) | ... | ... | ... | ୪୪ |
| ଦୁଇ ସହଜସାଧ୍ୟ ଶୃଙ୍ଖଳା | ... | ମନୋଜ ଦାସ | ... | ୪୭ |
| 'ପଣ୍ଡିତା' ରମାବାଈ | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୪୯ |
| ଦିବ୍ୟ ଉପସ୍ଥିତି (କବିତା) | ... | ଦୟାନିଧି ପାତ୍ର | ... | ୫୨ |
| ଚମ୍ପା | ... | ଗିଜୁଭାଇ ବଧେକା | ... | ୫୩ |
| ସତରେ ପରୀମାନେ ଅଛନ୍ତି ! | ... | ... | ... | ୫୬ |
| ସମାଜରେ ଏକାତ୍ମଭାବ | ... | ମନୋଜ ଦାସ | ... | ୫୭ |


❖

# ପ୍ରାର୍ଥନା

ହେ ଦିବ୍ୟ ଶକ୍ତି, ପରମ ଜ୍ୟୋତିଃ ପ୍ରଦାୟକ, ଶୁଣ ଆମ ପ୍ରାର୍ଥନା, ଆମଠୁଁ ଦୂରେଇ ଯାଅନା, ଚାଲି ଯାଅନା, ଶୁଭଙ୍କର ଏ ଲଢ଼େଇ ଲଢ଼ିବାରେ ଆମକୁ ସାହାଯ୍ୟ କର, ସଂଗ୍ରାମ ସକାଶେ ଆମ ସାମର୍ଥ୍ୟକୁ କର ସୁଦୃଢ଼, ବିଜୟାଧିକାର ପାଇଁ ଆମକୁ ପ୍ରଦାନ କର ଶକ୍ତି !

ହେ ମୋର ମଧୁମୟ ପ୍ରଭୁ, ତୁମେ, ଯାହାଙ୍କୁ ଜାଣିବାର ସାମର୍ଥ୍ୟ ନଥାଇ ମଧ ମୁଁ ପୂଜା କରେ, ତୁମେ, ମୋ ଉପଲବ୍ଧିର ସାମର୍ଥ୍ୟ ବିନା ମଧ ଯିଏକି ମୁଁ, ମୋର ସମଗ୍ର ସଚେତନ ବ୍ୟକ୍ତିସତ୍ତା ତୁମ ଆଗରେ ସାଷ୍ଟାଙ୍ଗ ପ୍ରଣତ ଏବଂ ସଂଗ୍ରାମରତ କର୍ମୀମାନଙ୍କର ଏବଂ ବେଦନାକ୍ରାନ୍ତ ଧରିତ୍ରୀ ନାମରେ, ଯନ୍ତ୍ରଣାକ୍ଷୁବ୍ଧ ମାନବଜାତି ଏବଂ ପ୍ରୟାସୀ ପ୍ରକୃତି ନାମରେ ମିନତିରତ । ହେ ମୋର ମଧୁମୟ ପ୍ରଭୁ, ହେ ଅନିର୍ବଚନୀୟ ଅଜ୍ଞେୟ, ହେ ସମସ୍ତ ବରାଶିଷ-ପ୍ରଦାୟକ, ତୁମେ ଯିଏକି ତମସା ଗର୍ଭରେ କର ଆଲୋକର ଉଦ୍ଭାସ, ଏବଂ ଦୁର୍ବଳତା ମଧ୍ୟରୁ ଜାଗରିତ କର ସାମର୍ଥ୍ୟ, ଆମ ଉଦ୍ୟମର ପୃଷ୍ଠପୋଷକତା କର, ଆମର ପଦକ୍ଷେପକୁ ଦିଅ ଦିଗ୍‌ଦର୍ଶନ, ବିଜୟ ଦିଗରେ ଆମକୁ ଦିଅ ନେତୃତ୍ୱ ।

ଜୁଲାଇ ୮, ୧୯୧୪ — ଶ୍ରୀମା



# ଭୌତିକ ପଦାର୍ଥ ପ୍ରତି ସମ୍ମାନବୋଧ

What you feel about physical things is true – there is a consciousness in them, a life which is not the life and consciousness of man and animal which we know, but still secret and real. That is why we must have a respect for physical things and use them rightly, not misuse and waste, ill-treat or handle with a careless roughness. This feeling of all being consciousness of alive comes when our own physical consciousness – and not the mind only – awakes out of obscurity and becomes aware of the One in all things, the Divine everywhere.

(letters on Yoga, part II, p. 288) – Sri Aurobindo

ଭୌତିକ ପଦାର୍ଥସବୁ ସମ୍ପର୍କରେ ତୁମେ ଯାହା ଅନୁଭବ କରୁଛ ତାହା ସତ୍ୟ — ସେମାନଙ୍କ ମଧ୍ୟରେ ଏକ ଚେତନା ରହିଛି, ରହିଛି ଏକ ଜୀବନ ଯାହାକି ଆମେ ଜାଣିଥିବା ମଣିଷ ଓ ପଶୁମାନଙ୍କ ଜୀବନ ତଥା ଚେତନା ସଦୃଶ ନୁହେଁ, କିନ୍ତୁ ତଥାପି ତାହା ପ୍ରଚ୍ଛନ୍ନ ଓ ବାସ୍ତବ ଭାବେ ରହିଛି । ସେଇଥିଯୋଗୁ ଭୌତିକ ପଦାର୍ଥ ସକଳ ପ୍ରତି ଆମର ରହିବା ଉଚିତ ଏକ ସମ୍ମାନବୋଧ ଓ ସେସବୁକୁ ଆମେ ଯଥାର୍ଥ ଢଙ୍ଗରେ ବ୍ୟବହାର କରିବା ଉଚିତ । ସେସବୁର ଅପବ୍ୟବହାର ଓ ବିନଷ୍ଟି ଯେପରି ଆମେ ନ ଘଟାଉ । ସେସବୁ ପ୍ରତି ଅସମ୍ମାନ ଯେପରି ପ୍ରଦର୍ଶନ ନ କରୁ କିଂବା ଅଯତ୍ନ ଅମାର୍ଜିତ ଭାବେ ସେସବୁର ବ୍ୟବହାର ଯେପରି ନ କରୁ । ସବୁକିଛି ଚେତନାମୟ ଅଥବା ଜୀବନ୍ତ, ଏଇ ବୋଧ ଆସିଥାଏ ଯେତେବେଳେ ଆମର ଭୌତିକ ଚେତନା — କେବଳ ମନ ନୁହେଁ — ତାହା ଅନ୍ଧକାର ମଧ୍ୟରୁ ଜାଗ୍ରତ୍ ହୋଇଥାଏ ଏବଂ ସକଳବସ୍ତୁରେ ସେହି ଏକ ଅଦ୍ୱିତୀୟଙ୍କ ଉପସ୍ଥିତି ସମ୍ପର୍କରେ ଓ ଭଗବାନଙ୍କର ସର୍ବବ୍ୟାପକତ୍ୱ ସମ୍ପର୍କରେ ସଚେତନ ହୋଇଉଠେ ।

— ଶ୍ରୀଅରବିନ୍ଦ

# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୩୦)

## ଶ୍ରୀଅରବିନ୍ଦ

Thus tumbled, sinking, sprawling in the Void,
Clutching for props, a soil on which to stand,
She only saw a thin atomic Vast,
The rare-point sparse substratum universe
On which floats a solid world's phenomenal face.

ଏହିଭାବେ ପଦସ୍ଖଳିତ, ନିମଜ୍ଜମାନ, ବିଶାଳ ଶୂନ୍ୟରେ ବିସ୍ତାରିତ ହୋଇ, ଅବଲମ୍ବନ ନିମନ୍ତେ ବ୍ୟାକୁଳ କର ପ୍ରସାରିତ କରି, ଠିଆ ହେବା ସକାଶେ ଭୂଇଁଟିଏ ପାଇଁ ଇଚ୍ଛା କରି ସେ କେବଳ ଦେଖିବାକୁ ପାଇଲା ଏକ ସୂକ୍ଷ୍ମ ଆଣବିକ ବିରାଟ, ବିକୀର୍ଣ୍ଣ ଅଧସ୍ତନ ବିଶ୍ୱର ସେଇ ବିରଳ-ବିନ୍ଦୁ ଯାହା ଉପରେ ଭାସୁଥାଏ ଏକ ନିଦା ଜଗତର ପ୍ରାତିଭାସିକ ବଦନମଣ୍ଡଳ ।

Alone a process of events was there
And Nature's plastic and protean change
And, strong by death to slay or to create,
The riven invisible atom's omnipotent force.

ସେଠାରେ ଘଟନାବଳିର ଏକ ପ୍ରକ୍ରିୟା ମାତ୍ର ଥିଲା ଏବଂ ସୁନମ୍ୟ ଓ ନିତ୍ୟନୂତନ ପରିବର୍ତ୍ତନ ତଥା ହନନ ଅଥବା ସର୍ଜନା କରିବା ନିମନ୍ତେ ମୃତ୍ୟୁଶକ୍ତି ବଳରେ ବଳୀୟାନ୍ ବିଦୀର୍ଣ୍ଣ ଅଦୃଶ୍ୟ ପରମାଣୁର ସର୍ବଜୟୀ ଶକ୍ତିମତ୍ତା ଥିଲା ।

One chance remained that here might be a power
To liberate man from the old inadequate means
And leave him sovereign of the earthly scene.

ଏକହିଁ ସମ୍ଭାବନା ରହିଥିଲା – ଏଠାରେ ମନୁଷ୍ୟକୁ ପୁରାତନ ଅଯଥେଷ୍ଟ ଉପାୟସକଳରୁ ମୁକ୍ତି ପ୍ରଦାନ କରିବାକୁ ତଥା ପାର୍ଥିବ ଦୃଶ୍ୟପଟରେ ତାହାକୁ ସର୍ବାଧିପତି ରୂପେ ସମାସୀନ କରିବାକୁ ଥାଇପାରେ ଏକ ଶକ୍ତି ।

For Reason then might grasp the original Force
To drive her car upon the roads of Time.

କାରଣ ବିଚାରବୁଦ୍ଧି ସେତେବେଳେ ଆଦିଶକ୍ତିକୁ ଅଧିକାର କରି ପାରିଥା'ନ୍ତା, ମହାକାଳର ସରଣିରାଜି ଉପରେ ଚଳାଇ ପାରିଥା'ନ୍ତା ତା'ର ରଥ ।

All then might serve the need of the thinking race,
An absolute State found order's absolute,
To a standardised perfection cut all things,
In society build a just exact machine.

ସବୁକିଛି ତେଣିକି ଚିନ୍ତାଶୀଳ ଜାତିର ଆବଶ୍ୟକତା ପୂରଣାର୍ଥେ ସେବାରତ ଥାଆନ୍ତେ, ଏକ ନିରଙ୍କୁଶ ରାଷ୍ଟ୍ର ସ୍ଥାପନ କରିଥା'ନ୍ତା ଶୃଙ୍ଖଳାର ନିରଙ୍କୁଶତା, ସକଳ ବସ୍ତୁକୁ ଏକ ସାର୍ବଜନିକ ପୂର୍ଣ୍ଣତାଦର୍ଶର ପରିମାପରେ କାଟିକୁଟି ଗଢ଼ି ଥୋଇ ଦିଅନ୍ତା, ସମାଜରେ ନିର୍ମାଣ କରିଥା'ନ୍ତା ଗୋଟାଏ ଯଥାଯଥ ନିର୍ଭୁଲ ଯନ୍ତ୍ର ।

Then science and reason careless of the soul
Could iron out a tranquil uniform world,
Aeonic seekings glut with outward truths
And a single-patterned thinking force on mind,
Inflicting Matter's logic on Spirit's dreams
A reasonable animal make of man
And a symmetrical fabric of his life.

ତା'ପରେ ବିଜ୍ଞାନ ଓ ହେତୁବାଦ ଅନ୍ତରାତ୍ମା ପ୍ରତି ବେପରୁଆ ହୋଇ ମସୃଣ କରି ଗଢ଼ି ତୋଳନ୍ତେ ଏକ ପ୍ରଶାନ୍ତ ଏକରୂପୀ ପୃଥିବୀ, ଯୁଗଯୁଗାନ୍ତରର ଅନ୍ୱେଷଣକୁ ଆକଣ୍ଠ ଭରିଦିଅନ୍ତେ ବାହ୍ୟ ସତ୍ୟରାଜି ଦ୍ୱାରା ଏବଂ ମନ ଉପରେ ବଳପ୍ରୟୋଗପୂର୍ବକ ଲଦି ଦିଅନ୍ତେ ଏକାକାର ଚିନ୍ତାଧାରା, ଚିନ୍ମୟ-ପୁରୁଷଙ୍କ ସ୍ୱପ୍ନଚୟରେ ଜଡ଼ର ନ୍ୟାୟବିଧିକୁ ଜବରଦସ୍ତ ମଡ଼ାଇ ମନୁଷ୍ୟକୁ ଏକ ଯୁକ୍ତିପରାୟଣ ପଶୁରେ ତଥା ତା'ର ଜୀବନକୁ ସମବିନ୍ୟାସଯୁକ୍ତ ଏକ ପରିଚ୍ଛଦରେ ପରିଣତ କରି ଦିଅନ୍ତେ ।

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଦିବ୍ୟ କର୍ମ

## ଶ୍ରୀମା

### ଏହି ଦିବ୍ୟ କର୍ମ କାହିଁକି ?

ଯାହାକିଛି ପରିପୂର୍ଣ୍ଣତା ଆମେ ଅର୍ଜନ କରିବାକୁ ଚାହୁଁଛୁ ତାହା ବ୍ୟକ୍ତିଗତ ନୁହେଁ ବା ଏଥିରେ କିଛି ସ୍ୱାର୍ଥକୈନ୍ଦ୍ରିକ ଲକ୍ଷ୍ୟ ନାହିଁ; ଏହାର ଉଦ୍ଦେଶ୍ୟ ହେଉଛି ଈଶ୍ୱରଙ୍କୁ ପ୍ରକାଶ କରିବା, ଈଶ୍ୱରଙ୍କ ସେବାରେ ନିୟୋଜିତ ରହିବା । ବ୍ୟକ୍ତିଗତ ପରିପୂର୍ଣ୍ଣତା ପାଇଁ ଆମେ ସ୍ୱାର୍ଥପର ଭାବେ ଏହି ଅଗ୍ରଗତିର ଅନୁସରଣ କରୁ ନାହୁଁ; ଆମେ ଏହା କରୁଛୁ କେବଳ ପ୍ରଭୁଙ୍କର କାର୍ଯ୍ୟଟି ସମାହିତ ହେବା ପାଇଁ ।

*ପ୍ରଶ୍ନ : କିନ୍ତୁ ଆମେ କାହିଁକି ଭଗବାନଙ୍କ କାମ କରୁ ? ଏହା କେବଳ ଆମକୁ ...*

**ଶ୍ରୀମା :** ନା, ଆଦୌ ନୁହେଁ ! ଏହା କେବଳ ଈଶ୍ୱର **ଇଚ୍ଛା** କରୁଛନ୍ତି ବୋଲି କରିବାକୁ ହେବ । ଏହା ଆଦୌ କୌଣସି ବ୍ୟକ୍ତିଗତ କାରଣରୁ ନୁହେଁ, ଏହା ସେପରି ହେବା ଆଦୌ ଉଚିତ ନୁହେଁ । ଏହାର ଏକମାତ୍ର ଉଦ୍ଦେଶ୍ୟ ହେଲା – ଏହା ଈଶ୍ୱର **ଇଚ୍ଛା** କରୁଛନ୍ତି ଏବଂ ଏହା ଈଶ୍ୱରଙ୍କର **କାମ** ।

ଯେତେବେଳ ପର୍ଯ୍ୟନ୍ତ ତୁମ କର୍ମ ସହିତ ତୁମର ବ୍ୟକ୍ତିଗତ ଆଗ୍ରହ ବା କାମନା, ଏକ ସ୍ୱାର୍ଥପର ସଂକଳ୍ପ ମିଶି ଯାଉଥିବ, ସେପର୍ଯ୍ୟନ୍ତ ଏହା ଏକ ମିଶ୍ରଣ ହୋଇ ରହିବ ଓ ସେତେବେଳ ପର୍ଯ୍ୟନ୍ତ ଏହା ଦିବ୍ୟ ସଂକଳ୍ପର ଅଭିବ୍ୟକ୍ତି ଆଦୌ ନୁହେଁ । ଯାହାକିଛି ଗଣ୍ୟ କରିବାର କଥା ତାହାହେଲା କେବଳ ଈଶ୍ୱର, ତାଙ୍କର ସଂକଳ୍ପ, ତାଙ୍କର ପ୍ରକାଶ ଓ ସୃଷ୍ଟି ଭିତରେ ତାଙ୍କର ଅଭିବ୍ୟକ୍ତି । ଆମେ ଏଠାରେ ସେଥିପାଇଁ ଅଛୁ, ଆମେ ତାହାହିଁ, ଆଉ କିଛି ନୁହେଁ ।

*

* *

### ଜଣେ କିପରି ଦିବ୍ୟ କର୍ମ କରେ ?

*ପ୍ରଶ୍ନ : ମା, ଉଦାହରଣସ୍ୱରୂପ ଜଣେ ଲମ୍ଫ ଡିଆଁ ଅଭ୍ୟାସ କରୁଥିଲାବେଳେ ପ୍ରୟାସ କରୁଥାଏ ଯେ ଅଧିକରୁ ଅଧିକ ଦୂରକୁ ଡେଇଁବା ପାଇଁ, ଏଥିରେ ଜଣେ ଭଗବାନଙ୍କ କର୍ମ କିପରି କରିପାରିବ ?*

**ଶ୍ରୀମା :** ଆଃ ? ମୋତେ କ୍ଷମାକର, ଜଣେ ନିଜର ଆମୋଦ ପାଇଁ ଲମ୍ଫ ଡିଆଁ ଅଭ୍ୟାସ କରେ ନାହିଁ, ବରଂ ତା'ର ଉଦ୍ଦେଶ୍ୟ ହେଲା ଶରୀରକୁ ତା'ର କାର୍ଯ୍ୟ କରିବାରେ ଅଧିକ ପରିପୂର୍ଣ୍ଣ କରି ଗଢ଼ି ତୋଳିବା, ଯାହାଫଳରେ ଏହା ଅଧିକ ଉପଯୁକ୍ତ ଯନ୍ତ୍ର ଭାବରେ ଭଗବତ୍ ଶକ୍ତିଗୁଡ଼ିକୁ ଗ୍ରହଣ କରିପାରିବ ଏବଂ ପ୍ରକାଶ କରିପାରିବ ।

କେବଳ ଖେଳ କଥା ନୁହଁ, ସବୁକଥା । ଏଠାରେ ତୁମେ ଯେତେ ଯାହା କର, ସବୁ ପଛରେ ସେଇ ଭାବ ରହିବା ଉଚିତ, ତା' ନହେଲେ ତୁମକୁ ଯେଉଁ ସୁଯୋଗ ଓ ପରିସ୍ଥିତି ଦିଆଯାଇଛି, ତୁମେ ତାହାର କିଛି ଉପଯୋଗ କରିପାରିବ ନାହିଁ । ମୁଁ ତୁମକୁ ସେଦିନ ଏକଥା କହି ନ ଥିଲି, ଏହା ନୁହେଁ କି ? ଯେହେତୁ ଏଠାରେ ଦିବ୍ୟ ଚେତନା ରହିଛି, ତାହା ସବୁ ଭିତରେ ପ୍ରବେଶ କରୁଛି ଏବଂ ସବୁପ୍ରକାର ଗତିବୃତ୍ତିରେ ନିଜକୁ ପ୍ରକାଶ କରୁଛି, ସେଇ ହେତୁ ତୁମର ସମସ୍ତ କର୍ମ ତଦନୁଯାୟୀ ପରିଚାଳିତ ହେବା ଉଚିତ । କିନ୍ତୁ ଯଦି ତୁମେ ତୁମ ପକ୍ଷରୁ ନିଜକୁ କୁହ ଯେ, ଯାହାକିଛି ପ୍ରୟାସ ତୁମେ ଏଠି କରୁଛ, ଯାହାକିଛି ଅଗ୍ରଗତି ତୁମେ ଏଠାରେ କରୁଛ, ସେସବୁ କରୁଛ କାରଣ ଏହି ଦିବ୍ୟ ଚେତନାକୁ ଅଧିକରୁ ଅଧିକ ଗ୍ରହଣ କରିବା ପାଇଁ ଓ ନିଜ କର୍ମ ଭିତରେ ତାକୁ ଅଧିକରୁ ଅଧିକ ଭାବେ ପ୍ରକାଶ କରିବା ପାଇଁ, ଏବଂ ତା' ଫଳରେ ତୁମର କର୍ମ ସ୍ୱାଭାବିକ ଭାବେ ଅଧିକ ଭଲ ହେବ ଏବଂ ତ୍ୱରାନ୍ୱିତ ହେବ ।

(The Great Adventure *A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ମାନବ ଯୁଗ-ଚକ୍ର : ଏକ ଅଧ୍ୟୟନ

## (ଦ୍ୱିତୀୟ ପରିଚ୍ଛେଦ)

## ବ୍ୟକ୍ତିବାଦର ଯୁଗ : ବିବେକବୁଦ୍ଧିର ଯୁଗ

## ଶେଖ ଅବଦୁଲ କାଶମ

ରୀତି ଓ ପରମ୍ପରା ଯେତେବେଳେ କାରାଗାର ତୁଲ୍ୟ ମନେ ହୁଏ ଏବଂ ରୀତି-ଆଧାରିତ ଜୀବନାଦର୍ଶ ସତ୍ୟଠାରୁ ଦୂରେଇ ଯାଏ, ସେତେବେଳେ ବ୍ୟକ୍ତିବାଦୀ ଯୁଗର ଆବିର୍ଭାବ ହୁଏ । ଯେଉଁ ପରିସ୍ଥିତିଗୁଡ଼ିକ ବ୍ୟକ୍ତିବାଦୀ ଯୁଗର ଆଗମନ ଲାଗି ପ୍ରକୃତରେ ଦାୟୀ ସେଗୁଡ଼ିକ ମଧ୍ୟରୁ କେତୋଟି ଏଠାରେ ଉଲ୍ଲେଖ କରାଯାଇ ପାରେ । ସତ୍ୟଗୁଡ଼ିକୁ ନକଲ କରି ପରମ୍ପରାଗୁଡ଼ିକ ଗଢ଼ି ଉଠିଥିବ ଏବଂ ସେଥିରେ ଯଥାର୍ଥ ବୁଦ୍ଧିର ଅଭାବ ରହିଥିବ, ସେଗୁଡ଼ିକର ବ୍ୟାବହାରିକ ଔଚିତ୍ୟ ନଥିବ, କେବଳ ଯନ୍ତ୍ରବତ୍ ସେଗୁଡ଼ିକ କାର୍ଯ୍ୟକାରୀ ହେଉଥିବେ ଅଥବା ସତ୍ୟଠାରୁ ବିଚ୍ଛିନ୍ନ ହୋଇ ପ୍ରସ୍ତରୀଭୂତ ହୋଇଯାଇ ଥିବେ । ପରମ୍ପରାଗୁଡ଼ିକର ଦୋଷ, ବିଫଳତା ଓ ହାନିକାରକ ପ୍ରବୃତ୍ତି ଯୋଗୁଁ ତା' ବିରୋଧରେ ସମାଜରେ ବିଦ୍ରୋହଭାବ ଦେଖା ଦେଇଥିବ । ଜୀବନାଚରଣ କ୍ଷେତ୍ରରେ ପ୍ରାଚୀନ ସତ୍ୟ ବିଲୁପ୍ତ ହୋଇ ଗଲାଣି ଏବଂ ସମସ୍ତେ ଏକ ମିଥ୍ୟାକୁ ଆଶ୍ରୟ କରିହିଁ ଏକ ମୂଲ୍ୟହୀନ ଜୀବନ ବଞ୍ଚୁଛନ୍ତି ବୋଲି ତୀବ୍ର ଭାବେ ଅନୁଭୂତ ହେଉଥିବ । ପରମ୍ପରାଧର୍ମୀ ସମାଜ ଏକ ଦୁର୍ବଳ ଓ ଅସ୍ଥିର ଭୂମି ଉପରେ ଛିଡ଼ା ହୋଇଥାଏ । ଶ୍ରୀଅରବିନ୍ଦ କହନ୍ତି – "The individualism of the new age is an attempt to get back from conventionalism of belief and practice to some solid bed-rock, no matter what, of real and tangible Truth."

(CWSA, Vol. 25, p. 15)

ଅର୍ଥାତ୍, ''ନୂତନ ଯୁଗର ବ୍ୟକ୍ତିବାଦୀ ଦୃଷ୍ଟିଟିକୁ ଆମେ ଜୀବନାଦର୍ଶ ଓ ଜୀବନାଚରଣର ଏକ ତୁଚ୍ଛା ପରମ୍ପରା ସର୍ବସ୍ୱତାରୁ ଏକ ଟାଣ ଓ ନିଦା ଭୂଇଁ ଉପରକୁ ବାହୁଡ଼ି ଆସିବା ଲାଗି ଏକ ପ୍ରୟାସ ବୋଲି କହିବା; ସେଥିଲାଗି ଯେଉଁଠି ଯାହା ହେଉ ପଛକେ, ଏକ ଯଥାର୍ଥ ଓ ଅନୁସରଣୀୟ ନିହିତ ସତ୍ୟର ନିଦାଭୂଇଁକୁ ଫେରି ଆସିବାର ଏକ ପ୍ରୟାସ ବୋଲି କହିବା ।''

ପରମ୍ପରା ସର୍ବସ୍ୱ ଯୁଗର ଶେଷ ପର୍ଯ୍ୟାୟରେ ପରିସ୍ଥିତି ଏପରି ହୁଏ ଯେ ଯେଉଁ ପୁରୁଣା ନୀତିନିୟମ, ଧାରଣା ଓ ମାନଦଣ୍ଡଗୁଡ଼ିକ ସତ୍ୟ-ଆଧାରିତ ବୋଲି ସର୍ବସାଧାରଣଙ୍କ ଦ୍ୱାରା ଅନୁସୃତ ହୋଇ ଆସୁଥିଲା, ସେଗୁଡ଼ିକ ମୂଲ୍ୟହୀନ ଓ ଦେବାଳିଆ ହୋଇ ପଡ଼ିଥିବାର ଦେଖାଯାଏ । ସେସବୁ ଆଉ ସମାଜରେ ଅନ୍ତର୍ଜୀବନ ଲାଗି ସହାୟକ ହୋଇ ରହି ନଥାଏ । ସମୂହସ୍ତରରେ ଏଇ ବିଫଳତା ଯୋଗୁଁ ବ୍ୟକ୍ତିହିଁ ଅଗ୍ରଣୀ ଓ ଆବିଷ୍କାରକ ରୂପେ ବାହାରି ପଡ଼େ ନିଜ ଲାଗି ତଥା ଜଗତ୍ ଲାଗି ଯଥାର୍ଥ ବିଧାନ ଖୋଜି ପାଇବାକୁ । ଏଥିପାଇଁ ବ୍ୟକ୍ତି ତାହାର ନିଜସ୍ୱ ବୁଦ୍ଧି, ଆନ୍ତର ଜ୍ଞାନ, ଆଦର୍ଶବାଦ, ଅଭିଳାଷ ଓ ଆସ୍ପୃହାକୁ ଉପଯୋଗ କରେ । ସେ ନିଶ୍ଚିତ ଥାଏ ଯେ ଉପରୋକ୍ତ ସାମର୍ଥ୍ୟଗୁଡ଼ିକ ଦ୍ୱାରା ସେ ଯେତେବେଳେ ବ୍ୟକ୍ତିଗତ ତଥା ବିଶ୍ୱଗତ ଯଥାର୍ଥ ସତ୍ୟକୁ ଉପଲବ୍ଧି କରିବ ସେତେବେଳେ ସେ ଧର୍ମ, ସମାଜ, ନୈତିକତା, ରାଜନୈତିକ ଅନୁଷ୍ଠାନ ଓ ଅନ୍ୟମାନଙ୍କ ସହିତ ତା'ର ସମ୍ବନ୍ଧକୁ ଏକ ଦୃଢ଼ ଭିତ୍ତି ପ୍ରଦାନ କରିବ ତଥା ପୁନର୍ଗଠନ କରିବ । ନିଜର ତଥା ମାନବ ସମାଜର ପରିପୂର୍ଣ୍ଣତା ଲାଗି ତା'ର ପ୍ରୟାସ ଦିନେ ସାଫଲ୍ୟମଣ୍ଡିତ ହେବ ।

ବ୍ୟକ୍ତିବାଦର ଯୁଗଟି ପ୍ରଥମେ ଆରମ୍ଭ ହୋଇଥିଲା ଇଉରୋପରେ । ଇଉରୋପର ସମ୍ପର୍କରେ ଆସି ତାହାରି ଦ୍ୱାରା ପ୍ରଭାବିତ ହେବା ଫଳରେ ପ୍ରାଚ୍ୟ ଜଗତ୍ ବ୍ୟକ୍ତିବାଦକୁ ଗ୍ରହଣ କଲା । ପାଶ୍ଚାତ୍ୟ ଜଗତ୍ ଶତାବ୍ଦୀ ଶତାବ୍ଦୀ ଧରି ବଳ, ଶକ୍ତି, ଆଲୋକ ଓ ଅଗ୍ରଗତିର ଅଧିକାରୀ ହୋଇ ଆସିଛି, କାରଣ ବସ୍ତୁଗୁଡ଼ିକର ବାସ୍ତବ ସତ୍ୟକୁ ଖୋଜିବା ଲାଗି ସେଠାରେ ଅଦମ୍ୟ ଆକାଙ୍କ୍ଷା ରହିଛି । ଅପର ପକ୍ଷରେ ପ୍ରାଚ୍ୟ ଜଗତ୍ ପରମ୍ପରା ସର୍ବସ୍ୱ ହୋଇ ରହିବାରୁ ତଥା ଆଦର୍ଶଗୁଡ଼ିକୁ ଜୀବନାଚରଣରୁ ଦୂରେଇ ଦେବାରୁ ଏକ ନିଷ୍କ୍ରିୟତା ଓ ତାମସିକତା ଭିତରେ ଯାଇ ପଡ଼ି ରହିଥିଲା । କିନ୍ତୁ ପାଶ୍ଚାତ୍ୟ ଜଗତ୍ ବିଶ୍ଳେଷଣାତ୍ମକ ବୁଦ୍ଧି ଓ ବ୍ୟାବହାରିକ ପ୍ରୟୋଜନୀୟତା ଉପରେ ଗୁରୁତ୍ୱ ଦେଇ

ଯେଉଁ ଜ୍ଞାନର ଅଧିକାରୀ ହୋଇଛି ତାହାକୁ ସବୁଠୁ ଶ୍ରେଷ୍ଠ ଓ ଶକ୍ତିଶାଳୀ ଜ୍ଞାନ ବୋଲି ଆମେ କହିପାରିବା ନାହିଁ ।

ଏକ ସଂଶୟ ବା ଏକ ଅସ୍ୱୀକାର ରୂପରେହିଁ ସର୍ବଦା ବ୍ୟକ୍ତିବାଦ ଜନ୍ମଲାଭ କରେ । ବୁଦ୍ଧିଶକ୍ତି ପ୍ରଚଳିତ ରୀତି ଓ ପରମ୍ପରାକୁ ଅସ୍ୱୀକାର କରେ, ତା' ବିରୋଧରେ ବିଦ୍ରୋହ କରେ । ବ୍ୟକ୍ତି ଭାବେ ଯେ ତା' ଉପରେ ଗୋଟାଏ ଧର୍ମ ଲଦି ଦିଆଯାଇଛି ଯାହାକି ଆଧ୍ୟାତ୍ମିକ ସତ୍ୟ ଉପରେ ଆଧାରିତ ନୁହେଁ । କୌଣସି ପ୍ରାଚୀନ ଗ୍ରନ୍ଥର ବାଣୀ, ଜଣେ ପୋପ୍ ବା ଧର୍ମ-ପୁରୋହିତଙ୍କର ଅକାଟ୍ୟ ଆଦେଶ ବା କୌଣସି ଗୀର୍ଜାର ପରମ୍ପରା ତା'ର ଆଉ ଗ୍ରହଣୀୟ ହୁଏ ନାହିଁ । ଇଉରୋପରେ ବ୍ୟକ୍ତିବାଦୀ ଯୁଗଟିର ପ୍ରଥମ ପର୍ଯ୍ୟାୟରେ ଆମେ ଦେଖୁ ବୁଦ୍ଧିଶକ୍ତିର ପ୍ରଚଣ୍ଡ ବିସ୍ଫୋରଣ ଓ ଏକ ବିଦ୍ରୋହ । ଏହାର ଚରମ ପର୍ଯ୍ୟାୟରେ ସମାଜରେ ଦେଖିବାକୁ ମିଳେ ଭୌତିକ ବିଜ୍ଞାନର ପ୍ରାଧାନ୍ୟ ଓ ବିଜୟ ।

ବ୍ୟକ୍ତିବାଦର ଯୁଗରେ ବ୍ୟକ୍ତି ଚାହେଁ ବସ୍ତୁଗୁଡ଼ିକର ସତ୍ୟକୁ ପରୀକ୍ଷା କରି ଦେଖିବାକୁ । ପ୍ରମାଣ ବିନା କିଛି ଗ୍ରହଣ କରିବାକୁ ସେ ପ୍ରସ୍ତୁତ ନଥାଏ । ପ୍ରତି କଥାରେ ସେ ଅନୁସନ୍ଧାନ ବା ଆବିଷ୍କାର କରିବାକୁ ବାହାରି ପଡ଼େ । ସେ ଦେଖେ ଯେ ପ୍ରାଚୀନ ଗ୍ରନ୍ଥର ଶବ୍ଦଗୁଡ଼ିକୁ ପରମ୍ପରା କ୍ରମେ କେବଳ ପୁନରାବୃତ୍ତି କରାଯାଉଛି । ତାହାର ଯଥାର୍ଥ ମର୍ମକୁ କେହି ବୁଝି ନାହାନ୍ତି କିଂବା କେହି ଜୀବନରେ ତାହା ପାଳନ କରୁ ନାହାନ୍ତି । ଅଥବା ଅଳ୍ପ ସଂଖ୍ୟକ ବ୍ୟକ୍ତିହିଁ ତାହା ବୁଝିଛନ୍ତି ବା କାର୍ଯ୍ୟକାରୀ କରୁଛନ୍ତି । ରାଜନୀତି କ୍ଷେତ୍ରରେ କ୍ଷମତାସୀନ ବ୍ୟକ୍ତିମାନେ ଅନ୍ୟମାନଙ୍କୁ ଉତ୍ପୀଡ଼ିତ କରୁଛନ୍ତି । ସେମାନଙ୍କ ଧାରଣା ଥାଏ ଯେ ଭଗବାନହିଁ ସେମାନଙ୍କୁ ଶାସନର ଅଧିକାର ଦେଇଛନ୍ତି । ସତେ ଯେମିତି ଯଥେଚ୍ଛାଚାର କରିବା ଓ ଲୋକଙ୍କୁ ଉତ୍ପୀଡ଼ିତ କରିବା ପାଇଁ ସେମାନେ ଭଗବାନଙ୍କ ଅନୁଜ୍ଞା ବା ଅନୁମୋଦନ ପ୍ରାପ୍ତ କରିଛନ୍ତି । ଦୁର୍ବଳ ଓ ନିମ୍ନ ଶ୍ରେଣୀର ବ୍ୟକ୍ତିମାନେ ଭୟଭୀତ ହୋଇ ବଡ଼ମାନଙ୍କ ଗୋଡ଼ତଳେ ଅସହାୟ ହୋଇ ପଡ଼ିଛନ୍ତି । ସାମାଜିକ କ୍ରିୟାନୁଷ୍ଠାନଗୁଡ଼ିକ ଆପଣାର ଔଚିତ୍ୟ ହରାଇଛନ୍ତି କିଂବା ସେଗୁଡ଼ିକ ଜନମଙ୍ଗଳକାରୀ ହୋଇ ରହି ନାହାନ୍ତି । ବ୍ୟକ୍ତିମାନଙ୍କର ଆଚରଣ ଜାତିଗତ ଅଭିମାନକୁ ପ୍ରକାଶ କରୁଛି, ମାତ୍ର କେଉଁଠି ହେଲେ କର୍ତ୍ତବ୍ୟବୋଧ ଦେଖିବାକୁ ମିଳୁ ନାହିଁ । ଅନେକ ମିଥ୍ୟା ପରମ୍ପରା ଓ ଅସଙ୍ଗତ ବ୍ୟବସ୍ଥା ଯୋଗୁଁ ସମାଜର ବ୍ୟକ୍ତିମାନେ ନାନାବିଧ ଦାସତ୍ୱର ଅଧୀନ ହୋଇ ପଡ଼ନ୍ତି । ଧରାବନ୍ଧା ରୀତିନୀତି, ଗତାନୁଗତିକ ପରମ୍ପରା ଓ ବିଶେଷ ଅଧିକାର ପ୍ରାପ୍ତ କରିଥିବା ମନୁଷ୍ୟମାନଙ୍କୁ ନିର୍ଦ୍ଦିଷ୍ଟ ଗୁଳା ଭିତରେ ଆବଦ୍ଧ କରି ରଖିଥାଏ । ପରିବର୍ତ୍ତନ ଓ ପ୍ରଗତିର ସୁଯୋଗ ନଥାଏ । ଏପରି ଏକ ସ୍ଥିତି ବିରୋଧରେ ବିଦ୍ରୋହ କରିବା ପାଇଁ ସଚେତନ ବ୍ୟକ୍ତିମାନେ ବାହାରି ଆସନ୍ତି । ଫଳରେ ବ୍ୟକ୍ତିବାଦୀ ବିଚାର ଧାରାର ପ୍ରସାର ଘଟେ । ବିଦ୍ରୋହୀ ବ୍ୟକ୍ତି ତା' ଉପରେ ଲଦି ଦିଆଯାଇଥିବା ଦାସତ୍ୱଗୁଡ଼ିକୁ ଫୋପାଡ଼ି ଦିଏ । ଧର୍ମଗତ, ସାମାଜିକ, ରାଜନୀତିକ ଓ ନୈତିକ ବ୍ୟବସ୍ଥାକୁ ସେ ଦୃଢ଼ ଭାବେ ବିରୋଧ କରେ । ପରମ୍ପରା ଓ କର୍ତ୍ତୃତ୍ୱକୁ ଅମାନ୍ୟ ଓ ଅସ୍ୱୀକାର କରେ । ଏହା ଫଳରେ ପୁରାତନ ବ୍ୟବସ୍ଥାର ସମର୍ଥକମାନେ ସେପରି ବିଦ୍ରୋହୀ ବ୍ୟକ୍ତିମାନଙ୍କୁ ବିଧ୍ୱଂସକାରୀ ଶକ୍ତି ବୋଲି ମନେ କରି ସେମାନଙ୍କୁ ଦମନ କରିବା ପାଇଁ ଚେଷ୍ଟା କରନ୍ତି । ମାତ୍ର ବିଦ୍ରୋହୀ ବ୍ୟକ୍ତିମାନେ ନିଜର ଧାରଣା ଓ ସଙ୍କଳ୍ପରେ ଦୃଢ଼ ହୋଇ ରହିଥା'ନ୍ତି । ସେମାନେ ସମାଜର ମିଥ୍ୟା ବ୍ୟବସ୍ଥାଗୁଡ଼ିକୁ ଧ୍ୱଂସ କରି ସତ୍ୟକୁ ନୂତନ ଭାବରେ ପ୍ରତିଷ୍ଠା କରିବାକୁ ବ୍ରତ ଧାରଣ କରିଥା'ନ୍ତି ।

ବ୍ୟକ୍ତିବାଦୀ ଯୁଗର ପ୍ରାରମ୍ଭିକ କାଳରେ ଧର୍ମର କ୍ଷେତ୍ରରେହିଁ ଏକ ବ୍ୟକ୍ତିଗତ ସନ୍ଦୀପନ (personal illumination)ର ଆବିର୍ଭାବ ଘଟିଥିଲା । ପାଶ୍ଚାତ୍ୟରେ ଧର୍ମଗତ ସୂତ୍ର ଓ ତତ୍ତ୍ୱ ଉପରେ ବିବେକ ବୁଦ୍ଧି (theological reasoning)ର ପ୍ରୟୋଗ କରାଯାଇଥିଲା ଏବଂ ପ୍ରାଚ୍ୟରେ ଦାର୍ଶନିକ ବିବେକବୁଦ୍ଧି (philosophical reasoning) ହିଁ ସେଇ ନବ ପ୍ରବର୍ତ୍ତନର କାର୍ଯ୍ୟ କରିଥିଲା । ସମାଜ ଓ ରାଜନୀତିର କ୍ଷେତ୍ରରେ ସ୍ୱାଭାବିକ ଅଧିକାର ଏବଂ ସ୍ୱାଭାବିକ ନ୍ୟାୟ (natural right and justice) ବିଷୟରେ ଏକ ଅଶୋଧିତ ଅବବୋଧରୁ ଏହା ଆରମ୍ଭ ହୋଇଥିଲା । ସମାଜରେ ଘଟୁଥିବା ଅତ୍ୟାଚାର ଓ ଅନ୍ୟାୟଜନିତ ଦୁଃଖଭୋଗ ଏହି ପ୍ରାଥମିକ ଅବବୋଧକୁ ଜନ୍ମ ଦେଇଥିଲା । ନବପ୍ରବର୍ତ୍ତନ କାଳରେ ଧର୍ମାଭିଳାଷହିଁ ପ୍ରଥମେ ନେତୃତ୍ୱ ନେଲା । ଧର୍ମଗତ ସଂସ୍କାର ଆନ୍ଦୋଳନ (religious Reformation) ଲାଗି ସୁଯୋଗ ସୃଷ୍ଟି ହେଲା । କିନ୍ତୁ ସାମାଜିକ ଓ ରାଜନୀତିକ ଆକାଂକ୍ଷାଟି ତାକୁ ଅନୁସରଣ କଲା ଏବଂ ଶେଷରେ ନେତୃତ୍ୱ ଦେବ ବୋଲି ଅପେକ୍ଷା କରି ରହିଲା ।

ଧର୍ମେତର (secular) ପ୍ରଭାବଗୁଡ଼ିକୁ ଯେତେବେଳେ ଧର୍ମ ଆପଣାର ସାହାଯ୍ୟକାରୀ ରୂପେ ବ୍ୟବହାର କଲା ସେତେବେଳେ ଧର୍ମ ଆପଣା ପଥରୁ କ୍ରମେ ବିଚ୍ୟୁତ ହେବାରେ

ଲାଗିଲା । ଧର୍ମଗ୍ରନ୍ଥ ଓ ଖ୍ରୀଷ୍ଟଧର୍ମଗତ ବିଧି ଓ ଅନୁଶାସନଗୁଡ଼ିକର ଯଥାର୍ଥ ମର୍ମ ନିରୂପଣ କରିବା ପାଇଁ ବ୍ୟକ୍ତି ତା'ର ବିବେକବୁଦ୍ଧିକୁ ବ୍ୟବହାର କରିବାର ଅଧିକାର ଦାବୀ କଲା । ଏଇଥିରୁହିଁ ଇଉରୋପୀୟ ଧର୍ମମୁକ୍ତି ଆନ୍ଦୋଳନ (the movement of religious freedom)ର ଜନ୍ମ ହୋଇଥିଲା । ଧର୍ମାନୁଷ୍ଠାନିକ କର୍ତ୍ତାମାନେ ଧର୍ମକୁ ବ୍ୟବହାର କରି ନାନା ଅତ୍ୟାଚାର, ଛଳନା ଓ ନୃଶଂସତା କରୁଥିଲେ । ତା' ବିରୋଧରେ ଧର୍ମମୁକ୍ତି ଆନ୍ଦୋଳନ ବିଦ୍ରୋହ ଘୋଷଣା କଲା । ଏପରି ଗୋଟିଏ ଆନ୍ଦୋଳନ ପ୍ରାଚ୍ୟ ଜଗତରେ ଘଟିଥିଲେ ତାହା ସ୍ୱାଭାବିକ ରୂପେ କେତେ ଧର୍ମ ସଂସ୍କାରକ ଓ ସନ୍ଥପୁରୁଷଙ୍କ ଆବିର୍ଭାବକୁ ସମ୍ଭବ କରିଥା'ନ୍ତା । ମାତ୍ର ପାଶ୍ଚାତ୍ୟ ଜଗତରେ କେବଳ ନାସ୍ତିକତା ଓ ଧର୍ମବିଚ୍ଛିନ୍ନତାହିଁ ସେହି ଆନ୍ଦୋଳନର ଉଦ୍ଦେଶ୍ୟ ହୋଇ ରହିଥିଲା । ବ୍ୟକ୍ତି ସକଳ ପ୍ରକାର ଧର୍ମବିଶ୍ୱାସ, ଅତିପ୍ରାକୃତ ବ୍ୟାପାର (supernaturalism) ଓ ବୁଦ୍ଧି-ଅତୀତ ସତ୍ୟ (suprarational truth) ବିଷୟରେ ସଂଶୟ ପ୍ରକାଶ କରିବାକୁ ଲାଗିଲା ।

ଇଉରୋପର ବିବର୍ତ୍ତନଟି ଧର୍ମସଂସ୍କାର ଆନ୍ଦୋଳନ (the Reformation) ଅପେକ୍ଷା ସାଂସ୍କୃତିକ ପୁନର୍ଜାଗରଣ (cultural Renascence) ଦ୍ୱାରା ଅଧିକ ନିୟନ୍ତ୍ରିତ ହୋଇଥିଲା । ଏହା ଫଳରେ ପ୍ରାଚୀନ ଗ୍ରୀକ୍ ଓ ରୋମାନ୍ ବିଚାରଧାରା ଇଉରୋପରେ ବହୁଳ ଭାବରେ ପ୍ରସାର ଲାଭ କଲା । ଗ୍ରୀକ୍ ମନର ମୁକ୍ତ ଜିଜ୍ଞାସାବୃତ୍ତି ଓ ଉତ୍ସାହପୂର୍ଣ୍ଣ ଅନୁସନ୍ଧାନ ପ୍ରବୃତ୍ତିକୁ ଇଉରୋପ ଗ୍ରହଣ କଲା । ସେହିପରି ପ୍ରାଚୀନ ରୋମବାସୀର ବହୁକ୍ଷେତ୍ରୀୟ ବ୍ୟାବହାରିକ ନୈପୁଣ୍ୟ ଇଉରୋପୀୟ ମାନସକୁ ପ୍ରଭାବିତ କଲା । ସଂସାର ବିଷୟରେ ଏକ ନ୍ୟାୟ ସଙ୍ଗତ ସିଦ୍ଧାନ୍ତକୁ ଅନୁସରଣ କରି ଜୀବନକୁ ଶୃଙ୍ଖଳିତ କରିବାର ଯେଉଁ ପ୍ରବୃତ୍ତି ଓ ଅଭ୍ୟାସ ରୋମ ନାଗରିକର ଥିଲା ତାହା ମଧ୍ୟ ଇଉରୋପକୁ ପ୍ରାପ୍ତ ହେଲା । ପାଶ୍ଚାତ୍ୟ ସମାଜର ବ୍ୟକ୍ତିବାଦୀ ଯୁଗ ଇହୁଦୀୟ ଓ ଖ୍ରୀଷ୍ଟଧର୍ମୀୟ ଶୃଙ୍ଖଳାର ମୂଳନୀତିଗୁଡ଼ିକୁ ମଧ୍ୟ ଅନୁସରଣ କଲା ।

ବ୍ୟକ୍ତିଗତ ବିଚାରକୁ ଯଦି ନିରଙ୍କୁଶ ଭାବରେ ଛାଡ଼ି ଦିଆଯାଏ ତାହା ହେଲେ ତାହା ମାନବ ସମାଜ ଲାଗି ବିନାଶକାରୀ ସାବ୍ୟସ୍ତ ହୋଇପାରେ । କେବଳ ବ୍ୟକ୍ତିଗତ ଅଧିକାର ବା ବର୍ଗର ସ୍ୱାର୍ଥ ସାଧନ ଲାଗି କଠୋର ଦାବୀ କରି ବସିଲେ ଶେଷରେ ସମାଜରେ ବିଶୃଙ୍ଖଳା ଓ ସଂଘର୍ଷ ଦେଖାଦେବ । ସୁତରାଂ ଶ୍ରୀଅରବିନ୍ଦ କହନ୍ତି ଯେ ମନୁଷ୍ୟ-ଇତିହାସର ପ୍ରତ୍ୟେକ ବ୍ୟକ୍ତିବାଦୀ ଯୁଗରେ ଦୁଇଟି ବଡ଼ ଅଭାବର ପୂରଣ କରିବାକୁ ହେବ । ପ୍ରଥମତଃ ସତ୍ୟର ଏକ ସର୍ବସ୍ୱୀକୃତ ମାନଦଣ୍ଡ ଆବିଷ୍କାର କରିବାକୁ ହେବ ଯାହା ପ୍ରତି ସମସ୍ତେ ଅନୁଗତ ହୋଇ ରହିବେ । ଦ୍ୱିତୀୟତଃ ସାମାଜିକ ବ୍ୟବସ୍ଥା ବା ଶୃଙ୍ଖଳାର କେତୋଟି ମୂଳନୀତିକୁ ସମସ୍ତଙ୍କୁ ସ୍ୱୀକାର କରିବାକୁ ହେବ । ସେହି ବ୍ୟବସ୍ଥାଟି ବ୍ୟକ୍ତିର ବାସନା ଓ ସ୍ୱାର୍ଥ ଉପରେ ନିୟନ୍ତ୍ରଣ ରଖିବ ।

ବ୍ୟକ୍ତିବାଦୀ ଯୁଗର ଦୁଇଟିଯାକ ସର୍ବବୃହତ୍ ଅଭାବର ପରିପୂରଣ କରିବାରେ ଭୌତିକ ବିଜ୍ଞାନ ସମର୍ଥ ହୋଇ ପାରିଛି ବୋଲି ଧାରଣା ସୃଷ୍ଟି ହେଲା । ବିଜ୍ଞାନହିଁ ପ୍ରକୃତି ଭିତରେ ଥିବା ସତ୍ୟଗୁଡ଼ିକୁ ଆବିଷ୍କାର କରିବାରେ ଲାଗିଲା । କୌଣସି ଶାସ୍ତ୍ର ବା ମାନୁଷୀ କର୍ତ୍ତୃତ୍ୱ ଉପରେ ନିର୍ଭର କରିବା ଆବଶ୍ୟକ ହେଲା ନାହିଁ । ବିଜ୍ଞାନ ଦ୍ୱାରା ପ୍ରତ୍ୟେକ ବ୍ୟକ୍ତିର ସ୍ୱାଧୀନ ବିଚାର ଶକ୍ତିର ଆବଶ୍ୟକତା ପୂରଣ ହୋଇପାରିଲା । ବ୍ୟକ୍ତି ତଥା ଜାତିର ପ୍ରଗତି ଓ ପରିପୂର୍ଣ୍ଣତା ଲାଗି ବିଜ୍ଞାନ ସହାୟକ ବୋଲି ଅନୁଭୂତ ହେଲା । ବୁଦ୍ଧି ସାହାଯ୍ୟରେ ପର୍ଯ୍ୟବେକ୍ଷଣ ଓ ପରୀକ୍ଷଣ କରିବାକୁ ସମାଜର ବ୍ୟକ୍ତିମାନେ ପ୍ରେରଣା ଲାଭ କଲେ । ବିଜ୍ଞାନ ଦ୍ୱାରା ଆବିଷ୍କୃତ ସତ୍ୟଗୁଡ଼ିକ ମନୁଷ୍ୟ ଜୀବନକୁ ନିୟନ୍ତ୍ରିତ ଓ ସଂଗଠିତ କରିବ ବୋଲି ଆଶା ସଞ୍ଚାରିତ ହେଲା । ବିଜ୍ଞାନ ଏପରି ବିଧାନ ଓ ସତ୍ୟଗୁଡ଼ିକୁ ଲୋକଲୋଚନକୁ ଆଣିଲା ଯାହାକି ସମସ୍ତେ ନିଜ ନିଜ ସ୍ତରରେ ସ୍ୱାଧୀନ ଭାବେ ପରୀକ୍ଷା କରି ଦେଖିପାରିବେ । ଏହା ଥିଲା ଇଉରୋପୀୟ ସଭ୍ୟତାର ଏକ ଶୀର୍ଷତମ ଗତିଧାରା । ମନୁଷ୍ୟ ସମାଜର ବ୍ୟକ୍ତିବାଦୀ ଯୁଗର ପରିପୂର୍ଣ୍ଣତା ଓ ବିଜୟ ଏହିପରି ଭାବରେ ପ୍ରାପ୍ତ ହୋଇଥିଲା । ମାତ୍ର ବିଡ଼ମ୍ବନାର ବିଷୟ ଏହି ଯେ ଏହି ଅବସ୍ଥାହିଁ ବ୍ୟକ୍ତିବାଦୀ ଯୁଗର ମୃତ୍ୟୁର କାରଣ ରୂପେ ପରେ ପ୍ରକାଶିତ ହେଲା ।

ବ୍ୟକ୍ତି ଭିତରେ ଯେଉଁ ସ୍ୱାଧୀନ ଭାବନା ଶକ୍ତି ରହିଛି ତାହାରି ସାହାଯ୍ୟରେ ସେ ବିଶ୍ୱବିଧାନଗୁଡ଼ିକୁ ଆବିଷ୍କାର କରେ । ସେହି ବିଶ୍ୱବିଧାନଗୁଡ଼ିକ ଦ୍ୱାରା ତା'ର ଜୀବନ ଶାସିତ ହୋଇଥାଏ । ବ୍ୟକ୍ତି ସମାଜ ଆଡ଼କୁ ଦୃଷ୍ଟିପାତ କଲେ ସାମୂହିକତା, ଏକ ଯୂଥ ବା ସମଷ୍ଟିର ସତ୍ୟ (truth of the collectivity, the pack, the hive, the mass) ତା' ଆଗରେ ଉଭା ହୁଏ । ସେ ଦିଗରେ ଅଧିକ ଦୂର ଅଗ୍ରସର ହେଲେ ସେ ସମାଜର ଏକ ନୂତନ ବ୍ୟବସ୍ଥାର ସମ୍ମୁଖୀନ ହୁଏ ଯାହାକି ଏକ କଠୋର ଆର୍ଥିକ ବା ରାଷ୍ଟ୍ର ଶାସିତ ସାମ୍ୟବାଦତନ୍ତ୍ର (economic and

govermental socialism) । ଏହା ଏପରି ଏକ ରାଜନୈତିକ ବ୍ୟବସ୍ଥା ଯେଉଁଥିରେ ବ୍ୟକ୍ତିକୁ ତା'ର ବ୍ୟକ୍ତିଗତ ସ୍ୱାର୍ଥ ଓ ହିତ ସକାଶେ ତଥା ସମଗ୍ର ମାନବ ସମାଜର ସ୍ୱାର୍ଥଲାଭ ସକାଶେ ସକଳ ପ୍ରକାର ସ୍ୱାଧୀନତାରୁ ବଞ୍ଚିତ କରି ରଖାଯାଏ । ଏହି ବ୍ୟବସ୍ଥାରେ ବ୍ୟକ୍ତିର ସମଗ୍ର ଜୀବନ ଓ କର୍ମ ରାଷ୍ଟ୍ରର ବିଧାନଗୁଡ଼ିକ ଦ୍ୱାରା ପରିଚାଳିତ ହୁଏ । ଏହାର ଅର୍ଥ ହେଲା ଯେଉଁ ନିର୍ଦ୍ଦେଶ ପୂର୍ବେ ଧର୍ମରୁ ମିଳୁଥିଲା ତାହା ଏକ ବୈଜ୍ଞାନିକ ଓ ବୌଦ୍ଧିକ ବିଚାରଧାରା ଦ୍ୱାରା ପରିଚାଳିତ ଶାସନତନ୍ତ୍ର ଦ୍ୱାରା ନିର୍ଦ୍ଧାରିତ ହେବ । ପୂର୍ବେ ବ୍ରାହ୍ମଣ ଶାସ୍ତ୍ରକାରମାନେ ସଂଶୟର ସମାଧାନ ଦେଉଥିଲେ; ଏବେ ବୈଜ୍ଞାନିକ, ପ୍ରଶାସନିକ ଓ ଅର୍ଥନୀତି ବିଶାରଦ ବିଶେଷଜ୍ଞମାନେ ସେହି କାର୍ଯ୍ୟ କରିବେ । ଧର୍ମ ଓ ନ୍ୟାୟକୁ ଅବଲମ୍ବନ କରୁଥିବା ରାଜାଙ୍କ ସ୍ଥାନରେ ରାଷ୍ଟ୍ରହିଁ ସର୍ବ-ବିଧାୟକ ଓ ସର୍ବ-ଶକ୍ତିଶାଳୀ ହୋଇ ରହିବ । ପୂର୍ବେ ସମାଜରେ ଶ୍ରେଣୀ ବିଭାଗ ଥିଲା ଏବଂ ପ୍ରତ୍ୟେକ ଶ୍ରେଣୀର ନିର୍ଦ୍ଦିଷ୍ଟ ସୁବିଧା ଓ କର୍ତ୍ତବ୍ୟମାନ ରହିଥିଲା । ଏବେ ସେସବୁର ସ୍ଥାନରେ ଶିକ୍ଷା ତଥା ଅନ୍ୟାନ୍ୟ ବିଷୟରେ ସମସ୍ତଙ୍କୁ ପ୍ରାଥମିକ ସ୍ତରରେ ସମାନ ସୁବିଧା ସୁଯୋଗ ଦିଆଯିବ । ମାତ୍ର ଶେଷରେ ବିଶେଷଜ୍ଞମାନେ ହିଁ କର୍ମ ନିଯୁକ୍ତି ବିଷୟରେ ସିଦ୍ଧାନ୍ତ ନେବେ ।

ଏହିପରି ଭାବରେ ସମୂହଧର୍ମୀ ରାଷ୍ଟ୍ର ଅତ୍ୟନ୍ତ କଠୋର ଓ ଅନମନୀୟ ଭାବରେ କାର୍ଯ୍ୟ କରିବ । ତଦ୍ଦ୍ୱାରା ଏପରି ଏକ ସମାଜ ସୃଷ୍ଟି ହେବ ଯେଉଁଠି କେବଳ ଅର୍ଥନୀତିହିଁ ଜୀବନର ଏକମାତ୍ର ନିୟାମକ ହୋଇ ରହିବ । ବୈଜ୍ଞାନିକ ବିଚାର ପଦ୍ଧତିହିଁ ଏକମାତ୍ର ପଦ୍ଧତି ବୋଲି ଗୃହୀତ ହେବ । ଏହାର ଫଳସ୍ୱରୂପ ବ୍ୟକ୍ତିର ସ୍ୱାଧୀନତାକୁ ସବୁପ୍ରକାର ନିଷେଧ ଓ ବନ୍ଧନ ଦ୍ୱାରା ବାନ୍ଧି ରଖାଯିବ । ଏହାର ତାତ୍ପର୍ଯ୍ୟ ହେଲା ସମାଜଟି ବୁଦ୍ଧିସର୍ବସ୍ୱ ପରମ୍ପରାବାଦ (rationalistic convention)ର ଏକ ପ୍ରସ୍ତରବତ୍ ବ୍ୟବସ୍ଥାରେ ପରିଣତ ହେବ । ଏହି ବ୍ୟବସ୍ଥାଟିକୁ ଭାଙ୍ଗିବା ଲାଗି ନୂତନ ଏକ ବ୍ୟକ୍ତିବାଦୀ ବିଦ୍ରୋହର ଯୁଗ ଆବଶ୍ୟକ ହେବ ଯାହାକି ଏକ ଚରମ ଦାର୍ଶନିକ ଅରାଜକତାବାଦ (philosophical Anarchism)ର ନୀତିକୁ ଅନୁସରଣ କରିବ ।

ବୁଦ୍ଧିବାଦ ଓ ଭୌତିକ ବିଜ୍ଞାନ ତା'ର ଚରମ ସୀମାରେ ପହଞ୍ଚିଲା ପରେ ମନୋବୈଜ୍ଞାନିକ ଓ ଚୈତ୍ୟ ଜ୍ଞାନ (Psychic Knowledge)ର ପ୍ଲାବନ ଘଟେ । ମନୁଷ୍ୟ-ଜୀବନ ବିଷୟରେ ଏକ ନୂତନ ଦୃଷ୍ଟି ଉନ୍ମୋଚିତ ହୁଏ । ବିବେକବୁଦ୍ଧିର ଯୁଗ ସମାପ୍ତି ଆଡ଼କୁ ଗତି କରେ ।

ଅର୍ଥନୀତିସର୍ବସ୍ୱ ବୁଦ୍ଧିବାଦ ତା'ର ମହତ୍ତ୍ୱ ହରାଇଲା ପରେ ଅଭିନବ ଓ ଗଭୀରତର ବିଚାରସବୁ ସମାଜରେ ଆଦୃତ ହୁଏ । ଉଦାହରଣସ୍ୱରୂପ ଦାର୍ଶନିକ ନିତ୍ସେ ''ବଞ୍ଚି ରହିବାର ସର୍ବମୂଳ ଇଚ୍ଛା'' (Will-to-live) ସମ୍ପର୍କିତ ବ୍ୟାଖ୍ୟା ପ୍ରଦାନ କଲେ । ଦାର୍ଶନିକ ବେର୍ଗସଁ ପ୍ରତିବୋଧ (Intuition)କୁ ମନୁଷ୍ୟର ବୁଦ୍ଧିଶକ୍ତିଠାରୁ ଅଧିକ କର୍ତ୍ତୃତ୍ୱଶାଳୀ ଏକ ଶକ୍ତି ବୋଲି ଘୋଷଣା କଲେ । ମନୁଷ୍ୟର ଏକ ବୁଦ୍ଧି-ଅତୀତ ବୃତ୍ତି (Suprarational faculty) ଓ ସତ୍ୟର ଏକ ବୁଦ୍ଧି-ଅତୀତ ସୋପାନ (Suprarational order of truths) ରହିଛି ବୋଲି ଜର୍ମାନ ଦର୍ଶନ ସ୍ୱୀକାର କରିବାରୁ ସମାଜ ପରିବର୍ତ୍ତନର ଏକ ନୂତନ ସମ୍ଭାବନା ଦେଖାଦେଲା । ଏହା ପରେ ଏକ ଆଶୟଧର୍ମୀ ଯୁଗ ବା ଆତ୍ମନିଷ୍ଠତାର ଯୁଗ (subjective Age) ଆବିର୍ଭାବ ନିମନ୍ତେ ପଥ ଉନ୍ମୁକ୍ତ ହେଲା ।

ଯେତେବେଳେ ପାଶ୍ଚାତ୍ୟ ରାଷ୍ଟ୍ରମାନେ ସମଗ୍ର ବିଶ୍ୱକୁ ନିଜର ଅଧୀନସ୍ଥ କରିବା ଉଦ୍ଦେଶ୍ୟରେ ବିଜୟ-ଅଭିଯାନରେ ବାହାରି ଥିଲେ ସେତେବେଳେ ପ୍ରାଚ୍ୟ-ଜଗତକୁ ତାମସିକତା ଭିତରୁ ଜାଗ୍ରତ୍ ହେବାକୁ ପଡ଼ିଲା । ପାଶ୍ଚାତ୍ୟର ବ୍ୟକ୍ତିବାଦ ପ୍ରାଚ୍ୟ ଜଗତରେ ପ୍ରଭାବ ପକାଇଲା ଏବଂ ତା'ର ଫଳସ୍ୱରୂପ ପ୍ରାଚ୍ୟଜଗତରେ ମଧ୍ୟ ପରମ୍ପରାଗତ ପୁରାତନ ବ୍ୟବସ୍ଥା ଭାଙ୍ଗିଯିବାରେ ଲାଗିଲା । କିନ୍ତୁ ପ୍ରାଚ୍ୟରେ ବ୍ୟକ୍ତିବାଦୀ ପର୍ଯ୍ୟାୟଟି ଦୀର୍ଘକାଳ ସ୍ଥାୟୀ ହେବାର ସମ୍ଭାବନା ନ ଥିଲା । ପ୍ରାଚ୍ୟର ସ୍ୱଭାବ ହେଲା ଏହା ପ୍ରଧାନତଃ ବୁଦ୍ଧିକୁହିଁ ଏକମାତ୍ର ଅବଲମ୍ବନ କରି ଧରିବ ନାହିଁ ବା ଧର୍ମକ୍ଷେତ୍ରରୁ ଓହରି ଆସି ପାରିବ ନାହିଁ । ପ୍ରାଚ୍ୟ ଯଥାର୍ଥ ଭାବରେ ଜାଗ୍ରତ୍ ନ ହୋଇ ମଧ୍ୟ ତା'ର ପ୍ରଭାବ ପାଶ୍ଚାତ୍ୟ ଉପରେ ପରୋକ୍ଷ ଭାବରେ ପଡୁଛି । ଆଉ ପ୍ରାଚ୍ୟ ଯଦି ଆପଣାର ଜାଗରଣ ଲାଗି ନୂତନ ଏକ ମାର୍ଗ ବିକଶିତ କରିପାରେ ତା'ହେଲେ ତା'ର ଶକ୍ତିଶାଳୀ ଓ ସୁଦୂର ପ୍ରସାରୀ ପ୍ରଭାବ ପାଶ୍ଚାତ୍ୟ ଜଗତ୍ ଉପରେ ନିଶ୍ଚୟ ପଡ଼ିବ । ଯାନ୍ତ୍ରିକ ଅର୍ଥନୀତିବାଦର ପ୍ରବୃତ୍ତି ଆଡ଼କୁ ଧାଇଁବା ଏବଂ ତଦ୍ଦ୍ୱାରା ସମାଜର ପୁନର୍ବ୍ୟବସ୍ଥା କରିବା ପ୍ରାଚ୍ୟ ଲାଗି ଆଦୌ ଅନୁକୂଳ ନୁହେଁ । ବରଂ ଆଶୟପ୍ରଧାନ ବା ଆତ୍ମନିଷ୍ଠ (subjective) ହେବା ଦ୍ୱାରା ଏବଂ ଜୀବନରେ ଆଧ୍ୟାତ୍ମିକତାର ପ୍ରୟୋଗ କରିବା ଦ୍ୱାରା ପ୍ରାଚ୍ୟ ପାଶ୍ଚାତ୍ୟ ଉପରେ ଅଧିକ ପ୍ରଭାବ ପକାଇ ପାରିବ ।

ଇଉରୋପର ବ୍ୟକ୍ତିବାଦୀ ଯୁଗ ଦୁଇଟି ଶକ୍ତିଶାଳୀ ବିଚାରକୁ ଦୃଢ଼ଭାବେ ପ୍ରତିଷ୍ଠିତ କରିଦେଇଛି ଯାହା କୌଣସି

ସାମୟିକ ପ୍ରତିକ୍ରିୟା ଦ୍ୱାରା କଦାପି ସମ୍ପୂର୍ଣ୍ଣ ରୂପେ ବିଲୁପ୍ତ ହୋଇପାରିବ ନାହିଁ । ପ୍ରଥମଟି ହେଉଛି ଏକ ଗଣତାନ୍ତ୍ରିକ ବିଚାରଧାରା ଯାହାକୁ ସମଗ୍ର ପୃଥିବୀ ଗ୍ରହଣ କରିସାରିଛି । ଏହି ବିଚାରଧାରା ଅନୁସାରେ ଏକ ପରିପୂର୍ଣ୍ଣ ଜୀବନ ବଞ୍ଚି ପାରିବାର ଅଧିକାର ପ୍ରତ୍ୟେକ ବ୍ୟକ୍ତିର ରହିଛି । ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି ଭିତରେ ଯେଉଁ ସାମର୍ଥ୍ୟ ଅନ୍ତର୍ନିହିତ ହୋଇରହିଛି ତାହାର ପରିପୂର୍ଣ୍ଣ ବିକାଶ ସାଧନ କରିବାର ଅଧିକାରରୁ ତାହାକୁ ବଞ୍ଚିତ କରାଯାଇ ପାରିବ ନାହିଁ । ସମାଜର କେବଳ କେତୋଟି ନିର୍ଦ୍ଦିଷ୍ଟ ବର୍ଗକୁ ବିକାଶ କରିବା ଲାଗି ତଥା ସୁଖଭୋଗ କରିବା ଲାଗି ସୁଯୋଗ ମିଳିବ ନାହିଁ । ସାମାଜିକ ବିକାଶ ଓ ସାମାଜିକ ସୁଖ କହିଲେ ସେଥିରେ ପ୍ରତ୍ୟେକ ବ୍ୟକ୍ତିର ବିକାଶ ଓ ସୁଖବିଧାନ ଅନ୍ତର୍ଭୁକ୍ତ ହୋଇ ରହିଛି । ଯଥାର୍ଥ ବ୍ୟକ୍ତିବାଦୀ ଯୁଗ ସମସ୍ତ ବ୍ୟକ୍ତିଙ୍କୁ ସାମ୍ୟ ଓ ସାମାଜିକ ନ୍ୟାୟ ଆଡ଼କୁ ନେଇଯାଏ ।

ଏହି ଯୁଗର ଦ୍ୱିତୀୟ ବିଚାରଧାରାଟି ହେଲା, ବ୍ୟକ୍ତି କେବଳ ସମାଜ ଲାଗି ଜୀବନ ଧାରଣ କରିବ ନାହିଁ । ସେ ସମୂହରୂପୀ ଦଳରେ ଗୋଟାଏ ପ୍ରାଣୀ ମାତ୍ର ନୁହେଁ, କିଂବା କୌଣସି ଉଇହୁଙ୍କାରେ ଗୋଟାଏ ମାତ୍ର ଉଇ ନୁହେଁ । ତା'ର ଏକ ସ୍ୱତନ୍ତ୍ର ଅସ୍ତିତ୍ୱ ରହିଛି । ତା' ଭିତରେ ଏକ ସତ୍ୟ, ଏକ ଆତ୍ମା ଅନ୍ତର୍ନିହିତ ହୋଇ ରହିଛି । ତେଣୁ ବ୍ୟକ୍ତି ସମାଜର ଏକ ଅଂଶ ରୂପେ ଆପଣାର ନିର୍ଦ୍ଦିଷ୍ଟ ଭୂମିକା ତୁଲାଇବା ସଙ୍ଗେ ସଙ୍ଗେ ଆପଣାର ଅନ୍ତର୍ଗତ ସତ୍ୟ ଓ ଆତ୍ମାଗତ ବିଧାନକୁ ପରିପୂର୍ଣ୍ଣ କରିବା ସକାଶେ ଅଧିକାର ପ୍ରାପ୍ତ ହୋଇଛି । ସେଥିପାଇଁ ତାକୁ ଯଥୋଚିତ ସ୍ୱାଧୀନତା ଓ ପର୍ଯ୍ୟାପ୍ତ ସୁଯୋଗ ମିଳିବା ନିହାତି ଆବଶ୍ୟକ । ଆଧ୍ୟାତ୍ମିକ ବିକାଶ ସହିତ ସମସ୍ତ ପ୍ରକାର ବିକାଶ ସାଧନ ଲାଗି ଯେଉଁ ସମାଜ ତାହାର ବ୍ୟକ୍ତିମାନଙ୍କୁ ଅନୁମତି ଦେଇଛି ସେଇ ସମାଜ ଭିତରେ ବ୍ୟକ୍ତି ଆପଣାର ବିଚାର ଓ ଇଚ୍ଛାକୁ ସମ୍ମିଳିତ କରିଦେଇ ପାରିବ ।

ଡଃ. ଶ୍ରୀନିବାସ ଆୟେଙ୍ଗାରଙ୍କ ନିମ୍ନ କେତୋଟି ବାକ୍ୟରେ ଆମେ ଆଲୋଚ୍ୟ ପ୍ରବନ୍ଧର ସାରାଂଶ ପାଇ ପାରିବା – ''From 'symbol' to 'type', from 'type' to 'convention'– and a dead end; then the individualistic revolt, the assertion of reason, the beginning of the reign of science, the derogation of revelation and faith and religion – to what end ? 'The dawn of individualism is always a questioning, a denial', the debris of past formalisms dead to life has to be cleared first, the dead church, the dead social institution, the dead ritual, the dead code of honour, the dead scholasticism, all have first to go, and reason is a good hatchet, a good demolisher, an efficient cleanser of our Augean stables. But the tasks of fresh construction cannot be delayed long, and here individualism has to reverse its natural gear and look in new directions for allies; ...''

ଅର୍ଥାତ୍, '' 'ପ୍ରତୀକ'ରୁ 'ଆଦର୍ଶ', 'ଆଦର୍ଶ'ରୁ 'ପରମ୍ପରା' – ଏବଂ ଆଗକୁ ନିଷ୍କ୍ରମଣର ଆଉ ରାସ୍ତା ନାହିଁ; ତା'ପରେ ବ୍ୟକ୍ତିବାଦୀ ବିଦ୍ରୋହ, ବିବେକବୁଦ୍ଧିର ଦୃଢ଼ୋକ୍ତି, ବିଜ୍ଞାନର ରାଜତ୍ୱର ପ୍ରାରମ୍ଭ, ଐଶ୍ୱରୀୟ ସତ୍ୟ-ପ୍ରକଟନର ନିନ୍ଦା ଏବଂ ବିଶ୍ୱାସ ଓ ଧର୍ମର ଅପବାଦ – ଏହାର ଅନ୍ତ କେଉଁଠି ? 'ବ୍ୟକ୍ତିବାଦର ଉଷା ସର୍ବଦା କେତୋଟି ପ୍ରଶ୍ନ ଓ ଅସ୍ୱୀକୃତି ନେଇ ଆସିଥାଏ', ଅତୀତର ଆନୁଷ୍ଠାନିକତା ବା ପ୍ରଥା ପରମ୍ପରା ଯାହାସବୁ ପ୍ରାଣହୀନ ଭଗ୍ନାବଶେଷ ଛାଡ଼ିଯାଇଛି ତାକୁ ପ୍ରଥମେ ପରିଷ୍କାର କରିବାକୁ ହେବ । ମୃତ ଗୀର୍ଜା, ମୃତ ସାମାଜିକ ଅନୁଷ୍ଠାନ, ମୃତ ରୀତିନୀତି, ମୃତ ସମ୍ମାନବିଧି, ମୃତ ଶାସ୍ତ୍ରୀୟ ଜ୍ଞାନ, ଏସବୁକୁ ପ୍ରଥମେ ଦୂର କରିବାକୁ ହେବ । ଏବଂ ବିବେକ ବୁଦ୍ଧି ହେଉଛି ଏକ ଉତ୍ତମ କୁରାଢ଼ୀ, ଏକ ଉତ୍ତମ ବିନାଶକାରୀ, ଦୀର୍ଘକାଳ ଧରି ଅପରିଷ୍କୃତ ହୋଇ ରହିଥିବା ଗୋଶାଳାତୁଲ୍ୟ ଆମର ସମସ୍ତ ଅଶୁଦ୍ଧ ଅନୁଷ୍ଠାନଗୁଡ଼ିକର ଦକ୍ଷ ଶୋଧନକାରୀ । କିନ୍ତୁ ନବନିର୍ମାଣର କାର୍ଯ୍ୟକୁ ଅଧିକ ବିଳମ୍ବିତ କରାଯାଇ ପାରିବ ନାହିଁ, ଏବଂ ଏଠାରେ ବ୍ୟକ୍ତିବାଦକୁ ତା'ର ସ୍ୱାଭାବିକ ଗତିଧାରା ପରିବର୍ତ୍ତନ କରି ନୂତନ ଦିଗରେ ସହଯୋଗୀ ଖୋଜିବାକୁ ହେବ; ...''

ଡଃ. ଆୟେଙ୍ଗାର ପୁନର୍ବାର କହନ୍ତି – "the rake's progress of individualism towards collectivist death can be – and indeed should be – arrested, and the higher human endeavour should be directed towards a life-giving subjectivism.''

ଅର୍ଥାତ୍, ''ସମୂହବାଦୀ ମୃତ୍ୟୁ ଆଡ଼କୁ ବ୍ୟକ୍ତିବାଦର ନିରବଚ୍ଛିନ୍ନ ଓ ଅପରିଣାମଦର୍ଶୀ ଅଧଃପତନକୁ ପ୍ରତିହତ କରାଯାଇ ପାରିବ ଏବଂ ଏହା ଅବଶ୍ୟ କରିବା ଉଚିତ । ଉଚ୍ଚତର ମାନୁଷୀ ପ୍ରୟାସକୁ ଏକ ଜୀବନଦାୟୀ ଆତ୍ମନିଷ୍ଠତା ଆଡ଼କୁ ପରିଚାଳିତ କରି ନେବା ଉଚିତ ।''

ଶ୍ରୀଅରବିନ୍ଦ ତାଙ୍କର ଏହି ପ୍ରବନ୍ଧରେ ବ୍ୟକ୍ତିବାଦର ଉଭୟ ସକାରାତ୍ମକ ଓ ନକାରାତ୍ମକ ଦିଗଗୁଡ଼ିକୁ ଉନ୍ମୋଚିତ କରିଛନ୍ତି ଯାହା ଫଳରେ ଆମେ ସମାଜ-ବିବର୍ତ୍ତନର ଗତିଧାରାକୁ ଯଥାର୍ଥ ରୂପେ ବୁଝିପାରିବା ଏବଂ ବ୍ୟକ୍ତିଗତ ତଥା ସାମୂହିକ ଅଗ୍ରଗତିର କ୍ଷେତ୍ରରେ ସାବଧାନତା ଅବଲମ୍ବନ କରିବା ସହ ଯଥାର୍ଥ ପଦକ୍ଷେପ ନେଇ ପାରିବା ।

❑❑❑

# ଚୈତ୍ୟ-ଅଗ୍ନିଙ୍କୁ ଆବାହନ

## ରାମଚନ୍ଦ୍ର ପାଣି

ଆହେ ଚୈତ୍ୟ-ଅଗ୍ନି ! ଚୈତ୍ୟପୁରୁଷ ମୋହର
ଜାଗ୍ରତ ହୁଅ ପ୍ରାର୍ଥନା କରେ ନିରନ୍ତର । (୧)
ତୁମ୍ଭେ ଅସଲ ସତ୍ତା ମୋ', ବ୍ୟକ୍ତିରୂପ ମୋର
ହୃଦ-କନ୍ଦରେ ନିଭୃତେ ନିବାସ ତୁମ୍ଭର । (୨)
ପ୍ରଜ୍ୱଳନ୍ତ ବହ୍ନି ତୁମ୍ଭେ ଅଙ୍ଗୁଷ୍ଠ ପ୍ରକାର
ମନ-ପ୍ରାଣ-ଶରୀରରେ ପ୍ରଚାଳିତ କର । (୩)
ତୁମ୍ଭେହିଁ ଆସ୍ପୃହା-ଶିଖା ଊର୍ଦ୍ଧ୍ୱଗାମୀ ଚିର
ପଥ ପ୍ରଦର୍ଶନ କର ଲକ୍ଷ୍ୟରେ ମୋହର । (୪)
ମନେ, ପ୍ରାଣେ, ଦେହେ ଯେତେ ଆବିଳତା ମୋର
ତୁମ୍ଭେ ଜାଳି ସେସବୁକୁ ଭସ୍ମସାତ୍ କର । (୫)
ନ ରହୁ କଳୁଷ ଟିକେ ସତ୍ତାରେ ମୋହର
ସମସ୍ତ ଅଙ୍ଗ-ପ୍ରତ୍ୟଙ୍ଗ ବିଶୁଦ୍ଧ ମୋ କର । (୬)
ତୁମ୍ଭଙ୍କୁ ଡାକୁଛି ମୁହିଁ ନିତ୍ୟ ନିରନ୍ତର
ସଦା ଜାଗ୍ରତ ରୁହ ହେ ! ହୃଦୟେ ମୋହର । (୭)
ଅନ୍ଧାର କାଳିମା ଯେତେ ଚତୁଃପାର୍ଶ୍ୱେ ମୋର
ଅନାବୃତ କରି ତାହା ଦୂରୀଭୂତ କର । (୮)
ତୁମ୍ଭେ ରହିଲେ ଜାଗ୍ରତ ଭୟ ନାହିଁ ମୋର
ନିରାପଦେ ଚାଲୁଥିବି ଲକ୍ଷ୍ୟରେ ମୋହର । (୯)
ନିରତ ଦିଅ ନିର୍ଦ୍ଦେଶ ଅନ୍ତରରେ ଥାଇ
ଭୁଲ୍ ପଥେ କେବେହେଲେ ଗତି ନୋହୁ କାହିଁ । (୧୦)
ତୁମ୍ଭେହିଁ ତ ଆତ୍ମଶକ୍ତି ମାତୃରୂପ ଧର
ପରମଙ୍କ ଅଂଶ ତୁମ୍ଭେ ହୃଦେ ବାସ କର । (୧୧)
ଜାଗ, ଜାଗ ହେ ଚୈତ୍ୟାଗ୍ନି ! ନାଶ ହେ ଅନ୍ଧାର
ସମସ୍ତ ବିପଦୁ ମୋତେ ସମୁଦ୍ଧାର କର । (୧୨) ❑



ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୧୨୦)

### ଶ୍ରୀମା'ଙ୍କର ଆଶ୍ରମ ପରିଚାଳନାର ମୌଳିକ ଧାରା :

୧୯୫୨ ମସିହାରେ ଯେତେବେଳେ ଆଶ୍ରମରେ 'ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟ କେନ୍ଦ୍ର' ଧୀରେ ଧୀରେ ଗଢ଼ି ଉଠୁଥିଲା ସେତେବେଳେ ଶ୍ରୀମା ପୂର୍ଣ୍ଣଯୋଗରେ ଅନୁରାଗୀ ତଥା ସାଧନା କରିବା ପାଇଁ ଆଗ୍ରହୀ ବ୍ୟକ୍ତିବିଶେଷଙ୍କ ଉଦ୍ଦେଶ୍ୟରେ ଏକ ସଂକ୍ଷିପ୍ତ ପ୍ରବନ୍ଧ ଲେଖିଥିଲେ । ଯାହାର ଶିରୋନାମା ଥିଲା, 'ନବାଗତମାନଙ୍କ ଉଦ୍ଦେଶ୍ୟରେ ପଦେ' ('Advice to Newcomers') । ଏଥିରେ ସେ ଉଲ୍ଲେଖ କରିଥିଲେ : ''... ... ସେମାନଙ୍କ ମଧ୍ୟରୁ କେତେକେ ବାହାରୁ (ବିଦେଶରୁ) ଆଶ୍ରମକୁ ଆସୁଛନ୍ତି ଏବଂ ସେମାନେ ଏହି ଦେଶର ଜଳବାୟୁ ଓ ରୀତିନୀତି ସହିତ ଆଦୌ ଅଭ୍ୟସ୍ତ ନୁହଁନ୍ତି । ସେମାନେ ଏହି ଆଶ୍ରମରେ ପ୍ରଥମ ଥର ପାଇଁ ଆସି ପହଞ୍ଚିଛନ୍ତି । ସେମାନଙ୍କ ମଧ୍ୟରୁ କେତେ ଜଣ କିଛି କାମ କରିବେ ଅଥବା କିଛି ଶିକ୍ଷା କରିବେ ବୋଲି ଏକ ମାନସିକ ଅଭୀପ୍ସା ନେଇ ଆସିଛନ୍ତି; ଅନ୍ୟମାନେ ଯୋଗସାଧନା କରିବାର ଆଶା ପୋଷଣ କରି ଆସିଛନ୍ତି, ପରମପ୍ରଭୁଙ୍କ ସମ୍ବନ୍ଧେ ଜ୍ଞାତ ହୋଇ ତାଙ୍କ ସହିତ ଏକାତ୍ମତା ଲାଭ କରିବା ସକାଶେ ଆସିଛନ୍ତି; ପରିଶେଷରେ ଏମାନଙ୍କ ମଧ୍ୟରୁ କେତେକେ ଆସିଛନ୍ତି ପୃଥିବୀପୃଷ୍ଠରେ ଦିବ୍ୟ କର୍ମ ସମ୍ପାଦନରେ ନିଜକୁ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗୀକୃତ କରି ରଖିବାକୁ । ସେମାନେ ସମସ୍ତେ ସେମାନଙ୍କର ଚୈତ୍ୟସତ୍ତାଟି ଦ୍ୱାରା ପ୍ରରୋଚିତ ବା ପ୍ରଣୋଦିତ ହୋଇ ଏଠାକୁ ଆସିଛନ୍ତି, ଯିଏକି ସେମାନଙ୍କୁ ଆତ୍ମୋପଲବ୍ଧି ଦିଗରେ ପ୍ରଣୋଦିତ କରିବାକୁ ଇଚ୍ଛା କରୁଛି । ସେମାନଙ୍କର ଚୈତ୍ୟସତ୍ତାଟି ପୁରୋଭାଗରେ ରହି ସେମାନଙ୍କର ଚେତନାକୁ ନିୟନ୍ତ୍ରିତ କରୁଥିବା ଅବସ୍ଥାରେ ସେମାନେ ଏଠାକୁ ଆସିଥା'ନ୍ତି; ଏହା ଦ୍ୱାରା ଆଶ୍ରମର ଅନ୍ତେବାସୀଙ୍କ ସହିତ ଏବଂ ବସ୍ତୁ ସକଳ ସହିତ ସ୍ୱତଃସ୍ଫୂର୍ତ୍ତ ଭାବରେ ଏକ ଚୈତ୍ୟିକ ସମ୍ପର୍କ ସ୍ଥାପିତ ହୋଇଥାଏ । ଏଠାକାର ସବୁକିଛି ସେମାନଙ୍କୁ ଅପୂର୍ବ ସୁନ୍ଦର ପ୍ରତୀୟମାନ ହୁଏ, ସବୁକିଛି ଉତ୍ତମ ମନେ ହୁଏ, ସେମାନଙ୍କର ସ୍ୱାସ୍ଥ୍ୟରେ ଉନ୍ନତି ଘଟେ, ସେମାନଙ୍କର ଚେତନା ଅଧିକରୁ ଅଧିକ ଭାସ୍ୱର ହୋଇଉଠେ; ସେମାନେ ଆତ୍ମ-ସନ୍ତୋଷ, ପ୍ରଶାନ୍ତି ଓ ନିରାପତ୍ତାର ଅନୁଭୂତି ଲାଭ କରନ୍ତି; ସେମାନେ ସେମାନଙ୍କର ଚେତନାର ସର୍ବୋଚ୍ଚ ସମ୍ଭାବନାର ସ୍ଥିତିରେ ଉପନୀତ ହୋଇଯାଇ ଥିବାର ଭାବନ୍ତି । ସେମାନେ ସେମାନଙ୍କର ଚୈତ୍ୟ-ସମ୍ପର୍କରୁ ପ୍ରାପ୍ତ ହୋଇଥିବା ଏହି ଶାନ୍ତି, ପରିପୂର୍ଣ୍ଣତା ଏବଂ ଆନନ୍ଦକୁ ସ୍ୱଭାବତଃ ସର୍ବତ୍ର, ପ୍ରତିଟି ବସ୍ତୁରେ, ପ୍ରତ୍ୟେକ ମନୁଷ୍ୟ ଭିତରେ ବିରାଜିତ ଥିବାର ଦେଖନ୍ତି । ଏଠାରେ ପରିବ୍ୟାପ୍ତ ହୋଇ ଏହାର ସବୁକିଛିକୁ ନିପୁଣ ଭାବରେ ସମ୍ପନ୍ନ କରୁଥିବା ସତ୍ୟ-ଚେତନାଟି ସେମାନଙ୍କ ଚେତନାରେ ଏକ ଉନ୍ମୀଳନ ଘଟାଇ ଥାଏ । ଯେପର୍ଯ୍ୟନ୍ତ ସେମାନଙ୍କର ଏହି ଉନ୍ମୀଳିତ-ଭାବଟି ତିଷ୍ଠି ରହିଥାଏ ସେପର୍ଯ୍ୟନ୍ତ ସେହି ପ୍ରଶାନ୍ତି, ପରିପୂର୍ଣ୍ଣତା ଓ ଆନନ୍ଦ ସେମାନଙ୍କର ସେହିମାତ୍ର ଅଗ୍ରଗତି ଲାଭ କରିବାର ଫଳସ୍ୱରୂପ ପ୍ରାପ୍ତ ହୋଇଥାଏ – ଶାରୀରିକ ସ୍ୱାସ୍ଥ୍ୟ ଓ ସୁସାମର୍ଥ୍ୟ, ପ୍ରାଣିକ ସ୍ଥିରତା ଓ ସଦିଚ୍ଛା, ମନୋଭୂମିରେ ଅନାବିଳ ବୋଧଶକ୍ତି ଓ ଉଦାରତା ଏବଂ ଦୈନନ୍ଦିନ ଜୀବନଧାରାରେ ସେମାନେ ନିରାପତ୍ତା ଓ ଆତ୍ମତୃପ୍ତିର ଏକ ସାଧାରଣ ଅନୁଭୂତି ଲାଭ କରିଥା'ନ୍ତି । କିନ୍ତୁ ମଣିଷ ପକ୍ଷରେ ତା'ର ଚୈତ୍ୟସତ୍ତାଟି ସହିତ ଏକ ଅବିରତ ସମ୍ପର୍କ ବଜାୟ ରଖିବା ଆୟାସସାଧ୍ୟ । ତେଣୁ ବ୍ୟକ୍ତିଟି ଏଠାରେ ସ୍ଥାୟୀ ଭାବରେ ରହିଯିବାର ଅବ୍ୟବହିତ ପରେ ତା'ର ଉପରୋକ୍ତ ନୂତନ ଅନୁଭୂତିଟିର ସତେଜତା ମଉଳି ଯାଏ ଏବଂ ପୁରୁଣା ମଣିଷଟି ପୁନର୍ବାର ତା' ଭିତରେ ଥିବା ନିଜର ଯାବତୀୟ ଅଭ୍ୟାସ, ଅଭିରୁଚି, ତୁଚ୍ଛ ଖିଆଲ, ଦୋଷତ୍ରୁଟି ଏବଂ ଭୁଲ୍ ବୁଝାମଣା, ମନୋମାଳିନ୍ୟ ପ୍ରଭୃତି ସମ୍ମୁଖକୁ ଉଠି ଆସିଥାଏ । ପ୍ରଶାନ୍ତି ସ୍ଥାନରେ ଆସେ ଅସ୍ଥିରତା, ଆନନ୍ଦ ଉଭେଇଯାଏ, ପରସ୍ପର ବୁଝାମଣା ହୋଇଉଠେ ତମସାଚ୍ଛନ୍ନ ଏବଂ ଅଲକ୍ଷିତ ଭାବରେ ତା' ଭିତରେ ଅନୁଭୂତ ହୁଏ ଯେ ଅନ୍ୟସବୁ ସ୍ଥାନ ଯେପରି ଏହି ଆଶ୍ରମଟି ମଧ୍ୟ ସେହିପରି । କାରଣ ସିଏ ସେତେବେଳେ ବାହାର ଦୁନିଆର ଅନ୍ୟ ସବୁ ଜାଗାରେ ଯେମିତି

ସ୍ଥିତିରେ ଜୀବନଯାପନ କରୁଥିଲା, ଠିକ୍ ସେମିତି ସ୍ଥିତିରେ ଏବେ ରହିଛି । ଏଠାକୁ ଆସି ପହଞ୍ଚିବାର ଠିକ୍ ପରେ ପରେ ସେ ଯେଉଁସବୁ ଉନ୍ନତ, ସୁନ୍ଦର ଅନୁଭୂତିସବୁରେ ବିଭୂଷିତ ହୋଇ ଉଠିଥିଲା, ସେସବୁକୁ ଅନୁଧ୍ୟାନ ନକରି, ସିଏ ଅଧିକରୁ ଅଧିକ ଏବଂ କହିବାକୁ ଗଲେ ସମ୍ପୂର୍ଣ୍ଣ ଭାବରେ କ'ଣ ସବୁ ତଥାପି ହାସଲ କରିବାକୁ ବାକି ରହିଛି, ସେସବୁ ବିଷୟରେ ଖୁବ୍ ସଚେତନ ହୋଇ ଉଠିବାକୁ ଆରମ୍ଭ କରିଦିଏ । ସିଏ ଅଶାନ୍ତ ଓ ବିଷଣ୍ଣ ତଥା ଅସନ୍ତୋଷରେ ଘାରି ହୋଇ ରହେ ଏବଂ ନିଜକୁ ଦୋଷୀ ଓ ଦାୟୀ କରିବା ପରିବର୍ତ୍ତେ ଅନ୍ୟମାନଙ୍କୁ ଓ ଏଠାକାର ସବୁକିଛି ପାର୍ଥିବ ବସ୍ତୁ ଓ କ୍ରିୟାକଳାପକୁ ଦୋଷୀ ବା ଦାୟୀ କରିବାରେ ଲାଗିଯାଏ । ତାକୁ ଏଠାରେ ଯଥେଷ୍ଟ ସୁଖ ଓ ଆରାମ ମିଳୁ ନାହିଁ, ଜଳବାୟୁ ଅସହ୍ୟ ଏବଂ ଏଠାକାର ଖାଦ୍ୟ ସାମଗ୍ରୀ ଅନୁପଯୁକ୍ତ ହୋଇଥିବାରୁ ହଜମ-ପ୍ରକ୍ରିୟାରେ ତାକୁ ନାନା କଷ୍ଟଭୋଗ କରିବାକୁ ପଡୁଛି ଇତ୍ୟାଦି ସମ୍ବନ୍ଧେ ଅଭିଯୋଗ କରିବାକୁ ଲାଗେ । ଶ୍ରୀଅରବିନ୍ଦଙ୍କର ପ୍ରବର୍ତ୍ତିତ ମୌଳିକ ଭାବଧାରାକୁ ସମର୍ଥନପୂର୍ବକ ସେ କହେ ଯେ ଯୋଗ-ସାଧନା ନିମିତ୍ତ ଆମର ଏହି ଭୌତିକ ଶରୀରଟି ହେଉଛି ଏକ ଅପରିହାର୍ଯ୍ୟ ଭିତ୍ତି, ତେଣୁ ଆମର ଶରୀର ପ୍ରତି କୌଣସି ଅବହେଳା କରିବା ଆଦୌ ସମୀଚୀନ ନୁହେଁ, ଅପରପକ୍ଷେ ଏହାର ଖୁବ୍ ଯତ୍ନ ନେବା ଉଚିତ, ...

''ତୁମେମାନେ ହୁଏତ ଯୁକ୍ତିଯୁକ୍ତ ଭାବରେ ମୋତେ ପ୍ରଶ୍ନ କରିପାର ଯେ ଏପରି ସ୍ଥିତିରେ ପଡ଼ିଯାଇଥିଲେ ଏହାର ପ୍ରତିକାର କ'ଣ ? ଏହି ସ୍ଥିତି ଉପୁଜିବାର ମୂଳ କାରଣ ସମ୍ବନ୍ଧେ ମୁଁ କହିପାରେ ଯେ ଏହି କ୍ଷେତ୍ରରେ ଆମେ କାରଣ ଓ ଫଳାଫଳର ପାରସ୍ପରିକ ଅଚ୍ଛେଦ୍ୟ ଚକ୍ରାକାର ସ୍ଥିତିରେ ଅର୍ଥାତ୍ ଏକ ଅମୁହାଁ ଭଉଁରି ଭିତରେ ପଡ଼ି ବାଟବଣା ହୋଇ ଯାଇଥାଉ । କାରଣ ସମସ୍ତ ଅସୁବିଧା ଉପୁଜି ଥାଏ – ଆମେ ଆମର ଚୈତ୍ୟସତ୍ତାଠାରୁ ଦୂରେଇ ଯାଇଥାଉ ଏବଂ କେବଳ ଚୈତ୍ୟସତ୍ତାହିଁ ଏହିସବୁ ବାଧାବିପତ୍ତିର କବଳରୁ ଉଦ୍ଧାର ପାଇବାର ଅସଲ ସମାଧାନଟିକୁ ଖୋଜି ବାହାର କରିପାରେ । ସୁତରାଂ କେବଳ ଗୋଟିଏ ମାତ୍ର ପ୍ରତିକାର ରହିଛି : ସର୍ବଦା ସତର୍କ ରୁହ, ଚୈତ୍ୟସତ୍ତାଟି ସହିତ ଦୃଢ଼ ଭାବରେ ସମ୍ପର୍କିତ ହୋଇ ରୁହ, ଚୈତ୍ୟସତ୍ତା ଓ ତୁମ ଚେତନାର ମଧ୍ୟରେ ଯେପରି କୌଣସି କିଛି ଖୁବ୍ ସନ୍ତର୍ପଣରେ ପଶି ନ ଆସେ, ବାହାରୁ ଯେତେ ଯାହା ଇଙ୍ଗିତ ଓ ସଙ୍କେତ ତୁମ ଭିତରକୁ ପ୍ରବେଶ କରିବାକୁ ଚାହୁଁଥିବ, ସେସବୁ ପ୍ରତି ଆଦୌ କର୍ଣ୍ଣପାତ କର ନାହିଁ ଓ କୌଣସି ବିଚାରକୁ ପ୍ରଶ୍ରୟ ଦିଅ ନାହିଁ ଏବଂ କେବଳ ତୁମର ଚୈତ୍ୟସତ୍ତାଟି ଉପରେ ବିଶ୍ୱସ୍ତ ହୋଇ ରୁହ ।

''ସାଧାରଣତଃ, ଯେଉଁମାନେ ନିଜର ଚୈତ୍ୟସତ୍ତାଟି ସମ୍ବନ୍ଧେ ସଚେତନ ହୋଇ ଉଠନ୍ତି, ସେମାନେ ଆଶାପୋଷଣ କରିଥା'ନ୍ତି ଯେ ଏହି ଚୈତ୍ୟସତ୍ତାହିଁ ବାହାର ଦୁନିଆର ଯାବତୀୟ ପ୍ରାଣିକ ଓ ଭୌତିକ ଆକର୍ଷଣ ଓ କ୍ରିୟାକଳାପରୁ ମୁକ୍ତି ପ୍ରଦାନ କରାଇବ; ତେଣୁ ସେମାନେ ପରମପ୍ରଭୁଙ୍କ ଉପରେ ଅବିରତ ସମ୍ପର୍କ ସ୍ଥାପନପୂର୍ବକ ଗଭୀର ଧ୍ୟାନଧାରଣାରେ ନିମଜ୍ଜିତ ହୋଇ ରହିବାକୁ ଏବଂ ଏକ ଅଖଣ୍ଡ ଶାନ୍ତି ମଧ୍ୟରେ ଜୀବନ ଅତିବାହିତ କରିବାକୁ ସଂସାର ତ୍ୟାଗୀ ସନ୍ନ୍ୟାସୀର ଜୀବନକୁ ଆଦରି ନେଇଥା'ନ୍ତି । ପରନ୍ତୁ ଯେଉଁମାନେ ଶ୍ରୀଅରବିନ୍ଦଙ୍କର ପୂର୍ଣ୍ଣ ଯୋଗର ଅନୁଶୀଳନ କରିବାକୁ ସଂକଳ୍ପବଦ୍ଧ, ସେମାନଙ୍କର ଦୃଷ୍ଟିଭଙ୍ଗୀ ଉପରୋକ୍ତ ସାଧୁସନ୍ନ୍ୟାସୀଙ୍କର ଦୃଷ୍ଟିଭଙ୍ଗୀ ଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଏମାନେ ଯେତେବେଳେ ନିଜର ଚୈତ୍ୟସତ୍ତାଟିର ସନ୍ଧାନ ପାଆନ୍ତି ଏବଂ ଚୈତ୍ୟସତ୍ତାଟି ସହିତ ଏକାତ୍ମ ହୋଇ ଉଠନ୍ତି ସେତେବେଳେ ଏମାନେ ଚୈତ୍ୟସତ୍ତା ନିକଟରେ ପ୍ରାର୍ଥନା ଜଣାନ୍ତି ନିଜ ନିଜର ଭୌତିକ ସତ୍ତାଟି ଆଡ଼କୁ ତାଙ୍କର ଦୃଷ୍ଟି ଫେରାଇବାକୁ ଯଦ୍ୱାରା ଏହି ଚୈତ୍ୟସତ୍ତା ପରମ ପ୍ରଭୁଙ୍କ ସହ ସାଯୁଜ୍ୟ ଲାଭ କରି ପ୍ରାପ୍ତ ଦିବ୍ୟ ଜ୍ଞାନର ଆଲୋକରେ ଏମାନଙ୍କର ଭୌତିକ ସତ୍ତାଟି ଉପରେ କ୍ରିୟା କରି ପାରିବ ଏବଂ ଏହା ଫଳରେ ଏମାନଙ୍କର ଭୌତିକ ଶରୀରର ରୂପାନ୍ତର ଘଟିବ ଏବଂ ଦିବ୍ୟ ଚେତନା ଏହା ମଧ୍ୟରେ ଅନୁପ୍ରବେଶ କରି ବାହ୍ୟ ଜୀବନର ପ୍ରତିଟି କ୍ରିୟାକଳାପରେ ଏହାର ଅଭିବ୍ୟକ୍ତି ଘଟାଇବ ।

''ଏଠାରେ ଏହାହିଁ ହେଉଛି ଆମର ଯାବତୀୟ ପ୍ରୟାସର ମୌଳିକ ଲକ୍ଷ୍ୟ; ଏହାହିଁ ହୋଇଉଠିବ ତୁମମାନଙ୍କର ଆନ୍ତର୍ଜାତିକ ବିଶ୍ୱବିଦ୍ୟାଳୟ କେନ୍ଦ୍ରରେ ଅଧ୍ୟୟନ କରିବାର ସର୍ବୋଚ୍ଚ ଲକ୍ଷ୍ୟ ।''

(MCW, Vol. 12, pp. 43-45)

ପୁନଶ୍ଚ ଶ୍ରୀମା ୧୯୫୫ରେ ତାଙ୍କର 'ପ୍ରଶ୍ନୋତ୍ତର' କ୍ଲାସରେ ଉଲ୍ଲେଖ କରିଥିଲେ : ''... ପ୍ରତ୍ୟେକ ଥର କେହି ଆସି ଯଦି ମୋତେ କୁହେ, 'ମୁଁ **ମୋର** ଯୋଗ ସାଧନା କରିବାକୁ ଏଠାକୁ ଆସିଛି', ସେତେବେଳେ ମୁଁ ତାଙ୍କୁ ଉତ୍ତର ଦିଏ : 'ଓ, ନା, ନା, ତେବେ ତୁମେ ଏଠାକୁ ଆସ ନାହିଁ ।

ଅନ୍ୟ ସକଳ ସ୍ଥାନଠାରୁ ଏଠାରେ ଯୋଗ କରିବା ଅଧିକ କଷ୍ଟକର ହୋଇ ଉଠିବ ।' ବ୍ୟକ୍ତିଟିକୁ ମୋର ଏପରି କହିବାର କାରଣ ହେଉଛି – ଶ୍ରୀଅରବିନ୍ଦଙ୍କ ଉକ୍ତିରେ : '(ଏଠାରେ) ସାଧକ ଅନେକ ସମୟରେ ଲକ୍ଷ୍ୟ କରିବ ଯେ ନିଜ ପଥରେ ଅଟଳ ରହି ସେ ନିଜର ବ୍ୟକ୍ତିଗତ ସଂଗ୍ରାମଟିରେ ବିଜୟ ହାସଲ କରିଥିଲେ ମଧ୍ୟ ତାକୁ ତଥାପି ସେଇ ବିଜୟଟିକୁ ବାରଂବାର ହାସଲ କରିବାକୁ ପଡୁଛି ।'

('ଯୋଗ ସମନ୍ୱୟ' : 'ଆତ୍ମୋତ୍ସର୍ଗ' ଅଧ୍ୟାୟ)

''ଯଦି କେହି ଆସି ମୋତେ କୁହେ, 'ମୁଁ ଏଠାକୁ ଆସିଛି କର୍ମ କରିବାକୁ, ନିଜକୁ କର୍ମ ମାଧ୍ୟମରେ ଉପଯୋଗୀ କରାଇବାକୁ ଆସିଛି', ତେବେ ମୁଁ ତାକୁ କହିଥାଏ, 'ଠିକ୍ ଅଛି' ।* କିନ୍ତୁ ଜଣେ ଆସି ଯଦି କୁହେ, 'ବାହାର ଦୁନିଆରେ ମୋତେ ଅନେକ ଅସୁବିଧାର ସମ୍ମୁଖୀନ ହୋଇ ଜୀବନ ବିତାଇବାକୁ ପଡୁଛି, ସେସବୁକୁ ଅତିକ୍ରମ କରିବା ମୋର ସାଧ୍ୟାତୀତ, ତେଣୁ ମୁଁ ଏଠାରେ ଆସି ରହିବାକୁ ଚାହୁଁଛି । କାରଣ ଏଠାରେ ମୋତେ ସେସବୁକୁ ଅତିକ୍ରମ କରିବା ପାଇଁ ଯଥେଷ୍ଟ ସାହାଯ୍ୟ ମିଳିବ ।' ସେଇଠୁ ମୁଁ ତାକୁ କହିଥାଏ, 'ନା, ନା, ସେସବୁକୁ ଅତିକ୍ରମ କରିବାରେ ଏଠାରେ ପୂର୍ବଠାରୁ ଅଧିକ କଷ୍ଟକର ହୋଇ ଉଠିବ; ତୁମର ଅସୁବିଧା ବା ବାଧାବିପତ୍ତିଗୁଡ଼ିକ ଏଠାରେ **ବହୁ ପରିମାଣରେ** ବଢ଼ିଯିବ ।' ଏହାର କାରଣ ହେଉଛି ଏଠାରେ ବ୍ୟକ୍ତିର ବା ସାଧକର ଅସୁବିଧାଗୁଡ଼ିକ କେବଳ ବ୍ୟକ୍ତିଗତ ବା ସ୍ୱତନ୍ତ୍ର ରୂପେ ରହି ନଥାଏ, ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହି ନଥାଏ, ସେସବୁ ହୋଇ ଉଠିଥାଏ ସାମୂହିକ ଅସୁବିଧା, ଅର୍ଥାତ୍ ପରସ୍ପର ସହିତ ସଂଶ୍ଳିଷ୍ଟ ହୋଇ ରହିଥିବା ଅସୁବିଧା ।''

(MCW, Vol. 7, pp. 410 - 411)

ଆଶ୍ରମରେ ରହିବାର ସ୍ୱୀକୃତି ପାଇବା ନିମିତ୍ତ ଶ୍ରୀମା'ଙ୍କର ଉଲ୍ଲେଖଯୋଗ୍ୟ ସର୍ତ୍ତସବୁ ମଧ୍ୟରୁ କେତୋଟି ନିମ୍ନରେ ଉଦ୍ଧାର କରୁଛୁ :

''ବାହ୍ୟ ରୂପସବୁ ଦେଖି ବିବେଚନା କରି ସିଦ୍ଧାନ୍ତ ନିଅ ନାହିଁ ଏବଂ ଲୋକମାନେ କ'ଣ ମନ୍ତବ୍ୟ ଦେଉଛନ୍ତି (ଅର୍ଥାତ୍, ଅନ୍ତେବାସୀ ବା ବାହାର ବ୍ୟକ୍ତିଗଣଙ୍କର ଆଶ୍ରମ ସମ୍ୱନ୍ଧେ ମନ୍ତବ୍ୟ) ସେସବୁ ପ୍ରତି ଆଦୌ କର୍ଣ୍ଣପାତ କର ନାହିଁ, କାରଣ ଏଠାରେ ରହିବାର ଅନୁମତି ପ୍ରାପ୍ତ ହେବା ପରେ ତୁମେ ଯଦି ଏଠାରୁ ଚାଲିଯିବାର ଆବଶ୍ୟକତା ଅନୁଭବ କର, ନିଃସନ୍ଦେହରେ ତୁମେ ତା' କରିପାର ଏବଂ ବାହ୍ୟ ପରିସ୍ଥିତିରୁ ବିଚାର କଲେ ଏହା ପ୍ରକୃତରେ ହୁଏତ ଅଧିକ ବିଜ୍ଞତାର କାର୍ଯ୍ୟ ହେବ ।

''ଅଧିକନ୍ତୁ ଏଠାରେ ରହିବା ଏତେ ସହଜ ନୁହେଁ । ଆଶ୍ରମରେ, ଦେଖିବାକୁ ଗଲେ କୌଣସି ବାହ୍ୟିକ ଶୃଙ୍ଖଳା ନାହିଁ ଏବଂ ବ୍ୟକ୍ତିର ଗୁଣ ନିର୍ଣ୍ଣାୟକ ପରୀକ୍ଷା ସ୍ୱରୂପ ଦୃଷ୍ଟିଗୋଚର ହେଉଥିବା କୌଣସି ପରୀକ୍ଷା ଏଠାରେ ନାହିଁ । (ଅର୍ଥାତ୍, ଗୁରୁଙ୍କର ତଥାକଥିତ 'ଦୀକ୍ଷା' ପ୍ରଦାନ କରିବାର ଯୋଗ୍ୟତା ସମ୍ୱନ୍ଧେ ପରୀକ୍ଷା) । କିନ୍ତୁ ଏଠାରେ ଆଭ୍ୟନ୍ତରୀଣ ପରୀକ୍ଷାଟି ଅତ୍ୟନ୍ତ କଠୋର ଏବଂ ଅବିରତ । ଏଠାରେ ରହିବାକୁ ହେଲେ ଜଣକୁ ନିଜ ସ୍ୱଭାବରେ ବସାବାନ୍ଧି ରହିଥିବା ଯାବତୀୟ ଅହଂଭାବ ବା ସ୍ୱାର୍ଥପରତାକୁ ଅତିକ୍ରମ କରିବା ସକାଶେ, ନିଜ ଭିତରେ ତଥାପି ତିଷ୍ଠି ରହିଥିବା ଯାବତୀୟ ଗର୍ବକୁ ଜୟ କରିବା ସକାଶେ ନିଜର ଆସ୍ପୃହାଗ୍ନିକୁ ନିରନ୍ତର ପ୍ରଜ୍ୱଳ ରଖିବାରେ ନିଶ୍ଚିତ ରୂପେ ଅତ୍ୟନ୍ତ ଆନ୍ତରିକ ହେବାକୁ ହେବ ।

''ଏଠାରେ କାହାରିଠାରୁ ବାହ୍ୟିକ ଭାବେ ଏକ ପରିପୂର୍ଣ୍ଣ ଆତ୍ମ-ସମର୍ପଣ ବା ବାଧ୍ୟବାଧକତା ଦାବି କରାଯାଏ ନାହିଁ, କିନ୍ତୁ ଯେଉଁମାନେ ଏହି ପଥରେ ବିଶ୍ୱସନୀୟ ଭାବରେ ଅଟଳ ରହିବାକୁ ଅନ୍ତରରେ ଆଶା ପୋଷଣ କରିଥା'ନ୍ତି, ସେମାନଙ୍କ ସକାଶେ ଏକ ପୂର୍ଣ୍ଣାଙ୍ଗ ଆତ୍ମସମର୍ପଣ ଅପରିହାର୍ଯ୍ୟ ଏବଂ ସେମାନଙ୍କର ଏହି ଆତ୍ମସମର୍ପଣଟିର ଆନ୍ତରିକତାକୁ ଗୁଣ ନିର୍ଣ୍ଣାୟକ ପରୀକ୍ଷା କରିବା ସକାଶେ ସେମାନଙ୍କୁ ବହୁତ କିଛି ପରିସ୍ଥିତି ବା ଘଟଣାର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଯାହା ବି ହେଉ ଏଠାରେ ଯେଉଁମାନେ ଏଥିନିମିତ୍ତ ଆସ୍ପୃହା ରଖିଥା'ନ୍ତି ସେମାନଙ୍କ ସକାଶେ ଭଗବତ୍ କରୁଣା ଓ ସାହାଯ୍ୟ ସର୍ବଦା ବିଦ୍ୟମାନ ଏବଂ ବିଶ୍ୱାସ ଓ ଭରସା ସହିତ ଏହିସବୁ ଦିବ୍ୟ

---

* ଶ୍ରୀମା'ଙ୍କର ଏପରି କହିବାର ବକ୍ତବ୍ୟରେ ଆମେ ସ୍ମରଣରେ ଆଣିପାରୁ ଶ୍ରୀଅରବିନ୍ଦଙ୍କର ଏକ ପତ୍ରର କିୟଦଂଶ : ''... ଏହି ସାଧନାର ସ୍ରୋତରେ ପ୍ରବେଶ କରିବା ସକାଶେ କର୍ମ ମାଧ୍ୟମରେ ଯୋଗ ସାଧନା କରିବା ହେଉଛି ସହଜତମ ଓ ସର୍ବାପେକ୍ଷା ଫଳପ୍ରଦ ପନ୍ଥା ।''

(''ନିଜ ସମ୍ୱନ୍ଧେ ଓ ଶ୍ରୀମା'ଙ୍କ ସମ୍ୱନ୍ଧେ ଶ୍ରୀଅରବିନ୍ଦ'' : ପୃ. ୫୦୯) (୮. ୩. ୧୯୩୦)

ଗୁଣକୁ ଗ୍ରହଣ କରୁଥିବା ବ୍ୟକ୍ତିଙ୍କ ସକାଶେ ଏସବୁର ଶକ୍ତି ଅସୀମ, ଅନନ୍ତ ।''

(MCW, Vol. 13, p. 111)

*

''ଆଶ୍ରମିକର ସଂଜ୍ଞା ହେଉଛି ବ୍ୟକ୍ତି ଭଗବାନଙ୍କୁ ଉପଲବ୍ଧି କରିବା ସକାଶେ ଏବଂ ତାଙ୍କର ସେବାରେ ଆସିବା ନିମିତ୍ତ ନିଜ ଜୀବନକୁ ଉତ୍ସର୍ଗ କରି ଦେବାର ସଂକଳ୍ପ ନେଇଥାଏ ।

''ଏଥିନିମିତ୍ତ ଚାରୋଟି ସଦ୍‌ଗୁଣ ଥିବା ଅନିବାର୍ଯ୍ୟ, ଯାହା ବ୍ୟତୀତ ତା'ର ଅଗ୍ରଗତି ଅନିଶ୍ଚିତ ଏବଂ ପ୍ରଥମ ସୁଯୋଗରୁହିଁ ସେ ବାରଂବାର ଅଟକି ଝୁଣ୍ଟି ପଡ଼ିବ ଏବଂ ଅଶାନ୍ତ ପତନର ସମ୍ମୁଖୀନ ହେବ । ସେଗୁଡ଼ିକ ହେଲା :

''ଆନ୍ତରିକତା, ବିଶ୍ୱସ୍ତତା, ନମ୍ରତା ଏବଂ କୃତଜ୍ଞତା ।''

(*ibid*, p. 113)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

## ଜଗନ୍ନାଥଙ୍କ ବନ୍ଧୁ

ପୁରୀ ବଡ଼ଦାଣ୍ଡରେ ଡହ ଡହ ଖରାରେ ପିଲାଟିଏ ସଳିତା ଓ ନିର୍ମାଲ୍ୟ ବିକ୍ରି କରୁଥାଏ । ଲୋକମାନେ ମୂଲଚାଲ କରୁଥା'ନ୍ତି । ଏହି ସମୟରେ ଜଣେ ସହୃଦୟ ବ୍ୟକ୍ତିଙ୍କ ନଜର ପଡ଼ିଲା ପିଲାଟିର ପାଦ ଉପରେ । ବିଚରାର ପାଦ ଦୁଇଟି ଜଳି ଯାଉଥିଲା । ଖରା ଅସହ୍ୟ ହେଲେ ପାଖରେ ଥିବା ବୋତଲରୁ ମଝିରେ ମଝିରେ ପାଦ ରଖିଥିବା ଜାଗାରେ ପାଣି ଢାଳି ଦେଉଥାଏ । ବ୍ୟକ୍ତି ଜଣଙ୍କ ସାଙ୍ଗେ ସାଙ୍ଗେ ଯାଇ ଅଳ୍ପ ଦୂରରେ ଥିବା ଦୋକାନରୁ ହଳେ ଜୋତା ଓ ଛତାଟିଏ କିଣି ଆଣି ପିଲାଟିକୁ ଦେଲେ । ପିଲାଟିର ଆଖିରୁ ଲୁହ ବୋହି ପଡ଼ିଲା । ସାଙ୍ଗେ ସାଙ୍ଗେ ସେ ଭଦ୍ର ବ୍ୟକ୍ତିଙ୍କୁ କହିଲା, ''ଆପଣ ତା'ହେଲେ ସ୍ୱୟଂ ପ୍ରଭୁ ଶ୍ରୀଜଗନ୍ନାଥ । କଥା ଦେଇ ଥିଲେ ବୋଲି ଆଜି ସତରେ ଆସି ମୋତେ ଦେଖା କଲେ ।'' ବ୍ୟକ୍ତି ଜଣଙ୍କ କହିଲେ – ''ନାଇଁରେ ବାବୁ, ମୁଁ ପ୍ରଭୁ ଶ୍ରୀଜଗନ୍ନାଥ ନୁହେଁ, ମୁଁ ଜଣେ ସାଧାରଣ ମଣିଷ ।''

– ''ତା'ହେଲେ ଆପଣ ଜଗନ୍ନାଥଙ୍କ ବନ୍ଧୁ ହୋଇଥିବେ । ଆପଣଙ୍କୁ ସେ ହିଁ ମୋ ପାଖକୁ ପଠେଇ ଥିବେ । କାରଣ କାଲି ଯେତେବେଳେ ଜଗା ମୋ ସ୍ୱପ୍ନରେ ଆସିଥିଲେ, ମୋ ପାଦ ଦୁଇଟି ଖରାରେ ଜଳି ଯାଉଛି ବୋଲି ମୁଁ ତାଙ୍କୁ ଜୋତା ହଳେ ମାଗି ଥିଲି । ସେ 'ହଁ' କହିଥିଲେ ଓ ମୋ ନିଦ ଭାଙ୍ଗି ଯାଇଥିଲା । ସେ ସେଥିପାଇଁ ଜୋତା ସହ ଛତା ଦେଇ ଆପଣଙ୍କୁ ପଠେଇ ଦେଇଛନ୍ତି । ସତରେ ମୋ ଜଗା କେତେ ଦୟାଳୁ, ନିଜେ ଆସି ପାରିଲେନି ବୋଲି ତାଙ୍କ ସାଙ୍ଗ ହାତରେ ଜୋତା ପଠେଇ ଦେଇଛନ୍ତି ।''

ପିଲାଟିର କଥା ଶୁଣି ଭଦ୍ର ବ୍ୟକ୍ତି ଜଣଙ୍କର ଆଖିରୁ ଧାର ଧାର ଲୁହ ବୋହି ପଡ଼ିଲା ଓ ମନେ ମନେ ଭାବୁଥିଲେ ଭଗବାନ୍ ହେବା ସିନା ଅସମ୍ଭବ, ହେଲେ ଭଗବାନଙ୍କ ବନ୍ଧୁ ହେବା ଅସମ୍ଭବ ନୁହେଁ ।

ଜଗତର ନାଥ ଜଗନ୍ନାଥ ସମସ୍ତଙ୍କ ପାଇଁ ଦୁଇଟି ରାସ୍ତା ତିଆରି କରିଛନ୍ତି । (୧) ଦେଇକି ଯିବା (୨) ଛାଡ଼ିକି ଯିବା । ସାଙ୍ଗରେ ନେଇକି ଯିବାର କୌଣସି ବ୍ୟବସ୍ଥା ନାହିଁ ।

(ସୌଜନ୍ୟ : ଇଣ୍ଟରନେଟ୍)

❑❑❑

# ଦେବମୁହୂର୍ତ୍ତ

## ରାମକୃଷ୍ଣ ଦାସ

[‘ଦେବମୁହୂର୍ତ୍ତ’ ଶ୍ରୀ ରାମକୃଷ୍ଣ ଦାସଙ୍କ ଦ୍ୱାରା ରଚିତ ଏକ କ୍ଷୁଦ୍ର ପୁସ୍ତକା । ଏହି ପୁସ୍ତକାଟି ସମ୍ପର୍କରେ ପ୍ରକାଶକଙ୍କ ଅଭିମତ ଏହିପରି : ବର୍ତ୍ତମାନ ସଂସାର ଘନଘୋର ପରିବର୍ତ୍ତନ ମଧ୍ୟରେ ଗତି କରୁଅଛି । ଏହା ପୃଥ୍ୱୀ ବିବର୍ତ୍ତନର ଏକ ଘୋର ସନ୍ଧିକ୍ଷଣ ଅବସ୍ଥା । ଏହା ସତ୍ତ୍ୱେ ସାଧାରଣ ମାନୁଷୀ ଦୃଷ୍ଟିର ଅନ୍ତରାଳରେ ଏକ ବିରାଟ ମହତୀ ଭାଗବତୀ ଚେତନା କ୍ରିୟାଶୀଳ । ଯାହାର କୃପା ଓ ସ୍ପର୍ଶ ଲାଭ କରି ଏ ସୃଷ୍ଟି ଏକ ବିଶାଳ ବ୍ୟାପକ ଆଲୋକମୟ ସ୍ତରକୁ ଉଠି ଚାଲିଛି । ଅର୍ଥାତ୍ ଏବେ ସମଗ୍ର ମଣିଷ ସମାଜ ଏକ ଅପୂର୍ବ ଅଦ୍ଭୁତ ମାହେନ୍ଦ୍ର ବେଳା ମଧ୍ୟ ଦେଇ ଗତି କରୁଛି । ଏହି ପ୍ରସଙ୍ଗକୁ ଲେଖକ ଉପଲବ୍ଧି କରି ଏହାର ସଦ୍‌ବ୍ୟବହାର କିପରି କରିବାକୁ ହେବ ତାହା ସେ ଏହି କ୍ଷୁଦ୍ର ପୁସ୍ତିକାଟିରେ ପ୍ରକାଶ କରିଛନ୍ତି । ଏତତ୍ ଦ୍ୱାରା ମଣିଷ ସମାଜ ବହୁ ସଂଖ୍ୟାରେ ଏହି ଦେବମୁହୂର୍ତ୍ତ ସମ୍ବନ୍ଧରେ ସଚେତନ ହେବେ ଏବଂ ଏହାର ସଦ୍‌ବ୍ୟୟ କରିବେ ବୋଲି ଆଶା ।

ପୁସ୍ତିକାଟି ସମ୍ପର୍କରେ ସମ୍ୟକ୍ ସୂଚନା ପରେ ଏହାକୁ ଅଧ୍ୟୟନ ଓ ଅନୁଭବ କରିବା ଅଧିକ ସହଜ ହେବ ବୋଲି ଆଶା କରୁ – ସମ୍ପାଦନା]

ପୃଥିବୀକୁ ଦେବମୁହୂର୍ତ୍ତ ଆସିଛି । ଏହା ଗୋଟିଏ ସୁବର୍ଣ୍ଣ ସୁଯୋଗ । ବର୍ତ୍ତମାନ ଏହା ମନୁଷ୍ୟ ସମ୍ମୁଖରେ ଉପସ୍ଥିତ ହୋଇ ଅଛି । ମନୁଷ୍ୟ ସଚେତ ହୋଇ ଦେବମୁହୂର୍ତ୍ତର ସଦୁପଯୋଗ କରିପାରିଲେ ଜୀବନ ସାର୍ଥକ ହେବ । ଚିରଦିନ ଦିବ୍ୟ ଆନନ୍ଦ, ଦିବ୍ୟଶକ୍ତି ଓ ଦିବ୍ୟଜ୍ଞାନରେ ନିବାସ କରିବ । ସଂସାରରେ ସମସ୍ତ ପ୍ରକାର ଉପଯୋଗୀ ଉତ୍ତମ କର୍ମ – ପଢ଼ିବା, ଚାକିରି କରିବା, ବ୍ୟବସାୟ କରିବା, ଦେଶସେବାଦି ସମସ୍ତ କର୍ମରେ ଉନ୍ନତି କରିବା ଏବଂ ଶୃଙ୍ଖଳାର ସହିତ ନିଜର ଏବଂ ଦେଶର ଉନ୍ନତି ସକାଶେ ଦକ୍ଷତାର ସହିତ କର୍ମ କରି ପାରିବ । ପରିବାରରେ ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠା ହେବା ସଙ୍ଗେ ସଙ୍ଗେ ମନ, ପ୍ରାଣ, ଶରୀର, ଭଗବତ୍ ଦିବ୍ୟ ତତ୍ତ୍ୱରେ ରୂପାନ୍ତରିତ ହେବାକୁ ଆରମ୍ଭ କରିବ । ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖ-କଷ୍ଟରୁ ସଂପୂର୍ଣ୍ଣ ମୁକ୍ତ ଓ ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତିର ମାର୍ଗରେ ଅଗ୍ରସର ହୋଇ ପାରିବ । ଏହାହିଁ ସଂସାରର ସମସ୍ତ ବ୍ୟକ୍ତିଙ୍କର ଲକ୍ଷ୍ୟ, ଭଗବାନଙ୍କ ସୃଷ୍ଟିର ଉଦ୍ଦେଶ୍ୟ । ଏହି ଲକ୍ଷ୍ୟ ପ୍ରାପ୍ତି ଏବଂ ପୃଥିବୀରେ ଦିବ୍ୟ ସ୍ୱର୍ଗ ପ୍ରତିଷ୍ଠା କରିବା ସକାଶେ ଭଗବାନଙ୍କ ବିଧାନ ଅନୁସାରେ କ୍ରମବିକାଶ ଚାଲୁଅଛି । ଏହି ଲକ୍ଷ୍ୟ ସିଦ୍ଧି ସକାଶେ ଭଗବାନ୍ ଶ୍ରୀମା-ଶ୍ରୀଅରବିନ୍ଦ ମନୁଷ୍ୟ ଶରୀରରେ ସଂସାରକୁ ଆସି ନିଜ ତପସ୍ୟା ବଳରେ ଅତିମାନସ ଶକ୍ତିକୁ ଉତାରି ଆଣି ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଆଦର୍ଶକୁ ଗ୍ରହଣ କରି ଆଚରଣ କଲେ ଲକ୍ଷ୍ୟ ସିଦ୍ଧି କରି ପାରିବ । ବ୍ୟକ୍ତି ଏହି ସୁଯୋଗ ହରାଇଲେ ଅଥବା ଏହି ଲକ୍ଷ୍ୟ ଗ୍ରହଣ ନ କଲେ ଉପସ୍ଥିତ ଦେବମୁହୂର୍ତ୍ତରୁ ବଞ୍ଚିତ ରହିବ ।

### ପ୍ରତ୍ୟେକ ବ୍ୟକ୍ତିର ଜୀବନର ଲକ୍ଷ୍ୟ

ଲକ୍ଷ୍ୟ ହେଉଛି ଜୀବନ ଉନ୍ନତିର ଆଧାର । ଲକ୍ଷ୍ୟବିହୀନ ବ୍ୟକ୍ତିର ଜୀବନ ମଙ୍ଗବିହୀନ ନୌକା ବା ଇଞ୍ଜିନ୍‌ବିହୀନ ଗାଡ଼ି ସଦୃଶ । ଶହେ ବର୍ଷ ପୂର୍ବେ ଅଳ୍ପ କେତେକ ଶ୍ରେଷ୍ଠ ବ୍ୟକ୍ତିଙ୍କ ଛଡ଼ା ଅନ୍ୟ ସମସ୍ତ ବ୍ୟକ୍ତିଙ୍କର ବିଶେଷକରି ମହିଳାମାନଙ୍କର ପଢ଼ିବାର ଲକ୍ଷ୍ୟ ନ ଥିଲା । ଲକ୍ଷ୍ୟ ନ ଥିବା ଯୋଗୁଁ ହରିଜନ ଏବଂ ସାଧାରଣ ଚାଷ କରୁଥିବା ବ୍ୟକ୍ତିମାନେ ନିଜ ନିଜ ପିଲାମାନଙ୍କୁ ବିଦ୍ୟାଶିକ୍ଷା ଦେଉ ନ ଥିଲେ । ନାରୀସମାଜରେ ତ ବିଦ୍ୟାଶିକ୍ଷାର ପ୍ରଶ୍ନ ଉଠୁ ନ ଥିଲା । ପରେ ଝିଅ, ପୁଅ, ଗରିବ, ଧନୀ ପ୍ରତ୍ୟେକ ବ୍ୟକ୍ତି ସକାଶେ ବିଦ୍ୟା ଏକାନ୍ତ ଆବଶ୍ୟକ ଏବଂ ଶିକ୍ଷା ବିନା ଜୀବନ ଅବିକଶିତ ଓ ନିରର୍ଥକ ବୋଲି ବ୍ୟକ୍ତି ଜାଣିବାରୁ ଆଜିକାଲି ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ପିଲାଙ୍କୁ ଶିକ୍ଷା ଦେବାକୁ ପ୍ରଯତ୍ନ କରୁଅଛନ୍ତି ।

ଠିକ୍ ଜୀବନର ଲକ୍ଷ୍ୟ ସେହିପରି । କ୍ରମବିକାଶ ଅନୁସାରେ ମନର ବିକାଶ ଶେଷ ହୋଇ ନ ଥିଲା । ସେହି କାରଣରୁ ଜୀବନର ଲକ୍ଷ୍ୟ ପ୍ରାପ୍ତିର ସମୟ ଆସି ନ ଥିଲା ।

ସେଥିପାଇଁ ଜୀବନର ଲକ୍ଷ୍ୟ ଜାଣିବାର ଆବଶ୍ୟକତା ନ ଥିଲା । ମନର ବିକାଶ ସମାପ୍ତ ହେବାରୁ ଶ୍ରୀମା ଶ୍ରୀଅରବିନ୍ଦ ମନୁଷ୍ୟ-ଶରୀର ଧାରଣ କରି ପୃଥିବୀକୁ ଆସି ନିଜ ତପସ୍ୟାରେ ଅତିମାନସ ଶକ୍ତିକୁ ଏହି ପୃଥିବୀକୁ ଉତାରି ଆଣି ପ୍ରତିଷ୍ଠା କରିଅଛନ୍ତି । ସ୍ୱୟଂ ଆଶ୍ରମ ନିର୍ମାଣ କରି ମନୁଷ୍ୟ ଜାତି ସମ୍ମୁଖରେ ଆଦର୍ଶ ରଖି ଅଛନ୍ତି । ଏହାହିଁ ଆମ୍ଭମାନଙ୍କ ସକାଶେ ଦେବ-ମୁହୂର୍ତ୍ତ । ଆମ୍ଭେମାନେ ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୋଇ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଆଚରଣ କଲେ ଦେବମୁହୂର୍ତ୍ତର ଉପଯୋଗ କରିପାରିବା । ଲକ୍ଷ୍ୟ ପ୍ରାପ୍ତିର ମାର୍ଗରେ ଅଗ୍ରସର ହେବା ସଙ୍ଗେ ସଙ୍ଗେ ଶ୍ରୀଅରବିନ୍ଦଙ୍କ ଆଦର୍ଶ-ପ୍ରଚାର କାର୍ଯ୍ୟରେ ମଧ୍ୟ ସହଯୋଗ କରିପାରିବା । ଯେତେ ଅଧିକ ବ୍ୟକ୍ତି ଶ୍ରୀଅରବିନ୍ଦଙ୍କ ଆଦର୍ଶ ଗ୍ରହଣ କରି ଆଚରଣ କରିବେ ସେହି ଅନୁପାତରେ ସଂସାରରୁ ଦୁର୍ନୀତି, ଚୋରି, ଡକାୟତି, ହିଂସା, ଲାଞ୍ଚ, ମିଛ, ଯୁଦ୍ଧ, ବାଦବିବାଦ କ୍ରମଶଃ କମ୍ ହେବାକୁ ଲାଗିବ । ଶେଷରେ ଏହି ପୃଥିବୀ ଦିବ୍ୟ ସ୍ୱର୍ଗରେ ପରିଣତ ହେବ । ଏହି ଆଦର୍ଶ ଗ୍ରହଣ ଛଡ଼ା ସଂସାରରୁ ଦୁର୍ନୀତି ଦୂର ହେବାର, ବ୍ୟକ୍ତି ସୁଖ-ଶାନ୍ତିରେ ରହି ଉନ୍ନତ ଜୀବନଯାପନ କରିବାର ଅନ୍ୟ କୌଣସି ଉପାୟ ନାହିଁ । ସଂସାରରେ ଦୁର୍ନୀତି, ଦୁଃଖକଷ୍ଟ, ଅସତ୍ୟ, ଅନ୍ୟାୟର କାରଣ ହେଉଛି ମନୁଷ୍ୟର ମନ, ପ୍ରାଣ, ଶରୀରର ଗୁଣଧର୍ମ – ଅହଂ, ସ୍ୱାର୍ଥ, ହିଂସା, ଦ୍ୱେଷ, କାମ, କ୍ରୋଧ, ଲୋଭ, ମୋହ ଇତ୍ୟାଦି । ଏସବୁ ସାଂସାରିକ ବିଧିବିଧାନ, ନିୟମ, ପ୍ରଣାଳୀ ଦ୍ୱାରା ପରିବର୍ତ୍ତିତ ହେବ ନାହିଁ । ଏପରିକି ପୁରାତନ ଯୋଗ-ପ୍ରଣାଳୀ ଦ୍ୱାରା ମଧ୍ୟ ଏସବୁର ପରିବର୍ତ୍ତନ ସମ୍ଭବ ନୁହେଁ । ସଂସାରର ସର୍ଜନା ଦିନରୁ ସଂସାରରେ ସୁଖଶାନ୍ତି ପ୍ରତିଷ୍ଠା କରିବା ସକାଶେ ପ୍ରଚେଷ୍ଟା ହୋଇ ଆସୁଥିବା ସତ୍ତ୍ୱେ ସେସବୁର ବୃଦ୍ଧି ହେଉଅଛି, ପରିବର୍ତ୍ତନ ହେଉ ନାହିଁ । ପୁରାତନ ଯୋଗସବୁ ଦ୍ୱାରା ମନ, ପ୍ରାଣ, ଶରୀରର ଗୁଣଧର୍ମ ପରିବର୍ତ୍ତିତ ହେବା ସମ୍ଭବ ନ ଦେଖି, ମନ, ପ୍ରାଣ, ଶରୀରକୁ ଛାଡ଼ି ନିତ୍ୟମୁକ୍ତ ଆତ୍ମାକୁ ନେଇ ମୁକ୍ତି, ନିର୍ବାଣ, ଭଗବତ୍ ପ୍ରାପ୍ତି କରି ସାଧକମାନେ ଜନ୍ମ-ମରଣରୁ ମୁକ୍ତ ହେଲେ; ମାତ୍ର ସଂସାର ଠିକ୍ ପୂର୍ବପରି ଦୁଃଖକଷ୍ଟ ଭିତରେ ବୁଡ଼ି ରହିଲା ।

*ପ୍ରଶ୍ନ : ଜୀବନର ଲକ୍ଷ୍ୟ କ'ଣ ? ଆମେ ତାହା ଜାଣିବା କିପରି ?*

ଉତ୍ତର : ସଂସାରର ସମସ୍ତ ବ୍ୟକ୍ତି ଯାହା ଚାହାନ୍ତି, ଯେଉଁ ଚାହିଁବା କେବେ ବି ପରିବର୍ତ୍ତିତ ହୁଏ ନାହିଁ, ତାହାହିଁ ଜୀବନର ଲକ୍ଷ୍ୟ ।

ସଂସାରରେ ଜଣେ ବ୍ୟକ୍ତିକୁ ବାଦ୍ ନ ଦେଇ ସମସ୍ତ ବ୍ୟକ୍ତି ମୃତ୍ୟୁ, ରୋଗ, ଦୁଃଖକଷ୍ଟ ଚାହାନ୍ତି ନାହିଁ । ସମସ୍ତ ବ୍ୟକ୍ତି ଏଥିରୁ ମୁକ୍ତ ହେବାକୁ ଚାହିଁ ଆସୁ ଅଛନ୍ତି ଏବଂ ଚେଷ୍ଟା ମଧ୍ୟ କରି ଆସୁ ଅଛନ୍ତି । ଏହାହିଁ ପ୍ରତ୍ୟେକ ବ୍ୟକ୍ତିର ଜୀବନର ଲକ୍ଷ୍ୟ । ଏହି ଲକ୍ଷ୍ୟ ସମ୍ବନ୍ଧେ ବ୍ୟକ୍ତି ସଚେତନ ନ ହୋଇ ମଧ୍ୟ ଏଥିରୁ ମୁକ୍ତି ପାଇବା ସକାଶେ ଅଜ୍ଞାତ ଭାବେ ସମସ୍ତ ସତ୍, ଅସତ୍, ଉଚ୍ଚ, ନୀଚ କର୍ମ କରୁ ଅଛନ୍ତି ।

ବ୍ୟକ୍ତି ପଢ଼େ, ଚାକିରି କରେ, ବ୍ୟବସାୟ କରେ, ଦେଶସେବା କରେ, ସ୍ନାନ ଭୋଜନ କରେ ସୁଖଶାନ୍ତିରେ ରହିବା ସକାଶେ । ଏପରିକି ଲକ୍ଷ୍ୟ ସମ୍ବନ୍ଧେ ଅଚେତ ହୋଇ ଲକ୍ଷ୍ୟ ପ୍ରାପ୍ତିର ଯଥାର୍ଥ ଉପାୟ ନ ଜାଣି ଅଜ୍ଞାନ ଶକ୍ତିର କବଳରେ ପଡ଼ି ଭ୍ରମବଶତଃ ବ୍ୟକ୍ତି ଚୋରି କରେ, ଡକାୟତି କରେ, ହିଂସା କରେ – ସୁଖଶାନ୍ତିରେ ରହିବା ସକାଶେ । କିନ୍ତୁ ଲକ୍ଷ୍ୟଜ୍ଞାନ ନ ଥିବା ଯୋଗୁଁ ବ୍ୟକ୍ତି ଭ୍ରମବଶତଃ ଲକ୍ଷ୍ୟ ପ୍ରାପ୍ତିର ପ୍ରତିକୂଳ କର୍ମ କରେ । ସେହି ସକାଶେ ବ୍ୟକ୍ତି ଯଥାର୍ଥ ଲକ୍ଷ୍ୟ ପ୍ରାପ୍ତ କରି ନ ପାରି ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟ ଭୋଗ କରୁଥାଏ । ଏହିସବୁରୁ ମୁକ୍ତ ହେବାର ସମୟ ଆସିଅଛି । ବ୍ୟକ୍ତି ଜୀବନର ଲକ୍ଷ୍ୟ ସମ୍ବନ୍ଧେ ସଚେତ ହୋଇ ଶ୍ରୀଅରବିନ୍ଦଙ୍କ ଆଦର୍ଶ ଅନୁସାରେ ଲକ୍ଷ୍ୟ ପ୍ରାପ୍ତିର ଯଥାର୍ଥ ସାଧନା – ସମର୍ପଣ, ଅଭୀପ୍ସା, ପ୍ରତିକୂଳ କର୍ମ ଓ ପ୍ରତିକୂଳ ବିଚାର ତ୍ୟାଗ କରି ମା' ଏହି ନାମଜପ, ମା' ସର୍ବଦା ମୋ ସଙ୍ଗେ ରହି ମୋତେ ରକ୍ଷା କରୁଛନ୍ତି – ଏହି ବିଶ୍ୱାସ ରଖି ସାଧନା-ମାର୍ଗରେ ଅଗ୍ରସର ହେଲେ ଲକ୍ଷ୍ୟସିଦ୍ଧି କରିପାରିବ ।

*ପ୍ରଶ୍ନ : କୁହାଗଲା ଯେ ଶ୍ରୀମା ଶ୍ରୀଅରବିନ୍ଦ ଅତିମାନସ ଶକ୍ତିକୁ ପରାର୍ଦ୍ଧରୁ ଉତାରି ଆଣି ଏହି ମୃତ୍ୟୁପୁରୀ ପୃଥିବୀରେ ପ୍ରତିଷ୍ଠା କରିଅଛନ୍ତି । ଏହି ଅତିମାନସ ଶକ୍ତି ଦ୍ୱାରା ବ୍ୟକ୍ତିର ମନ, ପ୍ରାଣ, ଶରୀର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତରିତ ହେବ ଏବଂ ସେ ମୃତ୍ୟୁ, ରୋଗ, ବୃଦ୍ଧତ୍ୱ, ଦୁଃଖକଷ୍ଟରୁ ସଂପୂର୍ଣ୍ଣ ମୁକ୍ତ ହେବ । ଏହି ମୃତ୍ୟୁପୁରୀ ଦିବ୍ୟସ୍ୱର୍ଗରେ ରୂପାନ୍ତରିତ ହେବ । ଏହାହିଁ ଦେବମୁହୂର୍ତ୍ତ । ଏହି ଦେବମୁହୂର୍ତ୍ତ କ୍ରମଶଃ ବିକାଶ ହୋଇ ସ୍ଥାୟୀଭାବେ ଚାଲିବ । ଯଦି ଏହା ସ୍ଥାୟୀଭାବେ ଚାଲିବ, ତେବେ ବ୍ୟକ୍ତି*

*ଶ୍ରୀଅରବିନ୍ଦଙ୍କ ଯୋଗ ଗ୍ରହଣ ନ କଲେ ମଧ୍ୟ ଏହି ଦେବମୁହୂର୍ତ୍ତରୁ ବଞ୍ଚିତ ହେବ କିପରି ? ଏ ଜନ୍ମରେ ଏହି ଯୋଗ ଗ୍ରହଣ ନ କଲେ ମଧ୍ୟ ପରଜନ୍ମରେ ତ ଗ୍ରହଣ କରିପାରିବ !*

ଉତ୍ତର : ଦେବମୁହୂର୍ତ୍ତ ବଢ଼ିଚାଲିବ ଅର୍ଥାତ୍ ଅତିମାନସ ଶକ୍ତିର କ୍ରିୟା କ୍ରମଶଃ ବୃଦ୍ଧି ହୋଇ ଚାଲିଥିବ । ଏହା ସଂପୂର୍ଣ୍ଣ ସତ୍ୟ । ବର୍ତ୍ତମାନ ଏହି ସତ୍ୟକୁ ଯଦି ଆମ୍ଭେମାନେ ଗ୍ରହଣ ନ କରିବା, ତେବେ ଏହି ଯେଉଁ ଦୁଃଖ-କଷ୍ଟ ଭୋଗୁଅଛୁ, ତହିଁରୁ ମୁକ୍ତ ହୋଇପାରିବା ନାହିଁ । ଅତିମାନସ ଶକ୍ତି ସମ୍ମୁଖରେ ଥାଇ ମଧ୍ୟ ଆମ୍ଭେମାନେ ଦୁଃଖ-କଷ୍ଟରେ ଘାଣ୍ଟି ହେଉଥିବା । କ୍ଷୁଧାର୍ତ୍ତ ସମ୍ମୁଖରେ ଉତ୍ତମ ଭୋଜନ ଥିବା ସତ୍ତ୍ୱେ ସେ ତାହା ଗ୍ରହଣ ନ କରି ଦୁଇ ତିନି ଦିନ ପରେ ମିଷ୍ଟାନ୍ନ ପ୍ରାପ୍ତ ହେବ ବୋଲି ଉପସ୍ଥିତ ଭୋଜନକୁ ତ୍ୟାଗ କରି କ୍ଷୁଧାରେ ପୀଡ଼ିତ ହୋଇ ଛଟପଟ ହେବା ସଦୃଶ ଉପସ୍ଥିତ ସତ୍ୟକୁ ଗ୍ରହଣ ନ କରି ତାକୁ ହରାଇବା ମହାନ୍ ଭୁଲ୍ ହେବ ।

*ପ୍ରଶ୍ନ : ଏଥିରୁ ସ୍ପଷ୍ଟ ହେଲା ଯେ ଏହି ସତ୍ୟକୁ ଜାଣିବା ମାତ୍ରେ ଗ୍ରହଣ କରିବା ଉଚିତ । କିନ୍ତୁ ଏହି ଲକ୍ଷ୍ୟ ପ୍ରାପ୍ତିର ଉପାୟ ବା ସାଧନା କ'ଣ ?*

ଉତ୍ତର : ରୂପାନ୍ତରିତ ମନ-ପ୍ରାଣ-ଶରୀରରେ ଭଗବତ୍ ପ୍ରାପ୍ତି । ଏହି ଲକ୍ଷ୍ୟସିଦ୍ଧିର ସାଧନା ହେଲା – ଅଭୀପ୍‌ସା, ସମର୍ପଣ, ପ୍ରତିକୂଳ ବିଚାର ଓ କର୍ମର ତ୍ୟାଗ ଏବଂ ନିରନ୍ତର 'ମା' ଏହି ନାମ ଜପ ଏବଂ କିଛି ସମୟ ନିଜର ହୃଦୟ ବା ମସ୍ତିଷ୍କର ଊର୍ଦ୍ଧ୍ୱରେ ଧ୍ୟାନ କରିବା । ମୁଁ ମା'ଙ୍କର ସନ୍ତାନ, 'ମା' ମୋ ସଙ୍ଗେ ରହି ମୋତେ ସର୍ବଦା ରକ୍ଷା କରୁଅଛନ୍ତି – ଏହି ଧାରଣା ସବୁ ସମୟରେ ରଖିବାକୁ ହେବ । ଏହାହିଁ ସାଧନା ।

ଅଭୀପ୍‌ସାର ଅର୍ଥ ଅନ୍ତରର ଇଚ୍ଛା । ସଂସାରୀ ବ୍ୟକ୍ତି ତା'ର ସ୍ୱାର୍ଥବସ୍ତୁ ପାଇବା ନିମିତ୍ତ ଚାହିଁବାକୁ ଇଚ୍ଛା କୁହାଯାଏ । ମାତ୍ର ଭଗବତ୍ ପ୍ରାପ୍ତିର ଇଚ୍ଛା ବା ଚାହିଁବାକୁ ଅଭୀପ୍‌ସା କୁହାଯାଏ ।

ଅଭୀପ୍‌ସା କରିବାକୁ ହେବ ନିରନ୍ତର – 'ମା' ଏହି ନାମଜପ କରିବା ସକାଶେ, ନିଜେ ଏବଂ ନିଜର ଯାହାକିଛି ଅଛି ତାହାକୁ ପୂର୍ଣ୍ଣରୂପେ ଶ୍ରୀମା'ଙ୍କ ଚରଣରେ ସମର୍ପଣ କରିବା ସକାଶେ, ପ୍ରତିକୂଳ ସମସ୍ତ କର୍ମ, ସମସ୍ତ ଚିନ୍ତା, ସମସ୍ତ ଆଚରଣ ତ୍ୟାଗ କରିବା ସକାଶେ; ମୁଁ ମା'ଙ୍କ ସନ୍ତାନ, ମା' ସର୍ବଦା ମୋ ସଙ୍ଗେ ରହି ମୋତେ ରକ୍ଷା କରୁଅଛନ୍ତି – ଏହି ଧାରଣା ସର୍ବଦା ରଖିବା ସକାଶେ ।

ସମର୍ପଣ କରିବାକୁ ହେବ ବା ଧାରଣା କରିବାକୁ ହେବ – ନିଜେ ଯାହା ଓ ନିଜର ଯାହାକିଛି ଅଛି ଯଥା : ଘର, ପରିବାର, ଧନସମ୍ପଦ ସବୁ ମା'ଙ୍କର । ସ୍ନାନ, ଭୋଜନ, ପୁଅ-ଝିଅଙ୍କୁ ପାଳନ-ପୋଷଣ କରିବା ଆଦି ପାରିବାରିକ ସମସ୍ତ କର୍ମ ମା'ଙ୍କର ସେବା ଭାବରେ କରି ମା'ଙ୍କୁ ସମର୍ପଣ କରିବାକୁ ହେବ । ଆଉ ମଧ୍ୟ ଏପରି ଧାରଣା କରିବାକୁ ହେବ ଯେ ଏସବୁ ମା'ଙ୍କର । ଏହିସବୁ ସେବା ସକାଶେ ମା' ମୋତେ ନିଯୁକ୍ତ କରିଅଛନ୍ତି ।

ତ୍ୟାଗ କରିବାକୁ ହେବ ମନ, ପ୍ରାଣ, ଶରୀରର ପ୍ରତିକୂଳ ଗୁଣଧର୍ମ ଅହଂ, ସ୍ୱାର୍ଥ, ଲୋଭ, ମୋହ, କାମ, କ୍ରୋଧ, ହିଂସା, ଦ୍ୱେଷ, ବୈର, ବିରୋଧ ଇତ୍ୟାଦି । ସାଧନା ଆରମ୍ଭ କରିବା ସମୟରେ ଏସବୁ ରହି ଥାଆନ୍ତି କିନ୍ତୁ ଧୀରେ ଧୀରେ ଏସବୁକୁ ତ୍ୟାଗ କରିବାକୁ ହୁଏ ।

ସାଧନାର ଆରମ୍ଭରୁ ଏସବୁ ବିଦ୍ୟମାନ ଥିବା ସତ୍ତ୍ୱେ, କୌଣସି ବ୍ୟକ୍ତି ପ୍ରତି ରାଗ ଆସିଲେ, ତା' ସହ ଝଗଡ଼ା ବା ରାଗ ନ କରି ମୁଖ ବନ୍ଦ କରି ରହିବା ଉଚିତ । ସେହିପରି ଅନ୍ୟାନ୍ୟ ପ୍ରତିକୂଳ ଆକ୍ରମଣ ଆସିଲେ ସେସବୁକୁ କର୍ମରେ ପରିଣତ କରିବାକୁ ଦେବାକୁ ହେବ ନାହିଁ । ଅର୍ଥାତ୍ କାମ, କ୍ରୋଧ, ଲୋଭ, ମୋହ, ଅହଂ, ସ୍ୱାର୍ଥ ଇତ୍ୟାଦିକୁ ଏହିପରି ସାଧନାର ପ୍ରଥମାବସ୍ଥାରେ ତ୍ୟାଗ କରିବାକୁ ହେବ । ସାଧନାର ଆରମ୍ଭିକ ଅବସ୍ଥାରେ ସବୁ ଦୋଷ ଥାଇ ସାଧନା ଆରମ୍ଭ କରିବାକୁ ହେବ । ଲକ୍ଷ୍ୟ ସମ୍ବନ୍ଧେ ସଚେତନ ହୋଇ ନାମଜପ ସହ ଚେଷ୍ଟା କଲେ ଆସ୍ତେ ଆସ୍ତେ ବାହ୍ୟ ତ୍ୟାଗ ହୋଇପାରିବ । ଏସବୁର ସଂଯମ ବା ରୂପାନ୍ତର ସକାଶେ ସମୟ ଲାଗିବ । ସାଧକ ଯେତେ ସଚେତନ ହୋଇ ନାମଜପ କରିବ ଏବଂ ''ମୁଁ ମା'ଙ୍କ ସନ୍ତାନ, ମା' ସର୍ବଦା ମୋ ସଙ୍ଗେ ରହି ମୋତେ ରକ୍ଷା କରୁଅଛନ୍ତି'' – ଏହି ଧାରଣା ଯେତେ ଜାଗ୍ରତ୍ ହେବ, ସେହି ଅନୁପାତରେ ବାହ୍ୟସଂଯମ ଓ ଆନ୍ତର ସଂଯମ ସାଧକ କରିପାରିବ । ଏହା ନିର୍ଭର କରିବ ନାମଜପ କରିବାର ନିଷ୍ଠା ଉପରେ ତଥା ମୁଁ ମା'ଙ୍କର, ମା' ସର୍ବଦା ମୋତେ ରକ୍ଷା କରୁଅଛନ୍ତି – ଏହି ବିଶ୍ୱାସ ଉପରେ ।

'ମା' (The Mother) ପୁସ୍ତକର ତୃତୀୟ ଅଧ୍ୟାୟ ଶେଷ ପରିଚ୍ଛେଦରେ ଶ୍ରୀଅରବିନ୍ଦ କହିଅଛନ୍ତି :

"The more complete your faith, sincerity and surrender, the more will grace and protection be with you. And when the grace and protection of the Divine Mother are with you, what is there that can touch you or whom need you fear ? A little of it even will carry you through all difficulties, obstacles and dangers; surrounded by its full presence you can go securely on your way because it is hers, careless of all menace, unaffected by any hostility however powerful, whether from this world or from worlds invisible. Its touch can turn difficulties into opportunities, failure into success and weakness into unfaltering strength. For the grace of the Divine Mother is the sanction of the supreme and now or tomorrow its effect is sure, a thing decreed, inevitable and irresistible."

ଅର୍ଥାତ୍, ''ତୁମର ଶ୍ରଦ୍ଧା, ତୁମର ଆନ୍ତରିକତା ଓ ସମର୍ପଣ ଯେତେ ପୂର୍ଣ୍ଣତର ହେବ, ମା'ଙ୍କର କରୁଣା ଓ ଅଭୟ ସେତେହିଁ ଘେରି ରହିବ । ଯଦି ମା' ଭଗବତୀଙ୍କର କରୁଣା ଓ ଅଭୟ ତୁମ ସଙ୍ଗେ ରହିଛି, ତେବେ ଆଉ ଏପରି କ'ଣ ଅଛି ଯାହା ତୁମକୁ ସ୍ପର୍ଶ କରିବ ବା ଆଉ କାହାକୁ ତୁମେ ଭୟ କରିବ ? ଏହି କୃପାରୁ ଅଳ୍ପ ଟିକିଏ ବି ତୁମକୁ ସକଳ ବାଧାବିପତ୍ତି ଓ ସଂକଟରୁ ପାର କରିଦେବ; ତାଙ୍କର ପୂର୍ଣ୍ଣ ଉପସ୍ଥିତି ଯଦି ତୁମକୁ ଆବୃତ କରି ରଖେ, ତେବେ ନିରାପଦରେ ତୁମ ପଥରେ ତୁମେ ଚାଲିଯାଇ ପାରିବ, କାରଣ ସେ ପଥ ହେଲା ମା'ଙ୍କର; ଏ ଜଗତରେ ହେଉ ବା ଅଦୃଶ୍ୟ ଜଗତ୍ ସମୂହରେ ହେଉ, କୌଣସି ଶତ୍ରୁ ଶକ୍ତି, ତାହା ଯେତେ ଶକ୍ତିଶାଳୀ ହେଉନା କାହିଁକି, ତୁମକୁ ସ୍ପର୍ଶକରି ପାରିବ ନାହିଁ; କୌଣସ ବିଭୀଷିକା ତୁମ ଚିନ୍ତାର କାରଣ ହୋଇପାରିବ ନାହିଁ । ଏହି କରୁଣାର ସ୍ପର୍ଶରେ ସଂକଟ ସୁଯୋଗରେ, ବ୍ୟର୍ଥତା ସାର୍ଥକତାରେ, ଦୁର୍ବଳତା ଅମୋଘ ସାମର୍ଥ୍ୟରେ ପରିଣତ ହୁଏ । କାରଣ ଦିବ୍ୟଜନନୀଙ୍କର ଅନୁକମ୍ପା ହେଲା ପରମେଶ୍ୱରଙ୍କର ଅନୁମତି । ଏବେ ହେଉ ବା ପରେ ହେଉ, ତାହାର ଫଳ ସୁନିଶ୍ଚିତ, ପୂର୍ବନିର୍ଦ୍ଦିଷ୍ଟ, ଅବଶ୍ୟମ୍ଭାବୀ ଓ ଅନିବାର୍ଯ୍ୟ ।''

'ମା' (The Mother) ବହିର ତୃତୀୟ ଅଧ୍ୟାୟର ଶେଷ ପରିଚ୍ଛେଦରେ ଶ୍ରୀଅରବିନ୍ଦ କହିଲେ – ''ତୁମର ଶ୍ରଦ୍ଧା, ଆନ୍ତରିକତା, ସମର୍ପଣ ଯେତେ ପୂର୍ଣ୍ଣତର ହେବ, ମା'ଙ୍କର କରୁଣା ଓ ଅଭୟ ସେତେ ଘେରି ରହିବ ।'' ଏହା ସାଧନାରେ ବହୁତ ଅଗ୍ରଗତିର ଅବସ୍ଥା, କିନ୍ତୁ ସାଧନାର ପ୍ରଥମ ଅବସ୍ଥାରେ ଶ୍ରଦ୍ଧା, ଆନ୍ତରିକତା, ସମର୍ପଣ ପୂର୍ଣ୍ଣ ହୋଇପାରିବ ନାହିଁ । ସାଧନାର ଆରମ୍ଭିକ ଅବସ୍ଥା ସକାଶେ ଶ୍ରୀଅରବିନ୍ଦ କହିଲେ, ସାଧକ ଯଦି ଆନ୍ତରିକତା ସହିତ ଅଳ୍ପ ସମର୍ପଣ, ଅଳ୍ପ ଶ୍ରଦ୍ଧା ରଖିପାରନ୍ତି ଅର୍ଥାତ୍ ସାଧକ ସାଧନା ଆରମ୍ଭ କରିବା ସଙ୍ଗେ ସଙ୍ଗେ ଯଦି ''ମୁଁ ମା'ଙ୍କର, ମା' ମୋତେ ସବୁ ବାଧା-ବିପଦରୁ ରକ୍ଷା କରି ଲକ୍ଷ୍ୟ ମାର୍ଗରେ ଅଗ୍ରସର ହେବାରେ ସାହାଯ୍ୟ କରିବେ'', ତେବେ ନିଶ୍ଚିତ ରୂପେ ମା' ରକ୍ଷା କରିବେ ଏବଂ ସାହାଯ୍ୟ କରିବେ । ଶ୍ରୀଅରିବନ୍ଦ କହିଲେ, ଏହି ପାର୍ଥିବ ଜଗତରେ କୌଣସି ବ୍ୟକ୍ତି, କୌଣସି ଘଟନା, କୌଣସି ପରିସ୍ଥିତିରୁ ବାଧା ଆସୁ ଅଥବା ଅଦୃଶ୍ୟ ଜଗତରୁ ବିରୋଧୀ ଶକ୍ତି ମନ, ପ୍ରାଣ, ଶରୀରର ଗୁଣଧର୍ମକୁ ଯନ୍ତ୍ର କରି କୌଣସି ବାଧା ସୃଷ୍ଟି କରୁ, ସବୁ ବାଧା-ବିପତ୍ତିରୁ ମା' ରକ୍ଷା କରିବେ ଯେପରି ଛୋଟ ଶିଶୁକୁ ପାର୍ଥିବ ମା' ରକ୍ଷା କରେ । ସାଧକର ଚାରିପାଖରେ ମା'ଙ୍କ ରକ୍ଷା କବଚାବୃତ ସଦୃଶ ଘେରି ରହିବ ।

ମନ, ପ୍ରାଣ, ଶରୀରର ଭଗବତ୍ ଦିବ୍ୟତତ୍ତ୍ୱରେ ରୂପାନ୍ତର, ରୂପାନ୍ତରିତ ମନ, ପ୍ରାଣ, ଶରୀରରେ ଭଗବତ୍ ପ୍ରାପ୍ତି, ମୃତ୍ୟୁ, ରୋଗ, ବୃଦ୍ଧତ୍ୱ ଓ ଦୁଃଖକଷ୍ଟରୁ ପୂର୍ଣ୍ଣମୁକ୍ତି, ସଂସାରରେ ଦିବ୍ୟସ୍ୱର୍ଗ ପ୍ରତିଷ୍ଠା – ଏହି କଠିନ କାର୍ଯ୍ୟ ଅତ୍ୟନ୍ତ ସହଜ ହୁଏ ସାଧନାର ଆରମ୍ଭରୁ ''ମୁଁ ମା'ଙ୍କର, ମା' ମୋତେ ସବୁ ବିପଦରୁ ରକ୍ଷା କରି ଲକ୍ଷ୍ୟ ମାର୍ଗରେ ପୂର୍ଣ୍ଣରୂପେ ସାହାଯ୍ୟ କରିବେ'' – ଏହି ବିଶ୍ୱାସ ଓ ଶ୍ରଦ୍ଧା ରଖିଲେ । ଏହା ଦ୍ୱାରା ସାଧନା ଅତ୍ୟନ୍ତ ସରଳ ହୁଏ । ଏପରି କଲେ ମା' ସବୁ ଅବସ୍ଥାରେ ରକ୍ଷା କରିବେ ।

(କ୍ରମଶଃ)

(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୫୨୭ -୫୩୦)

❑❑❑

# ଶ୍ରୀଅରବିନ୍ଦ ଓ ନୂତନ ମାନବଜାତିର ଆବିର୍ଭାବ

## ପ୍ରପତ୍ତି

୧୯୪୭ ଅଗଷ୍ଟ ୧୫ ତାରିଖରେ ଭାରତବର୍ଷ ସ୍ୱାଧୀନ ହେଲା । ଏହି ଅଗଷ୍ଟ ୧୫ ତାରିଖହିଁ ଶ୍ରୀଅରବିନ୍ଦଙ୍କ ଜନ୍ମ ଦିବସ । ଏହି ଉଭୟ ଘଟଣାର ଯୋଗାଯୋଗକୁ ଶ୍ରୀଅରବିନ୍ଦ ଏକ ଆକସ୍ମିକ ବ୍ୟାପାର ବୋଲି ଗ୍ରହଣ କରି ନଥିଲେ । ଏହି ଅଗଷ୍ଟ ପନ୍ଦରରେ ଦେଶବାସୀଙ୍କୁ ଯେଉଁ ବାଣୀ ସେ ଦେଇଥିଲେ ସେଥିରେ ସେ ସ୍ପଷ୍ଟଭାବେ ଉଲ୍ଲେଖ କରିଛନ୍ତି ଯେ ଜଣେ ରହସ୍ୟବାଦୀ ହିସାବରେ ସେ ଏହି ଉଭୟ ଦିବସ ଓ ତିଥିର ମିଳନକୁ ଏକ ବିଧି ନିର୍ଦ୍ଦିଷ୍ଟ ଓ ଭଗବତ୍ ଅଭିପ୍ରେତ ଘଟଣା ବୋଲି ଗ୍ରହଣ କରିଛନ୍ତି । ପୁନଶ୍ଚ ଏହି ବାଣୀରେ ସେ ତାଙ୍କ ଜୀବନର ପାଞ୍ଚୋଟି ସ୍ୱପ୍ନର ବିଷୟ ଉଲ୍ଲେଖ କରିଛନ୍ତି । ତାଙ୍କ ଜୀବନର ପ୍ରଥମ ସ୍ୱପ୍ନ ହେଲା ଭାରତର ସ୍ୱାଧୀନତା, ଦ୍ୱିତୀୟ – ଏସିଆ ମହାଦେଶର ବିଭିନ୍ନ ରାଷ୍ଟ୍ରଗୁଡ଼ିକର ସ୍ୱାଧୀନତା, ତୃତୀୟ – ରାଷ୍ଟ୍ରସଂଘର ଗଠନ, ଚତୁର୍ଥ – ଭାରତର ଅଧ୍ୟାତ୍ମବାଣୀ ପାଶ୍ଚାତ୍ୟ ଦେଶରେ ପ୍ରସାର ଓ ପଞ୍ଚମ – ପୃଥିବୀପୃଷ୍ଠରେ ଏକ ନୂତନ ମାନବଜାତିର ଅଭ୍ୟୁଦୟ ଓ ପ୍ରତିଷ୍ଠା । ଏହି ବିଭିନ୍ନ ସ୍ୱପ୍ନଗୁଡ଼ିକ ଆଜି ସଫଳ ହୋଇଛି ବା ସଫଳତା ଦିଗରେ ଗତି କରୁଛି । ଭାରତବର୍ଷ ଏକ ସ୍ୱାଧୀନ ଓ ସାର୍ବଭୌମ ରାଷ୍ଟ୍ରରେ ପରିଣତ ହୋଇଛି । ଏସିଆ ମହାଦେଶର ବିଭିନ୍ନ ରାଷ୍ଟ୍ରଗୁଡ଼ିକ ସ୍ୱାଧୀନ ହେଉଛନ୍ତି, ପୃଥିବୀରେ ଐକ୍ୟ ଓ ସମନ୍ୱୟ ସ୍ଥାପନ ନିମିତ୍ତ ରାଷ୍ଟ୍ରସଂଘ ଗଠିତ ହୋଇଛି । ଭାରତର ଆଧ୍ୟାତ୍ମିକ ବାଣୀ ଓ ଆଦର୍ଶ ପ୍ରତି ବିଭିନ୍ନ ଦେଶରେ ଆଜି ଉତ୍ସୁକତା ଓ ଆଗ୍ରହ ପ୍ରକାଶ ପାଉଛି । କିନ୍ତୁ ଶ୍ରୀଅରବିନ୍ଦଙ୍କ ଜୀବନର ଯେ ମହାନ୍ ସ୍ୱପ୍ନ – ପୃଥିବୀପୃଷ୍ଠରେ ଏକ ନୂତନ ମାନବଜାତିର ଅଭ୍ୟୁତ୍ଥାନ ଓ ପ୍ରତିଷ୍ଠା ତାହା ନିମିତ୍ତ ସେ ସ୍ୱୟଂ ତାଙ୍କ ଜୀବନର ସମସ୍ତ ସମୟ ଦେଇ କାର୍ଯ୍ୟ କରିଛନ୍ତି ଏବଂ ସେଥିପାଇଁ ଗଭୀର ତପସ୍ୟାରତ ହୋଇ ଏକ ମହାନ୍ ଦିବ୍ୟସତ୍ୟକୁ ପୃଥିବୀରେ ପ୍ରତିଷ୍ଠା କରାଇ ନୂତନ ମାନବଜାତି ଆବିର୍ଭାବର ପଥ ପରିଷ୍କାର କରିଛନ୍ତି । ଆଜି ଆମ୍ଭେମାନେ ଏହି କ୍ଷୁଦ୍ର ପ୍ରବନ୍ଧରେ ଶ୍ରୀଅରବିନ୍ଦଙ୍କ ଦ୍ୱାରା ଘୋଷିତ ଏହି ନୂତନ ମାନବଜାତିର ଆବିର୍ଭାବର ଅର୍ଥ କ'ଣ, କେଉଁ କେଉଁ ଯୁକ୍ତି ଉପରେ ଏହି ନୂତନ ମାନବର ଆବିର୍ଭାବ ସମ୍ଭବ ହେବ, ତାହା ସହିତ ବର୍ତ୍ତମାନ ମାନବ ଗୋଷ୍ଠୀର ସମ୍ବନ୍ଧ କ'ଣ ଏବଂ ଏହି ନୂତନ ମାନବଜାତିର ଆବିର୍ଭାବ ଫଳରେ କିପରି ଏକ ନୂତନ ସୃଷ୍ଟିର ସମ୍ଭବ ହେବ ଏବଂ ବର୍ତ୍ତମାନ ଦୁଃଖ, ଦ୍ୱନ୍ଦ୍ୱ, ବିକ୍ଷୋଭ, ଅଶାନ୍ତି ଓ ବିପର୍ଯ୍ୟୟର ଅବସାନ ଘଟିବ – ଏସବୁ ବିଷୟରେ କିଞ୍ଚିତ୍ ଆଲୋଚନା କରିବା ।

ଶ୍ରୀଅରବିନ୍ଦଙ୍କ ସାଧନା ଓ ଦର୍ଶନରେ ଆମ୍ଭେମାନେ ବାରଂବାର ଏହି ବିଷୟ ଦେଖିବାକୁ ପାଉ : ଏକ ନୂତନ ସୃଷ୍ଟି, ଏକ ନୂତନ ଚେତନା, ଏକ ନୂତନ ମାନବ ସମାଜ ବା ଏକ ନୂତନ ମାନବଜାତି । ସବୁକିଛି ଯେପରି ଏଠାରେ ନୂତନ, ଅଭିନବ, କ୍ରାନ୍ତିକାରୀ ଓ ଅଶ୍ରୁତପୂର୍ବ । ନୂତନ ସାହିତ୍ୟ, କଳା, ଶିଳ୍ପ, କାବ୍ୟ-କବିତା, ନୂତନ ସମାଜ ବ୍ୟବସ୍ଥା, ନୂତନ ରାଜନୀତି, ନୂତନ ଶିକ୍ଷା, ନୂତନ ମାନବିକ ଜୀବନ, ନୂତନ ପ୍ରକୃତି ଓ ନୂତନ ସ୍ୱଭାବ – ଅନ୍ୟଭାବରେ କହିବାକୁ ଗଲେ ଶ୍ରୀଅରବିନ୍ଦ ଏକ ପରିପୂର୍ଣ୍ଣ ଦିବ୍ୟ ଜୀବନ, ରୂପାନ୍ତରିତ ଦିବ୍ୟ ମାନବ, ଦିବ୍ୟ ବ୍ୟକ୍ତିତ୍ୱ, ଅତିମାନବ ଜାତିର ପରିକଳ୍ପନା ସୁସ୍ପଷ୍ଟ ଭାବରେ ଆମ୍ଭମାନଙ୍କ ସମ୍ମୁଖରେ ଉପସ୍ଥାପିତ କରିଛନ୍ତି । ତାଙ୍କ ଭାଷାରେ ଯାହା 'ନୂତନ' ତାହାହିଁ ପରିପୂର୍ଣ୍ଣ ଦିବ୍ୟତା, ପରିପୂର୍ଣ୍ଣ ପୂର୍ଣ୍ଣତା, ପୂର୍ଣ୍ଣାଙ୍ଗ ଆଧ୍ୟାତ୍ମିକତା, ପୂର୍ଣ୍ଣ ବ୍ରହ୍ମ ବା ସଚ୍ଚିଦାନନ୍ଦଙ୍କର ବିଜ୍ଞାନ ଭୂମିରେ ନିରାବରଣ ଅଭିବ୍ୟକ୍ତି । କିନ୍ତୁ ଏସବୁର ଯଥାର୍ଥ ତାତ୍ପର୍ଯ୍ୟ କ'ଣ ବା ଅର୍ଥ କ'ଣ ?

ଶ୍ରୀଅରବିନ୍ଦ ପାରମ୍ପରିକ ସୁପ୍ରାଚୀନ ବୈଦାନ୍ତିକ ଅଧ୍ୟାତ୍ମବାଦର ମୂଳତତ୍ତ୍ୱରାଜିକୁ ସ୍ୱୀକାର କରି, ସ୍ୱୀୟ ଉପଲବ୍ଧି ଓ ଅନୁଭୂତିରେ ଏକଥା ଦେଖିଛନ୍ତି ଯେ ଏକ ଅଖଣ୍ଡ, ଶାଶ୍ୱତ, ଅବ୍ୟୟ ପରା-ଚେତନା, ମହତୀ ଦିବ୍ୟ ଭାଗବତୀ ଶକ୍ତିହିଁ ଏହି ବିଶ୍ୱର ସୃଷ୍ଟିକର୍ତ୍ତ୍ରୀ, ବଳୟତ୍ରୀ ଏବଂ ବିଧାୟତ୍ରୀ । ସୃଷ୍ଟିର ସକଳ ପ୍ରକ୍ରିୟା ମଧ୍ୟରେ ଏହି ମହାଚେତନାର କ୍ରିୟା ଅବ୍ୟାହତ ରହିଥାଏ । ଯଥାର୍ଥରେ କହିବାକୁ ଗଲେ ପରମବ୍ରହ୍ମ 'ସଚ୍ଚିଦାନନ୍ଦ'ହିଁ ଏହି ବିଶ୍ୱର ମୂଳତତ୍ତ୍ୱ । ଏକ ପରମ ସଦ୍‌ବସ୍ତୁ, ତହିଁରୁ ଉଦ୍ଭୂତ ପରମା ଭାଗବତୀ ଶକ୍ତି ବା ଚିତ୍ ତପସ୍ ଏବଂ ତତ୍ ନିହିତ ଦିବ୍ୟ ଆନନ୍ଦହିଁ ଏହି ସୃଷ୍ଟିର ମୂଳ ସତ୍ୟ, ନିଗୂଢ଼ ରହସ୍ୟ ଓ ବିଧାନ । ସତ୍, ଚିତ୍, ଆନନ୍ଦ ଓ ବିଜ୍ଞାନ ଏହି ତତ୍ତ୍ୱ ଚତୁଷ୍ଟୟହିଁ ପରାର୍ଦ୍ଧ

ଓ ଦିବ୍ୟଭୂମି ସକଳ – ଚେତନାର ପୂର୍ଣ୍ଣସତ୍ୟ, ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣଭୂମି ଓ ମନୋଭୂମି । ଅନ୍ୟ କଥାରେ ଭୂ-ଲୋକ, ଭୁବ-ଲୋକ ଓ ସୁର-ଲୋକ । ବୈଦାନ୍ତ ବିଘୋଷିତ ଏହି ସପ୍ତଲୋକ, ଚେତନାର ସାତୋଟି ଭୂମିର ତାତ୍ପର୍ଯ୍ୟ ଏହି ଯେ ପ୍ରତ୍ୟେକ ଭୂମିରେ ଚେତନାର ଏକ ନୂତନ ପ୍ରକରଣ, ବିଧାନ, ଧାରା ଓ କ୍ରିୟା ଦେଖିବାକୁ ମିଳେ । ଆହୁରି ସ୍ପଷ୍ଟଭାବେ କହିବାକୁ ହେଲେ ଚେତନାର ସାତୋଟି ଭୂମି ହେଲା – ସତ୍, ଚିତ୍, ଆନନ୍ଦ, ବିଜ୍ଞାନ, ମନ, ପ୍ରାଣ, ଜଡ଼ ବା ମହଲୋକ, ତପଲୋକ, ଜନଲୋକ, ବିଜ୍ଞାନ ଲୋକ, ସ୍ୱରଲୋକ, ଭୁବଲୋକ ଏବଂ ଭୂଲୋକ । ଏହାହିଁ ସପ୍ତ ଭୁବନ, ଚେତନାର ସାତୋଟି ପାବଚ୍ଛ, ସୃଷ୍ଟିର ସାତୋଟି ଭୂମି । ଏହା ସହିତ ଶ୍ରୀଅରବିନ୍ଦ ଚୈତ୍ୟଭୂମି ଓ ଚୈତ୍ୟଲୋକ ଯୋଗ କରିଛନ୍ତି । ଏଠାରେ ଯେଉଁଠାରେ ଆମ୍ଭେମାନେ ବାସକରୁ ତାହାହେଲା ଅପରାର୍ଦ୍ଧ – ଅର୍ଥାତ୍ ଜଡ଼-ପ୍ରାଣ-ମନ ଭୂମି ଏବଂ ଏଠାରେ ସବୁକିଛି ଅର୍ଦ୍ଧଚେତନା, ଅଚେତନା, ଅନ୍ଧକାରମୟ ଏବଂ ମୃତ୍ୟୁଶୀଳ । ଏହାହିଁ ଅଜ୍ଞାନ ଓ ଅବିଦ୍ୟାର ଭୂମି ଏବଂ ଏହାକୁ ଶାସ୍ତ୍ରରେ ମୃତ୍ୟୁପୁରୀ ବୋଲି କୁହାଯାଉଛି । ଏଠାରେ ଜ୍ଞାନ, ଶକ୍ତି ଓ ଆନନ୍ଦ ଖଣ୍ଡିତ ଓ ସୀମିତ ହୋଇଛି । ଊର୍ଦ୍ଧ୍ୱଭୂମି ସକଳ ଅର୍ଥାତ୍ ପରାର୍ଦ୍ଧ ସମ୍ପୂର୍ଣ୍ଣ ରୂପେ ଦିବ୍ୟ – ପୂର୍ଣ୍ଣଜ୍ଞାନ, ପୂର୍ଣ୍ଣଶକ୍ତି ଓ ପୂର୍ଣ୍ଣ ଆନନ୍ଦର ଭୂମି, ପୂର୍ଣ୍ଣ ଚେତନ ଓ ପୂର୍ଣ୍ଣ ଜ୍ୟୋତିଃର ଭୂମି । ଏଠାରେ ଅମରତ୍ୱହିଁ ବିଦ୍ୟମାନ । ଶ୍ରୀଅରବିନ୍ଦ ମନୁଷ୍ୟଜାତିର ପ୍ରତିନିଧି ରୂପେ ଏହି ଦିବ୍ୟଭୂମି ସକଳର ସାକ୍ଷାତ୍କାର କଲେ ଏବଂ ସ୍ୱୀୟ ତପସ୍ୟାବଳରେ ସେହି ଦିବ୍ୟ ଅତିମାନସ ଶକ୍ତିକୁ ଅବତରଣ କରାଇଲେ, ଅର୍ଥାତ୍ ପୃଥିବୀପୃଷ୍ଠରେ ଏକ ପୂର୍ଣ୍ଣାଙ୍ଗ ଦିବ୍ୟ-ସତ୍ୟ ଓ ତତ୍ତ୍ୱକୁ କ୍ରିୟାଶୀଳ କରାଇଲେ । ଏହାଫଳରେ ନବସୃଷ୍ଟିର ଭିତ୍ତି ସ୍ଥାପିତ ହେଲା, ନୂତନ ମାନବଜାତିର ବୀଜ ରୋପିତ ହେଲା । ମାନସ ଚେତନାକୁ ଧାରଣ କରି ଯେପରି ମାନବଜାତିର ସୃଷ୍ଟି ହୋଇଥିଲା ସେହିପରି ଅତିମାନସ ଚେତନାକୁ ଧାରଣ କରି ଅତିମାନବ ଜାତିର ସୃଷ୍ଟି ହେବ । କିନ୍ତୁ ପୂର୍ଣ୍ଣ ଦିବ୍ୟ-ମାନବ ବା ଅତିମାନବର ଆବିର୍ଭାବ ବହୁ ପ୍ରସ୍ତୁତି ସାପେକ୍ଷ । କିନ୍ତୁ ଏହି ଶକ୍ତିର କ୍ରିୟା କିପରି ସମ୍ଭବ ହେବ ଏବଂ କିପରି ଆଧୁନିକ ମନୁଷ୍ୟ ଏହି ଦିବ୍ୟତତ୍ତ୍ୱକୁ ଗ୍ରହଣ କରିବ ସେ ସମ୍ବନ୍ଧରେ ସାମାନ୍ୟ ଆଭାସ ଦେବା ଉଚିତ ।

ବର୍ତ୍ତମାନ ମାନବ-ଜୀବନ ଅସମ୍ପୂର୍ଣ୍ଣ ଓ ଅର୍ଦ୍ଧଚେତନ; ତାହା ଏକ ଅମୃତମୟ, ପୂର୍ଣ୍ଣ ଦିବ୍ୟ-ଚେତନାକୁ ଧାରଣ କରିପାରିବା ସମ୍ଭବ ନୁହେଁ । ମନୁଷ୍ୟର ମନ, ପ୍ରାଣ ଓ ଶରୀର ସବୁକିଛି ଅବିକଶିତ, ଅନ୍ଧକାରମୟ ଓ ସ୍ଥୂଳ । ଏପରିକି ଏମାନେ କୌଣସି ଦିବ୍ୟବସ୍ତୁକୁ ଚାହାଁନ୍ତି ନାହିଁ । ମନର ବିଭ୍ରମ, ପ୍ରାଣର ଆବେଗ ଓ ବାସନା, ଶରୀରର ଜଡ଼ତା ଭଗବତ୍ ଅଭିମୁଖୀ ହେବା ବହୁତ କଠିନ; କିନ୍ତୁ ଦେହ-ପ୍ରାଣ-ମନର ଅନ୍ତରାଳରେ ଭଗବାନଙ୍କର ପ୍ରତିଭୂ, ଅର୍ଥାତ୍ ଯେଉଁ ଚୈତ୍ୟ ପୁରୁଷ ଅଛନ୍ତି ତାଙ୍କର ଜାଗରଣ ଫଳରେ ଅତିମାନସ ସହିତ ସମ୍ପର୍କ ସ୍ଥାପନ କରାଯାଇ ପାରିବ । ସେହିଁ ଅତିମାନସର କ୍ରିୟାକୁ ଧାରଣ କରି ମନ, ପ୍ରାଣ ଓ ଶରୀରର ପ୍ରକୃତିକୁ ରୂପାନ୍ତର କରାଇବେ । ଆମର ବର୍ତ୍ତମାନର ଧର୍ମ ଓ ପ୍ରକୃତି ଦିବ୍ୟ-ଧର୍ମ ଓ ପରାପ୍ରକୃତିର ବିପରୀତ । କିନ୍ତୁ ଏହି ପ୍ରକୃତିର କ୍ରମିକ ପ୍ରସ୍ତୁତି ଓ ବିକାଶ ଫଳରେ ଅତିମାନସର ତତ୍ତ୍ୱ ଦେହ, ପ୍ରାଣ, ମନରେ ପ୍ରତିଷ୍ଠା ଲାଭ କରିବ ଏବଂ ତାହାର ସ୍ୱଭାବ ଓ କ୍ରିୟାବଳିକୁ ପରିବର୍ତ୍ତନ କରିବ । ପ୍ରତ୍ୟେକ କ୍ରିୟାର ମୂଳରେ ଏକ ଚେତନା ବିଦ୍ୟମାନ । ପ୍ରଥମେ ଯାହା ପରିବର୍ତ୍ତନ ହେବ ତାହା ହେଲା ଚେତନା, ଅନ୍ତରର ଭାବ ଓ ସମଗ୍ର ସତ୍ତାର ଦୃଷ୍ଟିକୋଣ ଓ ଆଭିମୁଖ୍ୟ । ଏହାକୁହିଁ ଶ୍ରୀଅରବିନ୍ଦଙ୍କ ସାଧନାର ମାର୍ଗରେ ଚେତନାର ରୂପାନ୍ତର ବୋଲି କୁହାଯାଏ । ଏ କଥାଟି ଆହୁରି ସ୍ପଷ୍ଟତର କରିନେବା ଆବଶ୍ୟକ ହେଉଛି ।

ଯେଉଁ ନୂତନ ମାନବଜାତି ଦେଖା ଦେବ ତା'ର ଚରମାବସ୍ଥା ହେଲା ଏକ ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତିତ ଦିବ୍ୟମାନବ ବା ଅତିମାନବ । କିନ୍ତୁ ଏହି ପରିବର୍ତ୍ତିତ ନୂତନ ମାନବର ଆବିର୍ଭାବ ପୂର୍ବରୁ ପ୍ରଥମେ ଦେଖା ଦେବେ ରୂପାନ୍ତରିତ ମନୁଷ୍ୟ । ଏହି ରୂପାନ୍ତରିତ ମନୁଷ୍ୟ ଯଦିଓ ବାହ୍ୟତଃ ମନୁଷ୍ୟତୁଲ୍ୟ, ତଥାପି ଏହାର ଆନ୍ତର ଚେତନା ସମ୍ପୂର୍ଣ୍ଣ ରୂପେ ପରିବର୍ତ୍ତିତ ହୋଇ-ଯାଇଥାଏ । ବର୍ତ୍ତମାନ ମନୁଷ୍ୟ ଏକ ଖଣ୍ଡିତ, ସୀମିତ ଓ ସ୍ଥୂଳ, ଦ୍ୱନ୍ଦ୍ୱଗତ ଚେତନାରେ ବାସକରେ । ଏହାର ସାର କଥା ହେଲା ଅହଂ, କାମନା-ବାସନା ଓ ଆବେଗ-ପ୍ରବେଗ । ସେଥିପାଇଁ ଆମର ଜୀବନ ଓ କର୍ମ ଏତେ ଦୁଃଖପୂର୍ଣ୍ଣ, ଏତେ ସଂଘର୍ଷମୟ ଏବଂ ଏତେ ବିଷାକ୍ତ । ଚେତନାର ମୂଳରେହିଁ ପ୍ରକୃତି, କର୍ମ ଓ ସ୍ୱଭାବ । ବର୍ତ୍ତମାନ ପ୍ରକୃତି ଓ କର୍ମକୁ ବଦଳାଇବାକୁ ହେଲେ ମନୁଷ୍ୟର ଅନ୍ତରରେ ଏକ ନବ-ଚେତନା ଯାହାର ଧର୍ମ ଜ୍ଞାନ, ଆନନ୍ଦ ଓ ଶକ୍ତି ତାକୁ ପ୍ରତିଷ୍ଠା କରିବାକୁ ହେବ । ଅହଂକାର ଓ କାମନା ବାସନାର ସ୍ଥାନରେ ଏକ ଭଗବତ୍ ଅଭିମୁଖୀ ଶାଶ୍ୱତ ଚେତନାକୁ ପ୍ରତିଷ୍ଠା କରିବାକୁ ହେବ । ଏହାର ପ୍ରଥମ ପାବଚ୍ଛ

ହେଲା ଚୈତ୍ୟ-ପୁରୁଷଙ୍କ ଉନ୍ମୀଳନ, ଉତ୍ଥାନ ଓ ପ୍ରତିଷ୍ଠା । ଥରେ ଅନ୍ତରାତ୍ମା ବା ଚୈତ୍ୟପୁରୁଷ ସମଗ୍ର ପ୍ରକୃତିର ପ୍ରଭୁ ବା ପୁରୋଧା ବା ଚାଳକ ହେଲେ ମନୁଷ୍ୟ ଜୀବନରେ ଦ୍ୱନ୍ଦ୍ୱ ଓ ଦୁଃଖର ଅବସାନ ଘଟେ ଏବଂ ସମଗ୍ର ଜୀବନ ସଙ୍ଗୀତମୟ ହୋଇଉଠେ । ସେ ଚାହେଁ ଭଗବାନଙ୍କୁ ଏବଂ ସକଳ କର୍ମରେ ଭଗବତ ସଙ୍କଳ୍ପକୁ ସଫଳ କରିବାକୁ । ତାହା ଫଳରେ ଅହଙ୍କାର ଓ କାମନା-ବାସନାର ସ୍ଥାନରେ ଏକ ସାର୍ବଭୌମ ଦିବ୍ୟଜୀବନର ସନ୍ଧାନ ମିଳେ; ଏହି ଜୀବନ ହୋଇଉଠେ ସୁନ୍ଦର, ପବିତ୍ର ଓ ମଧୁମୟ । ଏହାହିଁ ମନୁଷ୍ୟର ନବଜନ୍ମ ଏବଂ ଦିବ୍ୟଜୀବନର ପ୍ରାରମ୍ଭିକ ପଦକ୍ଷେପ । ଏହାକୁ ଚୈତ୍ୟ ରୂପାନ୍ତର ବୋଲି କୁହାଯାଇଛି । ଏହାପରେ ଆସେ ଆଧ୍ୟାତ୍ମିକ ରୂପାନ୍ତର । ଯାହାଫଳରେ ଆହୁରି ଏକ ବିଶାଳ, ବିପୁଳ, ଆଧ୍ୟାତ୍ମିକ ଶକ୍ତି, ଜ୍ଞାନ, ଆଲୋକ ବ୍ୟକ୍ତିକୁ ଅଧିକାର କରେ ଏବଂ ତାହାର ସତ୍ତା ଯେପରି ବିଶ୍ୱମୟ ହୋଇଉଠେ । ଏହି ରୂପାନ୍ତର ପରେ ଆସିବ ଅତିମାନସ ରୂପାନ୍ତର ଯାହାଫଳରେ ବ୍ୟକ୍ତିର ମନ-ପ୍ରାଣ-ଶରୀରର ଚରମ ଓ ଆମୂଳଚୂଳ ରୂପାନ୍ତର ଘଟେ ଏବଂ ସେ ଜରା-ରୋଗ-ମୃତ୍ୟୁର ଅଧୀନ ନହୋଇ ଦିବ୍ୟ ଶରୀର ପ୍ରାପ୍ତ ହୁଏ । ଶ୍ରୀଅରବିନ୍ଦ ଏହିପରି ନୂତନ ବ୍ୟକ୍ତିତ୍ୱର ଅଭ୍ୟୁତ୍ଥାନ ସମ୍ବନ୍ଧରେ ଏବଂ ତ୍ରିବିଧ ରୂପାନ୍ତର ସମ୍ବନ୍ଧରେ ତାଙ୍କ କୃତ ''ଦିବ୍ୟଜୀବନ'' ଗ୍ରନ୍ଥ ଏବଂ ''ଅତିମାନସର ଧରାପୃଷ୍ଠରେ ଅଭିବ୍ୟକ୍ତି'' ପୁସ୍ତକରେ ବିସ୍ତୃତ ଭାବରେ ବର୍ଣ୍ଣନା କରି ଅଛନ୍ତି ।

କିନ୍ତୁ ଶେଷରେ ଗୋଟିଏ ପ୍ରଶ୍ନ ରହିଛି ଯାହା କିଞ୍ଚିତ୍ ଆଲୋଚନା କରିବା ଠିକ୍ ହେବ । ଏହା ସତ୍ୟ ଯେ ଅତିମାନସର କ୍ରିୟା ଫଳରେ ପୃଥିବୀରେ ନବୀନ ସୃଷ୍ଟି ଏବଂ ନୂତନ ମାନବଜାତିର ସୃଷ୍ଟି ହେବ, କିନ୍ତୁ ଏହି ପୂର୍ଣ୍ଣାଙ୍ଗ ଦିବ୍ୟ, ସଚଳ, ଆଧ୍ୟାତ୍ମିକ ଚେତନାକୁ ବ୍ୟକ୍ତି ଗ୍ରହଣ କରିବ କିପରି ? ଘୋର ଅଜ୍ଞାନତା, ଦୁଃଖ, ଦ୍ୱନ୍ଦ୍ୱ ଓ ଅବସାଦ ମଧ୍ୟରେ ଯେ ବାସ କରୁଛି, ସେ ଏହି ନବଜନ୍ମ ନିମିତ୍ତ ପ୍ରୟାସୀ ହୋଇପାରେ କି ? ଏ ସମ୍ବନ୍ଧରେ ଶ୍ରୀଅରବିନ୍ଦ ସ୍ପଷ୍ଟଭାବେ ଘୋଷଣା କରିଛନ୍ତି ଯେ ବ୍ୟକ୍ତି ସ୍ୱୀୟ ଅଭୀପ୍ସା, ସମର୍ପଣ ଓ ତ୍ୟାଗ ଦ୍ୱାରା ଏହି ଚେତନାକୁ ଅନ୍ତରରେ ବରଣ କରିନେବ । ବ୍ୟକ୍ତିର ସ୍ୱୀୟ ଆତ୍ମ-ନିବେଦନ ଓ ଆତ୍ମ-ଉନ୍ମୀଳନ ଫଳରେ ଏହି ଚେତନାର କ୍ରିୟା ନିମିତ୍ତ ଅନ୍ତରରେ ଦ୍ୱାର ଖୋଲିଯିବ । ସ୍ଥୂଳ ରୂପେ ଶ୍ରୀମା ସ୍ୱୟଂ ଦିବ୍ୟ ଭଗବତୀ ଜନନୀ ରୂପେ ଏହି ନବ-ସୃଷ୍ଟିର ପ୍ରତିଷ୍ଠା କରିବେ । ତାଙ୍କର ସ୍ଥୂଳ ଦେହ ଧାରଣହିଁ ଏହି ସୃଷ୍ଟିକୁ ସମ୍ଭବ କରିବ । ଯଦି ବ୍ୟକ୍ତି ଚାହେଁ ତେବେ ଏହି ଦିବ୍ୟଜନନୀଙ୍କୁ ଅନ୍ତରରେ ଗ୍ରହଣ କରି ତାଙ୍କର ଶକ୍ତି ଓ ଚେତନା ଦ୍ୱାରା ନିଜକୁ ଉଦ୍‌ବୁଦ୍ଧ କରି ପାରିଲେ ନବଜନ୍ମର ପ୍ରାରମ୍ଭିକ ପଦକ୍ଷେପ ନିଆଗଲା ବୋଲି କୁହାଯିବ । ସାର କଥା ଏହି କି ଯେ ଏହି ଘୋର ଦୁର୍ଦ୍ଦିନ ଓ ସଙ୍କଟ କାଳରେ ମନୁଷ୍ୟ ଏହି ନୂତନ ଚେତନାକୁ ଚାହିଁଲେ ତାହା ଶୀଘ୍ର କ୍ରିୟାଶୀଳ ହେବ ଓ ପୃଥିବୀର ଅଭୂତପୂର୍ବ ପରିବର୍ତ୍ତନ ହେବ । ମନୁଷ୍ୟ ଯଦିବା ଏହି ଚେତନାକୁ ଗ୍ରହଣ କରିବାରେ ହେଳା କରିବ ତଥାପି ଏହାକୁ ସ୍ୱୀକାର କରିବାକୁ ଦିନେ ବାଧ୍ୟ ହେବ ।

ଶ୍ରୀଅରବିନ୍ଦ ଧରାପୃଷ୍ଠରେ ନବୀନ ସୃଷ୍ଟିର ପ୍ରତିଷ୍ଠା ନିମିତ୍ତ, ନୂତନ ମାନବଜାତିର ଉଦ୍ଭବ ନିମିତ୍ତ ସମସ୍ତ ଶକ୍ତି, ତତ୍ତ୍ୱ ଓ ଜ୍ଞାନ ଆଣିଛନ୍ତି । ଏହା ନିଶ୍ଚୟହିଁ ସମ୍ଭବ ହେବ ଏବଂ ଅଧିକ ପରିପୂର୍ଣ୍ଣତା ଦିଗରେ ଏହା ଗତି କରିବ, ଏଥିରେ କୌଣସି ସନ୍ଦେହ ନାହିଁ ।

❑❑❑


**ଶିକ୍ଷକ ଆବଶ୍ୟକ**

ସମ୍ପାଦକ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ପୂର୍ଣ୍ଣପୀଠ, ଜିଲ୍ଲା - ଗଜପତି, ଓଡ଼ିଶା, ପିନ୍ : ୭୬୧ ୨୦୧, ଦୂରଭାଷ : ୯୪୩୮୪ ୩୧୪୮୬ ଜଣାଇଛନ୍ତି ଯେ ଏହି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ନିମନ୍ତେ ମାତୃପ୍ରେମୀ ଶିକ୍ଷକ ଆବଶ୍ୟକ । ପ୍ରାର୍ଥୀଙ୍କର ଶିକ୍ଷାଗତ ଯୋଗ୍ୟତା +୨ ତଥା ତଦୂର୍ଦ୍ଧ୍ୱ (ଉଭୟ କଳା ଓ ବିଜ୍ଞାନରେ) ହୋଇଥିବା ଆବଶ୍ୟକ, ବିଶେଷକରି ଶ୍ରୀମାଶ୍ରୀଅରବିନ୍ଦଙ୍କ ଯୋଗ ଓ ଦର୍ଶନରେ ଅନୁରାଗୀ ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ । ଇଚ୍ଛୁକ ମାତୃପ୍ରେମୀ ଉପରୋକ୍ତ ଠିକଣାରେ ଯଥାଶୀଘ୍ର ଯୋଗାଯୋଗ କରିବା ଲାଗି ଅନୁରୋଧ ।

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୭୫)


## ମହେନ୍ଦ୍ରନାଥ ସ୍ୱାଇଁ


**ପ୍ରେମର ପରାକାଷ୍ଠା :**

ଫେବ୍ରୁଆରୀ ୨, ୧୯୧୪ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ଲେଖନ୍ତି :

"O LORD, I would like to be so ardent a love that all lonelinesses may be filled up by it and all sorrows soothed.

O Lord, I cry unto Thee: Make me a burning brazier which consumes all suffering and transforms it into joyous light irradiating the hearts of all ! ...

Grant my prayer: Transform me into a brazier of pure love and boundless compassion."

(Prayers and Meditations, P. 65)

''ହେ ପ୍ରଭୁ ! ମୁଁ ଏପରି ଏକ ଦୃଢ଼ ପ୍ରେମରେ ପରିଣତ ହୋଇ ଯିବାକୁ ଇଚ୍ଛା କରୁଛି ଯେ ଯେପରି ଏହା ଦ୍ୱାରା ସକଳ ନିଃସଙ୍ଗତା ପୂର୍ଣ୍ଣ ହୋଇଯାଇ ପାରିବ ଏବଂ ସକଳ ପ୍ରକାର ଦୁଃଖ ପ୍ରଶମିତ ହୋଇଯିବ ।

''ହେ ପ୍ରଭୁ, ମୁଁ ଆକୁଳ କଣ୍ଠରେ ନିବେଦନ କରୁଛି ଯେପରି ମୋ ସ୍ୱର ତୁମ ପାଖରେ ପହଞ୍ଚି ପାରିବ : ମୋତେ ଏକ ଜ୍ୱଳନ୍ତ ଅଗ୍ନିକୁଣ୍ଡ ତୁଲ୍ୟ କରି ଦିଅ, ଯେଉଁ ଶିଖା ସକଳ ଦୁଃଖ ଯନ୍ତ୍ରଣାକୁ ପୋଡ଼ି ଦେବ ଏବଂ ତାକୁ ରୂପାନ୍ତରିତ କରି ଦେବ ଏକ ଆନନ୍ଦମୟ ଆଲୋକରେ ଏବଂ ସେହି ଆଲୋକ ସକଳଙ୍କ ହୃଦୟକୁ ବିକିରିତ ହୋଇଯାଉ ! ...

''ମୋର ପ୍ରାର୍ଥନାକୁ ଅନୁମୋଦନ କର : ମୋତେ ବିଶୁଦ୍ଧ ପ୍ରେମ ଏବଂ ଅସୀମ କରୁଣାର ଏକ ଜ୍ୱଳନ୍ତ ଅଗ୍ନିକୁଣ୍ଡରେ ପରିଣତ କରି ଦିଅ ।''

ଉକ୍ତ ପ୍ରାର୍ଥନାରେ ଦିବ୍ୟଜନନୀ ଶ୍ରୀମା ପ୍ରଭୁଙ୍କ ପାଖରେ ନିବେଦନ କରୁଛନ୍ତି ନିଜକୁ ଏକ ଦୃଢ଼, ଶକ୍ତିଶାଳୀ ପ୍ରେମର ମୂର୍ତ୍ତିଟିଏ କରିଦେବା ପାଇଁ; ଯେଉଁ ପ୍ରେମ ନିଃସଙ୍ଗ ଅର୍ଥାତ୍, କୌଣସି ରୁଚି ରଖି ନଥିବା, ଭଲପାଇବା ଠାରୁ ଦୂରେଇ ଯାଇ ଏକୁଟିଆ ରହିବାକୁ ଇଚ୍ଛା କରୁଥିବା ଲୋକମାନଙ୍କର ହୃଦୟକୁ ସେ ନିଜେ ନିଜର ପ୍ରେମ ଶକ୍ତିରେ ଭରି ଦେଇ ସେମାନଙ୍କର ଜୀବନକୁ ଚଳଚଞ୍ଚଳ କରିଦେବ; ସେମାନଙ୍କୁ ସେମାନଙ୍କର ରାସ୍ତା ଧରାଇ ଦେବ । ଦୁଃଖ-ଯନ୍ତ୍ରଣା ମାନବ ହୃଦୟକୁ ଜର୍ଜରିତ କରେ, କର୍ତ୍ତିତ କରେ । ସେହି ଯନ୍ତ୍ରଣା-ଜର୍ଜରିତ ହୃଦୟକୁ ପ୍ରଶମିତ ବା ଶାନ୍ତ କରିବା ନିମନ୍ତେ ଆବଶ୍ୟକ ଦିବ୍ୟ ପ୍ରେମ । ପ୍ରେମର ସୁଶୀତଳ ପ୍ରବାହ ଦୁଃଖ-ଯନ୍ତ୍ରଣାର ଜ୍ୱାଳାକୁ ପ୍ରଶମିତ କରି ରୂପାନ୍ତରିତ କରିଥାଏ ଦିବ୍ୟାନନ୍ଦର ସ୍ରୋତରେ । ଦିବ୍ୟଜନନୀ ଶ୍ରୀମା ମନୁଷ୍ୟ ତଥା ପୃଥିବୀପୃଷ୍ଠରେ ବାସ କରୁଥିବା ସକଳ ଜୀବ, ବୃକ୍ଷଲତା-ମାନଙ୍କର ଦୁଃଖ-କଷ୍ଟକୁ ନିଜ ଶରୀରରେ ଅନୁଭବ କରିଛନ୍ତି ।

ଆମେ ଜାଣିଛେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ହିଟ୍ଲର୍ ପରାଜିତ ସୈନ୍ୟମାନଙ୍କୁ ଏକାଧିକ ଶିବିରରେ ରଖି ଯନ୍ତ୍ରଣା ଦେଉଥିଲା; ଯାହାକୁ କନ୍‌ସେନଟ୍ରେସନ କ୍ୟାମ୍ପ (concentration camp) ବୋଲି କୁହାଯାଉଥିଲା । ଏକଦା ମା' ପ୍ରକାଶ କରିଥିଲେ ଯେ ସେହି ଶିବିରରେ ଯନ୍ତ୍ରଣାରେ ଜର୍ଜରିତ ହୋଇ ଚିତ୍କାର କରୁଥିବା ପ୍ରତ୍ୟେକ ସୈନ୍ୟମାନଙ୍କର ସ୍ୱର ସେ ଶୁଣି ପାରୁଥିଲେ ଏବଂ ତାହା ଦ୍ୱାରା ନିଜେ ମଧ୍ୟ କଷ୍ଟ ପାଉଥିଲେ । ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହେଉଥିଲା ଯେ ଦିବ୍ୟ ଜନନୀ ପୃଥିବୀର ସକଳ ଜୀବମାନଙ୍କୁ ଦୁଃଖ-ଯନ୍ତ୍ରଣାରୁ ମୁକ୍ତି ଦେବା ପାଇଁ ସେମାନଙ୍କୁ ନିଜ ଶରୀରରେ ଧାରଣପୂର୍ବକ ରୂପାନ୍ତରିତ କରୁଛନ୍ତି । ମନେହୁଏ ଯେପରି ସମଗ୍ର ଜଗତର ଯନ୍ତ୍ରଣା ଦିବ୍ୟ ଜନନୀଙ୍କର ଦିବ୍ୟ ଶରୀର ଭିତରେ ଚିତ୍କାର କରୁଛି ସେଥିରୁ ସମ୍ପୂର୍ଣ୍ଣ ମୁକ୍ତି ଲାଭ କରିବା ପାଇଁ; – ଦିବ୍ୟ ପ୍ରେମର ପ୍ରଖର ସ୍ରୋତର ସ୍ପର୍ଶ ଲାଭ କରି ଯନ୍ତ୍ରଣାର ଜ୍ୱାଳାକୁ ପ୍ରଶମିତ କରି ଦେବା ପାଇଁ ।

ଦିବ୍ୟଜନନୀ ସର୍ବଂସହା; ସକଳ ଯନ୍ତ୍ରଣାକୁ ସହ୍ୟ କରିଛନ୍ତି ଏବଂ ତାକୁ ରୂପାନ୍ତର କରିବାର ପଥ ମଧ୍ୟ ନିର୍ଦ୍ଦେଶିତ କରିଛନ୍ତି । ସେ ସ୍ୱୟଂ ଏକ ଜ୍ୱଳନ୍ତ ଅଗ୍ନିକୁଣ୍ଡରେ ପରିଣତ ହୋଇ ଯିବା ପାଇଁ ପ୍ରାର୍ଥନା କରିଛନ୍ତି । ସେହି ଅଗ୍ନିକୁଣ୍ଡରେ ସକଳ

ଦୁଃଖ, ଯନ୍ତ୍ରଣାକୁ ନିକ୍ଷେପ କରି ସେସବୁକୁ ସେମାନଙ୍କର ନିଜ ସ୍ୱରୂପ ଅର୍ଥାତ୍, ଆନନ୍ଦ ଏବଂ ପ୍ରେମରେ ପରିବର୍ତ୍ତନ କରିଦେବା ତାଙ୍କର ଇଚ୍ଛା । ସୁନାରେ ଖାଦ ଥିଲେ ତାହା ଶୁଦ୍ଧ ସୁବର୍ଣ୍ଣ ହୋଇପାରେ ନାହିଁ; ତାକୁ ଦଗ୍ଧ କରି ଖାଦ ବା ଅନ୍ୟାନ୍ୟ କମ୍ ମୂଲ୍ୟର ଧାତୁକୁ ଅଗ୍ନିରେ ଭସ୍ମ କରି ଦେଲେ ସେସବୁ ଝଡ଼ି ପଡ଼ନ୍ତି ଏବଂ ଖାଦ ଥିବା ସୁନା ବିଶୁଦ୍ଧ ସୁବର୍ଣ୍ଣରେ ପରିଣତ ହୋଇଯାଏ । ସେଥିପାଇଁ ମା' ପ୍ରଭୁଙ୍କୁ ନିବେଦନ କରି କହୁଛନ୍ତି ତାଙ୍କୁ ଏକ ଜ୍ୱଳନ୍ତ ଅଗ୍ନିକୁଣ୍ଡ (Burning brazier)ରେ ପରିଣତ କରି ଦେବାକୁ । 'Burning brazier' ହେଉଛି ଏକ ଧାତୁ ବା ମାଟି ପାତ୍ର, ଯେଉଁଥିରେ ଦାଉ ଦାଉ ଜଳୁଥିବା କୋଇଲା ବା କାଠ ଅଙ୍ଗାର ଖଣ୍ଡ ରଖାଯାଏ ଏବଂ ତାହା ଗୃହ ଭିତର ଉଷୁମ ରଖିବା ଏବଂ କେତେକ ଧାର୍ମିକ ଅନୁଷ୍ଠାନରେ ବ୍ୟବହୃତ ହୋଇଥାଏ । ଖ୍ରୀଷ୍ଟିଆନ ଧର୍ମଗ୍ରନ୍ଥ 'ବାଇବେଲ'ରେ ଏହି ଶବ୍ଦଟି ବ୍ୟବହାର କରାଯାଇଛି । ଶବ୍ଦଟିର ଉତ୍ପତ୍ତି ହେଉଛି ଇଜିପ୍ଟ ବା ମିଶର ଦେଶରୁ, – ହୀବ୍ରୁମାନେ ଏହାକୁ ବ୍ୟବହାର କରିଥା'ନ୍ତି । ଯେତେବେଳେ ଏହା ଧାର୍ମିକ ଅନୁଷ୍ଠାନ ବା ଯଜ୍ଞରେ ବ୍ୟବହୃତ ହୁଏ ତାକୁ ଯଜ୍ଞକୁଣ୍ଡ ବା ହୋମକୁଣ୍ଡ କୁହାଯାଏ, ଯେଉଁଥିରେ ସମିଧ ବା ହୋମକାଠ ପକାଯାଇ ଅଗ୍ନି ସଂଯୋଗ କରାଯାଏ ଏବଂ ବେଦମନ୍ତ୍ରରେ ଘୃତାହୁତି ପ୍ରଦାନ କରାଯାଏ । ପୃଥିବୀରୁ ଦୁଃଖ ଯନ୍ତ୍ରଣା ଦୂର କରିବା, ସମସ୍ତଙ୍କର ମଙ୍ଗଳ କାମନା କରିବା ଉଦ୍ଦେଶ୍ୟରେ ଏହି ଅନୁଷ୍ଠାନ କରାଯାଇ ଥାଏ । କିନ୍ତୁ ଉକ୍ତ ପ୍ରାର୍ଥନାରେ ମା' ସ୍ୱୟଂ ଏକ ଅଗ୍ନିକୁଣ୍ଡଟିଏ ହୋଇଯିବା ପାଇଁ ଦିବ୍ୟ-ଇଚ୍ଛା ପୋଷଣ କରୁଛନ୍ତି, ଯେଉଁଥିରେ ସମସ୍ତ ପ୍ରକାର ଦୁଃଖ-ଯନ୍ତ୍ରଣାକୁ ଆହୁତି ଦିଆଯିବ ଏବଂ ସେମାନେ ଆନନ୍ଦମୟ ଆଲୋକରେ ରୂପାନ୍ତରିତ ହୋଇଯିବେ; ସେହି ଅଗ୍ନିକୁଣ୍ଡରେ ନଥିବ ଜ୍ୱଳନ୍ତ କୋଇଲା ବା ଅଙ୍ଗାର ଖଣ୍ଡ, ତାହା ପରିବର୍ତ୍ତେ ଥିବ ''Pure-Love and boundless compassion''– ''ବିଶୁଦ୍ଧ ପ୍ରେମ ଏବଂ ଅସୀମ କରୁଣା ।''

ଆଶ୍ରମ ନିର୍ମାଣର ପ୍ରାରମ୍ଭ କାଳରେ ପିଲାମାନଙ୍କ ପାଠ ପଢ଼ିବା ନିମନ୍ତେ ''ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର''ଟିକୁ ଗଢ଼ି ତୋଳିବା ପାଇଁ ଦିବ୍ୟଜନନୀ ଶ୍ରୀମା କିପରି ତାଙ୍କର ବ୍ୟବହାର୍ଯ୍ୟ ବହୁ ମୂଲ୍ୟବାନ୍ ଦ୍ରବ୍ୟକୁ ବିକ୍ରୟ କରିଦେଇ ପ୍ରୟୋଜନୀୟ ଅର୍ଥ ସଂଗ୍ରହ କରିଥିଲେ ତାହା ଆଲୋଚନା କଲେ ମା'ଙ୍କର ଅସୀମ କରୁଣା ଓ ପ୍ରେମ କିପରି କାମ କରୁଥିଲା ତାହା ଆମେ ଜାଣିପାରିବା –

ଦ୍ୟୁମାନ୍ ଭାଇ କହନ୍ତି, ''ସେତେବେଳେ ମା'ଙ୍କ ଉପରେ ଆର୍ଥିକ ଚାପ ରହୁଥିଲା । ବେଳେ ବେଳେ ଆଶ୍ରମ ବ୍ୟାଙ୍କର 'ସତ୍ୟକର୍ମା' ମା'ଙ୍କୁ ଆସି କହିବେ ଯେ ଏକ ନିର୍ଦ୍ଦିଷ୍ଟ ପରିମାଣର ଅର୍ଥ ତାଙ୍କର ତତ୍କ୍ଷଣାତ୍ ଆବଶ୍ୟକ । ମୁଁ ଜାଣିଥାଏ ଯେ ସେ ଯେତେ ଟଙ୍କା ଚାହୁଁଛନ୍ତି, ତାହା ଆମ ପାଖରେ ନାହିଁ । ସନ୍ଧ୍ୟା ହେଲେ ମୁଁ ମା'ଙ୍କର ଏକ ଗହଣା ନେଇ ବଜାରକୁ ଯାଏ ତାକୁ ବିକ୍ରି କରିବା ପାଇଁ କିଂବା ବେଳେ ବେଳେ କେତେକ ବନ୍ଧୁଙ୍କ ଘରକୁ ଯାଏ ଏବଂ ସେମାନଙ୍କୁ କହେ, ''ଦେଖ ଏହି ଗହଣାଟିର ପ୍ରଚଳିତ ମାର୍କେଟ ମୂଲ୍ୟ ଏତିକି ... କିନ୍ତୁ ମୁଁ ତୁମଠାରୁ ଏତିକି ପରିମାଣର ଅର୍ଥ ଚାହୁଁଛି ।'' ତତ୍ପରେ ସେମାନେ ମାର୍କେଟ ମୂଲ୍ୟ ନୁହେଁ, ମା'ଙ୍କର ଆବଶ୍ୟକ ହେଉଥିବା ଅର୍ଥ ମୋତେ ପ୍ରଦାନ କରନ୍ତି । ଏହାକୁ ମୁଁ 'Mother's-Value' ବା ମା'ଙ୍କ ଦ୍ୱାରା ନିର୍ଦ୍ଧାରିତ ମୂଲ୍ୟ ବୋଲି କହୁଥିଲି । ଟଙ୍କା ଆଣି ମା' ତାଙ୍କ ପ୍ରକୋଷ୍ଠରୁ ତଳକୁ ଆସିବା ପୂର୍ବରୁ ଟେବୁଲ ଡ୍ରୟରରେ ରଖି ଦେଉଥିଲି ।

''ଏହିପରି ଭାବରେ ଆଶ୍ରମ ଜୀବନ ଆଗେଇ ଚାଲିଲା । ଅର୍ଥ ସଂଗ୍ରହ କାର୍ଯ୍ୟରେ ମୋର ଆତ୍ମବଳ ଅଧିକରୁ ଅଧିକ ବୃଦ୍ଧି ପାଇବାକୁ ଲାଗିଲା । ମାର୍କେଟ ମୂଲ୍ୟଠାରୁ ଅଧିକ ମୂଲ୍ୟ ପ୍ରାପ୍ତ ହେଲା । ମୁଁ ମୋର ବନ୍ଧୁମାନଙ୍କ ପାଖକୁ ଯାଇ କହେ, 'ଦେଖ, ଏହି ଜିନିଷଟିର ମାର୍କେଟ-ମୂଲ୍ୟ ହେଉଛି ପାଞ୍ଚ ହଜାର, କିନ୍ତୁ ମୁଁ ତୁମଠାରୁ ଦଶ ହଜାର ଚାହୁଁଛି ।' ସେମାନେ ଖୁସିରେ ଦଶ ହଜାର ଟଙ୍କା ଦେଇ ଦିଅନ୍ତି । କେବେ କେତେକ ଲୋକ କହନ୍ତି, 'ବର୍ତ୍ତମାନ ଆମ ପାଖରେ ଏତେ ଟଙ୍କା ନାହିଁ ।' ମୁଁ କହେ, 'ଠିକ୍ ଅଛି, ଜିନିଷ ରଖ, ପରେ ଟଙ୍କା ଦେଇ ଦେବ । କିନ୍ତୁ ମା'ଙ୍କୁ ସଙ୍ଗେ ସଙ୍ଗେ ଆବଶ୍ୟକ ହେଉଥିବା ଟଙ୍କା ମୋତେ ଦେବାକୁ ହେବ ।' ଏହା ପାଞ୍ଚ ଶହ ହୋଇପାରେ, ଏକ ହଜାର ହୋଇପାରେ ଅଥବା ପଚିଶ ହଜାର ମଧ୍ୟ ହୋଇପାରେ । ସେଥିପାଇଁ ମୋ ପାଖରେ କିଛି ଟଙ୍କା ଗଚ୍ଛିତ (reserve) ରଖିଥାଏ; ସବୁ ତ ମା'ଙ୍କ ଟଙ୍କା, ମା'ଙ୍କର ଆବଶ୍ୟକ ହେବା ମାତ୍ରକେ ମୁଁ ତତ୍କ୍ଷଣାତ୍ ତାଙ୍କ ପାଖରେ ସବୁ ଟଙ୍କା ନିବେଦନ କରି ଦେଇଥାଏ ।''

ଥରେ ମାର୍ଚ୍ଚ ୨୯ ତାରିଖରେ ଆଶ୍ରମର କ୍ୟାସିୟର୍ (cashier) ମା'ଙ୍କ ପାଖକୁ ଆସି ବିନମ୍ରତାର ସହ ନିବେଦନ କଲେ, 'ମା, ଏପ୍ରିଲ ପହିଲାରେ ଶ୍ରମିକମାନଙ୍କୁ ସେମାନଙ୍କ ମଜୁରି ପ୍ରଦାନ କରିବା ନିମନ୍ତେ ଟଙ୍କା ଆବଶ୍ୟକ ।' ମା'

ତତ୍କ୍ଷଣାତ୍ ଡାକିଲେ, 'ଦ୍ୟୁମାନ୍ ଏଠାକୁ ଆସ ।' ମୁଁ ଆସି ନୀରବରେ ଠିଆ ହେଲି । ମା' ଉଠି, ତାଙ୍କ ଆଲମାରି ପାଖକୁ ଯାଇ ସେଠାରୁ କିଛି ସୁନା ଗହଣା ଆଣି କହିଲେ, 'ଏତକ ବିକ୍ରି କରି ଦିଅ, ମୋର ପଚିଶ ହଜାର ଟଙ୍କା ଆବଶ୍ୟକ, ମୁଁ ବର୍ତ୍ତମାନ ଏହି ଟଙ୍କା ଚାହୁଁଛି ।' କିନ୍ତୁ ମୋତେ ଜଣାଥିଲା ଯେ ସେତେବେଳେ ବଜାର ଖୋଲା ନଥିବ । ମୁଁ କହିଲି, 'ମା, ଗୋଟିଏ ମୁହୂର୍ତ୍ତ ଅପେକ୍ଷା କରନ୍ତୁ ।' ମୁଁ ମୋର ଗଚ୍ଛିତ ଅର୍ଥରୁ ପଚିଶ ହଜାର ଟଙ୍କା ମିନିଟିଏ ଭିତରେ ନେଇ ଆସି ମା'ଙ୍କୁ ଦେଇଦେଲି । ମା' ପଚାରିଲେ, 'ତୁମେ କ'ଣ କରିବ ?' ମୁଁ କହିଲି, 'ମା, ମୁଁ ଏହି ଜିନିଷ ବିକ୍ରୟ କରି ଦେବି, ପଚିଶ ହଜାର ଟଙ୍କା ଯେଉଁଠୁ ନେଇଛି ସେଠାରେ ରଖି ଦେବି, ଯାହା ବଳକା ରହିବ ତାକୁ ଆପଣଙ୍କ ପାଖରେ ନିବେଦନ କରି ଦେବି ।' ''

ଏହାହିଁ ଥିଲା ଦିବ୍ୟଜନନୀ ଶ୍ରୀମା'ଙ୍କର ଦିବ୍ୟ ପ୍ରେମର ପରାକାଷ୍ଠା, ଯାହା ଦ୍ୱାରା ଦିବ୍ୟ ହସ୍ତର ସ୍ପର୍ଶରେ 'ଶ୍ରୀଅରବିନ୍ଦ ଆଶ୍ରମ'ଟିକୁ ସେ ସ୍ୱୟଂ ଗଢ଼ି ତୋଳିଛନ୍ତି ।

ଏତିକିରେ କଥା ସରି ନଥିଲା । ମା' ଥରେ ଦ୍ୟୁମାନ୍ ଭାଇଙ୍କୁ ରୂପା ନିର୍ମିତ ଏକ ଟେବୁଲ ଘଡ଼ି ଦେଇ କହିଲେ, ''ଦ୍ୟୁମାନ୍ ଏହି ଘଡ଼ିଟିକୁ ମୁଁ ବହୁତ ଯତ୍ନରେ ସାଇତି ରଖିଥିଲି, କାରଣ ଏଇଟିକୁ ମୋ ଜେଜେମା ମୋତେ ଉପହାର ସ୍ୱରୂପ ଦେଇଥିଲେ ।'' ମା' ପୁଣି ପଚାରିଲେ, ''ଦ୍ୟୁମାନ୍ ! ତୁମେ କ'ଣ ଭାବପ୍ରବଣଶୀଳ ?'' ଦ୍ୟୁମାନ୍ ଭାଇଙ୍କ ଉତ୍ତର, ''ନାହିଁ ମା', ଏତେ ଟିକିଏ ବି ନୁହେଁ, ଆପଣ ଯାହା ଚାହୁଁଛନ୍ତି ମୋତେ ଦେଇ ଦିଅନ୍ତୁ ।'' ଦ୍ୟୁମାନ୍ ଭାଇଙ୍କର ହୃଦୟ ଦୁଃଖରେ ପୂର୍ଣ୍ଣ ହୋଇଗଲା ଏବଂ ସେଇଠାରେ ସେ ସ୍ଥିର କଲେ ଯେ ଘଡ଼ିଟିକୁ ଲାଲ୍‌ଜୀ ଭାଇଙ୍କୁ ଦେଇ ଦେବେ ଏବଂ ତାଙ୍କୁ ଦଶ ହଜାର ଟଙ୍କା ଦେବାକୁ କହିବେ । ତା' ପରଦିନ ଲାଲ୍‌ଜୀ ଭାଇ ଯେତେବେଳେ ମା'ଙ୍କୁ ଦର୍ଶନ କରିବାକୁ ଗଲେ ମା' ତାଙ୍କୁ କହିଲେ, ''ତୁମେ ମୋର ଟେବୁଲ-ଘଡ଼ିଟି ପାଇଲ । ସେଇଟିକୁ ମୋ ଜେଜେମା ମୋତେ ଦେଇଥିଲେ । ତାକୁ ଯତ୍ନ ସହକାରେ ତୁମ ଆଲମାରିରେ ସାଇତି ରଖିବ ।''

ମା'ଙ୍କର ସୁନା ମୁକୁଟଟିଏ ଥିଲା, ଯେଉଁଥିରେ ଏକ ଲାଲ ରଙ୍ଗର ମାଣିକ୍ୟ ପଥର (Rubi) ଲଗା ଯାଇଥିଲା, ଯାହାକୁ ଆମେ ମା'ଙ୍କର ଏକ ଫଟୋଗ୍ରାଫରେ ଦେଖିଛେ । ମା' ସେହି ମୁକୁଟକୁ ଦୁର୍ଗା କ୍ରାଉନ୍ (Durga crown) ବୋଲି କହୁଥିଲେ ଏବଂ ବହୁ ଯତ୍ନରେ ସାଇତି ରଖିଥିଲେ । ମା' କହୁଥିଲେ ଯେ ସେହି ମୁକୁଟଟିକୁ ସେ କେବେ ହେଲେ ବିକ୍ରି କରିବେ ନାହିଁ । କିନ୍ତୁ ପରିସ୍ଥିତି ଏପରି ହେଲା ଯେ ମା' ମୁକୁଟଟିକୁ ହାତରେ ଧରି ଦ୍ୟୁମାନ୍ ଭାଇଙ୍କୁ କହିଲେ, ''ଦ୍ୟୁମାନ୍, ଏଇଟିକୁ ବିକ୍ରୀ କରିଦେବା ପାଇଁ ତୁମକୁ ଦେଉଛି ।'' ଦ୍ୟୁମାନ୍ ଭାଇଙ୍କ ଉତ୍ତର, ''ହଁ, ମା'', ଏବଂ ସେହିଠାରେ ସେ ସ୍ଥିର କରିନେଲେ କ'ଣ କରିବାକୁ ହେବ । ଠିକ୍ ସେହି ସମୟରେ 'ଜି' ନାମକ ଜନୈକ ସାଧକ-ଭକ୍ତ ବାହାର ବାରଣ୍ଡାରେ ଠିଆ ହୋଇଥିଲେ । ଦ୍ୟୁମାନ୍ ଭାଇ 'ଜି'ଙ୍କୁ କହିଲେ, ''ଜି ! ମୋତେ ଦଶ ହଜାର ଟଙ୍କା ଦିଅ ।'' ସେହି ମୁକୁଟଟିର ପ୍ରକୃତ ମୂଲ୍ୟ ଦ୍ୟୁମାନ୍ ଭାଇଙ୍କୁ ଜଣା ଥିଲା, କାରଣ ସେହି ମୁକୁଟଟିକୁ ସେ ପଣ୍ଡିଚେରୀର ଶଙ୍କର ଗୌଡ଼ ନାମକ ଜନୈକ ବ୍ୟବସାୟୀ ଭକ୍ତଙ୍କ ଅନୁରୋଧ କ୍ରମେ ତିଆରି କରାଇ ଥିଲେ; ଶଙ୍କର ଗୌଡ଼ ସେହି ମୁକୁଟଟିକୁ ଦିବ୍ୟଜନନୀ ଶ୍ରୀମାଙ୍କ ପାଦପଦ୍ମରେ ଉପହାର ସ୍ୱରୂପ ନିବେଦନ କରିବାକୁ ଇଚ୍ଛା ପ୍ରକାଶ କରିଥିଲେ । ସେତେବେଳେ ତା'ର ମୂଲ୍ୟ ଥିଲା ପାଞ୍ଚ ହଜାର ଟଙ୍କା । ମା' ପଚାରିଲେ, ''ଏଇଟିକୁ ତୁମେ କ'ଣ କରିବ ବୋଲି ଭାବୁଛ ?'' ଦ୍ୟୁମାନ୍ ଭାଇଙ୍କ ଉତ୍ତର, ''ମା, ମୁଁ ଏହାକୁ 'ଜି'ଙ୍କୁ ଦେବି ।'' ମା' ବାହାରେ ଠିଆ ହୋଇଥିବା 'ଜି'ଙ୍କୁ ଡାକିଲେ ଏବଂ କହିଲେ, ''ଜି ! ଏଇଟିକୁ ଦେଖ, ଏହି ମୁକୁଟଟିରେ ଯତ୍ନ ନେବ, ମୋ ପାଇଁ ଏହା ଖୁବ୍ ମୂଲ୍ୟବାନ୍ । ଏହା ସହିତ ଯଦି ତୁମେ ଦୁର୍ବ୍ୟବହାର କର, ତୁମ ପାଇଁ ଏହା ବହୁତ ବଡ଼ ବିପଦ ଡାକି ଆଣିବ ।''

(How they came to Sri Aurobindo
and the Mother, pp. 15-16)

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା**

(୧) Prayers and Meditations – The Mother;

(୨) Musing on the Mother's Prayer's and Meditations, Vol. I, Shyam Kumari.

**ସିନ୍ଧୁରୁ ବିନ୍ଦୁଏ :**

# ଧର୍ମ ବିସଂବାଦ

## ସନ୍ତୋଷ ରଥ

"The quarrels of religious sects are like the disputing of pots, which shall be alone allowed to hold the immortalising nectar. Let them dispute, but the thing for us is to get at the nectar in whatever pot and attain immortality."

(Thoughts and Aphorisms : 53) – Sri Aurobindo

''ବିଭିନ୍ନ ଧର୍ମଗୋଷ୍ଠୀ ଭିତରେ ଯେଉଁ ପରସ୍ପର କଳିକନ୍ଦଳ, ତାହା ଗୁଡ଼ିଏ ପାତ୍ର ଭିତରେ ବିବାଦ ଭଳି – କିଏ ଏକାକୀ ଅମୃତର ଆଧାର ହେବାକୁ ହକ୍‌ଦାର । ସେମାନେ ସେମିତି ବିବାଦରତ ରହନ୍ତୁ । ଆମ ଲକ୍ଷ୍ୟ ହେଲା ପାତ୍ର ଯାହା ହେଉନା କାହିଁକି ଅମୃତ ପାଖରେ ପହଞ୍ଚିବା ଏବଂ ଅମରତା ଉପଲବ୍ଧି କରିବା ।''

– ଶ୍ରୀଅରବିନ୍ଦ

[ଶ୍ରୀଅରବିନ୍ଦଙ୍କର ଉପରୋକ୍ତ ଉକ୍ତିକୁ ଆଧାର କରି '**ଧର୍ମ ବିସଂବାଦ**' କବିତାଟିର ପରିକଳ୍ପନା ଓ ରୂପାୟନ ।]

ଭରା ଉପବନ ମହକେ ଚନ୍ଦନ
ଚହଟେ ଚମ୍ପକ ମଲ୍ଲୀ ଦୋହଲି
କୁଆଁରୀ କେତକୀ ଓଢ଼ଣିକୁ ଢାଙ୍କି
କହେ ଭଅଁରକୁ ଆସିବୁ କାଲି । (୧)

କେ ବୋଲାଏ ସତୀ କା ଭାବ ପୀରତି
ସୁମନ ମନରେ ନ ବାନ୍ଧେ ବସା
ମନ୍ଦିର ଆଳତି ଦେବ ପୂଜା ନୀତି
ଚରଣେ ଶରଣ ପରାଣ ନିଶା । (୨)

ଯେତେ ରାଗରୁଷା ଅଲୋଡ଼ା ବଚସା
ସାଇତା ଅମାର ପଡ଼େ ନିଅଣ୍ଟ
ହୋଇଲେ ବି ଜ୍ଞାନୀ ମାନୀ ଅବା ଧନୀ
ମଣିଷ ମଣିଷ ନୁହଁଇ ମେଣ୍ଟ । (୩)

ଗୋଷ୍ଠୀ ଭିନ୍ନ ଭିନ୍ନ ଧର୍ମ କରେ ଛିନ୍ନ
ଏକତ୍ୱ ମମତ୍ୱ ସ୍ନେହ ବନ୍ଧନ
ଥିଲେ ବି ଏକାଠି ବଧୂର ବାହୁଟି
ରୁଣୁ ଝୁଣୁ ଶବ୍ଦ କରେ କଙ୍କଣ । (୪)

କୁଶଳୀ କଂସାରି ଗଢ଼ିଛି ସବୁରି
ତନୁ ମନ କାନ୍ତି ଶୋଭନ ଶିରୀ
ନ ପାରଇ ରୋକି ହୋଇଲେ ଏକାଠି
ବାଦ ବିସମ୍ବାଦ ବଢ଼େ ଆହୁରି । (୫)

ଜାତି ଧର୍ମ ନୀତି ଅଜବ ପଦ୍ଧତି
ଏକକୁ ଆରେକ ଚାହିଁ ଟାପରା
ସମୁଦ୍ର ମନ୍ଥନ ନୁହେଁ ସମାଧାନ
ଅମୃତ ପାତ୍ରକୁ ଭିଡ଼ା ଓଟରା । (୬)

ନୁହେଁ ସେହି ଶ୍ରେଷ୍ଠ ବାନ୍ଧେ ଯେ ମୁକୁଟ
ଲହୁ ଲୁହ ଭିଜା ଯା' ତରବାରି
ସେ ଏକା ମହାନ୍ ବିତେ ଯା'ର ଦିନ
ଶାନ୍ତି ସୁଧା ମନ୍ତ୍ର ହୃଦୟେ ଧରି । (୭)

ଥିଲେ ଥାଉ ଶାଖା ଅନ୍ତେ ସବୁ ଯୋଖା
କଳହ ବିବାଦ ଶବ୍ଦ ନିର୍ଝର
ତଟିନୀ ଜୀବନ ହୋଇ ଯାଏ ଧନ୍ୟ
ଡେଇଁଲେ ମୁହାଣ ଲକ୍ଷ୍ମଣ ଗାର । (୮) ❑

# ଦ୍ୱୀପାନ୍ତରର କଥା

## (ଚତୁର୍ଥ ପରିଚ୍ଛେଦ)

## ବାରୀନ୍ଦ୍ର କୁମାର ଘୋଷ

### ସେଲ୍ୟୁଲାର୍‌ରେ ପ୍ରଥମ ଜୀବନ
### (୩)

*(ପୂର୍ବ ପ୍ରକାଶିତ ଉତ୍ତାରୁ ...)*

... ତା'ପରେ ଆମର ବେଡ଼ି କଟାଗଲା, ସମସ୍ତଙ୍କ ପାଇଁ ଜଙ୍ଘିଆ (Half pants), କୁର୍ତ୍ତା ଓ ଧଳା କପଡ଼ାର ଟୋପି ଆସିଲା । ଏଇ ଆଣ୍ଡାମାନ ପାଲାରେ ପୁଣି ନୂଆ କରି ସେଇ ବେଶରେ ସାଜିବାକୁ ହେବ, ତାହାହିଁ ହେଲା; ସେଇ ଆଣ୍ଠୁ ପର୍ଯ୍ୟନ୍ତ ଜଙ୍ଘିଆ, ହାତକଟା କୁର୍ତ୍ତା ଏବଂ ଛୋଟ ଗୋଜିଆ ଟୋପିରେ ରୂପ ଦେଖାଗଲା ଅତ୍ୟନ୍ତ ରୁଗ୍ଣ ତାଳପତ୍ର ପରି ପତଳା ଲମ୍ବା ସିପାହୀଠାରୁ ମୁଁ ଆହୁରି ବେଶୀ ଲମ୍ବା ଦେଖାଗଲି ! ଲଜ୍ଜାରେ ମନେ ହେଲା, ''ମା ଧରିତ୍ରୀ, ତୁମେ କ'ଣ ସେଇ ତ୍ରେତାଯୁଗର ଅଭ୍ୟାସକୁ ଭୁଲି ଯାଇଛ ? ଆଉ ଥରେ ତୁମେ ଦୁଇ ଭାଗ ହୋଇଯାଅ ମା, ଆମେ ଯେପରି ଏହି ଦଗ୍ଧ ମୁହଁଟିକୁ ଲୁଚାଇ ପାରୁ । ମୁଁ ଅବଶ୍ୟ ଜନକନନ୍ଦିନୀ ସୀତା ନୁହେଁ, କିନ୍ତୁ ମୋର ଲଜ୍ଜା ଯେ ପ୍ରାୟ ଶ୍ରୀରାମଙ୍କ ଜୀବନ ପରି ସେମିତି ପ୍ରାଣାନ୍ତକ ।'' ମା ତ ଦୁଇଭାଗ ହେଲେ ନାହିଁ, ଆମେ ସେଇ ଅବସ୍ଥାରେ ସ୍ନାନ କରିବାକୁ ଗଲୁ; ବାକୀ ଲଜ୍ଜା ଟିକକ ଯାହା ଥିଲା ସେଠାକୁ ଯାଇ ତା'କୁ ବିସର୍ଜନ ଦେବାକୁ ହେଲା । ସ୍ନାନ କରିବା ପାଇଁ ଆମକୁ ଯେଉଁ କୌପୀନ ବା ଲଙ୍ଗୁଟି ଦେଲେ ସେଥିରେ ତ ଲଜ୍ଜା ନିବାରଣ କୌଣସି ପ୍ରକାରେ ହେଲା ନାହିଁ – ଲୁଗା ବଦଳାଇବାକୁ ଯାଇ ଆମର ଦଶା ହେଲା କୌରବ ସଭାରେ ଅପମାନିତା ଦ୍ରୌପଦୀଙ୍କ ପରି । ବୁଝିଲି, ''ପଡ଼େଛି ମଗେର୍ (ବ୍ରହ୍ମଦେଶ ଭଳି ଅରାଜକ ଦେଶ) ହାତେ, ଖାନା ଖେତେ ହବେ ସାଥେ ।'' କ'ଣ ଅବା କରାଯିବ ? ମୁଣ୍ଡ ତଳକୁ କରି କୌଣସି ପ୍ରକାରରେ ସ୍ନାନ କାର୍ଯ୍ୟ ଶେଷ କରିବାକୁ ହେଲା; ବୁଝିଗଲି ଏଠାରେ ଭଦ୍ରଲୋକ ବୋଲି କୌଣସି ବସ୍ତୁ ନାହିଁ; ମଣିଷ ବି ବୋଧହୁଏ କେହି ନାହିଁ, ଅଛନ୍ତି କେବଳ କଏଦୀ ! ପ୍ରତ୍ୟେକଙ୍କୁ ଗୋଟିଏ କରି କଳଙ୍କି ଲଗା ଲାଲ ଲୁହାର ଥାଳି ଓ ବାଟି ଦେଲେ, ସେଥିରେ ପୁଣି ତେଲ ଲଗା ହୋଇଥାଏ; ଥାଳି ତ ସଫା ହେଲାନି, ଅପରନ୍ତୁ ତେଲ ଏବଂ ରଙ୍ଗ ମିଶି ଗୋଟାଏ ପୂରା ଲାଲ ଅଠା ପରି ହୋଇ ହାତ ଦୁଇଟାକୁ ବଡ଼ ପ୍ରେମରେ ଜାବୁଡ଼ି ଧରିଲା । ସେ ବନ୍ଧନ ଆଉ ଛାଡୁ ନାହିଁ । ଯା'ହେଉ ଶେଷରେ ହାତକୁ ଘାସରେ ପୋଛିପାଛି କରି କୌଣସି ପ୍ରକାରରେ ଭାତ ଖାଇବାକୁ ବସିଲି । ଖାଇବାକୁ ଦେଲେ ଟିଣ ଡବାରେ ଏକ ଡବା ଭାତ, ହରଡ଼ ଡାଲି ଓ ଦୁଇଟି ରୁଟି । ଚାରିଦିନ ଧରି ମୋଟା ଚୁଡ଼ା ଓ ବୁଟ ସେବନ କରିବା ପରେ ତାହା ଯେ କିପରି ଅମୃତ ଭଳି ଲାଗିଲା ତାହା କହି ବୁଝାଇବା କଠିନ ।

ଭୋଜନ ଇତ୍ୟାଦି ସରିବା ପରେ ଆମ୍ଭମାନଙ୍କୁ ପାଞ୍ଚ ନମ୍ବର ବ୍ଲକକୁ ନେଇ ତିନି ଚାରୋଟି କୋଠରି ଛାଡ଼ି ଜଣ ଜଣଙ୍କୁ ବନ୍ଦ କରି ଦେଲେ । ଆମେ ରହିଲୁ ଉପର ମହଲାରେ, ଆମ୍ଭମାନଙ୍କ ପାଇଁ ସେହି ବ୍ଲକଟି ପୂରାପୂରି ଖାଲି କରା ହୋଇ ରହିଥିଲା, ଯେପରିକି ସାଧାରଣ କଏଦୀଙ୍କ ସଙ୍ଗରେ ଏଇ ନବାଗତମାନଙ୍କର କୌଣସି ସମ୍ପର୍କ ନ ରୁହେ । ଜେଲର୍ ଓ ୱାର୍ଡ଼ରମାନଙ୍କର ପହରା ପ୍ରତ୍ୟେକ ଦିନ ବଦଳ ହୁଏ; ଆଜି ଯିଏ ଏକ ନମ୍ବର ଉପର ତାଲାରେ ପହରା ଦେଉଥିଲା, ସେ ହୁଏତ କାଲି ଦୁଇ ନମ୍ବର ଅବା ପାଞ୍ଚ ନମ୍ବର ମଝି ତାଲାରେ ପହରା ଦେବ । ଆମ ପାଇଁ ଯେଉଁ ବାରଜଣ ୱାର୍ଡ଼ର ପାଞ୍ଚ ନମ୍ବରକୁ ଆସିଲେ, ସେମାନେ ସେହିଠାରେ ହିଁ ଅଟକ ରହିଲେ, ସେମାନଙ୍କର ବଦଳି ନାହିଁ; ପାଣିବାଲା, ମେହେନ୍ତର କେହି ବି ସେ ନମ୍ବରରୁ ବାହାରକୁ ପାଦ ବି ବଢ଼ାଇ ପାରିବେ ନାହିଁ । ସେଇ ୱାର୍ଡ଼ର ପେଟି ଅଫିସରମାନେ ହେଲେ ବଛା ବଛା ସବୁ ପଠାଣ ଏବଂ ଜଣେ ବର୍ମା ଅଧିବାସୀ । ସେମାନେ ଆମକୁ ଘରେ ଭର୍ତ୍ତି କରି ଦେଇ ତାଲା ଦେଇ ଦେଲେ ଏବଂ ଆମେ ବି ଦିବ୍ୟ ଆରାମରେ ଶୋଇ କଡ଼ି ବରଗା ଗଣନାରେ ମନୋନିବେଶ କଲୁ । ଅନ୍ତର ପୁରୁଷ ନିଜକୁ ନିଜେ ଗାଇ ଉଠିଲା, ''ମନ ଦୁଃଖ କାରେ କଇ ସଇରେ !'' ଅର୍ଥାତ୍, ''ମନଦୁଃଖର କଥା କାହାକୁ କହିବି ସଖିରେ !''

ପାଞ୍ଚ ନମ୍ବରରେ ଗୋଟିଏ ଗୋଟିଏ ବାରଣ୍ଡାରେ ଛବିଶଟି

କରି କୋଠରି (cell); ସୁତରାଂ ତିନୋଟି ମହଲାରେ ସର୍ବମୋଟ ଅଠସ୍ତରିଟି ସେଲ୍ ବା କୋଠରି । ଜେଲର ସମସ୍ତ ମହଲାଗୁଡ଼ିକରେ ସେଲ୍‌ର ସଂଖ୍ୟାର ଅନୁପାତ ଅନ୍ଦାଜ ଏଇ ପ୍ରକାରର –

| ବ୍ଲକ ନମ୍ବର | ପ୍ରତିଲାଇନରେ ସେଲ୍‌ର ସଂଖ୍ୟା | ମୋଟ ସଂଖ୍ୟା |
|---|---|---|
| ୧ | ୩୫ | ୧୦୫ |
| ୨ | ୩୫ | ୧୦୫ |
| ୩ | ୫୨ | ୧୫୬ |
| ୪ | ୨୨ | ୬୬ |
| ୫ | ୨୬ | ୭୮ |
| ୬ | ୨୦ | ୬୦ |
| ୭ | ୪୦ | ୧୨୦ |

ସମସ୍ତ ଜେଲରେ ମୋଟ କୋଠରିର ସଂଖ୍ୟା ୬୯୦; ଏଇ ଜେଲରେ କଏଦୀମାନଙ୍କର ରହିବାର ବ୍ୟାରାକ୍ ବା ହଲ୍ ପରି ଘର ନାହିଁ, ସବୁଗୁଡ଼ିକ କୋଠରି (cell), ତେଣୁ ଜେଲର ନାମ ସେଲ୍ୟୁଲାର୍ ଜେଲ ।

ଜେଲର ସୁପରିନ୍‌ଟେଣ୍ଡେଣ୍ଟ କ୍ୟାପ୍‌ଟେନ୍ ମ୍ୟୁରେ (Captain Murray) ସମୟ ପ୍ରାୟ ଦିନ ଗୋଟାଏ ବା ଦୁଇଟା ସମୟରେ ଆସି ଥରେ ବନ୍ଦ ଦରଜାର ସାମନାରେ ଛିଡ଼ା ହୋଇ ସମସ୍ତଙ୍କ ଉପରେ ଆଖି ବୁଲାଇ ନେଇ ଚାଲିଗଲେ । ମଣିଷଟି ଦାଢ଼ି ବାଲା, ଗେଡ଼ା, ନୀଳଚକ୍ଷୁ; ମନେ ହେଲା ବଡ଼ ଚତୁର । ମଝିରେ ଥରେ କମାର ଆସି ଆମମାନଙ୍କର ଗଳାରେ ଗୋଟିଏ ଗୋଟିଏ ଗୋ-ଘଣ୍ଟି ଝୁଲାଇ ଦେଇ ଗଲା । ଅନ୍ୟାନ୍ୟ ଜେଲରେ କଏଦୀ ପ୍ରବେଶ କରିବା ମାତ୍ରେ ସେମାନଙ୍କର ଗୋଟିଏ ଗୋଟିଏ ନମ୍ବର ହୁଏ, ପୈତୃକ ନାମଟା ଯେପରି ଲୋପ ପାଇ ନଯାଏ ସେଥିପାଇଁ ଠିଆ ହେବାକୁ ପଡ଼େ; ଏଠାରେ ମଧ୍ୟ ସେହିପରି । ଖଣ୍ଡିଏ କାଠର ଦୁଇ ଇଞ୍ଚ ଚଉଡ଼ା, ତିନି ଇଞ୍ଚ ଲମ୍ବା ଓ ଏକ ଇଞ୍ଚ ମୋଟା ଫଳକରେ ପ୍ରତ୍ୟେକ କଏଦୀର ନମ୍ବର, ଦଫା (Section), ଶାସ୍ତିର ତାରିଖ ଓ ଶାସ୍ତିର ବର୍ଷର ସଂଖ୍ୟା ଲେଖା ଥାଏ । ତିନି ପ୍ରକାରର ତକ୍ତି ଅବା ଫଳକ ଅଛି; ସିଧା ଫଳକ, ଗୋଲ ଫଳକ ଓ ତିନି କୋଣିଆ ଫଳକ । ତିନିଶହ ଦୁଇ ଦଫାର ଖୁନୀ ଆସାମୀକୁ ଏଠାରେ ଚାରିକୋଣିଆ ସିଧା ଫଳକ ମିଳେ; ଡକାୟତ, ବଦମାସ, ରାଜ ବିଦ୍ରୋହୀ ଅବା ଦୁର୍ଦ୍ଦାନ୍ତ ଖୁନୀମାନଙ୍କୁ ଗୋଲ ଡିମ୍ବାକାର ଫଳକ ଦିଆଯାଏ; ଏବଂ ଯେଉଁମାନେ ପୋର୍ଟ ବ୍ଲେୟାରରୁ ପଳାଇ ଯାଇ ଥାଆନ୍ତି, ସେମାନଙ୍କର ସେଇ କୁକର୍ମ ପରେ ଧରା ପଡ଼ିଲେ ତିନି କୋଣିଆ ଫଳକ ପାଆନ୍ତି । ଗଳାରେ ଗୋଟିଏ ଲୁହାର ରିଙ୍ଗ୍ ପିନ୍ଧାଇ ସେଥିରେ ସେଇ ଫଳକ ଟଙ୍ଗା ହୋଇଥାଏ; ମାଡ୍ରାସ ଜେଲରେ ଟିଣର ମେଡ଼ାଲ ପରି ନମ୍ବରଗୁଡ଼ିକୁ ଛାତି ଉପରେ କୁର୍ତ୍ତା ଦେହରେ ଲଟକାଇ ରଖା ଯାଇଥାଏ । ପୋର୍ଟ ବ୍ଲେୟାରରେ କିନ୍ତୁ ଏଇ ଗୋ-ଘଣ୍ଟି ଦୁର୍ଭୋଗର ବ୍ୟବସ୍ଥା । ଅପରାହ୍ଣ ଚାରିଟା ସମୟରେ ତାଲା ଖୋଲି ଆମମାନଙ୍କୁ ଅଗଣାକୁ ନେଇଗଲେ; ସେଠାରେ ଶୌଚ, ସ୍ନାନ ସାରି ଆମେ ଥାଳି ତାଟିଆ ସଜାଡ଼ି ରଖି ଘରେ ପୁଣି ବନ୍ଦ ହେଲୁ । ତା'ପରେ ରାନ୍ଧୁଣିଆ ଦଳ ଆସି ପ୍ରତି ଥାଳିରେ ଭାତ, ଡାଲି, ରୁଟି ଦେଇଗଲେ; ଆମେ ବି ତା'ପରେ ଖାଇବାକୁ ବସିଗଲୁ । ଅନ୍ୟ କଏଦୀମାନେ ନିଜ କାମ ସାରି, ସ୍ନାନ କରି ନିଜେ ନିଜେ ଧାଡ଼ି ହୋଇ ବସନ୍ତି । ଭାତ ନିଜେ ବାଢ଼ି ନିଅନ୍ତି; ଆମମାନଙ୍କର କିନ୍ତୁ ସେ ସ୍ୱାଧୀନତା ନ ଥିଲା । ସେତେବେଳେ ଆମେ ପ୍ରଥମ ବୋମା ଆସାମୀ, ଆମେହିଁ ପ୍ରଥମ ନୈରାଜ୍ୟବାଦୀ(Anarchist)ର ଦଳ; ଏକ ପଲ ବଣବାଘ ପରି ଭୟର ପାତ୍ର; ତେଣୁ ଆମକୁ ନେଇ ଏତେ ବନ୍ଧାବନ୍ଧି, ଏତେ ତାଲା, ଚାବି, ଆଇନ କାନୁନର ପାଲା ! ଆମେ ବି ସେତେବେଳେ ତଟସ୍ଥ; ସବୁବେଳେ ପ୍ରାଣ ବଞ୍ଚାଇବାକୁ ଯେ କି ପ୍ରକାର ବ୍ୟସ୍ତ, ବିବ୍ରତ ତାହା କିଏ ବୁଝେ ? ସେହି ସମୟରେ ଆଣ୍ଡାମାନରେ ଆମର ଏବଂ ଜେଲ କର୍ମଚାରୀମାନଙ୍କର ଏଇ ଉଭୟ ପକ୍ଷର ଅବସ୍ଥା ଅତି ଅପୂର୍ବ, ସେମାନେ ଆମକୁ ଭୟ ଓ ଉତ୍କଣ୍ଠାର ଚକ୍ଷୁରେ ଦେଖନ୍ତି, ଆମେ ବି ସେଠାକାର ରାଜକୁଳକୁ 'ବିଶ୍ୱାସଂ ନୈବ କର୍ତ୍ତବ୍ୟଂ' ଭାବି ଠିକ୍ ସେଇ ଚକ୍ଷୁରେ ଦେଖୁ । ପୁଣି ଜେଲ କର୍ତ୍ତୃପକ୍ଷ ମଧ୍ୟ ସେମାନଙ୍କର ସେଇ ଭୟର ଭାବ ଗୋପନ ରଖି ନିଜର ମାନ ସଂଭ୍ରମ ବଜାୟ ରଖିବାକୁ ସର୍ବଦା ବ୍ୟତିବ୍ୟସ୍ତ; ତେଣୁ ମୁହଁରେ ଖାଲି ଏତେ ଧମକ-ଚମକ । ବାହାରେ ଏତେ ବେପରୁଆ devil-me-care ଭାବ । ଆମେ ବି ଦେଶଭକ୍ତର ମର୍ଯ୍ୟାଦା ବଜାୟ ରଖିବାକୁ ଠିକ୍ ସେହିପରି ଉନ୍ମୁଖ, ତେଣୁ ସମୟ-ଅସମୟରେ, ସ୍ଥାନେ ସ୍ଥାନେ ସାହେବ ପାଖରେ ଲମ୍ବା ଚଉଡ଼ା ବକ୍ତୃତା ଦେଇ ବେଶ୍ ଏକ ପ୍ରକାର ଆତ୍ମପ୍ରସାଦ ଅନୁଭବ କରୁ । ଜେଲର୍ ଠାରୁ ଆରମ୍ଭ କରି ଛୋଟ ଛୋଟ ପିଆଦା ପର୍ଯ୍ୟନ୍ତ ଆମ୍ଭମାନଙ୍କୁ କଥାରେ କଥାରେ ଆଇନ ଶୁଣାନ୍ତି । ଆଖି ଲାଲ କରି ଅଳ୍ପ ବହୁତ ଆମ ଆଡ଼କୁ ମାଡ଼ି

ଆସନ୍ତି, – ତାହା କିନ୍ତୁ ନିତାନ୍ତ ହିଁ ପ୍ରାଣର ଡରରେ; କାରଣ ସେମାନେ ଭାବନ୍ତି, ''ଏଇ ମଣିଷଗୁଡ଼ିକ ଯେପରି ଦୁର୍ଦ୍ଦାନ୍ତ ଏବଂ ବଦମାସ, ଯଦି କିଛି ଅନର୍ଥ ଘଟାଇ ବସନ୍ତି''। ଆମେ ବି କ୍ଷଣକ ପାଇଁ ଚକ୍ଷୁ ରକ୍ତବର୍ଣ୍ଣ କରି ଦେଉ। ପୁଣି ପରକ୍ଷଣରେ ଆଇନର ଉଦ୍ୟତ ଦଣ୍ଡ ଓ ରୁଦ୍ର ରୂପର ତାଡ଼ନାରେ ନିତାନ୍ତ ନିରୀହ ଭାବ ଦେଖାଉ; ଏସବୁ କେବଳ ଗତ୍ୟନ୍ତର ଅଭାବରେ; କିଏ ଜାଣେ ଏ ଅତ୍ୟାଚାରୀ ମୁଲକରେ ପ୍ରାଣ ବଞ୍ଚାଇବା ଯେପରି କଷ୍ଟକର, ସେଥିରେ ଯଦି ଦୀର୍ଘଶ୍ୱାସ ଛାଡ଼ି ବସିଯାଉ ତା'ହେଲେ ଯେଉଁ କର୍ତ୍ତବ୍ୟ ସ୍ଥିର କରିବା କଥା ତାହା ଏକ ପ୍ରକାର ଅସମ୍ଭବ ହେବ।

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଶୁଭ୍ରା ଦାସ ❑

## ସୁନ୍ଦର ଉପହାର

ସୋନ୍ କାଜୁରି ନାମକ ଥିଲେ ଜଣେ ପ୍ରସିଦ୍ଧ ଜେନ୍ ଗୁରୁ। ଥରେ ସେ ତାଙ୍କ ଘରେ ଧ୍ୟାନରେ ବସିଛନ୍ତି, ହାତରେ ଏକ ଧାରୁଆ ଖଣ୍ଡା ଧରି ପଶିଲା ଚୋରଟିଏ। ସେ ସୋନ୍‌ଙ୍କ ବେକରେ ଖଣ୍ଡା ଲଗାଇ କହିଲା, ''ଟଙ୍କା ସୁନା ଯେଉଁଠି ଅଛି ଦେଇଦିଅ, ନହେଲେ ଜୀବନ ଦିଅ।'' ସୋନ୍ କହିଲେ, ''ଜୀବନ ନବ ଯଦି ଯେଉଁଠି ଖଣ୍ଡା ରଖିଛ, ସେଠି ଭୁଷି ଦିଅ। ଆଉ ଟଙ୍କା ନବ ଯଦି ସେଇ ଆଲମାରି ଖୋଲି ନେଇଯାଅ। ବେଶୀ ଗୋଳମାଳ କର ନାହିଁ।'' ଚୋରଟି ଏହା ଶୁଣି ତଟସ୍ଥ। ସେ ସୁନା ପିଲାଟି ପରି ଆଲମାରି ଖୋଲି ଯାହା ଟଙ୍କା ସୁନା ଥିଲା ସବୁ ବାନ୍ଧାବାନ୍ଧି କଲା ବେଳକୁ ସୋନ୍ ହଠାତ୍ କହିଲେ, ''ସବୁ ନିଅ ନାହିଁ, ୨୦୦ ୟେନ୍ ଛାଡ଼ିଯାଅ। ଆଜି ସନ୍ଧ୍ୟାରେ ମୋର ଜଣକୁ ଧାର ଶୁଝିବାର ଅଛି।'' ଚୋରଟି ଏହା ଶୁଣି ବାଧ୍ୟ ଶିଶୁ ଭଳି ସେତିକି ଥୋଇ ଦେଇ ଯିବାକୁ ବାହାରିଲା। ପୁଣି ସୋନ୍ କହିଲେ, ''ମୋ'ଠୁ ଉପହାର ପାଇଲ, ମୋତେ ଧନ୍ୟବାଦ ଜଣାଇବ ନାହିଁ ?'' ଚୋରଟି ବାଧ୍ୟ ଶିଶୁଟି ଭଳି ସୋନ୍‌ଙ୍କୁ ଧନ୍ୟବାଦ ଜଣାଇ ମୁଣ୍ଡିଆ ମାରି ଚାଲିଗଲା।

କିଛି ଦିନ ପରେ ଚୋରଟି ଧରା ପଡ଼ିଲା। ତା' ଚୋରି ମାଲ ଭିତରୁ ଏକ ସୁନା ଲକେଟ ମିଳିଲା, ଯେଉଁଥିରେ ସୋନ୍‌ଙ୍କ ନାମ ଖୋଦେଇ ହୋଇଥିଲା। ସୋନ୍‌ଙ୍କୁ ଜାପାନର ସମସ୍ତେ ଜାଣିଥିଲେ। ତେଣୁ ରାଜା କହିଲେ, ''ସୋନ୍ କେବେ ବି ମିଛ କହନ୍ତି ନାହିଁ। ତାଙ୍କୁ ଡାକ ସେ ଏ ଲକେଟ ଦେଖି ସାକ୍ଷ୍ୟ ଦେଲେ ଚୋରଟି ଦଣ୍ଡ ପାଇବ।'' ଏକଥା ଶୁଣି ଚୋର ବି ଆତଙ୍କ ଗଣିଲା। ଭାବିଲା କି ଭୁଲ୍ କଲି। ବୁଢ଼ାକୁ ସେ ଦିନ ମାରି ଦେଇଥିଲେ କାମ ସରିଥା'ନ୍ତା। ସେ ଯାହାହେଉ, ସୋନ୍ ଆସିଲେ। ଚୋରକୁ ଦେଖି କହିଲେ, ''କିଓ ବନ୍ଧୁ ତୁମେ କ'ଣ ବନ୍ଧା ହୋଇଛ ?'' ରାଜା କହିଲେ, ''ମହାଶୟ, ଏ ଗୋଟିଏ ଚୋର। ୟା' ପାଖରୁ ମିଳିଥିବା ଲକେଟଟିକୁ ଦେଖି କହନ୍ତୁ ତ ଯେ କ'ଣ ଆପଣଙ୍କ ଲକେଟ ? ସେଇଥି ପାଇଁ ଆପଣଙ୍କୁ ଡାକିଛି।'' ସୋନ୍ କହିଲେ, ''ହଁ ଏଇଟା ତ ମୋର। କିନ୍ତୁ ଏଇ ଲକେଟକୁ ମୁଁ ମୋର ଏଇ ବନ୍ଧୁଙ୍କୁ ଉପହାର ଭାବେ ଦେଇ ତାଙ୍କଠୁ ଧନ୍ୟବାଦ ବି ପାଇଛି। ତେଣୁ ତାଙ୍କୁ ଛାଡ଼ି ଦିଅନ୍ତୁ।'' ଅଗତ୍ୟା ରାଜା ଚୋରକୁ ଛାଡ଼ିବାକୁ ବାଧ୍ୟ ହେଲେ।

ସେଇ ଦିନରୁ ଚୋର ଚୋରି ଛାଡ଼ି ସୋନ୍‌ଙ୍କ ଶିଷ୍ୟ ହେଲା। ❑

(ସଂଗ୍ରହ : କଥାଟିଏ)

# ସନାତନ ଧର୍ମ

## (୮)

## କୁମାର ଚନ୍ଦ୍ର ମିଶ୍ର

ବେଦ ଓ ଉପନିଷଦ୍‌ର ଗଭୀର ଜଟିଳ ତତ୍ତ୍ୱଗୁଡ଼ିକୁ ବୁଝିବା ଜନସାଧାରଣଙ୍କ ପକ୍ଷେ କଷ୍ଟକର ମନେହେବା ଯୋଗୁଁ ଅନେକ ପୁରାଣ ଓ ଇତିହାସ ରଚନା କରାଯାଇଛି । ସାଧୁସନ୍ଥମାନେ ଅନେକ ଗଳ୍ପ, ଉପାଖ୍ୟାନ ଓ କିଂବଦନ୍ତି ମାଧ୍ୟମରେ ପ୍ରତ୍ୟକ୍ଷ ଓ ପରୋକ୍ଷଭାବେ ଅନେକ ଜଟିଳ ଆଧ୍ୟାତ୍ମିକ ତତ୍ତ୍ୱକୁ ସରଳ ଭାଷାରେ ପରିବେଷଣ କରିବା ଲାଗି ପ୍ରୟାସ କରିଛନ୍ତି । ପୁରାଣଗୁଡ଼ିକ ପ୍ରଥମେ ସଂସ୍କୃତ ଭାଷାରେ ରଚିତ ହୋଇଥିଲା ଓ ପରବର୍ତ୍ତୀ କାଳରେ ଅନ୍ୟାନ୍ୟ ଭାଷାରେ ପ୍ରକାଶିତ ହେଲା ଓ ଜନସାଧାରଣଙ୍କ ଦ୍ୱାରା ଆଦୃତ ହୋଇ ପାରିଥିଲା । ଅସଂଖ୍ୟ ପୁରାଣ ମଧ୍ୟରୁ ୧୮ଟି ମୁଖ୍ୟ ପୁରାଣ ଓ ୧୮ଟି ଉପପୁରାଣର ଉଲ୍ଲେଖ କରାଯାଇଛି । ୧୮ଟି ମହାପୁରାଣ ବା ମୁଖ୍ୟ ପୁରାଣର ନାମ ହେଲା : ବ୍ରହ୍ମ ପୁରାଣ, ପଦ୍ମ ପୁରାଣ, ବିଷ୍ଣୁ ପୁରାଣ, ବାୟୁ ପୁରାଣ, ଭାଗବତ ପୁରାଣ, ନାରଦ ପୁରାଣ, ମାର୍କେଣ୍ଡେୟ ପୁରାଣ, ଅଗ୍ନି ପୁରାଣ, ଭବିଷ୍ୟ ପୁରାଣ, ବ୍ରହ୍ମବୈବର୍ତ୍ତ ପୁରାଣ, ଲିଙ୍ଗ ପୁରାଣ, ବରାହ ପୁରାଣ, ସ୍କନ୍ଦ ପୁରାଣ, ବାମନ ପୁରାଣ, କୂର୍ମ ପୁରାଣ, ମତ୍ସ୍ୟ ପୁରାଣ, ଗରୁଡ଼ ପୁରାଣ ବା ବୈନତେୟ ପୁରାଣ, ବ୍ରହ୍ମାଣ୍ଡ ପୁରାଣ ବା ବାୟବୀୟ ପୁରାଣ । ଉପପୁରାଣଗୁଡ଼ିକର ନାମହେଲା : ସନତ୍ କୁମାର ପୁରାଣ, ନରସିଂହ ପୁରାଣ, ବୃହତ୍ ନାରଦୀୟ ପୁରାଣ, ଶିବ-ରହସ୍ୟ ପୁରାଣ, ଦୁର୍ବାସା ପୁରାଣ, କଳ୍ପ ପୁରାଣ, ବାମନ ପୁରାଣ, ଭାର୍ଗବ ପୁରାଣ, ବରୁଣ ପୁରାଣ, କଳ୍କୀ ପୁରାଣ, ଶାମ୍ବପୁରାଣ, ନନ୍ଦୀ ପୁରାଣ, ସୂର୍ଯ୍ୟ ପୁରାଣ, ପରାଶର ପୁରାଣ, ବଶିଷ୍ଠ ପୁରାଣ, ଗଣେଶ ପୁରାଣ, ମୁଦ୍‌ଗଳ ପୁରାଣ ଓ ହଂସ ପୁରାଣ ।

ଆମ ଦେଶର ଇତିହାସ, ସଭ୍ୟତା, ସଂସ୍କୃତି ଓ ଐତିହ୍ୟକୁ ବହନ କରୁଥିବା ଏହି ପୁରାଣଗୁଡ଼ିକର ସାହିତ୍ୟିକ ଉତ୍କର୍ଷକୁ ଅଣଦେଖା କରାଯାଇ ନପାରେ । ପୁରାଣଗୁଡ଼ିକୁ ଜ୍ଞାନକୋଷ ବା ବିଦ୍ୟା-କଳ୍ପଦ୍ରୁମ ଆଖ୍ୟା ଦିଆଯାଇ ପାରେ । କାରଣ ଏଥିରେ ଚର୍ଚ୍ଚିତ ବିଷୟଗୁଡ଼ିକ ମଧ୍ୟରେ ରହିଛି ଲୋକକଥା, ଦେବଦେବୀମାନଙ୍କ କଥା, ରାଜାମହାରାଜା ତଥା ବୀରପୁରୁଷମାନଙ୍କର ଅବତାରଣା, ତୀର୍ଥାଟନ, ସ୍ଥପତି ବିଜ୍ଞାନ, ଭେଷଜ ବିଜ୍ଞାନ, ବ୍ୟାକରଣ, ଖଣିଜ ତତ୍ତ୍ୱ (Mineralogy), ପର୍ବପର୍ବାଣୀ, ଜ୍ୟୋତିଷ (Astrology), ଜ୍ୟୋତିର୍ବିଜ୍ଞାନ (Astronomy) ସମେତ ନୀତିଶାସ୍ତ୍ର (Ethics), ଧର୍ମନୀତି, ଦର୍ଶନ ସିଦ୍ଧାନ୍ତ ଓ ସାଧନା ସମ୍ପର୍କିତ ଅନେକ ବିବରଣୀ । ଏକ ସଂପ୍ରସାରିତ ପରଦାରେ ସଂସାରର ଯାବତୀୟ ବିଭାବଗୁଡ଼ିକର କିଛି ନା କିଛି ପ୍ରତିଫଳନ ଆମେ ପୁରାଣଗୁଡ଼ିକରୁ ଆବିଷ୍କାର କରି ପାରିବା । ଦେଶ, କାଳ ଓ ପାତ୍ର ଅନୁଯାୟୀ ସେହି ଏକା ପୁରାଣରେ ବିଭିନ୍ନ ଅବତାରଣା ଓ ବ୍ୟାଖ୍ୟା ଲକ୍ଷ୍ୟ କରା ଯାଇଥାଏ ।

ମହାଯୋଗୀ ଶ୍ରୀଅରବିନ୍ଦ ପୁରାଣ ଓ ତନ୍ତ୍ରଶାସ୍ତ୍ର ସମ୍ପର୍କରେ କହିଛନ୍ତି : ''ଏହା ଲକ୍ଷ୍ୟ କରିବା କଥା ଯେ ପୁରାଣ ଓ ତନ୍ତ୍ରଶାସ୍ତ୍ର ସବୁ ଆଧ୍ୟାତ୍ମିକ ଓ ଦାର୍ଶନିକ ସତ୍ୟଗୁଡ଼ିକର ସର୍ବୋଚ୍ଚ ସତ୍ୟଗୁଡ଼ିକୁ ବହନ କରିଛନ୍ତି । ମାତ୍ର ଏହା ଚିନ୍ତାଶୀଳ ବ୍ୟକ୍ତିମାନଙ୍କର ତର୍କାଲୋଚନାରେ ଖଣ୍ଡିତ ହୋଇ ନାହିଁ କିଂବା ବିରୋଧାତ୍ମକ ଭାବନା ପରସ୍ପର ବିରୋଧରେ ଉପସ୍ଥାପନ କରି ନାହିଁ, ବରଂ ଶୃଙ୍ଖଳିତ କରି, ସଂଘବଦ୍ଧ କରି, ପରସ୍ପରକୁ ସମ୍ପର୍କିତ କରି ଓ ସମନ୍ୱିତ କରି ଚିନ୍ତା ବା ଭାବନାଗୁଡ଼ିକୁ ଏପରି ଉପସ୍ଥାପନ କରିଛି ଯେପରି ସେସବୁ ଉଦାର, ବ୍ୟାପକ ଭାରତୀୟ ମନୋଭାବ ଓ ଚିନ୍ତା-ଚେତନାର ଅନୁକୂଳ ହୋଇପାରିବ । ଏହା କେତେବେଳେ ପ୍ରତ୍ୟକ୍ଷ ଭାବେ କରା ଯାଇଥାଏ ତ କେତେବେଳେ ଉପାଖ୍ୟାନ, କାଳ୍ପନିକ ଗଳ୍ପ, ବିଶ୍ୱସନୀୟ ଯୁକ୍ତି, ଉପଦେଶାତ୍ମକ କାହାଣୀ, ପ୍ରତୀକ, ଚମତ୍କାରିତା ସାହାଯ୍ୟରେ କରାଯାଇଥାଏ; ଯାହା ଜନ-ଆଦୃତ କଳ୍ପନା ଓ ଅନୁଭବକୁ ଉଦ୍ଦୀପିତ ବା ସ୍ପର୍ଶ କରିପାରିବ । ଦୃଶ୍ୟମାନ ପ୍ରତିଛବି ଓ ଶୃଙ୍ଖଳିତ ଯୋଗାଭ୍ୟାସ ସାହାଯ୍ୟରେ ବିପୁଳ ଓ ଜଟିଳ ମନସ୍ତାତ୍ତ୍ୱିକ ତଥା ଆଧ୍ୟାତ୍ମିକ ଅନୁଭୂତି ତନ୍ତ୍ରକୁ ପରିପୁଷ୍ଟ କରିଥାଏ । ଏହି ଉପାଦାନଟି ପୁରାଣମାନଙ୍କରେ ମଧ୍ୟ ଲକ୍ଷ୍ୟ କରାଯାଇ ଥାଏ, ଅବଶ୍ୟ ପର୍ଯ୍ୟାୟକ୍ରମେ କମ୍ କଠିନ ବା କଷ୍ଟଦାୟକ ପ୍ରଣାଳୀରେ ହାଲୁକା ଭାବରେ ବା ଧାରାରେ

ଏହା କରାଯାଇ ଥାଏ । ବେଦୋକ୍ତ ପଦ୍ଧତିଗୁଡ଼ିକର ସ୍ୱାଭାବଗତ ପରିବର୍ତ୍ତନ ସହ ଏହାର ପଦ୍ଧତି ଅନ୍ୟ ରୂପରେ ଏକ ପ୍ରଲମ୍ବିତ ଧାରା ବୋଲି କୁହାଯାଇ ପାରେ । ପ୍ରତ୍ୟେକ ଭୌତିକ ପ୍ରତିଛବି ଓ ପାଳନଗୁଡ଼ିକ ସହିତ ସଂପୃକ୍ତ ମନସ୍ତାତ୍ତ୍ୱିକ ତାତ୍ପର୍ଯ୍ୟକୁ ନେଇ ପୁରାଣ ଗୋଟିଏ ପଦ୍ଧତି ଗଢ଼ି ଦେଇଥାଏ । ଏହି ପ୍ରକାରେ ତ୍ରିବେଣୀ ସଙ୍ଗମ ବା ଗଙ୍ଗା, ଯମୁନା, ସରସ୍ୱତୀ ନଦୀ ତ୍ରୟର ସଙ୍ଗମ ସ୍ଥଳର ପବିତ୍ରତା ଯୋଗ ସମ୍ବନ୍ଧୀୟ ଏକ ମନସ୍ତାତ୍ତ୍ୱିକ ସିଦ୍ଧାନ୍ତମୂଳକ ଅନୁଭୂତିର ଏକ ପ୍ରତୀକାତ୍ମକ ଅଭିବ୍ୟକ୍ତି ରୂପେ ଗ୍ରହଣ କରାଯାଇ ପାରେ – ଯାହା ପ୍ରତୀକବାଦୀ (Symbolism) ପଦ୍ଧତିର ଏକ ସ୍ୱାଭାବିକ ଧାରା । ପୁରାଣରେ ବର୍ଣ୍ଣନା କରାଯାଇଥିବା ତଥାକଥିତ କାଳ୍ପନିକ ଭୂଗୋଳ ଏକ କାବ୍ୟିକ ରୂପାୟନ ମାତ୍ର,– ଆନ୍ତର ମନସ୍ତାତ୍ତ୍ୱିକ ବିଶ୍ୱର ଏକ ପ୍ରତୀକାତ୍ମକ ଭୂଗୋଳ । ଏହି ଭୌତିକ ଜଗତକୁ ବିଚାର କରି ବା ଦୃଷ୍ଟି ସମ୍ମୁଖରେ ରଖି ଯେଉଁ ସୃଷ୍ଟି ତତ୍ତ୍ୱ ବେଦରେ ବର୍ଣ୍ଣନା କରାଯାଇଛି ତାହାର ଏକ ମନସ୍ତାତ୍ତ୍ୱିକ ଓ ଆଧ୍ୟାତ୍ମିକ ଅର୍ଥ ଓ ଭିତ୍ତି ରହିଛି ।''

(CWSA, Vol. 20, p. 374)

**ବ୍ରହ୍ମସୂତ୍ର :** ପ୍ରସ୍ଥାନ ତ୍ରୟୀ ମଧ୍ୟରୁ ବ୍ୟାସଦେବଙ୍କ ଦ୍ୱାରା ରଚିତ ବ୍ରହ୍ମସୂତ୍ର ଅନ୍ୟତମ ।

ବ୍ୟାସମୁନିଙ୍କ ଦ୍ୱାରା ଆନୁମାନିକ ଖ୍ରୀ.ପୂ. ୫୦୦-୨୦୦ ଶତାବ୍ଦୀରେ ରଚିତ ଉକ୍ତ ଗ୍ରନ୍ଥଟିରେ ଉପନିଷଦ୍‌ର ଦାର୍ଶନିକ ଓ ଆଧ୍ୟାତ୍ମିକ ତତ୍ତ୍ୱଗୁଡ଼ିକର ସାରାଂଶ ଉପସ୍ଥାପିତ ହୋଇଛି । ଏହା ବେଦାନ୍ତ ଦର୍ଶନର ଏକ ଭିତ୍ତିମୂଳକ ଗ୍ରନ୍ଥ ବୋଲି ବିବେଚନା କରାଯାଏ । ଏଥିରେ ୪ଟି ଅଧ୍ୟାୟରେ ୫୫୫ଟି ସୂତ୍ର ବା ଶ୍ଳୋକ ସନ୍ନିବେଶିତ । ଏହି ଶ୍ଳୋକଗୁଡ଼ିକରେ ମୁଖ୍ୟତଃ ମଣିଷ ଜୀବନର ପ୍ରକୃତି, ବିଶ୍ୱସର୍ଜନାର ଲକ୍ଷ୍ୟ, ଚରମ-ବାସ୍ତବତାର ସ୍ୱରୂପ ବ୍ରହ୍ମଙ୍କ ବିଷୟରେ ଆଲୋଚନା କରାଯାଇଛି । ହିନ୍ଦୁ ଧର୍ମର ଷଡ଼୍‌ଦର୍ଶନରେ (ଯଥା – ଯୋଗ, ସାଂଖ୍ୟ, ନ୍ୟାୟ, ବୈଶେଷିକ, ଉତ୍ତରମୀମାଂସା ଓ ପୂର୍ବମୀମାଂସା) ଓ ବାମମାର୍ଗୀ ତଥା ବିରୋଧୀ ବୌଦ୍ଧଧର୍ମ ଓ ଜୈନଧର୍ମ ସମ୍ବନ୍ଧରେ ଉତ୍ଥାପନ କରାଯାଇଥିବା ପ୍ରତିକୂଳ ଯୁକ୍ତିଗୁଡ଼ିକୁ ପୁନର୍ବିଚାର କରି ସମାଧାନ ପ୍ରଦାନ କରାଯାଇଛି । ତୃତୀୟ ଅଧ୍ୟାୟରେ ଧର୍ମ ଓ ଆଧ୍ୟାତ୍ମିକ ମୁକ୍ତି ସମ୍ବନ୍ଧୀୟ ଜ୍ଞାନ ବିଷୟରେ ଆଲୋଚନା କରାଯାଇଛି । ଚତୁର୍ଥ ଅର୍ଥାତ୍ ଶେଷ ଅଧ୍ୟାୟରେ ଜ୍ଞାନ ଆହରଣ ଲାଗି ମାନବୀୟ ଆବଶ୍ୟକତାର ଗୁରୁତ୍ୱ ସମ୍ପର୍କରେ ଆଲୋଚିତ ହୋଇଛି ।

ଆଦିଶଙ୍କରାଚାର୍ଯ୍ୟ, ମାଧବାଚାର୍ଯ୍ୟ, ରାମାନୁଜାଚାର୍ଯ୍ୟ, ବଲ୍ଲଭାଚାର୍ଯ୍ୟ ଓ ନିମ୍ବାକାଚାର୍ଯ୍ୟ ବ୍ରହ୍ମସୂତ୍ରଗୁଡ଼ିକ ଉପରେ ଭାଷ୍ୟ ରଚନା କରିଯାଇଛନ୍ତି । ରାମାନୁଜାଚାର୍ଯ୍ୟଙ୍କ ଦ୍ୱାରା ରଚିତ ଭାଷ୍ୟକୁ ''ଶ୍ରୀଭାଷ୍ୟ'' କୁହାଯାଏ ।

**ଆଚାର୍ଯ୍ୟଗଣ :** ବେଦରେ ପ୍ରତିଷ୍ଠିତ ଗଭୀର ସତ୍ୟଗୁଡ଼ିକୁ ସାଧୁ, ସନ୍ଥ ଓ ମନୀଷୀଗଣ ବିଭିନ୍ନ ଦୃଷ୍ଟିକୋଣରୁ ବ୍ୟାଖ୍ୟା କରିଯାଇଛନ୍ତି ଓ ସେଥିଯୋଗୁଁ ବିଭିନ୍ନ ଦାର୍ଶନିକ ଚିନ୍ତାଧାରାର ଉଦ୍ଭବ ହୋଇଛି । ଏହିପରି ଚିନ୍ତାଧାରା ପ୍ରସ୍ତୁତ କରିଥିବା କେତେଜଣ ଆଚାର୍ଯ୍ୟଙ୍କ ନାମ ନିମ୍ନରେ ପ୍ରଦତ୍ତହେଲା –

୧. ଆଦିଶଙ୍କରାଚାର୍ଯ୍ୟ : ଅଦ୍ୱୈତବାଦର ପ୍ରଣେତା
୨. ଶ୍ରୀରାମାନୁଜାଚାର୍ଯ୍ୟ : ବିଶିଷ୍ଟ ଦ୍ୱୈତବାଦର ପ୍ରଣେତା
୩. ଶ୍ରୀମାଧବାଚାର୍ଯ୍ୟ : ଦ୍ୱୈତବାଦର ସଂସ୍ଥାପକ
୪. ଶ୍ରୀବଲ୍ଲଭାଚାର୍ଯ୍ୟ : ଶୁଦ୍ଧ ଅଦ୍ୱୈତବାଦର ପ୍ରତିଷ୍ଠାତା
୫. ଶ୍ରୀନିମ୍ବାକାଚାର୍ଯ୍ୟ : ଦ୍ୱୈତା-ଦ୍ୱୈତବାଦର ପ୍ରଣେତା

ରାମାୟଣ ଓ ମହାଭାରତ ସମ୍ପର୍କରେ ସମ୍ୟକ୍ ଆଲୋଚନା କରିବା ପୂର୍ବରୁ ମହାଯୋଗୀ ଶ୍ରୀଅରବିନ୍ଦଙ୍କର 'ଚିନ୍ତା ଓ ସୂତ୍ରାବଳୀ'ରୁ ନିମ୍ନୋକ୍ତ କାରିକାଟିର ଉପସ୍ଥାପନା ପ୍ରାସଙ୍ଗିକ ମନେହୁଏ । ସେ କହନ୍ତି :

''There are four very great events in history, the siege of Troy, the life and crucification of Christ, the exile of Krishna in Brindavan and the colloquy with Arjuna on the field of Kurukshetra. The siege of Troy created Hellas, the exile in Brindavan created devotional religion (for before that there was only meditation and worship), Christ from his cross humanised Europe, the colloquy at Kurukshetra will yet liberate humanity. Yet it is said that none of these four events ever happened.''

(CWM, Vol. 10, p. 62-63)

ଅର୍ଥାତ୍, ''ଇତିହାସରେ ଚାରୋଟି ବୃହତ୍ ଘଟଣାର ଉଲ୍ଲେଖ କରାଯାଇଛି – ଟ୍ରୟର ଅବରୋଧ, ଯିଶୁଖ୍ରୀଷ୍ଟଙ୍କ ଜୀବନଲୀଳା ଓ କ୍ରୁଶବରଣ, ବୃନ୍ଦାବନକୁ ଶ୍ରୀକୃଷ୍ଣଙ୍କ ନିର୍ବାସନ, ଏବଂ କୁରୁକ୍ଷେତ୍ରରେ ଅର୍ଜୁନଙ୍କ ସହିତ ତାଙ୍କର କଥୋପକଥନ ।

ତ୍ରୟର ଅବରୋଧରୁ ହେଲାସ୍‌ର ସୃଷ୍ଟି ହେଲା, ବୃନ୍ଦାବନକୁ ଶ୍ରୀକୃଷ୍ଣଙ୍କ ନିର୍ବାସନରୁ ଭକ୍ତିଧର୍ମର ଉତ୍ପତ୍ତି ହେଲା (ଆଗରୁ କେବଳ ଧ୍ୟାନ ଓ ଉପାସନା ଥିଲା), ଯିଶୁଖ୍ରୀଷ୍ଟ କ୍ରୁଶବିଦ୍ଧ ହୋଇ ୟୁରୋପକୁ ମାନବତାଧର୍ମ ପ୍ରଦାନ କଲେ; ଏବଂ କୁରୁକ୍ଷେତ୍ରରେ ସଂଘଟିତ ହୋଇଥିବା କୃଷ୍ଣ-ଅର୍ଜୁନ ସମ୍ବାଦ ଦ୍ୱାରା ମାନବସମାଜର ମୁକ୍ତି ଲାଭ,– ଏଇଟି ହେବାକୁ ବାକି ଅଛି । ତଥାପି ଏପରି କୁହାଯାଇଥାଏ ଯେ ଏହି ଚାରୋଟି ଘଟଣା ମଧ୍ୟରୁ ଗୋଟିଏ ମଧ୍ୟ ପ୍ରକୃତରେ ଘଟି ନଥିଲା ।''

'ଚିନ୍ତା ଓ ସୂତ୍ରାବଳୀ' - ୪୦
(ମାତୃରଚନାବଳି -୧୦, ପୃ. ୮୭)

କୁରୁକ୍ଷେତ୍ରରେ ସଂଘଟିତ ହୋଇଥିବା କୃଷ୍ଣାର୍ଜୁନ ସମ୍ବାଦଟି ହେଉଛି ମହାଭାରତରେ ବର୍ଣ୍ଣିତ ଭଗବଦ୍‌ଗୀତାର ସମ୍ବାଦ । ଶ୍ରୀଅରବିନ୍ଦ ଗୀତାର ସନ୍ଦେଶକୁହିଁ ମଣିଷ ସମାଜକୁ ତା'ର ମୁକ୍ତି ଆଡ଼କୁ ଅଧିକରୁ ଅଧିକ ପରିମାଣରେ ପରିଚାଳିତ କରି ଆଣିଥିବା ଏବଂ ଭବିଷ୍ୟତରେ ମଧ୍ୟ ପରିଚାଳିତ କରି ନେବାକୁ ରହିଥିବା ସେହି ମହାନ୍ ଆଧ୍ୟାତ୍ମିକ ଉଦ୍‌ବେଳନ-ଧାରାର ଭିତ୍ତି ରୂପେ ବିଚାର କରିଛନ୍ତି । ଆପଣାର ପ୍ରଥମ ପ୍ରକାଶ କାଳରୁହିଁ ଗୀତା ଦ୍ୱାରା ଏକ ବିପୁଳ ଆଧ୍ୟାତ୍ମିକ କୃତି ସାଧିତ ହୋଇ ପାରିଛି ।

### ଇତିହାସ : ରାମାୟଣ ଓ ମହାଭାରତ

ଇତିହାସ କେବଳ କେତେକ କିଂବଦନ୍ତି, ଉପାଖ୍ୟାନ, ଗଳ୍ପ ଓ କାହାଣୀର ସମାବେଶ କହି ଅନେକ ବ୍ୟକ୍ତି ଏହାକୁ ବିଶେଷ ଗୁରୁତ୍ୱ ଦେଇ ନଥା'ନ୍ତି । କିନ୍ତୁ ସନାତନୀମାନେ ଏଥିରେ ବେଦ, ବେଦାନ୍ତ ବର୍ଣ୍ଣିତ ଚରମ ସତ୍ୟଗୁଡ଼ିକର ଆଭାସ ଓ ସତ୍ୟତା ଉପଲବ୍ଧି କରିଥା'ନ୍ତି । ଶିଶୁ ଓ କିଶୋରମାନେ ଏଥିରେ ବର୍ଣ୍ଣିତ କଥା ଓ ଉପାଖ୍ୟାନଗୁଡ଼ିକରୁ ଆନନ୍ଦ ପାଇଥା'ନ୍ତି ଓ ନୈତିକ ଶିକ୍ଷା ମଧ୍ୟ ପ୍ରାପ୍ତ କରିଥା'ନ୍ତି । ବରିଷ୍ଠଗଣ ଯଥାର୍ଥ ଜୀବନ ବଞ୍ଚିବାର କଳା ଶିକ୍ଷା କରି ପାରନ୍ତି । ସାଧୁ, ସନ୍ଥ, ବିଦ୍ୱାନ୍ ମନୀଷୀଗଣ ପରମସତ୍ୟଗୁଡ଼ିକୁ ଉପଲବ୍ଧି କରିଥା'ନ୍ତି । ଇତିହାସର ସଂଜ୍ଞା ନିରୂପଣ କରିବାକୁ ଯାଇ ଶାସ୍ତ୍ର କହେ :

''ଧର୍ମ, ଅର୍ଥ, କାମ, ମୋକ୍ଷମ୍,
ଉପଦେଶ ସମନ୍ୱିତଂ,
ପୂର୍ବବୃତ୍ତମ୍ କଥା ଯୁକ୍ତମ୍,
ଇତିହାସଂ ପ୍ରଚକ୍ଷତେ ।।''

ଇତିହାସ ମହାନ୍ ନରନାରୀମାନଙ୍କର ଚରିତ୍ର ଓ ବ୍ୟକ୍ତିତ୍ୱର ପରାକାଷ୍ଠା ଉପସ୍ଥାପନ କରି ଚତୁର୍ବିଧ ପୁରୁଷାର୍ଥ ଯଥା – ଧର୍ମ, ଅର୍ଥ, କାମ, ମୋକ୍ଷ ଉପଲବ୍ଧି କରିବାରେ ସହାୟକ ହୋଇଥାଏ । ସନାତନ ଧର୍ମରେ ସେହିପରି ଇତିହାସର ଦୁଇଟି ମହାକାବ୍ୟ ହେଲା – ରାମାୟଣ ଓ ମହାଭାରତ ।

ପ୍ରାଚୀନ ହିନ୍ଦୁଧର୍ମରେ ଅସଂଖ୍ୟ ମହାନ୍ ବ୍ୟକ୍ତିତ୍ୱଙ୍କ ଆବିର୍ଭାବ ଭାରତୀୟ ସଂସ୍କୃତିକୁ ସଂବୃଦ୍ଧ କରିଛି । ମହାନ୍ ଗୁରୁ, ଶିକ୍ଷକ, ଲେଖକ, ମୁନି, ଋଷି, ସାଧୁ, ସନ୍ଥ, ମହାନ୍ ବୀର, ଯୋଦ୍ଧା, ରାଜା ମହାରାଜା, ରାଷ୍ଟ୍ରନୀତିଜ୍ଞ, ଅର୍ଥନୀତିଜ୍ଞ, ଦେଶପ୍ରେମୀ, ମାନବ ହିତୈଷୀମାନଙ୍କୁ ଜନ୍ମ ଦେଇ ଏହି ପବିତ୍ର ପୁଣ୍ୟଭୂମି ସମଗ୍ର ବିଶ୍ୱରେ ଆପଣାର ବୈଶିଷ୍ଟ୍ୟ ପ୍ରତିପାଦନ କରିପାରିଛି । ଯୁବଗୋଷ୍ଠୀ ସେମାନଙ୍କର ଉପଯୁକ୍ତ ଦାୟାଦ ରୂପେ ନିଜକୁ ନ ଗଢ଼ିଲେ ଏହି ହିନ୍ଦୁଧର୍ମ, ଯାହା ସନାତନ ଧର୍ମ ରୂପେ ପରିଚିତ, ତାହାର ଉତ୍କର୍ଷ ତିଷ୍ଠି ରହିବ ନାହିଁ । ଏ ସମ୍ପର୍କରେ ମହାଯୋଗୀ ଶ୍ରୀଅରବିନ୍ଦ କହନ୍ତି :

''The Itihasa was an ancient historical or legendary tradition turned to creative use as a significant mythus or tale expressive of some spiritual or religious or ethical or ideal meaning and thus formative of the mind of the people.'' (CWSA, Vol. 20, p. 345)

ଅର୍ଥାତ୍, ''ଇତିହାସ ହେଲା ଏକ ପ୍ରାଚୀନ ଐତିହାସିକ କିଂବା ପୌରାଣିକ କାହାଣୀର ଏକ ପରମ୍ପରା । ଗୁରୁତ୍ୱପୂର୍ଣ୍ଣ କାଳ୍ପନିକ କାହାଣୀ ଯାହା ଆଧ୍ୟାତ୍ମିକ, ଧାର୍ମିକ, ନୈତିକ କିଂବା ଆଦର୍ଶଗତ ଗୁରୁତ୍ୱକୁ ବହନ କରିଥାଏ – ଯାହା ଜନସମାଜର ମାନସପଟକୁ ରୂପାୟିତ ବା ପ୍ରଭାବିତ କରେ ।

ପୁନଶ୍ଚ ଶ୍ରୀଅରବିନ୍ଦ କହିଛନ୍ତି, ''ଏକ ଗୁରୁତ୍ୱପୂର୍ଣ୍ଣ ଲକ୍ଷ୍ୟ ନେଇ ଏକ ପରିବ୍ୟାପ୍ତ ପଟ୍ଟଭୂମି ଉପରେ ରଚିତ ରାମାୟଣ ଓ ମହାଭାରତକୁ ଏହି ବର୍ଗର ଇତିହାସ ରୂପେ ଗ୍ରହଣ କରାଯାଏ । ଯେଉଁ କବିମାନେ ଏହି ମହାକାବ୍ୟଗୁଡ଼ିକୁ ରଚନା କରିଛନ୍ତି ବା ଯେଉଁମାନେ ଏହି ବିଶାଳ କାବ୍ୟିକ ଅଭିବ୍ୟକ୍ତିରେ ଆପଣାକୁ ସାମିଲ କରିଛନ୍ତି ସେମାନେ କେବଳ ଏକ ପୁରାତନ କାହାଣୀ ବା ଉପାଖ୍ୟାନକୁ ସୁନ୍ଦର ବା ମହତ୍ତର କିଂବା ଏପରି ଏକ ସମୃଦ୍ଧ ବିପୁଳ ଅର୍ଥପୂର୍ଣ୍ଣ ଭାବନା ଦ୍ୱାରା ଭରି ଦେଇ ନାହାନ୍ତି – ଯଦିଓ ସେମାନେ ଉଭୟ ବିଭାବକୁ ସଫଳତାର ସହ ସାର୍ଥକ

କରିଛନ୍ତି – ସେମାନେ ଆପଣାକୁ ଜୀବନର ଶିଳ୍ପୀ, ସ୍ଥପତି ଓ ପୁରୋଧା ରୂପେ, ସୃଜନଶୀଳ ଅଭିବ୍ୟକ୍ତା ରୂପେ, ଜାତୀୟ ଚିନ୍ତାଧାରା, ଧର୍ମ, ନୈତିକତା ଓ ସଂସ୍କୃତିର ଗୁରୁଗମ୍ଭୀର ରୂପକାର ରୂପେ ନିଜର କର୍ତ୍ତବ୍ୟ ନିଭାଇଛନ୍ତି । ଜୀବନ-ଚିନ୍ତା-ଚିନ୍ତନ ଉପରେ ପ୍ରଗାଢ଼ ଗୁରୁତ୍ୱ, ଏକ ସୁଦୂର ପ୍ରସାରୀ ପ୍ରାଣବନ୍ତ ସମାଜ ଓ ଧର୍ମର ଦୃଷ୍ଟିଭଙ୍ଗୀ, ଦାର୍ଶନିକ ଭାବନାର ଏକ ନିର୍ଦ୍ଦିଷ୍ଟ ଝଙ୍କାର ଏହି କାବ୍ୟର ଅନ୍ତଃସ୍ରୋତ ହୋଇ ରହିଛି । ଏଥିରେ ଭାରତବର୍ଷର ସମଗ୍ର ପ୍ରାଚୀନ ସଂସ୍କୃତି ଏକ ବିପୁଳ ଶକ୍ତିଶାଳୀ ବୌଦ୍ଧିକ ଭାବନାର ଜୀବନ୍ତ ଉପସ୍ଥାପନା ରୂପରେଖ ନେଇଛି । ମହାଭାରତକୁ ପଞ୍ଚମବେଦ ରୂପେ ଅଭିହିତ କରାଯାଏ । ଏହି ଉଭୟ କାବ୍ୟ କେବଳ ମହାନ୍ କାବ୍ୟ ନୁହଁନ୍ତି – ଧର୍ମଶାସ୍ତ୍ର ମଧ – ଧାର୍ମିକ, ନୈତିକ, ସାମାଜିକ ଓ ରାଜନୈତିକ ଶିକ୍ଷା ସମ୍ବଳିତ ଏକ ବିଶାଳ କ୍ଷେତ୍ର । ଏହାର ପ୍ରଭାବ ଜନମାନସ ଉପରେ ଏତେ ପ୍ରବଳ ଯେ ଏହାକୁ ଭାରତୀୟମାନଙ୍କର ବାଇବେଲ (Bible) ବୋଲି କୁହାଯାଏ । ଏହାକୁ ଅବଶ୍ୟ ଏକ ନିଖୁଣ ଉପମା ବା ସାଦୃଶ୍ୟ ବୋଲି କୁହାଯାଇ ନପାରେ, କାରଣ, ଭାରତୀୟମାନଙ୍କର ଏହି ବାଇବେଲ ଭିତରେ ବେଦ, ଉପନିଷଦ୍, ପୁରାଣ, ତନ୍ତ୍ର ମଧ ରହିଛି; କହିବା ବାହୁଲ୍ୟ ଯେ ଏଥିରେ ଅନେକ ଆଞ୍ଚଳିକ ଭାଷାରେ ଧାର୍ମିକ ପଦ୍ୟାବଳୀର ଏକ ବିରାଟ ସମାବେଶ ହୋଇଛି । ଏହି ମହାକାବ୍ୟଗୁଡ଼ିକର ଲକ୍ଷ୍ୟ ହେଲା ଉନ୍ନତ ଦାର୍ଶନିକ ଓ ନୈତିକ ଭାବନାଗୁଡ଼ିକ ସହ ସାଂସ୍କୃତିକ ଆଚରଣ ତଥା ପ୍ରଥାଗୁଡ଼ିକୁ ଜନପ୍ରିୟ କରିବା, ଏକ ମହାନ୍ କାବ୍ୟର ପରିଧି ମଧରେ ସଫଳ ଭାବେ ପ୍ରାଧାନ୍ୟତା ଆରୋପ କରି କାବ୍ୟିକ ଉପାଖ୍ୟାନର ପ୍ରଚ୍ଛଦପଟରେ ବିଖ୍ୟାତ ବ୍ୟକ୍ତିତ୍ୱମାନଙ୍କ ସମ୍ବନ୍ଧରେ ବିବରଣୀ ପ୍ରଦାନ କରିବା । ଆତ୍ମା ଲାଗି ଯାହାକିଛି ସର୍ବୋତ୍ତମ, ଜୀବନ ଓ ସୃଜନଶୀଳ ପରିକଳ୍ପନା ଲାଗି ଯାହାସବୁ ସତ୍ୟ, ଯାହା ଭାରତର ସାମାଜିକ, ନୈତିକ, ରାଜନୈତିକ ଓ ଧାର୍ମିକ ସଂସ୍କୃତିକୁ ଓ ମାନସିକ ଆଦର୍ଶକୁ ସନ୍ଦୀପିତ କରେ ସେ ସମସ୍ତ ଏଥିରେ ସ୍ଥାନିତ କରାଯାଇଛି । ଏସବୁକୁ ଏକତ୍ରିତ କରାଯାଇ କଳାତ୍ମକ ଶକ୍ତି ସହ ଏକ ପ୍ରଭାବଶାଳୀ ଅଭିବ୍ୟକ୍ତିକୁ କାବ୍ୟିକ ରୂପ ଦିଆଯାଇଛି । ଆଂଶିକ ରୂପେ ଉପାଖ୍ୟାନ, ଇତିହାସ, ପରମ୍ପରା ଓ ଯାହାସବୁ ଜନସାଧାରଣଙ୍କ ଦ୍ୱାରା ଗଭୀର ଓ ପରମ ସତ୍ୟ ରୂପେ ସେମାନଙ୍କର ଧାର୍ମିକ ଚିନ୍ତାଧାରାରେ ଆଦୃତ ଓ ଗୃହୀତ ହୋଇ ରହିଛି ସେସବୁ ଏଥିରେ ସନ୍ନିବେଶିତ ହୋଇଛି । ଏପରି ରୂପାୟିତ ହୋଇଥିବା ରାମାୟଣ ଓ ମହାଭାରତର ମୂଳ ସଂସ୍କୃତ ଭାଷାରେ କିଂବା ଆଞ୍ଚଳିକ ଭାଷାମାନଙ୍କରେ ପୁନର୍ଲିଖିତ ସଂସ୍କରଣ ସବୁ କଥକ, ଘୋଷକ, ଗାୟକମାନଙ୍କ ଦ୍ୱାରା ପ୍ରଚାରିତ ଓ ପ୍ରସାରିତ ହୋଇ ଜନପ୍ରିୟ ଶିକ୍ଷା ଓ ସଂସ୍କୃତିର ଏକ ମାଧ୍ୟମରୂପେ ଜନସାଧାରଣଙ୍କ ଚରିତ୍ର, ଭାବନା, ନାନ୍ଦିକାର ଓ ଧାର୍ମିକମାନସକୁ ପ୍ରଭାବିତ କରିପାରିଛି । ଏପରିକି ଏହା ଶିକ୍ଷିତମାନଙ୍କୁ ଦର୍ଶନ, ନୀତିଶାସ୍ତ୍ର, ସାମାଜିକ ଓ ରାଜନୈତିକ ଚିନ୍ତାଧାରା, ସୁରୁଚିସମ୍ପନ୍ନ ଭାବାବେଗ (aesthetic emotion), କବିତା, ଉପନ୍ୟାସ ଓ କଳ୍ପନାବିଳାସ ଲାଗି ଯଥେଷ୍ଟ ଖୋରାକ ଯୋଗାଇ ଦେଇଛି । ଯାହାସବୁ ଶିକ୍ଷିତ ସମ୍ଭ୍ରାନ୍ତକୁଳ ପାଇଁ ବେଦ, ଉପନିଷଦ୍‌ରେ ଗଚ୍ଛିତ ହୋଇ ରହିଛି, ଜଟିଳ ଓ ଗଭୀର ଦାର୍ଶନିକ ସୂତ୍ର ଓ ଗ୍ରନ୍ଥାବଳୀରେ ବା ଧର୍ମଶାସ୍ତ୍ର ଓ ଅର୍ଥଶାସ୍ତ୍ରମାନଙ୍କରେ ଲିପିବଦ୍ଧ ହୋଇ ରହିଛି, ସେସବୁ ଜଣାଶୁଣା ଉପାଖ୍ୟାନ ଓ ଗଳ୍ପ ମାଧ୍ୟମରେ ସୃଜନଶୀଳ, ଜୀବନ୍ତ ରୂପରେଖ ଦେଇ ଜନସାଧାରଣଙ୍କ ପାଇଁ ବୋଧଗମ୍ୟ କରାଯାଇଛି, ଯାହାର କାବ୍ୟିକ ପରିପ୍ରକାଶ ଓ ଆବେଦନ ଏକାଧାରରେ ଉଭୟ କଳ୍ପନା ଓ ମନୀଷା ପାଇଁ ଆକର୍ଷଣୀୟ ଓ ହୃଦୟଗ୍ରାହୀ ହୋଇପାରିଛି ।''

''ମହାଭାରତ'' ବିଶ୍ୱର ସର୍ବବୃହତ୍ ମହାକାବ୍ୟ । ଏଥିରେ ରହିଛି ୧୮ଗୋଟି ପର୍ବ ବା ଅଧ୍ୟାୟ । ସେହି ଅଧ୍ୟାୟଗୁଡ଼ିକର ନାମ ହେଲା : ଆଦି ପର୍ବ, ସଭା ପର୍ବ, ବନ ପର୍ବ, ବିରାଟ ପର୍ବ, ଉଦ୍ୟଗ ପର୍ବ, ଭୀଷ୍ମ ପର୍ବ, ଦ୍ରୋଣ ପର୍ବ, କର୍ଣ୍ଣ ପର୍ବ, ଶଲ୍ୟ ପର୍ବ, ସୌପ୍ତିକ ପର୍ବ, ସ୍ତ୍ରୀପ୍ରଭା ପର୍ବ, ଶାନ୍ତି ପର୍ବ, ଅନୁଶାସନ ପର୍ବ, ଅଶ୍ୱମେଧିକା ପର୍ବ, ଆଶ୍ରମବାସିକା ପର୍ବ, ମୌଶଲ୍ୟ ପର୍ବ, ମହାପ୍ରସ୍ଥାନ ପର୍ବ ଓ ସ୍ୱର୍ଗାରୋହଣ ପର୍ବ । ଏଥିରେ ରହିଛି ଏକଲକ୍ଷ ଶ୍ଳୋକ । ତେଣୁ ଏହାକୁ 'ଶତସହସ୍ରୀ' ଆଖ୍ୟା ଦିଆଯାଇଛି । ଏହାକୁ ପଞ୍ଚମ ବେଦ ବୋଲି ମଧ କୁହାଯାଏ । ୧୮ ଲକ୍ଷ ପଦ ବିଶିଷ୍ଟ ଏହି ମହାକାବ୍ୟରେ ୧୮ ଦିନ ବ୍ୟାପୀ ସଂଘଟିତ ହୋଇଥିବା କୁରୁକ୍ଷେତ୍ର ଯୁଦ୍ଧର ବିସ୍ତୃତ ବିବରଣୀ ଦିଆଯାଇଛି । ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବିଶ୍ୱର ମହାନ୍ ଆଧ୍ୟାତ୍ମିକ ଶାସ୍ତ୍ର 'ଶ୍ରୀମଦ୍ ଭଗବଦ୍‌ଗୀତା' ମହଭାରତର ଭୀଷ୍ମପର୍ବରେ ସନ୍ନିବେଶିତ ହୋଇଛି ।

ମହାଭାରତର ରଚନା ସମ୍ପର୍କରେ ଏକ ପ୍ରଚଳିତ କିଂବଦନ୍ତି ରହିଛି । ଯେତେବେଳେ ମହର୍ଷି ବ୍ୟାସଦେବଙ୍କ ମାନସପଟରେ ମହାଭାରତର ପରିକଳ୍ପନା ରୂପରେଖ ନେଲା,

ସେତେବେଳେ ସେ ଏହାର ବ୍ୟାପକତା ଲକ୍ଷ୍ୟ କରି ଲେଖନୀ ସାହାଯ୍ୟରେ ସେସବୁ ପ୍ରକାଶ କରିବା ଲାଗି ନିଜର ଅକ୍ଷମତା ଅନୁଭବ କଲେ । ସେତେବେଳେ ସୃଷ୍ଟିକର୍ତ୍ତା ବ୍ରହ୍ମା ତାଙ୍କ ସମ୍ମୁଖରେ ଆବିର୍ଭୂତ ହୋଇ ଶ୍ରୀଗଣେଶଙ୍କ ସାହାଯ୍ୟ ପ୍ରାର୍ଥୀ ହେବା ଲାଗି ପରାମର୍ଶ ଦେଲେ । ଶ୍ରୀଗଣେଶ ବ୍ୟାସଦେବଙ୍କ ଅନୁରୋଧ କ୍ରମେ ମହାଭାରତକୁ ଲିପିବଦ୍ଧ କରିବା ଲାଗି ସ୍ୱୀକୃତି ଦେଲେ, କିନ୍ତୁ ଗୋଟାଏ ସର୍ତ୍ତରେ । ସର୍ତ୍ତଟି ହେଲା ବ୍ୟାସମୁନି ବ୍ୟବଧାନ ନ ରଖି ଧାରାବାହିକ ବା ନିରବଚ୍ଛିନ୍ନ ଭାବେ ଯେପରି ଶ୍ଳୋକଗୁଡ଼ିକୁ ଆବୃତ୍ତି କରନ୍ତି । ଶ୍ଳୋକଗୁଡ଼ିକ ଆବୃତ୍ତି କଲାବେଳେ ଯଦି ବିରତି ରହେ, ତେବେ ସେ ଶ୍ରୁତଲିଖନରୁ ଓହରି ଯିବେ । ବ୍ୟାସଦେବ ଶ୍ରୀଗଣେଶଙ୍କର ଏହି ସର୍ତ୍ତରେ ସମ୍ମତ ହେଲେ । ଅବଶ୍ୟ ତାଙ୍କର ବି ଗୋଟିଏ ସର୍ତ୍ତ ରହିଲା । ସର୍ତ୍ତଟି ହେଲା ଶ୍ରୀଗଣେଶ ପ୍ରତ୍ୟେକ ଶ୍ଳୋକର ସମ୍ପୂର୍ଣ୍ଣ ଅର୍ଥ ନବୁଝି ତାହା ଲିପିବଦ୍ଧ କରି ପାରିବେ ନାହିଁ । ଏହି ସର୍ତ୍ତରେ ଶ୍ରୀଗଣେଶ ମଧ୍ୟ ରାଜି ହେଲେ ଓ ମହାଭାରତ ରଚନା ଆରମ୍ଭ ହେଲା । ତେବେ କୌଣସି ଜଟିଳ ଗଭୀର ତତ୍ତ୍ୱ ଉପସ୍ଥାପନ କରିବା ପୂର୍ବରୁ କିଛି ସମୟ ତ ଚିନ୍ତା କରିବାକୁ ପଡ଼ିବ । ସେ କ୍ଷେତ୍ରରେ ବ୍ୟାସଦେବ ତତ୍ ପୂର୍ବରୁହିଁ ଗୋଟିଏ ଜଟିଳ ଶ୍ଳୋକ ଉଚ୍ଚାରଣ କରି ଦିଅନ୍ତି । ସେପରି ଶ୍ଳୋକକୁ ତର୍ଜମା କରି ବୁଝିବା ଲାଗି ଶ୍ରୀଗଣେଶ କିଛି ସମୟ ନିଅନ୍ତି । ଉକ୍ତ ଅବଧିରେ ବ୍ୟାସମୁନି ଆପଣାର ଭାବନାଗୁଡ଼ିକୁ ଶୃଙ୍ଖଳିତ କରି ଶ୍ଳୋକ ମାଧ୍ୟମରେ ବ୍ୟକ୍ତ କରି ଦିଅନ୍ତି । ଏହିପରି ଶ୍ରୀଗଣେଶ ଥିଲେ ମହାଭାରତର ଦିବ୍ୟ ଷ୍ଟେନୋଗ୍ରାଫର୍ (Stenographer) ।

(କ୍ରମଶଃ) ❑


**At last a pimple / acne treatment that *REALLY* works *!!***

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies, Lewis Road,

Mfr: Ayurlabs India, Pondicherry-1, Phone: 9442249355 / 0413-2224935, Email: sales@ayurlabsindia.com

# ଅବତାର ପୁରୁଷ ଶ୍ରୀରାମଙ୍କ ସମ୍ପର୍କରେ ଶ୍ରୀଅରବିନ୍ଦ

## ଆର୍ତ୍ତତ୍ରାଣ ମିଶ୍ର

ଅଯୋଧ୍ୟାରେ ବାବ୍ରି ମସଜିଦ ଭାଙ୍ଗି ତା' ସ୍ଥାନରେ ଶ୍ରୀରାମ ଜନ୍ମଭୂମି ମନ୍ଦିର ନିର୍ମାଣ ପାଇଁ ଉଚ୍ଚତମ ନ୍ୟାୟାଳୟର ଆଦେଶ ପରେ 'ଜୟ ଶ୍ରୀରାମ' ଧ୍ୱନି ଭାରତ ସାରା ଖେଳି ଯାଇଛି ଏବଂ ତା' ମଧ୍ୟ ଗୋଟିଏ ରାଜନୈତିକ ସ୍ଲୋଗାନ୍‌ରେ ପରିଣତ ହୋଇ ଯାଇଛି ।

ବାଲ୍ମୀକିଙ୍କ ରଚିତ 'ରାମାୟଣ' ପୃଥିବୀର ମହାକାବ୍ୟମାନଙ୍କ ମଧ୍ୟରୁ ଅନ୍ୟତମ । ଭାରତର ଜନମାନସକୁ ବାନ୍ଧି ରଖିବା ସହିତ ଏହା ଭାରତଭୂମିକୁ ଅତିକ୍ରମ କରି ଥାଇଲାଣ୍ଡ, ଇଣ୍ଡୋନେସିଆ ଇତ୍ୟାଦି ଦେଶରେ ପରିବ୍ୟାପ୍ତ ହୋଇଛି । ଶ୍ରୀରାମଚନ୍ଦ୍ର ଭାରତର ଅବତାରମାନଙ୍କ ମଧ୍ୟରେ ଅନ୍ୟତମ । ସେ ପିତୃ ସତ୍ୟ ପାଳନ ପାଇଁ ସିଂହାସନର ମୋହ ତ୍ୟାଗ କରି ପତ୍ନୀ ଓ ଭ୍ରାତାଙ୍କ ସହ ବନବାସକୁ ଯାଇଥିବା ସମୟରେ ଅପହୃତା ସୀତାଙ୍କୁ ଖୋଜିବାକୁ ଯାଇ ସୁଗ୍ରୀବ, ହନୁମାନଙ୍କ ସହ ମିତ୍ରତା ସ୍ଥାପନ ଏବଂ ପରିଶେଷରେ ବାନର ସେନାଙ୍କ ସାହାଯ୍ୟରେ ସମୁଦ୍ରରେ ସେତୁ ସ୍ଥାପନ କରି ଲଙ୍କାର ପ୍ରବଳ ପ୍ରତାପୀ ରାଜା ରାବଣକୁ ଯୁଦ୍ଧରେ ନିଧନ ଓ ସୀତାଙ୍କୁ ଉଦ୍ଧାର ହେଉଛି ରାମାୟଣର ସଂକ୍ଷିପ୍ତ ବିଷୟବସ୍ତୁ । ଏବେ ମଧ୍ୟ ଅଛି ଅଯୋଧ୍ୟା, ବନବାସ କାଳର ଚିତ୍ରକୁଟ, ଦଣ୍ଡକାରଣ୍ୟ ଓ ରାମସେତୁ (ଯେଉଁ ରାମସେତୁକୁ NASA ଉପଗ୍ରହ ମାଧ୍ୟମରେ ପରୀକ୍ଷା କରି ଏହା ମନୁଷ୍ୟକୃତ ବୋଲି ଘୋଷଣା କରିଛି) ।

କିନ୍ତୁ ପାଶ୍ଚାତ୍ୟ ଶିକ୍ଷାରେ ଅନୁପ୍ରାଣିତ ଅନେକ ବୁଦ୍ଧିଜୀବୀ ରାମାୟଣର ବିଷୟବସ୍ତୁକୁ କବି କଳ୍ପନା ଓ ରାମଙ୍କ ଚରିତ୍ରରେ ଅନେକ ତ୍ରୁଟି ଦେଖନ୍ତି ଏବଂ ରାମଙ୍କୁ ଅବତାର ଭାବେ ସ୍ଥାନ ଦେବା ପାଇଁ କୁଣ୍ଠାବୋଧ କରନ୍ତି । ଶ୍ରୀଅରବିନ୍ଦଙ୍କ ନିକଟକୁ କେତେକ ସାଧକ ଏହି ମର୍ମରେ ପତ୍ର ଲେଖନ୍ତେ ଶ୍ରୀଅରବିନ୍ଦ ଦୀର୍ଘ ପତ୍ର ମାଧ୍ୟମରେ ଏସବୁକୁ ଖଣ୍ଡନ କରିଛନ୍ତି ଏବଂ ଶ୍ରୀରାମଚନ୍ଦ୍ର କିପରି ଅବତାରମାନଙ୍କ ମଧ୍ୟରେ ସ୍ଥାନିତ ହେବାକୁ ଯୋଗ୍ୟ ତାହା ଦର୍ଶାଇଛନ୍ତି । (Letters on Yoga, Part-1, P. 413 - 420) । ଏହାକୁ ଆଧାର କରି ସାରାଂଶମୂଳକ ଏହି ଆଲେଖ୍ୟ ।

ଶ୍ରୀଅରବିନ୍ଦ ଆରମ୍ଭ କରିଛନ୍ତି – ତୁମର ରାମଙ୍କ ପ୍ରତି ଆକ୍ଷେପ ମୋତେ ବିଚଳିତ କରିଛି । ବାଲ୍ମୀକିଙ୍କର 'ରାମ' ଭୀରୁ ନୁହନ୍ତି – ସେ ସବୁବେଳେ ଯୋଦ୍ଧା ରୂପେ ପରିଗଣିତ ଏବଂ ଭାରତର ବୀରୋଚିତ ଜାତି ତାଙ୍କୁ ଦେବତାର ସ୍ଥାନ ଦେଇଛି । ବାଲ୍ମୀକି ତାଙ୍କୁ ସବୁ ସମୟରେ ବୀର ରୂପରେ ବର୍ଣ୍ଣନା କରିଛନ୍ତି । ସେ ମନୁଷ୍ୟେତର ଶତ୍ରୁ (Infra human enemy) ପ୍ରତି ଯେଉଁ ଛଳନା ପ୍ରୟୋଗ କରିଛନ୍ତି ତାହା ତାଙ୍କ ଚରିତ୍ରରେ ବିପରୀତ ପ୍ରମାଣ କରୁ ନାହିଁ । ମହାନ୍ ମାନୁଷୀ ଯୋଦ୍ଧାମାନେ ଏହିପରି ମନୁଷ୍ୟେତର ଶତ୍ରୁ ପ୍ରତି ଆଚରଣ କରିଥା'ନ୍ତି । ମୋର ମନେ ହୁଏ ମାଇକେଲ ମଧୁସୂଦନ ଦତ୍ତ ବଙ୍ଗୀୟମାନଙ୍କ ଚକ୍ଷୁରେ ବାଲ୍ମୀକିର ବୀର ନାୟକ ଶ୍ରୀରାମଙ୍କୁ କାଳିମାମୟ ପୁତ୍ତଳିକାରେ ପରିଣତ କରିଛନ୍ତି । ସେ ଥିଲେ ସାତ୍ତ୍ୱିକ ମାନସର ଅବତାର । ସେ ସେହି ଯୁଗର ଧର୍ମକୁ ଅନୁସରଣ କରିଛନ୍ତି । ତାଙ୍କର ଅବତାର ତତ୍ତ୍ୱକୁ ଆଧୁନିକ ମନର ମାନଦଣ୍ଡ ନେଇ ନିର୍ଦ୍ଧାରଣ କରିବା ଠିକ୍ ନୁହେଁ, ଯେପରିକି ନେପୋଲିୟନ୍ ବା ଜୁଲିୟସ୍ ସିଜର୍‌ଙ୍କୁ ନୈତିକତା ବା ଗଣତାନ୍ତ୍ରିକ ମାପକାଠିରେ ନିର୍ଦ୍ଧାରଣ କରିବା ଠିକ୍ ନୁହେଁ ।

ତୁମେ ଯେପରି ରାମଙ୍କର ମାନବୀୟ ବ୍ୟକ୍ତିତ୍ୱକୁ ବିଚାର କରୁଛ ତାହା ଠିକ୍ ନୁହେଁ । ରାମାୟଣ ଗୋଟିଏ ଆଧୁନିକ ମନୁଷ୍ୟର କାହାଣୀ ନୁହେଁ । ବାଲ୍ମୀକି ତାଙ୍କର ସାମଗ୍ରିକ ରଚନାର ଯୋଜନାରେ ତାଙ୍କୁ ଯେଉଁ ସ୍ଥାନ ଦେଇଛନ୍ତି ତାହା ବିଚାର୍ଯ୍ୟ । ସେ ତାଙ୍କର ନାୟକଙ୍କର ବ୍ୟକ୍ତିତ୍ୱ, କୃତି, କାର୍ଯ୍ୟାବଳିକୁ ଯେପରି ତାତ୍ପର୍ଯ୍ୟ ଦେଇଛନ୍ତି ତାହାକୁ ଯଦି ଆଧୁନିକ ବ୍ୟବଚ୍ଛେଦକାରୀ ମନର ଛୁରୀ ନେଇ ବିଶ୍ଳେଷଣ କରିବା ତେବେ ଶ୍ରୀକୃଷ୍ଣ ଏକ ଲମ୍ପଟ ଓ ପ୍ରବଞ୍ଚକ ପାଲଟି ଯିବେ । ମୁଁ ନିଜେ ମହାଭାରତ, ଇଲିଆଡ୍, ରାମାୟଣର ତାତ୍ପର୍ଯ୍ୟ, ମର୍ମ ଓ ବାତାବରଣ ମଧ୍ୟରେ ପ୍ରବେଶ କରିଛି, କାଳର ପ୍ରବାହ ମଧ୍ୟରେ ନିମଜ୍ଜିତ ହୋଇ ମୁଁ ସେମାନଙ୍କୁ ଅନୁଭବ କରେ,– ସେମାନଙ୍କର ବାହ୍ୟ ଘଟଣାବଳିକୁ ବାଦ୍ ଦେଇ । ମୁଁ ରାମଙ୍କୁ ଅବତାର ରୂପେ ସ୍ୱୀକାର କରେ କାରଣ ଅବତାର ଯୋଜନାରେ ସେ ସଠିକ୍ ଭାବରେ ଖାପ ଖାଉଛନ୍ତି । ରାମ ସାତ୍ତ୍ୱିକ ମନର ଅବତାର, ତାଙ୍କ ପରେ ଶ୍ରୀକୃଷ୍ଣ ଅଧିମାନସ ମନର ଅବତାର ।

ମୁଁ ଯେତେବେଳେ ରାମାୟଣ ପଢ଼େ ଏକ ପ୍ରାଚୁର୍ଯ୍ୟ ଅନୁଭବ କରେ — ଯଦିଓ ପରୀ କଥା ବୋଲି ମନେ ହୁଏ, କିନ୍ତୁ ଏହା ଏକ ଘୋର ସଙ୍କଟପୂର୍ଣ୍ଣ ପରିବର୍ତ୍ତନ କାଳର ନୀତି କଥା । ଏହା ତା'ର ପ୍ରଧାନ ଚରିତ୍ରର ବ୍ୟକ୍ତିତ୍ୱ ଓ କାର୍ଯ୍ୟାବଳିକୁ ଏକ ବିଶାଳ ଆଦର୍ଶର ରୂପ ଦେଇଛି । ଅବତାର ସବୁବେଳେ ଅସାଧାରଣ କାର୍ଯ୍ୟ କରିବାକୁ ବାଧ୍ୟ ନୁହନ୍ତି । କିନ୍ତୁ ତାଙ୍କର କାର୍ଯ୍ୟାବଳିରେ ପୃଥିବୀର ଇତିହାସରେ, ତା'ର ଜାତିମାନଙ୍କର ଇତିହାସରେ କିଛି ସାରଭୂତ ଚିହ୍ନ, କିଛି ପ୍ରମୁଖ ତାତ୍ପର୍ଯ୍ୟ ଛାଡ଼ି ଯାଇଥା'ନ୍ତି ।

ବାଳିର ନିଧନ, ସୀତାଙ୍କ ନିର୍ବାସନ ଉପରେ ମୋର ମତ ସ୍ଥିର ରହିଛି । ଏହା କିନ୍ତୁ ପ୍ରାଚୀନ ଧାର୍ମିକ ଧାରାର ଦୃଷ୍ଟିକୋଣରୁ — ଜାଗତିକ ନୈତିକମାନର ଦୃଷ୍ଟିରୁ ନୁହେଁ । କାରଣ ଜାଗତିକ ନୈତିକ ମାନଧାରାର କିଛି ଅସ୍ତିତ୍ୱ ନାହିଁ, ଯାହା କାଳର ଧାରାରେ ବଦଳୁ ଥାଏ । ରାମଙ୍କର କାର୍ଯ୍ୟ ଥିଲା ରାବଣକୁ ବଧ କରି ରାମରାଜ୍ୟ ସ୍ଥାପନ କରିବା, ସାତ୍ତ୍ୱିକ ସ୍ୱଭାବର ମନୁଷ୍ୟମାନଙ୍କ ପାଇଁ ଏକ ଭବିଷ୍ୟତର ଧାରା ଗଢ଼ିବା, ଯେଉଁମାନେ ନିଜ ଜୀବନକୁ ବିଚାର ବିବେକ, ସୂକ୍ଷ୍ମ ନିର୍ମଳ ଆବେଗ, ନୈତିକତାର ଆଦର୍ଶ — ଯଥା : ସତ୍ୟ, ଆଜ୍ଞାନୁବର୍ତ୍ତିତା, ସହଯୋଗ ଓ ସମନ୍ୱୟ ଉପରେ ଗଢ଼ିବା, ଯାହା ସଂଗଠିତ ହେବ ଅହଂକାର ଜର୍ଜରିତ ପଶୁ ରାକ୍ଷସ ସ୍ୱଭାବର ଊର୍ଦ୍ଧ୍ୱରେ । ରାମ ଥିଲେ ସାତ୍ତ୍ୱିକ ମାନବର ପ୍ରତିନିଧି ଯିଏ ନିଷ୍ପାପର ସ୍ୱାମୀ ଓ ପ୍ରେମିକ, ସ୍ନେହୀ ଆଜ୍ଞାନୁବର୍ତ୍ତି ପୁତ୍ର, ସମ୍ବେଦନଶୀଳ ଭ୍ରାତା । ତାଙ୍କର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା ଏପରି ଏକ ସାମାଜିକ ଧାରାର ପ୍ରତିଷ୍ଠା ଯାହା ସତ୍ୟ, ମର୍ଯ୍ୟାଦା, ଧର୍ମଧାରା, ସର୍ବଜନହିତ, ଶୃଙ୍ଖଳିତ ବିଚାର ଶକ୍ତି ଉପରେ ପ୍ରତିଷ୍ଠିତ । ❑

## ବିଶେଷ ସୂଚନା

ଯେଉଁମାନେ ଶ୍ରୀଅରବିନ୍ଦ ଆଶ୍ରମକୁ Online (Bank or Mobile) ମାଧ୍ୟମରେ ପ୍ରଣାମୀ ପଠାଉଛନ୍ତି,
ଏବେଠାରୁ ନୂଆ Income Tax Guidelines ଅନୁସାରେ ସେମାନେ **କେବଳ** website:
**donations.sriaurobindoashram.org**
Donations to Sri Aurobindo Ashram Trust
ସହାୟତାରେ ପ୍ରଣାମୀ ଦାଖଲ କରି ପାରିବେ । ଏହା ସହଜ ଏବଂ ସରଳ ଭାବେ ଉପଲବ୍ଧ ।
ଯଦି ଆପଣ Cheque କିଂବା Draft ମାଧ୍ୟମରେ ପ୍ରଣାମୀ ଦେଉଥା'ନ୍ତି ତାହା
**Sri Aurobindo Ashram Trust** ନାମରେ ହେବା ବିଧେୟ । ଏଥି ସହିତ ଆପଣଙ୍କର
PAN କିଂବା Aadhar Card Number ସବୁଥିରେ ଦେବା ଜରୁରୀ ଅଟେ ।
ଏ ସମ୍ପର୍କରେ ଅଧିକ କିଛି ଜାଣିବାକୁ ଚାହୁଁଥିଲେ ନବଜ୍ୟୋତି କାର୍ଯ୍ୟାଳୟ ସହ
ଫୋନ୍ (୦୪୧୩ -୨୨୩୩୬୩୩) ଯୋଗେ ଯୋଗାଯୋଗ କରିପାରନ୍ତି ।

— ନବଜ୍ୟୋତି କାର୍ଯ୍ୟାଳୟ

# ଆସନ୍ତୁ ଦ୍ୱନ୍ଦ୍ୱ ବନ୍ଦ କରିବା

## ପ୍ରସାଦ ତ୍ରିପାଠୀ

କେବେ ଆଉ ଆମେ ବୁଝିବା ଯେ ଆମ ଭିତରେ ଅସଙ୍ଗତି, ଝଗଡ଼ା, ଦ୍ୱନ୍ଦ୍ୱ ଇତ୍ୟାଦିରେ ଆମ ନିଜର ସବୁଠାରୁ ବେଶୀ କ୍ଷତି ହୁଏ ଏବଂ ଯାହା ସହିତ ଝଗଡ଼ା କରୁଛୁ ତା'ର ମଧ୍ୟ କ୍ଷତି ହୁଏ; ସର୍ବୋପରି ଅନୁଷ୍ଠାନର ସବୁଠାରୁ ବେଶୀ କ୍ଷତି ହୁଏ ଏବଂ ମା'ଙ୍କୁ ପ୍ରବଳ ଭାବରେ ଆଘାତ ହୁଏ । ଏତେ ଦିନ ଧରି ଆମେ ମା'ଙ୍କ ପାଖକୁ ଆସି ତାଙ୍କ କାର୍ଯ୍ୟରେ ଅଂଶ ଗ୍ରହଣ କରିଛୁ – ଏହା ତେବେ କ'ଣ ଛଳନା ?

ପ୍ରକୃତରେ ଆମେ ମା'ଙ୍କ କାର୍ଯ୍ୟ କରିବାକୁ ଆସିଲୁ, ମାତ୍ର ଏବେ କପଟ ଆଚରଣ କରୁଛୁ । ଭାଇଭଉଣୀମାନେ, ଆମେ ଅନୁଷ୍ଠାନ ଆରମ୍ଭ କରିଲୁ । ଯେଉଁମାନେ ଅନୁଷ୍ଠାନ ସତରେ ଆରମ୍ଭ କରିଥିଲେ ସେମାନେ ପ୍ରାଣପଣେ ସୁରକ୍ଷିତ କରି ତାକୁ ରଖିବାକୁ ଚେଷ୍ଟା କରିବେ । ମାତ୍ର ଯେଉଁମାନେ ଅନୁଷ୍ଠାନର ସ୍ୱାର୍ଥକୁ ଭୁଲି ନିଜ ସ୍ୱାର୍ଥ ପାଇଁ କାର୍ଯ୍ୟ କରୁଥିବେ ସେମାନେ ଆଦୌ ଅନୁଷ୍ଠାନକୁ ଦୃଷ୍ଟି ନ ଦେଇ ଅସଙ୍ଗତି କରି ଚାଲିଥିବେ ।

ଆମ ଦ୍ୱନ୍ଦ୍ୱର କାରଣ କ'ଣ ? ଆପାତତଃ କେତୋଟି ମୋ ନଜରକୁ ଆସିଛି ।

ପ୍ରଥମ କାରଣ ହେଲା – ଅପାଭାଇମାନଙ୍କର ଆଗ୍ରହ – ତାଙ୍କର Honorarium ବଢ଼ାଇ ଦିଆଯାଉ । ଏହାର ସହଜ ସମାଧାନ ପାଇଁ ଯେଉଁମାନେ Honorarium ଦେବା ଦାୟିତ୍ୱରେ ଅଛନ୍ତି ସେମାନେ ଅପାଭାଇମାନଙ୍କୁ ସାଙ୍ଗରେ ବସାଇ ସମ୍ଭାବ୍ୟ ଆଦାୟ ଏବଂ ସମ୍ଭାବ୍ୟ ଖର୍ଚ୍ଚର ଏକ ତାଲିକା ପ୍ରସ୍ତୁତ କରିବେ । ସେଥିରେ ଯେଉଁମାନେ ଅଂଶ ଗ୍ରହଣ କରିବେ, ସେମାନେ ହିସାବ କରି ଦେଖାଇ ଦେବେ ଯେ ଏତିକି Honorarium ବଢ଼ାଇବା ସମ୍ଭବ ।

ଅବଶ୍ୟ ଖର୍ଚ୍ଚ ଭିତରେ ଅନୁଷ୍ଠାନର ଅନ୍ୟାନ୍ୟ ଆନୁଷ୍ଠାନିକ ଖର୍ଚ୍ଚ ମଧ୍ୟ ରହିବ । ଯେପରି ଇଲେକ୍ଟ୍ରିକ୍ ବିଲ୍, ପାଣି ବିଲ୍, ଦୈନନ୍ଦିନ ଆବଶ୍ୟକତା, ହଠାତ୍ ଆବଶ୍ୟକତା ଇତ୍ୟାଦି । ଏସବୁ ହିସାବକୁ ନେଇ ଆମେ ଗୋଟିଏ ତାଲିକା ପ୍ରସ୍ତୁତ କରିପାରିବା ଯେ ପ୍ରକୃତରେ ଅପାଭାଇମାନେ କେତେ Honorarium ନେଲେ ଅନୁଷ୍ଠାନ ଚଳାଇ ହେବ । ଏଥିରେ ମୁଖ୍ୟତଃ ଅପାଭାଇମାନେ ଦାୟିତ୍ୱ ନିଅନ୍ତୁ । ଦେଖିବେ ସେମାନଙ୍କର ପରିଚାଳନା କର୍ତ୍ତୃପକ୍ଷଙ୍କ ଉପରେ ଆଉ ଅଭିଯୋଗ ରହିବ ନାହିଁ । ଅବଶ୍ୟ ଆମ ଅନୁଷ୍ଠାନମାନଙ୍କରେ କେବଳ ପିଲାମାନଙ୍କଠାରୁ ଆସୁଥିବା ଅର୍ଥହିଁ ଏକମାତ୍ର ସମ୍ବଳ । ତେଣୁ ସେମାନଙ୍କର Honorarium ଅଧିକ ହେବା ପ୍ରାୟତଃ କଷ୍ଟକର । ଏଣୁ ସମସ୍ତେ (ପରିଚାଳନା କର୍ତ୍ତୃପକ୍ଷ ଏବଂ ଶିକ୍ଷକ, ଶିକ୍ଷୟିତ୍ରୀ) ଚିନ୍ତା କରି ଅନୁଷ୍ଠାନ ପାଇଁ ଅର୍ଥ ସଂଗ୍ରହର କୌଣସି ବିକଳ୍ପ ବ୍ୟବସ୍ଥା କରିବାକୁ ଉଦ୍ୟମ କରିବା ଉଚିତ ଏବଂ ମା'ଙ୍କ କୃପାରୁ ତାହା ଅବଶ୍ୟ ଫଳପ୍ରଦ ହେବ ।

ଅନ୍ୟ ଏକ କାରଣ ହେଲା – ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ପରିଚାଳନା କର୍ତ୍ତୃପକ୍ଷଙ୍କ ମଧ୍ୟରେ ମନୋମାଳିନ୍ୟ । ଏହା କେବଳ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଏବଂ ସହାନୁଭୂତିପୂର୍ଣ୍ଣ ସମ୍ପର୍କ ମଧ୍ୟରେ ସମାଧାନ ହୋଇପାରିବ । ଯେପରି ପରିଚାଳନା କର୍ତ୍ତୃପକ୍ଷ ନିଜକୁ କେବେହେଲେ ସ୍କୁଲର ଅସଲ ଅଧିକାରୀ ବୋଲି ଦାବି କରିବେ ନାହିଁ କିଂବା ଶିକ୍ଷକ, ଶିକ୍ଷୟିତ୍ରୀମାନେ ସେମାନଙ୍କୁ ସେମାନଙ୍କର ବୟସ ହୋଇ ଗଲାଣି, ଅନେକ ଦିନରୁ ଅଛନ୍ତି, ତେଣୁ ସେମାନଙ୍କୁ ବିଦା କରି ଅନ୍ୟ ଲୋକ ରଖାଯାଉ ବୋଲି ଚାହିଁବେ ନାହିଁ ।

ଯିଏ ବି ହୁଅନ୍ତୁ, ଅନେକ ପରିଶ୍ରମ କରି, ଅନେକ ପ୍ରଚେଷ୍ଟା କରି ସେମାନେ ଅନୁଷ୍ଠାନଟିଏ କରିଛନ୍ତି ବୋଲି ଆମ୍ଭେମାନେ ସେଥିରେ କାର୍ଯ୍ୟ କରିବାର ସୁଯୋଗ ପାଇଛୁ । ଏଣୁ ତାଙ୍କ ପ୍ରତି ସଦିଚ୍ଛା ଏବଂ ସହାନୁଭୂତି ନିଶ୍ଚୟ ରହିବ ଏବଂ ଶିକ୍ଷକ, ଶିକ୍ଷୟିତ୍ରୀମାନେ ମଧ୍ୟ ଏଥିରେ ଅନେକ ସହଯୋଗ କରୁଥିବାରୁ ଆମେ ଅନୁଷ୍ଠାନଟି ଚଳାଇ ପାରୁଛୁ, ଏଭଳି ଏକ ସହାନୁଭୂତିପୂର୍ଣ୍ଣ ଶୁଭେଚ୍ଛା ରହିବ । ଏହି ସହାନୁଭୂତି ଏବଂ ସଦିଚ୍ଛା ସମ୍ପର୍କର ମୂଲ୍ୟ ଅନେକ ଅର୍ଥଠାରୁ ଯଥେଷ୍ଟ ବେଶୀ । ଥରେ ସମ୍ପର୍କ ଯୋଡ଼ି କରି ଦେଖନ୍ତୁ, ଦେଖିବେ ସଂସାରର ସବୁ ଆନନ୍ଦଠାରୁ ଅଧିକ ଆନନ୍ଦର ଅଧିକାରୀ ଆମେ ହୋଇ ପାରିବୁ ।

ପୁଣି ଏକ ସମସ୍ୟାର କାରଣ ହେଲା – ସମ୍ପାଦକ/ ସଭାପତିର ମୋହ – ଯେହେତୁ ଆମେ ସ୍କୁଲ ଆରମ୍ଭ କରିଛୁ, ତେଣୁ ଆମେ ଥିବା ପର୍ଯ୍ୟନ୍ତ ସ୍କୁଲର ସମ୍ପାଦକ ରହିବୁ । ମୋର

ପୁଅଝିଅ ସ୍କୁଲର ପରିଚାଳନା ଦାୟିତ୍ୱରେ ରହିବେ; ଏଭଳି ମନୋଭାବ ଶୋଭନୀୟ ନୁହେଁ । ସ୍କୁଲ ପାଇଁ ଉପଯୁକ୍ତ ବ୍ୟକ୍ତିଙ୍କୁ ମା' ନିଜେ ବାଛିବେ, ତେଣୁ ସେଥିପାଇଁ ଚିନ୍ତା କରିବାର କାରଣ ନାହିଁ । ମାତ୍ର ଆମେ ଅନୁଷ୍ଠାନ ଆରମ୍ଭ କରିଛୁ ବୋଲି ସମ୍ପାଦକ ରହିବୁ ଏଭଳି ମନୋଭାବ ଉଚିତ ନୁହେଁ । ଆମେ ସକ୍ରିୟ ଥିବା ପର୍ଯ୍ୟନ୍ତ, ଆମ ଦାୟିତ୍ୱ ତୁଲାଇ ପାରୁଥିବା ପର୍ଯ୍ୟନ୍ତ କାର୍ଯ୍ୟ କରିବୁ, ନଚେତ୍ ଉପଯୁକ୍ତ ବ୍ୟକ୍ତି ଦେଖି ଦାୟିତ୍ୱ ହସ୍ତାନ୍ତର କରିଦେବୁ । ବେଳେବେଳେ ବ୍ୟକ୍ତିଙ୍କ ସାଧନା, ବ୍ୟକ୍ତିତ୍ୱର ପ୍ରଭାବ ତାଙ୍କୁ ସେ ଦାୟିତ୍ୱ ନେବାକୁ ବାଧ୍ୟ କରେ । ଉଦାହରଣ ସ୍ୱରୂପ, ପ୍ରପତ୍ତି ମହାଶୟ ଅତ୍ୟନ୍ତ ଅସୁସ୍ଥ ହେବା ପରେ ମଧ୍ୟ ନବଜୀବନ ଶିକ୍ଷା ସଂସଦର ସଭାପତି ଦାୟିତ୍ୱରେ ଥିଲେ । କେବଳ ସେ ଶରୀର ଛାଡ଼ିବା ପରେ ଅନ୍ୟମାନେ ଦାୟିତ୍ୱ ବହନ କଲେ । ଆଉ ଗୋଟିଏ କଥା ହେଲା ସଭାପତି, ସମ୍ପାଦକ ପଦ ଏକ କ୍ଷମତା ନୁହେଁ, ଏହା ଏକ ଦାୟିତ୍ୱ । କେବଳ ମା'ଙ୍କ କୃପାରୁ ଆମେ ସେ ଦାୟିତ୍ୱ ପାଳନ କରିପାରିବା । ସେଥିପାଇଁ ସବୁଠାରୁ ବେଶୀ ନିର୍ଭର କରିବାକୁ ହେବ ମା'ଙ୍କ କୃପା ଉପରେ । ମାତ୍ର ଯିଏ ନିଜେ ସମ୍ପାଦକ ବା ସଭାପତି ହେବା ପାଇଁ ଇଚ୍ଛା ପ୍ରକାଶ କରନ୍ତି ବା ଜିଦି କରନ୍ତି, ବୁଝିବାକୁ ହେବ ଯେ ସେ ପ୍ରକୃତରେ ସେହି କାର୍ଯ୍ୟ କରିବା ପାଇଁ ଆଦୌ ଉପଯୁକ୍ତ ନୁହନ୍ତି । ଗୋଟିଏ ସ୍କୁଲରେ ଜଣଙ୍କର ଅଶୀ ବର୍ଷରୁ ଊର୍ଦ୍ଧ୍ୱ ବୟସ ହେଲା ପରେ ଓ ସ୍କୁଲକୁ ଆଦୌ ଆସୁ ନଥିଲେ ମଧ୍ୟ ସମ୍ପାଦକ ପଦରୁ ଅବସର ନେବା ପାଇଁ ଚାହୁଁ ନାହାନ୍ତି । ତାଙ୍କୁ ପରାମର୍ଶଦାତା ରଖିବାକୁ ଚାହିଁଲେ ମଧ୍ୟ ସେ ଅରାଜି । ତେଣୁ ସେ ସମ୍ପାଦକ ଥାଇ ଆଉ କେହି ଜଣେ ସେ ଦାୟିତ୍ୱ ନେଇ କାର୍ଯ୍ୟ କରି ପାରିବେ । ତାଙ୍କ ନାମଟି କେବଳ ତାଲିକାରେ ଥିବ; ମାତ୍ର ଆଉ କେହି ଜଣେ ସେ କାର୍ଯ୍ୟ କରୁଥିବେ । ଆମର କାର୍ଯ୍ୟ ହେବା ଦରକାର । ଆମେ ଅସଙ୍ଗତିକୁ ଆଦୌ ପ୍ରଶ୍ରୟ ଦେବା ନାହିଁ । ତେଣୁ ଏପରି କଲେ କିଛି ଅସୁବିଧା ହେବ ନାହିଁ ।

ଆଉ ଗୋଟିଏ ଅଭିଯୋଗ ହେଲା – ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କର ପାଠଚକ୍ର ପ୍ରତି ସ୍ୱତଃସ୍ଫୂର୍ତ୍ତ ଅନୁରକ୍ତି ରହୁ ନାହିଁ ।

ପାଠଚକ୍ରରେ ଯୋଗଦେବା କେବଳ ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କ ପାଇଁ ନୁହେଁ ସବୁ ମାତୃକର୍ମୀମାନଙ୍କ ପାଇଁ ଏକାନ୍ତ ଅପରିହାର୍ଯ୍ୟ । ମାତ୍ର ଏପରି ବୀତସ୍ପୃହ ହୋଇ ପାଠଚକ୍ରକୁ ଆସିଲେ, ପାଠଚକ୍ର ଗୋଟିଏ ବୋଝ ପରି ଲାଗିବ । ଯଦି କାହାରିକୁ ପଚରାଯାଏ ଯେ, ''ଅପା ! ତୁମେ କାହିଁକି ପାଠଚକ୍ର ଆସୁ ନାହଁ ?'' ଅପା ସଙ୍ଗେ ସଙ୍ଗେ କହିଦେବେ, ''ଅମୁକ ତ ଆସୁ ନାହାନ୍ତି ତାଙ୍କୁ କହୁ ନାହାନ୍ତି ।'' – ''ନାଇଁ ଅପା, ତାଙ୍କୁ ବି କୁହାହୋଇଛି । ସେ କୌଣସି ଅସୁବିଧାରେ ଥିଲେ ବୋଲି ଆସୁ ନଥିଲେ । ଆସନ୍ତା ମାସରୁ ଆସିବେ ।'' ତା' ପରେ ସେ ଅପା ଆସିଲେ । ପୁଣି ତାଙ୍କୁ କୁହାଗଲା – ''ସେ ଅପା ତ ଆସିଲେଣି, ପୁଣି ଆପଣ କାହିଁକି ଆସୁ ନାହାନ୍ତି ?'' ସେ ଅପା ଆସିବା ଆରମ୍ଭ କରିବେ । ମାତ୍ର ଏପରି ଭାବରେ ପାଠଚକ୍ରରେ ଯୋଗଦେବାଟା ପାଠଚକ୍ର ପାଇଁ ଠିକ୍ ନୁହେଁ, କେବଳ ଅମୁକ ଅପା ଆସିଲେ ବୋଲି ସେ ଆସିଲେ । ଏପରି ସ୍ଥଳେ ପାଠଚକ୍ର ଆଦୌ ଆନନ୍ଦ ଦେବ ନାହିଁ ବରଂ ବୋଝ ଭଳି ଲାଗିବ ।

ସମସ୍ତ ପରିଚାଳନା କର୍ତ୍ତୃପକ୍ଷ ଏବଂ ଶିକ୍ଷକ, ଶିକ୍ଷୟିତ୍ରୀ ଏକାଠି ବସି ପାଠଚକ୍ର କରିବେ ଏବଂ ଅନେକ ନୂଆ ନୂଆ କଥା ପଢ଼ି ଆଲୋଚନା କଲାବେଳେ କେତେ କେତେ ନୂଆ ନୂଆ ସମ୍ଭାବନା ଆଗକୁ ଦିଶୁଥିବ । ଯାବତୀୟ ଅସୁବିଧା କେବଳ ସାମୟିକ ଭଳି ଲାଗିବ । ଆମେ ଜାଣୁ ପାଠଚକ୍ର ପ୍ରକୃତରେ ଗୋଟିଏ ସାଧାରଣ ଆବଶ୍ୟକତା ନୁହେଁ, ଏହା ଏକ ଅପରିହାର୍ଯ୍ୟ ଅଙ୍ଗ । ଏହା ନଥିଲେ ଆମ ଜୀବନ ଆମକୁ ମୂଲ୍ୟହୀନ ଲାଗିବ । ଆମର ଯାବତୀୟ କର୍ମ ଭିତରେ ଆମେ ପାଠଚକ୍ରକୁ ସର୍ବାଦୌ ଗୁରୁତ୍ୱ ଦେଉ । ତେଣୁ ତାକୁ ଏମିତି ଛକାପଞ୍ଝା କିଂବା ଜୋର୍ ଜବରଦସ୍ତି କରି ଯଦି କରିବାକୁ ପଡୁଥିବ ତେବେ ଆମେ କିପରି ପ୍ରକୃତରେ ତା'ଠାରୁ ଆନନ୍ଦ ପାଇବା ? ନିଜ ଭିତରେ ପାଠଚକ୍ର ପ୍ରତି ଶ୍ରଦ୍ଧା ସୃଷ୍ଟି କରି ପାରିବାନି ! ଆମେ ଔଷଧ ପ୍ରତି ଶ୍ରଦ୍ଧା ଜାଗ୍ରତ୍ କରିପାରୁଛୁ, କାରଣ ରୋଗମୁକ୍ତ ହେବା ପାଇଁ ତାହା ଅତ୍ୟନ୍ତ ପ୍ରୟୋଜନ । ଆମର ଜୀବନକୁ ବାସ୍ତବିକ ମୂଲ୍ୟବାନ୍ କରିବା ପାଇଁ, ତାକୁ ଅସଲ ମୂଲ୍ୟ ଦେବା ପାଇଁ ପାଠଚକ୍ର ଅତ୍ୟନ୍ତ ଅପରିହାର୍ଯ୍ୟ ବୋଲି ଜାଣିଲେ ତା' ପ୍ରତି ନିଜର ସମସ୍ତ ଶ୍ରଦ୍ଧା ଜାଗ୍ରତ୍ କରାଇ ପାରିବା ।

ସଚେତନ ତଥା ନିବିଷ୍ଟ ଭାବେ ଅନୁଧ୍ୟାନ କଲେ ଦେଖିବା, ଏମିତି ଅନେକ କାରଣ ଆମ ଭିତରେ ଅସଙ୍ଗତି ପାଇଁ ଦାୟୀ ଏବଂ ସେଥିପାଇଁ ପ୍ରଥମେ ଆମେ ନିଜେ ଦାୟୀ, ତା'ପରେ ଅନ୍ୟ କେହି । ଦୁଇଟି କଥା କରିପାରିଲେ ଆମେ ଏ ରୋଗରୁ କିଛିଟା ଉପଶମ ପାଇପାରିବୁ ।

ପ୍ରଥମ କଥା ହେଲା – ଆମେ ସବୁବେଳେ ଭାବୁ ଆମେ ଯାହା କହୁଛୁ ତାହାହିଁ ଠିକ୍ ଏବଂ ଅନ୍ୟ ଜଣେ ଯାହା କହୁଛି ତାହା ଠିକ୍ ନୁହେଁ; ଅନ୍ୟ ବ୍ୟକ୍ତି ମଧ୍ୟ ଠିକ୍ ସେଇୟା ଭାବୁଥିବେ । ତେଣୁ ଆମେ କାହିଁକି ଭାବି ପାରିବାନି ଯେ ମୋ କଥାରେ ଯେତିକି ସତ୍ୟତା ଅଛି, ମୋତେ ବିରୋଧ କରୁଥିବା ବ୍ୟକ୍ତିର କଥାରେ ମଧ୍ୟ ଅନୁରୂପ ସତ୍ୟତା ଅଛି । ତେଣୁ କାହିଁକି ଆମେ ତା' କଥାକୁ ଶୁଣିବା ନାହିଁ ଏବଂ ଗ୍ରହଣ କରିବା ନାହିଁ ? ଏ କଥା ମୁଁ ନିଜେ ହୃଦୟଙ୍ଗମ କରିଛି, ଯେତେବେଳେ ଆମେ ଆମକୁ ବିରୋଧ କରିବାର ବ୍ୟକ୍ତିକୁ ଶୁଣିବା ଏବଂ ସଙ୍ଗେ ସଙ୍ଗେ ଶ୍ରଦ୍ଧାର ସହିତ ଗ୍ରହଣ କରିବା, ତେବେ ମାତ୍ର ଗୋଟିଏ ସପ୍ତାହ ମଧ୍ୟରେ ସେ ନିଜ ଆଡୁ ଆସି ଆମର ପ୍ରସ୍ତାବ ସପକ୍ଷରେ ମତ ଦେବେ ଏବଂ ନିଜେ ସହଯୋଗ କରିବାକୁ ଆଗେଇ ଆସିବେ । ଅବଶ୍ୟ ସେଇ ଉଦ୍ଦେଶ୍ୟରେ କଲେ ତାହା ହେବ ନାହିଁ । କେବଳ ଏକ ଶ୍ରଦ୍ଧାର ମନୋଭାବରେ ଅନ୍ୟର ମତାମତକୁ ସମ୍ମାନ ଦେଲେ ତାହା ତୁରନ୍ତ ଫଳ ଦେବ ।

ଅନ୍ୟ ଏକ କଥା ହେଲା, ପରସ୍ପର ପରସ୍ପରକୁ ସହ୍ୟ କରିବାକୁ ଶିକ୍ଷା କରିବା । ଆମେ ଯଦି ଅନ୍ୟକୁ ସହିବା ଶିଖିବୁ ନାହିଁ ତେବେ ଅନ୍ୟ ଜଣେ ଆମକୁ କାହିଁକି ସହିବାକୁ ଚାହିଁବେ ? ଆମର ଏହି ଶିକ୍ଷାକେନ୍ଦ୍ରଟି ବାସ୍ତବିକ ଏକ ସାଧନାର କେନ୍ଦ୍ର । ଆମେ ଯଦି ଏହି ଶିକ୍ଷା ମାଧ୍ୟମରେ ସାଧନା କରିବାକୁ ଆସିଛୁ ତେବେ ପ୍ରଥମ ଏବଂ ସର୍ବନିମ୍ନ ଆବଶ୍ୟକତା ହେଲା ପରସ୍ପର ପରସ୍ପରକୁ ଶ୍ରଦ୍ଧା କରିବା, ବିଶ୍ୱାସ କରିବା ଏବଂ ସହନଶୀଳ ହେବା ।

ଭାଇଭଉଣୀମାନେ, ଆମର ସମସ୍ତ କାର୍ଯ୍ୟରେ ପ୍ରଥମ ବାଧା ହେଲା ଆମର ଅହଂକାର, ଅବଶ୍ୟ ଏହା ସମଗ୍ର ବିଶ୍ୱ ପାଇଁ ଏକ ସମସ୍ୟା – ତେବେ ଆମେ ଏସବୁ କଥା କାହିଁକି ଭାବିବା ? ଆପଣମାନେ ମନେ ରଖନ୍ତୁ ଆମେ ଯେତେବେଳେ ମା'ଙ୍କ କାର୍ଯ୍ୟରେ ସମ୍ପୃକ୍ତ ହେଉ ସଙ୍ଗେ ସଙ୍ଗେ ଆମର ଅହଂକାର ବାହାରି ଆସେ । ସେଥିପାଇଁ ପ୍ରପତ୍ତି ମହାଶୟ କହୁଥିଲେ – ''ତୁମେ ଯଦି ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରଟିଏ ଆରମ୍ଭ କରିବ ତେବେ ପ୍ରଥମେ କଳିକଜିଆ କରିବ ।'' ଏହାର ଅର୍ଥ ହେଲା ତୁମର ଅହଂକାରକୁ ତେଜାଇ ଦିଆଗଲା, ମାତ୍ର ତାହା ଏଥିପାଇଁ ନୁହେଁ ଯେ ତାକୁ ବ୍ୟବହାର କରି ନିଜ ନିଜ ମଧ୍ୟରେ ଦ୍ୱନ୍ଦ୍ୱ, କଳହ କରିବା ବରଂ ଏହା ଏଥିପାଇଁ ଯେ ତାକୁ ସକ୍ରିୟ ହେବାକୁ ସୁଯୋଗ ନ ଦେଇ ତା' ଉପରେ ବିଜୟ ଲାଭ କରିବା ପାଇଁ ଉଦ୍ୟମ କରିବା । ମା' କୃପାକରି ଆମର ଅସୁବିଧାକୁ ଚିହ୍ନାଇ ଦେଲେ ଏବଂ ଆମେ ତା' ଉପରେ ବିଜୟ ଲାଭ କରିବା ପାଇଁ କୃପା ମଧ୍ୟ ଦେବେ, ଆଶୀର୍ବାଦ ଦେବେ; ମାତ୍ର ଆମେ ଠିକ୍ ବିପରୀତ କାର୍ଯ୍ୟ କରୁଛୁ । ଏ କଥା ମଧ୍ୟ ଆମର ଦାୟିତ୍ୱ ଯେ ଆମେ ଶିକ୍ଷାକେନ୍ଦ୍ରର କାର୍ଯ୍ୟ ମାଧ୍ୟମରେ ଅହଂକାର ଉପରେ ବିଜୟଲାଭ କରିବା ପାଇଁ ପ୍ରୟାସୀ ହେବା ।

ଯଦି ଆମେ ଚାହିଁବୁ ଆମ ମଧ୍ୟରେ ଦ୍ୱନ୍ଦ୍ୱ ନ ରହିବା ପାଇଁ ତେବେ ସାରା ସଂସାରରେ ଏପରି କୌଣସି ଶକ୍ତି ନାହିଁ ଯିଏ ଆମ ଭିତରେ ପୁଣି ଦ୍ୱନ୍ଦ୍ୱ ସୃଷ୍ଟି କରିପାରିବ । ଆମେମାନେ ଶିକ୍ଷାକେନ୍ଦ୍ରରେ ମିଳିତ ଭାବେ କାମ ନ କରୁଥିଲେ ଏହା ବୁଝିବା ଏତେ ସହଜ ହୁଅନ୍ତା ନାହିଁ । ନିଜ ମଧ୍ୟରେ ଦ୍ୱନ୍ଦ୍ୱ ବନ୍ଦ କରନ୍ତୁ, ଦେଖିବେ ବାକି ସବୁ ସମସ୍ୟାର ସମାଧାନ କେତେ ଅକ୍ଳେଶରେ ହୋଇ ପାରିବ । ❑

ଯେତେବେଳେ କୌଣସି ବିଷୟରେ ଅର୍ଥାତ୍, କୌଣସି ଏକ ନିଷ୍ପତ୍ତି ନେବା ପାଇଁ ବା କୌଣସି ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଅନୁସରଣ କରିବା ପାଇଁ ଆମେ ସହମତ ହୋଇ ପାରୁ ନଥିବା ସେତେବେଳେ ଆମେ ନିଜର ବୋଧ-ସଞ୍ଚାଳନର ଭୂମିରେ ଅଥବା ଆପଣା ଦୃଷ୍ଟିକୋଣର କ୍ଷେତ୍ରରେ କଦାପି ନିବଦ୍ଧ ହୋଇ ରହିବା ନାହିଁ । ଏହା ପରିବର୍ତ୍ତେ ଆମେ ଅନ୍ୟ ପକ୍ଷଟିର ଦୃଷ୍ଟିକୋଣଟିକୁ ବୁଝିବା ଲାଗି ଯଥେଷ୍ଟ ଉଦ୍ୟମ କରିବା, ନିଜକୁ ଅପର ପକ୍ଷର ସ୍ଥାନରେ ରଖି କଥାଟିର ବିଚାର କରିବାକୁ ଚେଷ୍ଟା କରିବା ଏବଂ କୌଣସି ପ୍ରକାର କଳହ ଓ ଏପରିକି ଯୁଦ୍ଧରେ ବ୍ୟାପୃତ ନ ରହି ଆମେ ଏପରି ଗୋଟିଏ ସମାଧାନ ଖୋଜି ବାହାର କରିବାକୁ ପ୍ରୟାସ କରିବା, ଯାହାକି ଉଭୟ ପକ୍ଷ ଲାଗିହିଁ ଯୁକ୍ତିଯୁକ୍ତ ଭାବରେ ସନ୍ତୋଷ ବିଧାୟକ ହୋଇ ପାରୁଥିବ; ସଦିଚ୍ଛାସମ୍ପନ୍ନ ବ୍ୟକ୍ତିମାନଙ୍କ ପାଇଁ ଏଭଳି ଗୋଟିଏ ସମାଧାନ ସର୍ବଦାହିଁ ମହଜୁଦ ରହିଥାଏ ।

(MCW, Vol. 12, p. 6) — ଶ୍ରୀମା

# ମା' ଓ ସନ୍ତାନ

## (୪)

## ଗୟାଧର ଦାଶ

ପ୍ରକୃତରେ 'ମା' ବହିରେ ଯେଉଁ ମହାଶକ୍ତିଙ୍କର କଥା କୁହାଯାଇଛି ସେହି ମହାଶକ୍ତିହିଁ ସ୍ୱୟଂ ଶ୍ରୀମା । ସେ ବିଶ୍ୱାତୀତା, ଆଦ୍ୟା ଅଦ୍ୱିତୀୟା ପରାଶକ୍ତି, ସେ ବିଶ୍ୱବ୍ୟାପିନୀ, ବିଶ୍ୱରୂପିଣୀ ମହାଶକ୍ତି ଏବଂ ସେ ବ୍ୟଷ୍ଟି ସ୍ୱରୂପା । ଏହି ରୂପରେ ସେ ଆମ୍ଭମାନଙ୍କ ପାଖରେ ସଶରୀରେ ବିଶ୍ୱାତୀତ ଓ ବିଶ୍ୱଗତ ଭାବକୁ ଜୀବନ୍ତ ଓ ଗୋଚର କରି ଧରି ରଖିଛନ୍ତି । ସେଥିପାଇଁ ସେ ମାନବ-ଆଧାର ଓ ଦିବ୍ୟ ପ୍ରକୃତି ମଧ୍ୟରେ ସେତୁ ସଦୃଶ । ଅଜ୍ଞାନର ଏହି ତ୍ରିଧା ଜଗତରେ ମା' ମହାଶକ୍ତି ରୂପେ ଗୋଟିଏ ମଧ୍ୟବର୍ତ୍ତୀ ଲୋକରେ ଛିଡ଼ା ହୋଇଛନ୍ତି ଯଦ୍ୱାରା ତାଙ୍କ ମାଧ୍ୟମରେ ଏହି ମଣିଷ ତା'ର ମୂଳଉତ୍ସ ପରମ ସତ୍ୟ ସହିତ ସମ୍ମିଳିତ ହୋଇପାରିବ । ତାଙ୍କର ଉଦ୍ଦେଶ୍ୟ ହେଉଛି ଏହି ସ୍ଥୂଳ ଜଗତରେ ମାନବୀୟ ଚେତନାର ଛଦ୍ମବେଶରେ ତାଙ୍କର ଶକ୍ତି, ଧର୍ମ ଓ ସତ୍ତାର କିଛି ଆଲୋକ ପ୍ରକାଶ କରିବା । ସ୍ୱୟଂ ଶ୍ରୀମା ତାଙ୍କର ମାୟାଶକ୍ତି ଦ୍ୱାରା ଛଦ୍ମବେଶରେ ଆମ ପାଖକୁ ଆସି ଆମର ଉଜ୍ଜ୍ୱଳ ଭବିତବ୍ୟର କଥା କହିଛନ୍ତି ଏବଂ ଆଙ୍ଗୁଳି ନିର୍ଦ୍ଦେଶ କରି ଦେଖାଇ ଦେଇଛନ୍ତି ଚିର-ପ୍ରକାଶିତ ସୂର୍ଯ୍ୟକିରଣ । ମହେଶ୍ୱରୀ ରୂପେ ସେ ବିଶ୍ୱଶକ୍ତିରାଜିର ବୃହତ୍ ଧାରାଗୁଡ଼ିକୁ ସଜାଡ଼ି ରଖନ୍ତି, ମହାକାଳୀ ରୂପେ ସେ ସେସବୁ ଭିତରେ ଚାଲିବାର ବଳ ଓ ବେଗ ପ୍ରଦାନ କରନ୍ତି, ମହାଲକ୍ଷ୍ମୀ ରୂପେ ସେ ବ୍ୟକ୍ତ କରନ୍ତି ସେସବୁର ଛନ୍ଦ ଓ ପରିମିତି ଏବଂ ମହାସରସ୍ୱତୀ ରୂପେ ସେ ଖୁଣ୍ଟିନାଣ୍ଟି ପର୍ଯ୍ୟବେକ୍ଷଣ କରନ୍ତି ସେସବୁର ସଂଗଠନ ଓ ପ୍ରୟୋଗ, ଅଙ୍ଗପ୍ରତ୍ୟଙ୍ଗର ସମାବେଶ, ବିଭିନ୍ନ ବଳର ସାର୍ଥକ ସଂଯୋଗ, ଫଳ ଓ ସାଫଲ୍ୟର ଅବ୍ୟର୍ଥ ଯଥାଯୋଗ୍ୟତା । ସେହିଁ ଜ୍ଞାନ, ବଳ, ସଙ୍ଗତି ଓ ପୂର୍ଣ୍ଣତାର ମାଆ ।

''ସେ ସନ୍ତାନମାନଙ୍କ ପ୍ରତି ଗଭୀର ଓ ବିପୁଳ ସ୍ନେହବଶରେ ଏହି ତମସାର ଆବରଣକୁ ପରିଧାନ କରିବାକୁ ସମ୍ମତ ହୋଇଛନ୍ତି; ଅଜ୍ଞାନ ଓ ମିଥ୍ୟାଶକ୍ତିରାଜିର ଆକ୍ରମଣ ଓ ସେସବୁର ପୀଡ଼ାଦାୟକ ପ୍ରଭାବକୁ କୃପା କରି ସହ୍ୟ କରିବାକୁ ସ୍ୱୀକୃତ ହୋଇଛନ୍ତି, ଜନ୍ମମୃତ୍ୟୁର ତୋରଣକୁ ପାର ହୋଇ ଚାଲି ଆସିଛନ୍ତି, ସୃଷ୍ଟିର ଯେତେ ଦୁଃଖ-ଯନ୍ତ୍ରଣା ଓ ବେଦନା, ସମସ୍ତ ନିଜ ଉପରେ ଗ୍ରହଣ କରିଛନ୍ତି – କାରଣ ମନେହୁଏ ଏହାହିଁ ଏକମାତ୍ର ପନ୍ଥା, ଯଦ୍ୱାରା ସୃଷ୍ଟିକୁ ଜ୍ୟୋତିଃ, ଆନନ୍ଦ ଓ ସତ୍ୟର ଅନ୍ତର୍ଜୀବନ ମଧ୍ୟରେ ଉନ୍ନୀତ କରାଯାଇ ପାରେ । ଏହି ଯେଉଁ ବିରାଟ ଆତ୍ମବଳି, ସମୟ ସମୟରେ ଏହାର ନାମ ଦିଆ ହୋଇଛି ପୁରୁଷ-ଯଜ୍ଞ – କିନ୍ତୁ ଗଭୀରତର ଅର୍ଥରେ ଏହାକୁ କୁହାଯାଏ ପ୍ରକୃତିର ଯଜ୍ଞ, – ଭଗବତୀ ମା'ଙ୍କର ନିଃଶେଷରେ ଆତ୍ମବଳି ।''

(ମା' ପୁସ୍ତକ, ପୃ. ୩୬-୩୭)

ଯେଉଁ ମା' ସମଗ୍ର ସୃଷ୍ଟି ପାଇଁ ନିଜକୁ ଆତ୍ମବଳି ଦେଇଛନ୍ତି ଏବଂ ଅଜ୍ଞାନତାର ପୋଷାକ ପିନ୍ଧି ସଶରୀରରେ ଆମ ପାଖକୁ ପରମ ଧାମରୁ ଓହ୍ଲାଇ ଆସିଛନ୍ତି, ଆମକୁ ସକଳ ଦୁଃଖଶୋକ, ନିରାଶା, ହତାଶା, ରୋଗ ଯନ୍ତ୍ରଣା ତଥା ଦୁର୍ଦ୍ଦଶାରୁ ମୁକ୍ତ କରି ଆମର ଉଜ୍ଜ୍ୱଳ ଭବିତବ୍ୟ ଆଡ଼କୁ ଆଗେଇ ନେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ଏବଂ ତାଙ୍କର ରୂପାନ୍ତରକାରିଣୀ ଶକ୍ତି ଦ୍ୱାରା ଆମର ସମଗ୍ର ସତ୍ତାକୁ ଦିବ୍ୟତତ୍ତ୍ୱରେ ରୂପାନ୍ତର କରି ଦିବ୍ୟସମାଜ ଓ ଦିବ୍ୟମାନବ ସୃଷ୍ଟି କରିବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି, ସେହି ମା'ର ସନ୍ତାନ ହୋଇ ଆମେ ତାଙ୍କ ପାଇଁ କ'ଣ କରିପାରିବା ଏହା ହେଉଛି ଏକ ବିରାଟ ପ୍ରଶ୍ନବାଚୀ । ଆମ୍ଭମାନଙ୍କ ଠାରୁ ସେ କ'ଣ ଚାହାନ୍ତି ? କେବଳ ବଦଳିଯିବା ପାଇଁ ସମ୍ମତି । ମା' କହନ୍ତି – "All would change if man could once consent to be spiritualised; but his nature, mental and vital and physical, is rebellious to the higher law. He loves his imperfection."

(CWM, Vol. 9, p. 79)

''ଅର୍ଥାତ୍, ମଣିଷ ଯଦି ଥରେ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ପାଇଁ ସମ୍ମତି ପ୍ରଦାନ କରନ୍ତା, ତେବେ ସବୁକିଛି ବଦଳିଯିବ; କିନ୍ତୁ ତା'ର ମାନସିକ, ପ୍ରାଣିକ ଓ ଶାରୀରିକ ପ୍ରକୃତି ଉଚ୍ଚତର ସତ୍ୟ ପ୍ରତି ବିଦ୍ରୋହ କରେ, ସେ ଅପୂର୍ଣ୍ଣତାକୁ ଭଲପାଏ ।''

ଶ୍ରୀ କପାଳି ଶାସ୍ତ୍ରୀ କହନ୍ତି – ''ଶ୍ରୀମା ସ୍ୱୟଂ ପରମ ବିସ୍ମୟ । ଥରେ ଯଦି ତାଙ୍କ ପ୍ରତି ନିଜକୁ ଖୋଲି ଧର ତେବେ ସେ ତୁମ ମଧ୍ୟରେ ସଞ୍ଚାରିତ କରିବେ ପ୍ରାଚୁର୍ଯ୍ୟର ପ୍ଲାବନ । କି

ଅପୂର୍ବ ! କି ଦୁର୍ଲଭ ଯୁଗରେ ଆମେ ଜୀବନ ଧାରଣ କରୁଛୁ ।'' ଏହା ଏପରି ଏକ ସମୟ ଯାହାକୁ ଶ୍ରୀଅରବିନ୍ଦ ଦେବ ମୁହୂର୍ତ୍ତ ବୋଲି କହିଛନ୍ତି, କାରଣ ସ୍ୱୟଂ ଭାଗବତ ଜନନୀ ଆମର ସାଧନାର ଭାର ଗ୍ରହଣ କରିଛନ୍ତି । ଏପରି ଅପୂର୍ବ ସୁଯୋଗକୁ ହାତଛଡ଼ା କରି ମା'ଙ୍କଠାରୁ ଦୂରେଇ ଗଲେ, ଆମଠାରୁ ବଡ଼ ହତଭାଗା ଦୁନିଆରେ ଆଉ କେହି ହେବେ ନାହିଁ । ସେହି ଶ୍ରୀମା'ହିଁ ଆମ ସକଳଙ୍କ ମାଆ, ଜୀବନ୍ତ ମାଆ, ସତକୁ ସତ ମାଆ । ବାଛୁରୀଟି ଦଉଡ଼ି ଦ୍ୱାରା ଖୁଣ୍ଟରେ ବନ୍ଧା ହେବା ପରି ପ୍ରତିଟି ସନ୍ତାନ ଦିବ୍ୟଜନନୀଙ୍କ ଖୁଣ୍ଟରେ ବନ୍ଧା ହୋଇ ରହିଥାଏ । ଦଉଡ଼ିଟି ହୁଗୁଳା ହେଲେ ସନ୍ତାନଟି ଦୂରକୁ ଚାଲିଯାଏ ଏବଂ ପଡ଼ିଆର କଅଁଳ ଘାସ ଖାଇବା ପରି ଭୋଗବାସନାରେ ଲିପ୍ତ ରହି କିଛି କ୍ଷଣ ପାଇଁ ମାଆର ଉପସ୍ଥିତିକୁ ଭୁଲିଗଲେ ମଧ ସନ୍ତାନଟି ମାଆର ବଳୟ ବା ସୁରକ୍ଷା କବଚ ଭିତରେ ସର୍ବଦା ରହିଥାଏ ଏବଂ ମାଆ ସନ୍ତାନ ସହିତ ସର୍ବଦା ରହି ଥାଆନ୍ତି । ସାବିତ୍ରୀ ମହାକାବ୍ୟରେ ସ୍ୱୟଂ ସାବିତ୍ରୀ ମୃତ୍ୟୁ ଦେବତାଙ୍କୁ କହିଲେ –

"And if I linger, Time is ours and God's,
And if I fall, is not his hand near mine ?"

(Savitri, Page. 636)

ଅର୍ଥାତ୍, ''ଯଦି ମୁଁ ବଞ୍ଚିରହେ, ତେବେ ମହାକାଳ ଆମ ପକ୍ଷେ ରହିବ ଯେପରି ଭଗବାନଙ୍କ ପାଖେ ରହିଛି । ଯଦି ମୁଁ ବ୍ୟର୍ଥକାମ ହୁଏ, ତେବେ ଭଗବାନଙ୍କ ହାତ କ'ଣ ମୋ ମୁଠାରେ ଧରା ହୋଇ ନଥିବ ?''

ପ୍ରତିଟି ସନ୍ତାନ ସେହି ଆଦିମାତାଙ୍କଠାରୁ ସମ୍ଭୂତ । ତେଣୁ ତତ୍ତ୍ୱତଃ ସ୍ୱୟଂ ମା'ହିଁ ସନ୍ତାନର ମୁଖାପିନ୍ଧି ନିଜକୁ ପ୍ରକାଶ କରି ଚାଲିଛନ୍ତି । ସେ ଯେହେତୁ ଏହି ପୃଥିବୀକୁ ସୃଷ୍ଟି କରିଛନ୍ତି, ପ୍ରତିଟି ସନ୍ତାନକୁ ସୃଷ୍ଟି କରିଛନ୍ତି, ସେହି ହେତୁରୁ ପ୍ରତିଟି ସନ୍ତାନ ମଧ ସେହି ଦିବ୍ୟଜନନୀ ବା ଆଦ୍ୟାଶକ୍ତିଙ୍କୁ ସୃଷ୍ଟି କରିବ । ଏହି ଅର୍ଥରେ ସାବିତ୍ରୀ ମହାକାବ୍ୟରେ କୁହାଯାଇଛି –

"Since God has made earth,
earth must make in her God;"

(Savitri, p. 693)

''ଅର୍ଥାତ୍, ଯେହେତୁ ଈଶ୍ୱର ଏହି ପୃଥିବୀକୁ ସୃଷ୍ଟି କରିଛନ୍ତି, ସେଥିପାଇଁ ପୃଥିବୀକୁ ତା' ଭିତରେ ଈଶ୍ୱରଙ୍କୁ ସୃଷ୍ଟି କରିବାକୁ ପଡ଼ିବ ।'' ଏହା କେବଳ ବାଣୀ ନୁହେଁ, ଏହା ହେଉଛି ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କର ଆମ ପାଇଁ ପ୍ରତିଶ୍ରୁତି । ଏ ଦିଗରେ ଆଗେଇବାକୁ ହେଲେ ମା'ଙ୍କ ସହିତ ଆମର ବନ୍ଧନ ଅତୁଟ ହେବା ଅନିବାର୍ଯ୍ୟ ।

ମା' କହନ୍ତି, ମୋର କୌଣସିଟି ସନ୍ତାନ ନିରର୍ଥକ ହୋଇ ନପାରେ । ବସ୍ତୁତଃ ମୋର ପ୍ରତ୍ୟେକ ସନ୍ତାନର ଯଥାର୍ଥ ସ୍ଥାନ ରହିଛି ଓ ବିଶେଷ ଉଦ୍ଦେଶ୍ୟ ପୂରଣ କରିବାର ଅଛି । ମୁଁ ସେମାନଙ୍କୁ ସମାନ ଭାବରେ ଭଲ ପାଏ ଏବଂ ସେମାନଙ୍କର ମଙ୍ଗଳ ତଥା ପ୍ରଗତି ନିମିତ୍ତ ଯାହା ପ୍ରୟୋଜନ ତାହା ମୁଁ କୌଣସି ଅଭିରୁଚି କିଂବା ପକ୍ଷପାତିତ୍ୱ ବିନା ପ୍ରତ୍ୟେକଙ୍କ ପାଇଁ କରିଥାଏ ।

ଶ୍ରୀଅରବିନ୍ଦ କହନ୍ତି, ମାନୁଷୀ ମାଆ ଯାହା ଦେଇପାରେ, ଦିବ୍ୟଜନନୀ ଅନେକ ଅଧିକ ଦିଅନ୍ତି; ଅନେକ ଭାବରେ, ବହୁ ଉଚ୍ଚତର ଭାବରେ, ଅନନ୍ତ ଗୁଣରେ । ମାଆ ଓ ସନ୍ତାନର ସମ୍ବନ୍ଧ ଯେହେତୁ ବିଶାଳତର ଓ ପୂର୍ଣ୍ଣତର ସେଥିପାଇଁ ଏହା ପାର୍ଥିବ ସମ୍ବନ୍ଧର ସକଳ ସ୍ଥାନକୁ ଅଧିକାର କରିପାରେ ଏବଂ ବାହ୍ୟ ଜୀବନ ତଥା ଆନ୍ତର ଜୀବନରେ ମଧ ତାହାର ସ୍ଥାନ ଗ୍ରହଣ କରିପାରେ ।

ସନ୍ତାନ ଭାବେ ଶ୍ରୀମା'ଙ୍କ ସହ ଆମର ସମ୍ବନ୍ଧ ଜନ୍ମ ଜନ୍ମର, ବହୁ ଯୁଗର । ତାଙ୍କ ସହ ଆମର ଯେଉଁ ସମ୍ବନ୍ଧ ତାହା ବାହ୍ୟିକ ନୁହେଁ । ତାହା ଏକ 'ଆନ୍ତର ସମ୍ବନ୍ଧ' ବା 'ଚୈତ୍ୟିକ ସମ୍ବନ୍ଧ'ର ଭିତ୍ତି ଉପରେ ପ୍ରତିଷ୍ଠିତ । ଶ୍ରୀଅରବିନ୍ଦ କହନ୍ତି – ''ଯେଉଁମାନେ ମା'ଙ୍କୁ ସ୍ୱୀକାର କରିଛନ୍ତି, ସେମାନଙ୍କ ସଙ୍ଗେ ମା'ଙ୍କର ଯେଉଁ ସମ୍ବନ୍ଧ ଅଛି, ତାହାର ଭିତ୍ତି ହେଲା ଏକ ଆଧ୍ୟାତ୍ମିକ ଓ ଚୈତ୍ୟ ମାତୃତ୍ୱ । ଆନ୍ତର ସମ୍ପର୍କର ଅର୍ଥ ହେଲା ଯେ ସନ୍ତାନ ମା'ଙ୍କର ଉପସ୍ଥିତି ଅନୁଭବ କରେ, ସର୍ବଦା ମା'ଙ୍କ ଆଡ଼କୁ ଉନ୍ମୁକ୍ତ ରହେ, ମା'ଙ୍କ ଶକ୍ତି ଯେ ତାକୁ ଚଳାଉଛି, ପଥ ଦେଖାଉଛି, ସାହାଯ୍ୟ କରୁଛି ତାହା ସେ ବୁଝିପାରେ, ସର୍ବଦା ମା'ଙ୍କ ପ୍ରତି ତାହାର ଅନ୍ତର ପ୍ରେମରେ ପୂର୍ଣ୍ଣ ଥାଏ; ଆଉ ସେ ମା'ଙ୍କର ପାଖରେ ଥାଉ ବା ଦୂରରେ ଥାଉ, ସର୍ବଦା ମା'ଙ୍କର ଏକାନ୍ତ ସାନ୍ନିଧ୍ୟ ଅନୁଭବ କରେ । ଏହି ଆତ୍ମାର ସମ୍ବନ୍ଧ ସନ୍ତାନର ମନ, ପ୍ରାଣ, ଅନ୍ତର ତଥା ଦେହକୁ ଅଧୀକାର କରେ ଏବଂ ତାହା ଫଳରେ ସେ ଅନୁଭବ କରେ ଯେ ତା'ର ମନ ମା'ଙ୍କ ମନର ପ୍ରତିଫଳନ, ତା'ର ପ୍ରାଣ ମା'ଙ୍କ ପ୍ରାଣ ସଙ୍ଗେ ସମନ୍ୱିତ ଏବଂ ତାହାର ଦୈହିକ ଚେତନା ବି ମା'ଙ୍କ ଚେତନା ଦ୍ୱାରା କ୍ରିୟାଶୀଳ । ଏହାହିଁ ହେଲା ଆନ୍ତର ମିଳନର ଲକ୍ଷଣ, କେବଳ ଅନ୍ତର ଆତ୍ମାର ନୁହେଁ, ବାହ୍ୟ ପ୍ରକୃତିର ମଧ ।

ଏକମାତ୍ର ନିରାପଦ ପଥ ହେଲା ଆନ୍ତର ଏକତ୍ୱ ଉପରେ ସର୍ବାଗ୍ରେ ଓ ସର୍ବଦା ଅଭିନିବିଷ୍ଟ ହେବା, ତାହାକୁ ଏକମାତ୍ର ସାଧନାର କାର୍ଯ୍ୟ ବୋଲି ଗ୍ରହଣ କରିବା । ବାହ୍ୟ ଜିନିଷର ସକଳ ଦାବିକୁ ତ୍ୟାଗ କରିବା, ମା'ଙ୍କ ଜ୍ଞାନ ଓ କୃପା ଉପରେ ସର୍ବଦା ନିର୍ଭରଶୀଳ ହେବା ଏବଂ ସେ ଯାହା ଦିଅନ୍ତି, ତାହା ନେଇ ସନ୍ତୁଷ୍ଟ ରହିବା ।''

ସୁତରାଂ ମା'ଙ୍କର ସହାୟତା ଲାଭ କରିବା ସକାଶେ ଆମକୁ ପ୍ରସ୍ତୁତ ହେବାକୁ ପଡ଼ିବ । ଆମର ଆଧାରକୁ ଶୁଦ୍ଧ କରିବାକୁ ହେବ ଏବଂ ତାଙ୍କର ସହାୟତା ନିମିତ୍ତ ଆବାହନ କରିବାକୁ ହେବ । ମା'ଙ୍କ ଉପରେ ଆମର ବିଶ୍ୱାସ ଓ ନିର୍ଭରତା ଅତୁଟ ରଖିବାକୁ ହେବ । ତାହା ହେଲେ ପଥରେ ଯେତେ ବାଧାବିପତ୍ତି ଆସିଲେ ମଧ୍ୟ ଆମେ ଅକ୍ଳେଶରେ ଅତିକ୍ରମ କରିପାରିବା । ଶ୍ରୀଅରବିନ୍ଦ ସେଥିପାଇଁ କହିଛନ୍ତି, ''ନିଶ୍ଚିତ ହୁଅ ଯେ ତୁମକୁ ଠିକ୍ ପଥରେ ନେଇଯିବା ନିମିତ୍ତ ମା' ସର୍ବଦା ତୁମ ସହିତ ରହିଥିବେ । ବାଧାବିପତ୍ତି ଆସିବ ଓ ଯିବ; କିନ୍ତୁ ମା' ତୁମ ସହିତ ରହିଥିବାରୁ ବିଜୟ ସୁନିଶ୍ଚିତ ।''

(କ୍ରମଶଃ)

❑❑❑

# ମୁଁ ଟିକି ଜଳବିନ୍ଦୁ

## ଦୀପ୍ତି ମିଶ୍ର

ଦିଗନ୍ତର ସେପାରିରେ କିଏ ହାତ ଠାରି ଡାକେ ...
ଆତୁରିତ କିଏ ଏଠି ଯିବାକୁ ତାଙ୍କରି ପାଶେ ।
କିଏ ଭାବ ଭରେ ଏଇ ନୀଳ ଉର୍ମି ନୀଳିମାରେ,
କିଏ ବା ଅଟେ ବିବଶ ଆକାଂକ୍ଷିତ ସ୍ୱପ୍ନ ନୀରେ ।

ନିଦାଘରେ କିଏ ଏଠି ବୋଳେ ଶୀତଳ ଚନ୍ଦନ,
ବିନା ମେଘେ ଇନ୍ଦ୍ରଧନୁ ଆଙ୍କି ଦିଏ କେଉଁ ମନ ।
ମୋ ମନ ରାଇଜେ କିଏ ସପନର ନୀଡ଼ଟିଏ,
ହୃଦ ମନ୍ଦିରରେ ସତେ ପ୍ରୀତିପଦ୍ମା ରୂପଟିଏ !



ଭାବ ଆକାଶରେ କିଏ ମାୟାର ନଗରୀ ଗଢ଼େ,
ନୂଆ ପୃଥିବୀ ସପନେ ମମତାର ମାଟି ଯୋଡ଼େ ।
କାହାର ପରଶ ଆଣେ ଅମୃତର ଅନୁଭବ,
କା' ଲାଗି ଜନ୍ମ ସାର୍ଥକ କିଏ ସେ ମହାନୁଭବ !

ପ୍ରଭାତର ଆହ୍ୱାନରେ କିଏ ଜ୍ୱଳନ୍ତ ସବିତା,
ବିହଙ୍ଗର କାକଳିରେ ଭରେ କିଏ ମାଦକତା ।
କିଏ ମୋର କବିତାରେ ଶବ୍ଦର ଚାତୁରୀ ଆଣେ,
କିଏ ମୋର ସଙ୍ଗୀତରେ ମଧୁଝରା ସ୍ୱର ବୁଣେ ।
ତୁମେ ଗୋ ଜନନୀ ସତେ ମୋ ପାଇଁ ମମତା ସିନ୍ଧୁ...
ମିଶିବାକୁ ଚାହେଁ ସାଥେ ମୁଁ ଯେ ଟିକି ଜଳ ବିନ୍ଦୁ । ❑

# ସୁନିଲ-ଦା’
## (୨)

ଯେତେବେଳେ ପରିବାରର ପିଲାମାନଙ୍କ ଉଚ୍ଚଶିକ୍ଷାର ଆବଶ୍ୟକତା ପଡ଼ିଲା ସେତେବେଳେ ସୁନିଲଙ୍କର ମାତାପିତା କଲିକତାକୁ ଆସି ବସବାସ କରିବାର ଗୁରୁତ୍ୱପୂର୍ଣ୍ଣ ସିଦ୍ଧାନ୍ତ ନେଲେ । କଲିକତାର ୨୫ ଏ. ବକୁଲ୍ ବାଗାନ୍ ଷ୍ଟ୍ରୀଟ୍‌ରେ ତାଙ୍କର ଥିଲା ବିରାଟ କୋଠାବାଡ଼ି । ସେଠାରେ ସୁନିଲଙ୍କର ପିତାମହ କତିପୟ ପରିବାରବର୍ଗଙ୍କ ସହିତ ବାସ କରୁଥିଲେ । ତାଙ୍କର ପାଞ୍ଚ ପୁଅ ଓ ଦୁଇ କନ୍ୟା ଥିଲେ ସତ; କିନ୍ତୁ ତାଙ୍କ ପାଖରେ ରହୁଥିଲେ ଜଣେ କି ଦୁଇ ଜଣ ପୁଅ । ଜ୍ୟେଷ୍ଠ ପୁତ୍ର ସପରିବାରରେ ବନାରସରେ ରହୁଥିଲେ; କେବଳ ପୂଜା ଛୁଟିରେ କଲିକତାକୁ ଆସୁଥିଲେ ଓ କୃଷ୍ଣନଗରକୁ ମଧ୍ୟ ବୁଲି ଯାଉଥିଲେ । ସୁନିଲଙ୍କ ବାପା ଥିଲେ ଦ୍ୱିତୀୟ ପୁତ୍ର । ...

କଲିକତା ବାସଭବନରେ ସ୍ଥାୟୀ ଭାବରେ ରହୁଥିଲେ ଅର୍ଦ୍ଧେନ୍ଦୁ ଶେଖର ଭଟ୍ଟାଚାର୍ଯ୍ୟ — ସୁନିଲଙ୍କର ସମ୍ପର୍କୀୟ ଭାଇ । ଇନ୍ଦୁମୁଖୀ ଦେବୀ (ସୁନିଲଙ୍କର ମାଆ) ଏଠାକୁ ଆସିବା ପରେ ବାସଭବନର ରକ୍ଷଣାବେକ୍ଷଣର ସମ୍ପୂର୍ଣ୍ଣ ଦାୟିତ୍ୱ ନେଲେ ଏବଂ ଅର୍ଦ୍ଧେନ୍ଦୁ ଶେଖର ସମସ୍ତ ଆର୍ଥିକ ସାହାଯ୍ୟ ବହନ କରୁଥିଲେ । ସେତେବେଳେ ଅର୍ଦ୍ଧେନ୍ଦୁ ଶେଖର ବେଙ୍ଗଲର ରୋଗ ପ୍ରତିରୋଧକ ସଂସ୍ଥାରେ ଚାକିରି କରୁଥିଲେ । ସେ ନିଜେ ଥିଲେ ଜଣେ ରସାୟନବିତ୍ । କହିବା ବହୁଲ୍ୟ ସେ ଥିଲେ ଶ୍ରୀମା-ଶ୍ରୀଅରବିନ୍ଦଙ୍କର ଜଣେ ଏକନିଷ୍ଠ ଭକ୍ତ । ତାଙ୍କର ବାର୍ଷିକ ଆୟର ଅର୍ଦ୍ଧେକରୁ ଅଧିକ ଅର୍ଥ ସେ ପଣ୍ଡିଚେରୀ ଆଶ୍ରମକୁ ଅର୍ପଣ କରୁଥିଲେ । ୧୯୪୦ ଦଶକର ପ୍ରାରମ୍ଭରୁହିଁ ସେ ଆଶ୍ରମକୁ ଆସି ସ୍ଥାୟୀ ଭାବରେ ରହି ଯାଇଥିଲେ । ଅଧିକନ୍ତୁ ଅର୍ଦ୍ଧେନ୍ଦୁ ଶେଖର ଥିଲେ ‘ସୁରବାହାର’ ଯନ୍ତ୍ରର ଜଣେ ପ୍ରବୀଣ ବାଦକ ।

ଏବେ ସୁନିଲଙ୍କର ସ୍ମୃତିକଥାରୁ ଉଦ୍ଧୃତି (ସଂକ୍ଷିପ୍ତ ଭାବାନୁବାଦ) : ବନାରସବାସୀ ମୋ ବଡ଼ବାପାଙ୍କର ବଡ଼ ପୁଅ ସ୍ଥାନୀୟ ଜଣେ ପ୍ରସିଦ୍ଧ ଗାୟକଙ୍କଠାରୁ ଭାରତୀୟ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା କରୁଥିଲେ ଏବଂ ଏଥି ସହ ‘ସିତାର’ ବଜାଇ ପାରୁଥିଲେ । ସେ ମଧ୍ୟ ତୈଳଚିତ୍ର ଅଙ୍କନରେ ବେଶ୍ ପାରଦର୍ଶିତା ଅର୍ଜନ କରିଥିଲେ । ବଡ଼ବାପାଙ୍କର କନିଷ୍ଠ ପୁତ୍ର ବନାରସର ପ୍ରସିଦ୍ଧ ସିତାର ବାଦକ ମୁସ୍ତାଗ୍ ଅଲିଙ୍କ ଠାରୁ ସିତାର ବଜାଇବା ଶିଖୁଥିଲେ । ପରବର୍ତ୍ତୀକାଳରେ କଲିକତାକୁ ଆସି ସ୍ଥାୟୀ ଭାବରେ ବାସ କରିବା ପରେ ପ୍ରସିଦ୍ଧ ଓସ୍ତାଦ ଏନାୟତ୍ ଖାଁଙ୍କ ଠାରୁ ସିତାର ଶିଖୁଥିଲେ । ସୁନିଲ ଏହି ଭାଇଙ୍କ ଠାରୁହିଁ ସିତାର ବଜାଇବାର ଅଭ୍ୟାସ କରିଥିଲେ । କହିବାକୁ ଗଲେ ସୁନିଲଙ୍କର ପରିବାରରେ ଥିଲେ ସଂଖ୍ୟାଧିକ ସଙ୍ଗୀତଜ୍ଞ । ତାଙ୍କ ବଡ଼ ଭାଇ ଅନିଲ ଥିଲେ ସରୋଦ ବାଦକ, ଭଉଣୀ ମିନି ଥିଲେ ଉଚ୍ଚକୋଟୀର ଗାୟିକା ।

ସୁନିଲଙ୍କର ବାଲ୍ୟକାଳର କ୍ରିୟାକଳାପ ସମ୍ବନ୍ଧେ ବାଟ୍ଟୀଙ୍କ ବର୍ଣ୍ଣନାରୁ ଉଦ୍ଧୃତି : ‘‘... ଅନ୍ୟାନ୍ୟ ସମବୟସୀ ବାଳକଙ୍କ ମଧ୍ୟରୁ ସୁନିଲଙ୍କ କ୍ଷେତ୍ରରେ ପ୍ରକାଶ୍ୟରେ ଦୃଷ୍ଟିଗୋଚର ହେଉଥିଲା ଅସାଧାରଣ ବୁଦ୍ଧିମତ୍ତା । ସେ ଯେଉଁ ବିଷୟ ହାତକୁ ନେଉଥିଲେ ସେଥିରେ ସର୍ବୋତ୍ତମ ହୋଇ ଉଠୁଥିଲେ । ତାଙ୍କର ବିଶେଷ ଆକର୍ଷଣୀୟ ବିଷୟ ଥିଲା ଗଣିତ ବିଦ୍ୟା । ଏପରିକି ଜାତକ ଦେଖି ଭବିଷ୍ୟ ଜାଣିବା ବିଦ୍ୟାକୁ ମଧ୍ୟ ସେ ଅନାୟାସରେ ଆୟତ୍ତ କରି ପାରିଥିଲେ । (ଏହି ବିଦ୍ୟାଟିକୁ ସେ କେଉଁଠୁ ବା କାହାଙ୍କଠୁ ଆୟତ୍ତ କରିଥିଲେ ଜଣା ନାହିଁ ।) ସ୍ୱାଭାବିକ ଭାବରେ ଚେସ୍ ଖେଳରେ ମଧ୍ୟ ସେ ଥିଲେ ଧୁରନ୍ଧର । ସୁନିଲ ବାଲ୍ୟକାଳରୁ ହୋମିଓପ୍ୟାଥି ଚିକିତ୍ସା ସମ୍ବନ୍ଧେ ସମ୍ୟକ୍ ଜ୍ଞାନ ଆହରଣ କରିଥିଲେ । ଏହି ବିଷୟଟିରେ ପିତାହିଁ ଥିଲେ ତାଙ୍କର ଗୁରୁ ।...’’

ଏ ସମ୍ବନ୍ଧେ ସୁନିଲଙ୍କର ବର୍ଣ୍ଣନାରୁ ଉଦ୍ଧୃତି : ‘‘କଲିକତାରେ ପ୍ରାୟ ଦୁଇ ବର୍ଷ ପର୍ଯ୍ୟନ୍ତ ମୁଁ ଅବାଧରେ ବୁଲାବୁଲି କରୁଥିଲି । ବାପା ମୋତେ କେବେ ବି ସ୍କୁଲକୁ ଯିବାକୁ କହୁ ନଥିଲେ । ସେ ନିତି ମଧ୍ୟାହ୍ନରେ ବିଶ୍ରାମ ନେଉଥିବା ସମୟରେ ମୋତେ ଗଣିତ ପଢ଼ାଉ ଥିଲେ । ସେ ଜଣେ ଉତ୍ତମ ଶିକ୍ଷକ ଥିଲେ । ମୋତେ ମୋର ଦ୍ରୋଷତ୍ରୁଟି ଦେଖି କେବେ ବି ଗାଳି ଦେଉ ନଥିଲେ ।

‘‘ସେ ପ୍ରାୟଶଃ ମୋତେ ପଚାରୁଥିଲେ, ମୁଁ ଜଣେ ଡାକ୍ତର ହେବାକୁ ଚାହେଁ କି ନା । ମୋର ଉତ୍ତର ଥିଲା ‘ହଁ’ । ସେ ସିଦ୍ଧାନ୍ତ ନେଲେ ମୋତେ ଜଣେ ଡାକ୍ତର କରି ଗଢ଼ିବେ । ତେଣୁ ଶରୀର ଗଠନ ବିଜ୍ଞାନ (anatomy) ସମ୍ବନ୍ଧେ ଗୋଟିଏ ବଙ୍ଗଳା ପୁସ୍ତକ ଯୋଗାଡ଼ କରି ମୋତେ ଏହି ବିଜ୍ଞାନ ସମ୍ବନ୍ଧେ

ପଢ଼ାଇବାକୁ ଆରମ୍ଭ କଲେ । ନ'ବର୍ଷ ବୟସରେହିଁ ମୁଁ ଏହି ବିଜ୍ଞାନ ସମ୍ବନ୍ଧେ ପ୍ରଭୂତ ମାତ୍ରାରେ ଜ୍ଞାନ ଆହରଣ କରିପାରିଥିଲି । ପରେ ମୋତେ ହୋମିଓପ୍ୟାଥି ଚିକିତ୍ସାର କିଛି ଔଷଧ ଓ ଚିକିତ୍ସା-ବିଧିର ଇଂରାଜୀ ପୁସ୍ତକ ପାଠ କରିବାକୁ ଦେଲେ । ମୁଁ ମନୋନିବେଶପୂର୍ବକ ଏହି ପୁସ୍ତକଟି ପାଠ କରି ରୋଗୀମାନଙ୍କୁ ଚିକିତ୍ସା କରିବା ଆରମ୍ଭ କରିଦେଲି । ମୋର ଚିକିତ୍ସାଧୀନ ରୋଗୀମାନେ ସାଧାରଣତଃ ସ୍ଥାନୀୟ ସହରତଳି ବସ୍ତି ଅଞ୍ଚଳର ବାସିନ୍ଦା, – ବାବୁମାନଙ୍କର ଗାଡ଼ି ଚାଳକ ତଥା ଚାକର-ବାକର ଶ୍ରେଣୀର ବ୍ୟକ୍ତି । ମୁଁ ନିଜେ ବସ୍ତି ଅଞ୍ଚଳକୁ ଯାଇ ସେମାନଙ୍କୁ ମାଗଣାରେ ଚିକିତ୍ସା କରୁଥିଲି । ଏକଥା ଅବଶ୍ୟ ସ୍ମରଣୀୟ ଯେ ମୁଁ ଦିନତମାମ ଚିକିତ୍ସା କରିଥିବା ରୋଗୀମାନଙ୍କର ବିବରଣ ଶୁଣି ପ୍ରତ୍ୟେକଙ୍କର ରୋଗ ନିର୍ଣ୍ଣୟ ବା ନିଦାନ (diagnosis) ଏବଂ ସେସବୁ ନିମିତ୍ତ ମୋର ଔଷଧ ନିର୍ଦ୍ଧାରଣ କରିବାର ସିଦ୍ଧାନ୍ତ – ଏ ସମସ୍ତ କଥା ବାପାଙ୍କୁ କହୁଥିଲି । ପ୍ରତ୍ୟେକଙ୍କ ନିମିତ୍ତ ମୋର ଔଷଧ ନିର୍ଦ୍ଧାରଣ କରିବାର ସିଦ୍ଧାନ୍ତକୁ ବାପା ସବୁବେଳେ ଯଥାର୍ଥ ବୋଲି ଅନୁମୋଦନ କରୁଥିଲେ ଏବଂ ଏଥି ନିମିତ୍ତ ଉତ୍ସାହ ଦେଉଥିଲେ । କହିବା ବାହୁଲ୍ୟ ଯେ ମୋ ବାପା ରୋଗୀମାନଙ୍କୁ ରୋଗବ୍ୟାଧି ତଥା ସେସବୁର ଚିକିତ୍ସା ସମ୍ବନ୍ଧେ ଅନ୍ତରଙ୍ଗ ଭାବରେ ବୁଝାଉଥିବା ବେଳେ ମୁଁ ଅନତି ଦୂରରେ ଚୁପ୍‌ଚାପ୍ ବସି ଏସବୁକୁ ନିବିଷ୍ଟ ଚିତ୍ତରେ ତଥା ମନୋଯୋଗପୂର୍ବକ ଶ୍ରବଣ କରୁଥିଲି । ... ଫଳରେ ମୋର ବାପା ମୋତେ 'ମାଷ୍ଟର' ବୋଲି ଏବଂ ମୋ ରୋଗୀମାନେ ମୋତେ ଆଦରରେ 'ଛୋଟ ଡାକ୍ତର' ବୋଲି କହୁଥିଲେ ।

''ମୋ ମାଆ ନିତି ସନ୍ଧ୍ୟାରେ ରୋଷେଇ କରୁଥିବା ସମୟରେ ମୋତେ ବଙ୍ଗଳା ପଢ଼ାଉ ଥିଲେ । ମୋର ସମ୍ପର୍କୀୟ ଜ୍ୟେଷ୍ଠ ଭାଇ ନିର୍ମଳ ପ୍ରସାଦ (ବଡ଼-ଦା') ଆମମାନଙ୍କୁ (ପରିବାରର ମୋର ସମବୟସୀ ଭାଇଭଉଣୀଙ୍କୁ) ନିତି ଉପରଓଳି ଇଂରାଜୀ ପଢ଼ାଉ ଥିଲେ । ... ପଢ଼ା ଶେଷ ହେଲେ ଆମମାନଙ୍କୁ ଖେଳାଖେଳି କରିବା ପାଇଁ ଅବସର ଦେଉଥିଲେ । ...

''ବାଲ୍ୟାବସ୍ଥାରୁ ମୁଁ ବେଶ୍ ସୁସ୍ଥ ସବଳ ଓ ହୃଷ୍ଟପୁଷ୍ଟ ଥିଲି ସତ କିନ୍ତୁ ଖୁବ୍ ଜିଦ୍‌ଖୋର ଓ ଅବାଧ୍ୟ ଥିଲି । ମୁଁ ସେତେବେଳେ ମୋ ବାପାଙ୍କୁହିଁ ଘରର ମୁରବି ବୋଲି ଜ୍ଞାନ କରୁଥିଲି । ତେଣୁ କେବଳ ସେହିଁ ମୋର ଦୋଷତ୍ରୁଟି ଦେଖି ମୋତେ ଶାସନ କରିପାରିବେ, ଗାଳି ଦେଇ ତାକିତ କରିପାରିବେ; ଅନ୍ୟ କେହି ନୁହେଁ । କେବେ କେବେ ମାଆ ମୋ ଉପରେ ବିରକ୍ତ ହୋଇ ମୋତେ ମାଡ଼ ଦେବା ସକାଶେ ମୋ ପଛରେ ଗୋଡ଼ାଉ ଥିଲେ । ମୁଁ କିନ୍ତୁ କେବେ ବି ତାଙ୍କୁ ଧରା ଦେଉ ନଥିଲି; ମୁଁ ତାଙ୍କଠୁଁ ଅଧିକ ବେଗରେ ଦୌଡ଼ି ପଳାଉ ଥିଲି । ଦିନେ ଘରର ସବୁ ପିଲାମାନେ ଘର ଭିତରେ ଲୁଚକାଳି ଖେଳୁଥିଲୁ । ସେଇ ସମୟରେ ମୋ ବଡ଼ ମାଈଁ ତାଙ୍କ ଘରୁ (ଦକ୍ଷିଣପଡ଼ାରୁ) ଆମ ଘରକୁ ବୁଲି ଆସିଥିଲେ । ଆମେ ଖେଳୁଥିବା ସମୟରେ ମାଆ ଓ ବଡ଼ ମାଈଁ ଏକାଠି ବସି ଗପସପ ହେଉଥିଲେ । ଖେଳୁ ଖେଳୁ ମୁଁ ଦୌଡ଼ି ପଳାଉଥିବା ବେଳେ ଅପ୍ରତ୍ୟାଶିତ ଭାବରେ ମାଈଁଙ୍କ ପାଦକୁ ଝୁଣ୍ଟି ପଳାଇଗଲି । ମାଆ ମୋତେ ସେହି କ୍ଷଣି ଡାକି କହିଲେ, 'ଭଦ୍ରାମି ଦୃଷ୍ଟିରୁ ମାଈଁଙ୍କ ପାଦ ଛୁଇଁ ତାଙ୍କୁ ବିନୀତ ଭାବରେ ସମ୍ମାନ ଦିଅ ।' ମୁଁ ପ୍ରତିବାଦ କରି ମା'ଙ୍କୁ କହିଉଠିଲି, 'ମୁଁ ତ ଜାଣିଶୁଣି ସେପରି କରି ନାହିଁ, ଅଚାନକ ହୋଇଯାଇଛି ।'...

''ମୋ ମାଆଙ୍କର ମୋ ପ୍ରତି ସ୍ନେହ-ଶ୍ରଦ୍ଧାର ଊଣା ନଥିଲା । ସେ ତାଙ୍କର ନିଜସ୍ୱ ଧାରାରେ ମୋତେ ଭଲ ପାଉଥିଲେ । ସେ ଆନ୍ତରିକ ଭାବରେ ଚାହୁଁଥିଲେ ଯେ ମୁଁ ଯେପରି ସୁବୋଧ ବାଳକଟିଏ ହୋଇ ପଢ଼ାପଢ଼ିରେ ମନୋନିବେଶ କରେ । ସେତେବେଳେ କିନ୍ତୁ ମୁଁ ପ୍ରାୟ ଦିନତମାମ ରାସ୍ତାରେ ସାଙ୍ଗସାଥିଙ୍କ ଗହଣରେ ଖେଳାଖେଳି ଓ ବଦମାସିରେ ମାତୁଥିଲି । ଏଥିପାଇଁ ମାଆ ମୋ ଉପରେ ଖୁବ୍ ବିରକ୍ତ ହୋଇ ପ୍ରାୟଶଃ ଗାଳି ଦେଉଥିଲେ । କିନ୍ତୁ ମୋ ଉପରେ ତାଙ୍କର ତାକିଦାସବୁ କୌଣସି ପ୍ରଭାବ ପକାଇପାରୁ ନଥିଲା । ଦିନେ ସେ ଅତ୍ୟନ୍ତ କ୍ରୋଧାନ୍ୱିତା ହୋଇ ମୋ ବାପାଙ୍କ ନିକଟରେ ଅଭିଯୋଗ କରି ବସିଲେ । ମୋ ବାପା ସେଇ ମାତ୍ର ତାଙ୍କ ଡାକ୍ତରଖାନାରୁ ଫେରି ଘରେ ପାଦ ଦେଇଥିଲେ ଏବଂ ସେ ଖୁବ୍ କ୍ଲାନ୍ତ ମଧ୍ୟ ଥିଲେ । ଏବେ ବି ସେଦିନର ଦୃଶ୍ୟ ମୋ ଆଖି ଆଗରେ ପ୍ରାଞ୍ଜଳ ଭାବରେ ଭାସିଉଠୁଛି । – ବାପା ଦୁଆର ବନ୍ଧରେ ପାଦ ଥାପିଛନ୍ତି, ମାଆର ତୀବ୍ର ଅଭିଯୋଗ ବର୍ଷଣ ହେଉଛି । ପରିଶେଷରେ ବାପାଙ୍କୁ ମାଆର ଏକାନ୍ତ ଅନୁରୋଧ ଯେ ଏବେ ପୁଅକୁ କିଛି ଶାସ୍ତି ଦିଅନ୍ତୁ । ମୁଁ ସେତେବେଳେ ବାପାଙ୍କ ପାଖରେହିଁ ଛିଡ଼ା ହୋଇଥାଏ ଏବଂ ବାପାଙ୍କ ମୁହଁକୁ ଅପଲକ ନୟନରେ ଚାହିଁ ରହିଥାଏ । ମୁଁ ବେଶ୍ ଲକ୍ଷ୍ୟ କରିଥିଲି ଯେ ସେଦିନ ବାପା ସତରେ ଖୁବ୍ ହାଲିଆ ଦେଖା ଯାଉଥିଲେ, ଆଉ ଏବେ ସେ ଆହୁରି ହାଲିଆ ହୋଇ ଉଠିଥିଲେ । ସେ ନୀରବରେ ସିଧାସଳଖ ପାହାଚ ଚଢ଼ି ଉପରକୁ ଚାଲିଗଲେ

ଏବଂ ତାଙ୍କ କକ୍ଷରେ ପ୍ରବେଶ କଲେ; ତାଙ୍କ ପଛେ ପଛେ ମୁଁ । କକ୍ଷରେ ପ୍ରବେଶ କରି ତାଙ୍କର ଜିନିଷପତ୍ରସବୁ ଟେବୁଲ ଓ ଡ୍ରୟାରରେ ରଖି ଖଟରେ ବସୁ ବସୁ ମୋତେ ନଚାହିଁ ନରମ ଗଳାରେ ଖୁବ୍ ନିମ୍ନ ସ୍ୱରରେ କହିଲେ, ‘ବୁଲୋ (ଆଦର କରି ମୋତେ ସେ ଏହି ନାମରେ ଡାକୁଥିଲେ), ତୁ ଯଦି ଏମିତି ସବୁ କାଣ୍ଡ କରି ଚାଲିଥିବୁ, ତେବେ ମୁଁ ବାଧ୍ୟ ହୋଇ ତୋତେ ଆମ ଗାଁକୁ ପଠାଇ ଦେବି ।’

‘‘ତାଙ୍କର ଏଇ କେଇପଦ କଥା ବେଶ୍ ହୃଦୟସ୍ପର୍ଶୀ ଥିଲା । ତାଙ୍କ ପାଖରୁ କୌଣସି ଶାସ୍ତି ମିଳିବାଠାରୁ ଏହା ଅଧିକ ମର୍ମସ୍ପର୍ଶୀ ଥିଲା । ସେହି ଦିନୁ ଘଡ଼ିରେ ଗୋଟାଏ ବାଜିବା ପରେ ମୁଁ କେବେ ବି ଘରୁ ବାହାରକୁ ପାଦ ବଢ଼ାଇ ନଥିଲି । ସେଇ ମୁହୂର୍ତ୍ତରୁ ବାପାଙ୍କର କେଇ ପଦ କଥା ନୁହେଁ ବରଂ ତାଙ୍କର ସେହି ଅବସନ୍ନ ଚାହାଣିହିଁ ମୋ ମଧ୍ୟରେ ଏପରି ପରିବର୍ତ୍ତନ ଘଟାଇଥିଲା ।’’

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

## ମିୟାକିଙ୍କ ଭାବାନ୍ତର

ପଚାଶ ଦଶକର ଜାପାନରେ ଥିଲେ ଦୁଇ ପ୍ରସିଦ୍ଧ ମୋଟର ସାଇକେଲ ଚାଳକ । ଜଣେ ଥିଲେ ୟୋକୋହୋମାର ଟୋ ସୁ, ଅନ୍ୟ ଜଣକ ଥିଲେ ଟୋକିଓର ମିୟାକି । ଦୁହେଁ ଥିଲେ ପହିଲା ନମ୍ବର ମୋଟର ସାଇକେଲ ଚାଳକ ଏବଂ ଦ୍ରୁତ ଗତିରେ ଗାଡ଼ି ଚଳାଇବା ଠାରୁ ଆରମ୍ଭ କରି ମୋଟର ସାଇକେଲରେ କଳାବାଜି ଦେଖାଇବାରେ ଦୁହେଁ ଥିଲେ ଓସ୍ତାଦ । ଦୁହେଁ ଥିଲେ ପ୍ରତିଦ୍ୱନ୍ଦ୍ୱୀ ଏବଂ ପରସ୍ପରର ସଫଳତାକୁ ନେଇ ଈର୍ଷାତୁର । ... ଥରେ ସେମାନଙ୍କ ଭିତରେ ପ୍ରତିଯୋଗିତାର ଆୟୋଜନ କରାଗଲା । ବିଭିନ୍ନ ପ୍ରକାର ଖେଳ ଭିତରେ ଗୋଟିଏ ଥିଲା ଜାପାନର ଗ୍ରାମାଞ୍ଚଳ ଏବଂ ପାର୍ବତ୍ୟାଞ୍ଚଳ ଭିତର ଦେଇ ଏକ ଦୀର୍ଘ ପଥକୁ ମୋଟର ସାଇକେଲ ଦ୍ୱାରା ଅତିକ୍ରମ କରିବା ।

ସକାଳୁ ଦୁହେଁ ଏହି ପ୍ରତିଯୋଗିତା ପାଇଁ ବାହାରିଲେ । ସନ୍ଧ୍ୟା ସୁଦ୍ଧା ସେମାନଙ୍କୁ ଛଅ ଶହ ମାଇଲ ବାଟ ଅତିକ୍ରମ କରିବାର ଥିଲା । ଖୁବ୍ ଦ୍ରୁତ ଗତିରେ ଗାଡ଼ି ଚଳାଇ ସେମାନେ ପରସ୍ପରକୁ ଅତିକ୍ରମ କରିବାର ପ୍ରତିଯୋଗିତାରେ ମାତିଲେ । ସନ୍ଧ୍ୟା ହେବାକୁ ଅଛି । ପ୍ରତିଯୋଗିତା ଯେଉଁଠି ଶେଷ ହେବ, ସେଠାରେ ଆୟୋଜକମାନେ ଛିଡ଼ା ହୋଇଥା’ନ୍ତି । ଦୂରରୁ ଗୋଟିଏ ମୋଟର ସାଇକେଲ ଦିଶିଲା । ସେ ଥିଲେ ମିୟାକି । ମିୟାକି ଜିତି ଯାଇଛନ୍ତି ବୋଲି ଆହ୍ଲାଦରେ ହାତ ଉପରକୁ ଟେକି ମୋଟର ସାଇକେଲ ଧରି ପହଞ୍ଚିଗଲେ । କିନ୍ତୁ, ଅନେକ ସମୟ ଅପେକ୍ଷା କଲା ପରେ ବି ଟୋ ସୁ ପହଞ୍ଚିଲେ ନାହିଁ । ଏଥିରେ ଉଦ୍‌ବିଗ୍ନ ଆୟୋଜକମାନେ ଶେଷରେ ଏକ ଗାଡ଼ି ଧରି ତାଙ୍କ ସନ୍ଧାନରେ ବାହାରିଲେ । ପାଖାପାଖି ଶହେ କିଲୋମିଟର ବାଟ ଗଲା ପରେ ରାସ୍ତା କଡ଼ରେ ଟୋ ସୁଙ୍କ ମୋଟର ସାଇକେଲ ଥିବାର ସେମାନେ ଦେଖିଲେ । ହେଲେ ଟୋ ସୁ ଗଲେ କୁଆଡ଼େ ? ଖୋଜାଖୋଜି କଲାରୁ ଜଣା ପଡ଼ିଲା ଯେ ସେ ଅଛନ୍ତି ପାଖ ଏକ ଗାଁରେ । ସେଠାରେ ପହଞ୍ଚି ଟୋ ସୁଙ୍କୁ ଠାବ କଲା ବେଳକୁ ସେ ଥିଲେ ଏକ କୁଡ଼ିଆ ଭିତରେ । ଜଣେ ମୁମୂର୍ଷୁ ଯୁବକକୁ ଘେରି ଠିଆ ହୋଇଥିଲେ ତା’ର ପରିବାରର ଅନେକ ଲୋକ । ସେମାନଙ୍କ ଭିତରେ ଥିଲେ ଟୋ ସୁ । କଥା କ’ଣ ବୁଝିଲା ବେଳକୁ ଜଣାଗଲା ଯେ ସେଦିନ ମୋଟର ସାଇକେଲ ଚଳାଇ ଆସିଲା ବେଳକୁ ଗୋଟିଏ ଗଛ ମୂଳରେ ଏଇ ଯୁବକକୁ ଶୁଆଇ ଦେଇ ତା’ର ବୃଦ୍ଧ ମାଆବାପା କାନ୍ଦୁ ଥିବାର ସେ ଦେଖିଲେ । ସେମାନେ ଖୁବ୍ ଅସହାୟ ଜଣା ପଡୁଥିଲେ । ତାଙ୍କୁ ଛାଡ଼ି ଯିବାଟା ଉଚିତ ହେବ ନାହିଁ ବୋଲି ସେ ସେଠାରେ ଅଟକି ମୁମୂର୍ଷୁ ଯୁବକକୁ ଦୂରସ୍ଥ ଏକ ଡାକ୍ତରଖାନାକୁ ନେବାରେ ସାହାଯ୍ୟ କରିବା ଠାରୁ ଆରମ୍ଭ କରି ସେ ଯେମିତି ସୁସ୍ଥ ହେବ ତା’ର ବ୍ୟବସ୍ଥାରେ ଲାଗି ପଡ଼ିଥିଲେ ।

ଏ କଥାରେ ସମସ୍ତେ ସ୍ତମ୍ଭୀଭୂତ ହୋଇଗଲେ । ଟୋ ସୁଙ୍କ ଉଦାରତା ସମସ୍ତଙ୍କୁ ମୁଗ୍ଧ କଲା । ସବୁଠାରୁ ଅଧିକ ଭାବାନ୍ତର ଆସିଲା ମିୟାକିଙ୍କର । କାରଣ, ସେ ବି ବାଟରେ ସେଇ ଅସହାୟ ବୃଦ୍ଧ ଦମ୍ପତିଙ୍କୁ ଦେଖିଥିଲେ ଅଥଚ ପ୍ରତିଯୋଗିତାରେ ହାରିଯିବା ଭୟରେ ସେଠାରେ ଅଟକି ନ ଥିଲେ । ଏ ଘଟଣା ପରେ ମିୟାକି ସବୁ ଦିନ ପାଇଁ ମୋଟର ସାଇକେଲ ଚଳାଇବା ଛାଡ଼ି ଦେଇଥିଲେ । ପରବର୍ତ୍ତୀ ଅବସ୍ଥାରେ ମିୟାକି ଏକ ଗ୍ରାମକୁ ଯାଇ ଅସହାୟଙ୍କ ସେବାରେ ନିଜକୁ ନିୟୋଜିତ କରିଥିଲେ ।

(‘କଥା ଶତକ - ଦୁଇ, ପୃଷ୍ଠା : ୮୬-୮୭;
ସଂକଳନ ଓ ସମ୍ପାଦନା - ସୌମ୍ୟରଂଜନ ପଟ୍ଟନାୟକ) ❑

# ଦୁଇ ସହଜସାଧ ଶୃଙ୍ଖଳା

## ମନୋଜ ଦାସ

[''**ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନ**'' – ପ୍ରଖ୍ୟାତ ସାହିତ୍ୟିକ ମନୋଜ ଦାସଙ୍କର ରଚନାର ଏକ ସଂକଳନ । କିଛି ବର୍ଷ ପୂର୍ବେ ପାକ୍ଷିକ ପତ୍ରିକା 'ପ୍ରତିନିଧି'ରେ ଏହି ସନ୍ଦର୍ଭମାଳା ପ୍ରକାଶିତ ହୋଇଥିଲା । ଏକଦା ଇଂରାଜୀ 'ହେରିଟେଜ୍', 'ଚନ୍ଦାମାମା' ସମେତ ଓଡ଼ିଆ 'ଦିଗନ୍ତ', 'ବିଜୟା' ପ୍ରମୁଖ ପତ୍ରପତ୍ରିକାରେ ଲେଖକଙ୍କ 'ଦେବପ୍ରିୟ' ଛଦ୍ମ ନାମରେ କେତେକ ସନ୍ଦର୍ଭ ପ୍ରକାଶିତ ହୋଇଥିଲା । ସେଥିରୁ କେତେକ ଏହି ସଂକଳନରେ ଅନ୍ତର୍ଭୁକ୍ତ କରାଯାଇଛି । ଏଥିରେ ସନ୍ନିବେଶିତ ମାର୍ଗଦର୍ଶକ ତଥା ସୁଖପାଠ୍ୟ ସନ୍ଦର୍ଭମାଳା ନିଶ୍ଚିତ ଭାବେ ତରୁଣ, ତରୁଣୀ ତଥା ବିଭିନ୍ନ ବର୍ଗ ଓ ବୟସର ପାଠକପାଠିକାମାନଙ୍କ ଦ୍ୱାରା ଆଦୃତ ହେବ ବୋଲି ହୃଦ୍‌ବୋଧ ହେଉଛି । ...

ଏହି ସଂକଳନଟିର ପ୍ରଥମ ମୁଦ୍ରଣ ୨୦୧୯ ମସିହାରେ । ଏହାର ସଂକଳକଙ୍କ ଟିପ୍‌ପଣୀରେ ଉଲ୍ଲେଖ ଅଛି, ''ତେବେ ଲେଖକଙ୍କର ଏକ ନିବେଦନ ରହିଛି । ଏସବୁ ମୁଖ୍ୟତଃ ସରଳ ମନସ୍ତତ୍ତ୍ୱ-ଭିତ୍ତିକ ରଚନା । ଜୀବନରେ ଲେଖକ ସହଜରେ ବର୍ଜନୀୟ ଯେଉଁ ସମସ୍ତ ଦୁର୍ବଳତା ନିଜ ଭିତରେ ତଥା ବହୁ ବ୍ୟକ୍ତିଙ୍କ ଭିତରେ ରହିଥିବା ଲକ୍ଷ୍ୟ କରିଛନ୍ତି, ଟିକିଏ ସଚେତନ ହେଲେ ତରୁଣ ତରୁଣୀମାନେ ସେସବୁର ଊର୍ଦ୍ଧ୍ୱକୁ ଯାଇପାରିବେ ବୋଲି ତାଙ୍କର ବିଶ୍ୱାସ । ନିଜ ନାମରେ ଏସବୁ ପ୍ରକାଶ କରିବା ନିମନ୍ତେ ତାଙ୍କ ସଂକୋଚର ହେତୁ ହେଲା ପାଠକମାନେ ହୁଏତ ମନେ କରିବେ ଲେଖକ ଏ ସମସ୍ତ ଦୁର୍ବଳତା ଉପରେ ବିଜୟ ଲାଭ କରିଛନ୍ତି । କିନ୍ତୁ ତାହା ନୁହେଁ । ସେ ପର୍ଯ୍ୟବେକ୍ଷକ ଏବଂ ଶୁଭେଚ୍ଛୁ ମାତ୍ର ।''

'**ଦୁଇ ସହଜସାଧ ଶୃଙ୍ଖଳା**' ଏହି ସନ୍ଦର୍ଭମାଳା ଅନ୍ତର୍ଭୁକ୍ତ ଏକ ହୃଦୟଗ୍ରାହୀ ଶିକ୍ଷଣୀୟ ରଚନା ।]

To get his wealth, he spent his health
And then with might and main
He turned around and spent his wealth
To get his health again.

ମୁକ୍ତ ଅନୁବାଦ :

ସ୍ୱାସ୍ଥ୍ୟ ନିଜର ହରାଇଲା ସିଏ
ଅର୍ଥ ପଛରେ ଧାଇଁ,
ସଞ୍ଚୟତକ ହରାଇଲା ପୁଣି
ସ୍ୱାସ୍ଥ୍ୟ ପାଇବା ପାଇଁ ।

ଏ ଲେଖକ କେବେ କେଉଁଠାରେ ଏ ମାମୁଲି ପଦ୍ୟଟି ଶୁଣିଥିଲା ଓ ସ୍ମୃତିରେ ଅଜାଣତରେ ସାଇତି ରଖିଥିଲା, ସେକଥା ତା'ର ମନେ ନାହିଁ । ମନେ ପଡ଼ିଗଲା ଦୁଇଦିନ ତଳେ – ସତେ ଯେମିତି ଅହେତୁକୀ ଭାବେ ।

କିନ୍ତୁ ଅହେତୁକୀ କିଛି ହୁଏ କି ? ପରେ ପରେ ମନରେ ଜାଗରିତ ହେଲା ଏ ପ୍ରଶ୍ନ । ହେତୁଟି ନିର୍ଣ୍ଣିତ ହେବାକୁ ବିଶେଷ ସମୟ ଲାଗିଲା ନାହିଁ । କିୟତ୍‌କ୍ଷଣ ପୂର୍ବରୁ ତିନିଜଣ ଯୁବକ ଏ ଲେଖକ ସହ ପ୍ରାୟ ଘଣ୍ଟାଟିଏ ବିତାଇ ବିଦାୟ ନେଇ ଥିଲେ । ତିନିହେଁ ସୁଶିକ୍ଷିତ, ବୁଦ୍ଧିମାନ୍ ତଥା ଆଚରଣ ଏବଂ କଥାବାର୍ତ୍ତାରେ ସୁଶୀଳ । ସେମାନେ ବେଙ୍ଗାଲୁରୁରେ ବ୍ୟବସ୍ଥିତ । ଜଣେ ବଙ୍ଗୀୟ, ଦ୍ୱିତୀୟ ଜଣକ ମହାରାଷ୍ଟ୍ରୀୟ ଏବଂ ତୃତୀୟଟି ମାଲାୟାଲୀ । ଭିନ୍ନ ଭିନ୍ନ ପ୍ରତିଷ୍ଠାନରେ କାମ କରନ୍ତି, ରହନ୍ତି କିନ୍ତୁ ଏକତ୍ର । ବୟସ ହାରାହାରି ପଚିଶ । ଆସିବାର ଉଦ୍ଦେଶ୍ୟ ସୌଜନ୍ୟ-ସାକ୍ଷାତ୍ ।

ପ୍ରସଙ୍ଗକ୍ରମେ ବୁଝିଲି, ସେମାନେ ପ୍ରତ୍ୟେକେ ମାସକୁ ପ୍ରାୟ ଅର୍ଦ୍ଧ ଲକ୍ଷ ମୁଦ୍ରା ଉପାର୍ଜନ କରୁଛନ୍ତି । ଆହୁରି ଅଧିକ ପାଇବାରେ ସେମାନେ ଆଶାୟୀ । ସେ ଦୃଷ୍ଟିରୁ ସେମାନେ ତୃପ୍ତ ବୋଲି ମନେ ହେଲା । କିନ୍ତୁ କାହିଁକି କେଜାଣି ଗୋଟାଏ ପ୍ରକାର ଅତୃପ୍ତି – ଗୋଟାଏ ପ୍ରକାର ଅନୁଚ୍ଚାରିତ ପ୍ରଶ୍ନ – ଗୋଟାଏ ପ୍ରକାର ବିଷଣ୍ଣତା ମଧ୍ୟ ଛାୟା ଭଳି ସେମାନଙ୍କୁ ଅନୁସରଣ କରି ଆସି ଥାଏ ବୋଲି ମୋର ଧାରଣା ହେଲା ।

ସାହିତ୍ୟ ଏବଂ ଦର୍ଶନଭିତ୍ତିକ ଯୋଡ଼ିଏ ତିନୋଟି ପ୍ରଶ୍ନ ପରେ ଜଣେ କହି ପକାଇଲା, ''ବଡ଼ ଭଲ ଲାଗୁଛି ଏସବୁ ଆଲୋଚନା । କିନ୍ତୁ କିଛି ଭଲ ବହି ପଢ଼ିବାକୁ, ଚିନ୍ତା କରିବାକୁ ସୁଯୋଗ କାହିଁ ?''

ବୁଝିଲି, ସେମାନଙ୍କୁ ସକାଳୁ ସକାଳୁ ନିଜ ନିଜ ପ୍ରତିଷ୍ଠାନକୁ ବାହାରି ଯିବାକୁ ପଡ଼େ । ଗାଡ଼ିକୁ ଅପେକ୍ଷା କରିବାରେ ତଥା ଯାତାୟାତରେ କାହାର ଦୈନନ୍ଦିନ ଦୁଇ ଘଣ୍ଟା ସମୟ ଯାଏ ତ କାହାର ଚାରି ଘଣ୍ଟା ପର୍ଯ୍ୟନ୍ତ । କାମର ଚାପ ବେଶ୍ ଓଜନିଆ । ଛୁଟି ସାମାନ୍ୟ । ଦୁଇଜଣ ସଦ୍ୟ ବିବାହିତ । କିନ୍ତୁ ସ୍ତ୍ରୀମାନଙ୍କୁ ଆଣୁ ନାହାନ୍ତି । ଜଣକର କାରଣ : ସ୍ତ୍ରୀ ବିଶେଷ ଶିକ୍ଷା ଲାଭ କରି ନାହିଁ । ସାରା ଦିନ ଏକୁଟିଆ କରିବ କ'ଣ ? ବରଂ ମାଆବାପା ପାଖରେ ଥାଉ । ଦ୍ୱିତୀୟ ଯୁବକଙ୍କ ସ୍ତ୍ରୀ ତାଙ୍କରି ଭଳି କମ୍ପ୍ୟୁଟରବିଦ୍ । କିନ୍ତୁ ସେ ମୁମ୍ବାଇରେ କର୍ମରତା । ଏଠାକୁ ଆସିବା ଭଳି 'କର୍ମଖାଲି' ସୁଯୋଗ ମିଳୁ ନାହିଁ କି ଯୁବକଟିକୁ ମୁମ୍ବାଇରେ ଉପଯୁକ୍ତ କର୍ମ ମିଳୁ ନାହିଁ ।

ହଠାତ୍ ଜଣେ ବ୍ୟକ୍ତ କଲେ, ''ସବୁବେଳେ ଆଶା କରୁଥାଏଁ, ରବିବାର ଦିନ ଶାନ୍ତିରେ କିଛି ପଢ଼ିବାର ସୁଯୋଗ ପାଇବି । କିନ୍ତୁ କ'ଣ କେଜାଣି, ଯାହା ପଢ଼ିଲେ ମଧ୍ୟ ଭଲ ଲାଗେ ନାହିଁ । ସିନେମାଟିଏ ହୁଏତ ଉପଭୋଗ କରେ, କିନ୍ତୁ ତା'ପରେ କାହିଁକି କେଜାଣି ଅବସାଦ ଲାଗେ, ବିଷାଦ ମଧ୍ୟ ।'' ଅନ୍ୟ ଦୁଇ ଜଣ ସ୍ୱତଃସ୍ଫୂର୍ତ୍ତ ଭାବେ ଜଣାଇଲେ, ସେମାନଙ୍କ ଅବସ୍ଥା ମଧ୍ୟ ଅନୁରୂପ ।

ପରୋକ୍ଷରେ ବୁଝି ନେଲି, ସେମାନେ ଯାହା ପଢ଼ନ୍ତି ତାହା ମାମୁଲି ଉପନ୍ୟାସ, ସଚରାଚର ଜନପ୍ରିୟ ସିନେମାଟିମାନ ଦେଖନ୍ତି ।

ଅଳ୍ପ ସମୟ ଭିତରେ ଏ ଲେଖକ କିପରି ଭାବରେ ବା ବୁଝାଇଥା'ନ୍ତା, ମାମୁଲି ଉପନ୍ୟାସ ବା ମାମୁଲି ସିନେମା ଆମ ଚିତ୍ତକୁ ବିଶ୍ରାମ ଦେଇପାରେନା, ତାକୁ ସାନ୍ତ୍ୱନା ଦେଇପାରେନା, ତାକୁ ତୃପ୍ତି ଦେଇପାରେନା । ସଂକ୍ଷେପରେ ମାନସିକ ବିଶ୍ରାମ, ସାନ୍ତ୍ୱନା ଏବଂ ତୃପ୍ତିର ଏକମାତ୍ର ଉପାୟ ସଚରାଚର ଯେଉଁ ସ୍ତରରେ ଆମେ ଚିନ୍ତା, ଭାବନା କରିଥାଉଁ, ଆକର୍ଷଣ ବିକର୍ଷଣ, ଉତ୍କଣ୍ଠା ଉଦ୍‌ବେଗ, ଆଶା, ନିରାଶା, ଈର୍ଷା, ପ୍ରଶଂସା ଇତ୍ୟାଦିର ଆଲୋଚନାରେ ଆମ ମନ ଭରପୂର ହୋଇ ରହିଥାଏ, ସେ ସ୍ତରରୁ ନିଜକୁ ଅଲଗା କରିନେଇ ଟିକିଏ ଉପର ଚେତନାକୁ ଉଠିଯାଇ ସେଠାରେ କିଛି ସମୟ ରହିବା ।

ଏହା କରାଯାଇପାରେ (୧) ମହତ୍ତର ସାହିତ୍ୟ ଅଧ୍ୟୟନ ଦ୍ୱାରା ଅଥବା (୨) ମନର ଅନବରତ କୋଳାହଳକୁ ମଝେ ମଝେ ମିନିଟିଏ ଦୁଇ ମିନିଟ ପାଇଁ ନୀରବ କରି ଦେଇପାରିବା ଦ୍ୱାରା । ଏ ଦୁଇଟି ପନ୍ଥାର ଉଲ୍ଲେଖ କରିବାକୁ ଏ ଲେଖକ ସାହସ କରୁଛି, କାରଣ ସାଧାରଣ ବୁଦ୍ଧି-ବିବେକ-ଜ୍ଞାନସମ୍ପନ୍ନ ଯେକୌଣସି ଯୁବକ ଟିକିଏ ଚେଷ୍ଟା କଲେ ଏହା କରି ପାରିବ । ଧ୍ୟାନ କଥା ଅଲଗା । ସେ ଶୃଙ୍ଖଳାର ଅବତାରଣା କରୁ ନାହିଁ ।

ଦୁଇ ଘଣ୍ଟାରୁ ଚାରି ଘଣ୍ଟା କାଳ ଯାତାୟାତ ସମୟକୁ ଜଣେ ସୁସାହିତ୍ୟ ପଠନରେ ନିଶ୍ଚିତ ଭାବେ ବ୍ୟୟ କରିପାରିବ । ପ୍ରୟୋଜନ ସେ ଦିଗରେ ନିଜକୁ ପ୍ରସ୍ତୁତ କରିବା । ଯେଉଁ ମହତ୍ ସାହିତ୍ୟ ଆମକୁ ପ୍ରକୃତ ମାନସିକ ବିଶ୍ରାମ ଦେଇପାରିବ, ତାହାର ଲେଖକ ମହତ୍ତର ଚେତନା ସମ୍ପନ୍ନ ବ୍ୟକ୍ତି ହୋଇଥିବା ଆବଶ୍ୟକ । ପଢ଼ନ୍ତୁ ଶ୍ରୀରାମକୃଷ୍ଣ ପରମହଂସଙ୍କ ଅନବଦ୍ୟ ରଚନାମୃତ, ପଢ଼ନ୍ତୁ ଶ୍ରୀମା'ଙ୍କ ବାଣୀ ସକଳ । ସେସବୁ ଆମ ଚେତନା ନିମନ୍ତେ ଟନିକ୍ ।

କର୍ମରତ ଯୁବକମାନଙ୍କର ଅବସନ୍ନତାବୋଧର ମୌଳିକ କାରଣ ହେଲା ଏକ ଅବଚେତନ ପ୍ରଶ୍ନ – ଯାହା ପ୍ରତ୍ୟେକ ସଚେତନ ଯୁବକ ଭିତରେ ଥିବା ଅନିବାର୍ଯ୍ୟ : କ'ଣ ଏ ପରିଶ୍ରମର ମୂଲ୍ୟ ? କ'ଣ ମୋର ଜୀବନର ଆଭିମୁଖ୍ୟ ?

ମାମୁଲି କର୍ମରେ, ଚାକିରି, ବ୍ୟବସାୟ ଇତ୍ୟାଦିରେ ଲିପ୍ତ ରହି ମଧ୍ୟ ଆମେ ଆମ ଜୀବନର ପ୍ରକୃତ ଆଭିମୁଖ୍ୟ ଦିଗରେ ଅଗ୍ରସର ହୋଇ ପାରିବା, ନୀରବରେ ଆପଣା ଭିତରେ ସମାହିତ ରହି ।

ଆପଣ ଯେଉଁ ଉପନ୍ୟାସ ପଢ଼ନ୍ତୁ – ଚାଞ୍ଚଲ୍ୟକର ହେଉ, ରୋମାଞ୍ଚକର ହେଉ ବା ରୋମାଣ୍ଟିକ୍ ହେଉ – ସେସବୁ ଆପଣଙ୍କ ଚେତନାର ତୃପ୍ତି ସାଧନ କରିପାରିବ ନାହିଁ – ଖାଲି ଆପଣଙ୍କୁ କିଛି କିଛି ସମୟ ନିମନ୍ତେ ଆସକ୍ତ କରି ରଖିବ ।

ଚେତନାର ତୃପ୍ତି ସାଧନ କଲା ଭଳି ଗଳ୍ପ, ଉପନ୍ୟାସ ଅଛି, ସେସବୁର ସଂଖ୍ୟା ବିରଳ ।

ମଝେ ମଝେ ମିନିଟିଏ ଦୁଇ ମିନିଟ ନିମନ୍ତେ ମନର କୋଳାହଳକୁ ସ୍ତବ୍ଧ କରିବା କଥା । ତାହା ଅଭ୍ୟାସ କଲେ ସମ୍ଭବପର ହେବ । ଆପଣ କମ୍ପ୍ୟୁଟର ସାମନାରେ ବସିଥା'ନ୍ତୁ, କାର୍ ବା ବସ୍‌ରେ ଥା'ନ୍ତୁ, ଯେକୌଣସି ପରିବେଶରେ ନୀରବତାର ଅଭ୍ୟାସ କରିପାରିବେ । ସ୍ନାୟୁଗତ ଶାନ୍ତି ପାଇଁ ଏହା ଏକ ବିଶେଷ ଏବଂ ନିର୍ଭରଯୋଗ୍ୟ ପନ୍ଥା । ପରୀକ୍ଷା କରି ଦେଖନ୍ତୁ । ଆଧ୍ୟାତ୍ମିକ ଜ୍ଞାନସମ୍ପନ୍ନ ମନସ୍ତତ୍ତ୍ୱବିଦ୍‌ମାନେ ଆମକୁ ଏହି ମାର୍ଗ ଦେଖାଉଛନ୍ତି ।

(ବ୍ୟକ୍ତିତ୍ୱ ବିକାଶ ମାର୍ଗ : କିଞ୍ଚିତ୍ ଦିଗ୍‌ଦର୍ଶନରୁ ସଂଗୃହୀତ, ପୃ. ୩୬-୪୧) ❑

**ପ୍ରଣାମ ନାରୀଶକ୍ତି (୧୦) :**

# 'ପଣ୍ଡିତା' ରମାବାଈ

## ସୂର୍ଯ୍ୟକାନ୍ତି ମହାନ୍ତି

ଭାରତରେ ବାଲ୍ୟ ବିଧବାମାନଙ୍କର ରକ୍ଷାକର୍ତ୍ତ୍ରୀ ଭାବରେ ପରିଚିତା ରମାବାଈ ଥିଲେ ଜଣେ ସମାଜ ସଂସ୍କାରିକା ଏବଂ ପ୍ରଥମ ଭାରତୀୟ ମହିଳା, ଯିଏ ନିଜର ପାଣ୍ଡିତ୍ୟ ପାଇଁ କଲିକତା ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ତରଫରୁ 'ପଣ୍ଡିତା' ଓ 'ସରସ୍ୱତୀ' ସମ୍ମାନରେ ସମ୍ମାନିତ ହୋଇଥିଲେ । ତାଙ୍କର ଜୀବନକାଳ ମଧ୍ୟରେ ସେ ହଜାର ହଜାର ପୁତ୍ରହୀନା ବିଧବା ଓ ବାଲ୍ୟ ବିଧବାଙ୍କୁ ବିପନ୍ନ ଅବସ୍ଥାରୁ ଉଦ୍ଧାର କରି ନିଜ ବିଦ୍ୟାଳୟରେ ଆଶ୍ରୟ ଦେଇଥିଲେ ଏବଂ ସେମାନଙ୍କୁ କିଛି ବୃତ୍ତିଗତ ଶିକ୍ଷା ଦେଉଥିଲେ । ଯେପରିକି ରୋଗୀଙ୍କୁ ସେବା କରିବା, କୃଷି କ୍ଷେତ୍ରରେ କାର୍ଯ୍ୟ ପାଇଁ ପ୍ରଶିକ୍ଷଣ ଦେବା ଏବଂ ଶିକ୍ଷାଦାନ କରିବା କାର୍ଯ୍ୟ ଇତ୍ୟାଦି । ଭାରତରେ ରମାବାଈଙ୍କ ବିଦ୍ୟାଳୟ ଓ କୃଷି ଉଦ୍ୟାନ ଥିଲା ଏହି ପ୍ରକାର ପ୍ରଥମ ଅନୁଷ୍ଠାନ, ଯାହା ନାରୀମାନଙ୍କ ଲାଗି ଉଦ୍ଦିଷ୍ଟ ଥିଲା ।

ରମାବାଈଙ୍କର ଜନ୍ମ ଯେଉଁ ସମୟରେ ହୋଇଥିଲା ସେତେବେଳେ ଭାରତରେ ବାଲ୍ୟବିବାହ ପ୍ରଚଳନ ଥିଲା । ହିନ୍ଦୁଧର୍ମର ବିଶ୍ୱାସ ଅନୁଯାୟୀ ଯେଉଁମାନେ ପୂର୍ବ ଜନ୍ମରେ ଘୋର ପାପ କରିଥା'ନ୍ତି, ବୈଧବ୍ୟ ହେଉଛି ସେମାନଙ୍କୁ ଭଗବାନଙ୍କ ଦ୍ୱାରା ପ୍ରଦତ୍ତ ଦଣ୍ଡ ବିଧାନର ବ୍ୟବସ୍ଥା । ସେମାନେ ଯଦି ଏ ଜନ୍ମରେ ପୁତ୍ର ସନ୍ତାନ ଜନ୍ମ କରି ପୂର୍ବ ପାପର ଭରଣା କରି ପାରନ୍ତି ନାହିଁ, ସେମାନଙ୍କୁ ଜଣେ ସାଧାରଣ ଅପରାଧୀ ଭାବରେ ବିବେଚନା କରାଯାଏ । ଏଇ ଭଳି ପୁତ୍ରହୀନା ବିଧବାମାନଙ୍କୁ ସ୍ୱାମୀର ପୈତୃକ ଗୃହର ଏକ ଅନ୍ଧକାର କୋଠରିରେ ବନ୍ଦୀ ଅବସ୍ଥାରେ ରଖାଯାଏ, ଅଖା ପ୍ରସ୍ତୁତ ପୋଷାକ ପିନ୍ଧିବାକୁ ଦିଆଯାଏ ଏବଂ ଦିନକୁ ଥରେ ମାତ୍ର ଖାଇବାକୁ ଦିଆଯିବାର ବ୍ୟବସ୍ଥା ମଧ୍ୟ ହୁଏ । ସମସ୍ତ ପର୍ବପର୍ବାଣି, ଶୁଭକାର୍ଯ୍ୟ ଓ ପରିବାରର ସଦସ୍ୟମାନଙ୍କଠାରୁ ସେମାନଙ୍କୁ ଦୂରେଇ ରଖାଯାଏ । ଏହା ସହ ଏହି ହତଭାଗିନୀ ବିଧବାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ମଧ୍ୟ ଦିଆଯାଏ । ଯଦି ମୃତ ସ୍ୱାମୀର କେହି ସମ୍ପର୍କୀୟ ନଥା'ନ୍ତି ତା'ହେଲେ ସେ ବାପ ଘରକୁ ଫେରିଯାଏ; ଯେଉଁଠାରେ ତାକୁ ଅତ୍ୟନ୍ତ ନିଷ୍ଠୁର ଭାବରେ ମାଡ଼ ମରା ଯାଉଥିଲା । ମାତ୍ର ନଅ ବର୍ଷ ବୟସରେ କନ୍ୟାମାନଙ୍କର ବିବାହ ହେଉଥିବାରୁ ଅଧିକାଂଶ ବିଧବା ତଥାପି ବି ନାବାଳିକା ଥା'ନ୍ତି; ଯେଉଁମାନେ ଜୀବନ ବ୍ୟାପୀ ଅସହ୍ୟ ଯନ୍ତ୍ରଣା ଭୋଗ କରିଥା'ନ୍ତି । ଏହିପରି ଭାବରେ ବାଲ୍ୟ ବିଧବା ଓ ପୁତ୍ରହୀନା ବିଧବାମାନଙ୍କର ଜୀବନ ନର୍କ ଯନ୍ତ୍ରଣାଠାରୁ କିଛି କମ୍ ନଥିଲା ।[୧]

ଏହି ବାଳିକାମାନଙ୍କୁ ଉଦ୍ଧାର କରିବା ପାଇଁ ଜୀବନ ଉତ୍ସର୍ଗ କରିଥିବା ରମାବାଈ ୧୮୫୮ ମସିହା ଏପ୍ରିଲ ୨୩ ତାରିଖ ଦିନ ପଶ୍ଚିମ ଭାରତର ପବିତ୍ର ପାର୍ବତୀୟ ଜଙ୍ଗଲ ଗୁଙ୍ଗାମାଳରେ ଏକ ବ୍ରାହ୍ମଣ ପରିବାରରେ ତୃତୀୟ ସନ୍ତାନ ଭାବରେ ଜନ୍ମଗ୍ରହଣ କରିଥିଲେ ।[୨] ତାଙ୍କ ପିତା ଅନନ୍ତ ଶାସ୍ତ୍ରୀ ଡୋଙ୍ଗ୍ରେ ଓ ମାତା ଲକ୍ଷ୍ମୀବାଈ ଥିଲେ । ମାତ୍ର ନ' ବର୍ଷ ବୟସରେ ମା' ତାଙ୍କର ବିବାହ କରିଥିଲେ ମଧ୍ୟ ପରେ ଅନନ୍ତ ଶାସ୍ତ୍ରୀ ଏହି ବାଲ୍ୟ ବିବାହ ପ୍ରଥାକୁ ଅସଭ୍ୟତା ଓ ବର୍ବରତାର ନିଦର୍ଶନ ବୋଲି ମତପ୍ରକାଶ କରିଥିଲେ । ଶିକ୍ଷା ବିଷୟରେ ତାଙ୍କର ଥିଲା ଉନ୍ନତ ଚିନ୍ତାଧାରା । ଏଣୁ ତାଙ୍କର ସ୍ତ୍ରୀ ଲକ୍ଷ୍ମୀବାଈଙ୍କୁ ସେ ଲେଖାପଢ଼ା ଶିଖାଇ ସଂସ୍କୃତ ସାହିତ୍ୟରେ ଲିଖିତ ବିଭିନ୍ନ ପବିତ୍ର ଗ୍ରନ୍ଥକୁ ପଢ଼ିବା ପାଇଁ ସୁଯୋଗ ଦେଇଥିଲେ, ମାତ୍ର ଏହା ଥିଲା ପ୍ରଚଳିତ ପ୍ରଥାର ଶକ୍ତ ବିରୋଧାଚରଣ । ଏହି କାରଣ ଯୋଗୁଁ ଏ ଦମ୍ପତ୍ତିଙ୍କୁ ସମାଜରୁ ବାସନ୍ଦ କରାଯାଇଥିଲା । ଏଣୁ ସେମାନେ ଗୁଙ୍ଗାମାଳର ପାର୍ବତ୍ୟ ଅଞ୍ଚଳକୁ ଚାଲି ଯାଇ ସେଠାରେ ଶିକ୍ଷା ସହିତ ଧ୍ୟାନ ଓ ଅନ୍ୟାନ୍ୟ ଧାର୍ମିକ କାର୍ଯ୍ୟକ୍ରମସବୁ ଚାଲୁ ରଖିଲେ । ମାତ୍ର ପରିବାର ପ୍ରତିପୋଷଣ ପାଇଁ ରୋଜଗାର କମ୍ ଥିବାରୁ ବହୁ ସମୟରେ ଏ ପରିବାର ଉପବାସରେ ରହୁଥିଲେ ।

ରମାବାଈ ବିଦ୍ୟାଳୟରେ ଆଦୌ ଶିକ୍ଷା ଲାଭ କରି ନଥିଲେ ମଧ୍ୟ ମାତାପିତାଙ୍କ ଠାରୁ ସ୍ୱଳ୍ପ ଶିକ୍ଷା ପ୍ରାପ୍ତ କରିଥିଲେ । ସେ ପ୍ରାୟ ଛଅ, ସାତଟି ଭାରତୀୟ ସ୍ଥାନୀୟ ଭାଷା ତଥା ସଂସ୍କୃତରେ ଅନର୍ଗଳ କଥା କହି ପାରୁଥିଲେ । ଏପରିକି ସେ ହିନ୍ଦୁଶାସ୍ତ୍ରମାନଙ୍କରୁ ପ୍ରାୟ ୨୩,୦୦୦ ଶ୍ଳୋକ ଆବୃତ୍ତି କରି ପାରୁଥିଲେ ।

୧୮୭୪ ମସିହାରେ ଭାରତରେ ପ୍ରଚଣ୍ଡ ଦୁର୍ଭିକ୍ଷ ପଡ଼ିଲା ।[୩] ଏହି ସମୟରେ ଖାଦ୍ୟାଭାବରୁ ରମାବାଈଙ୍କ ମାତାପିତା ଓ ଭଉଣୀ ମୃତ୍ୟୁ ମୁଖରେ ପଡ଼ିଲେ । ଏ ଅବସ୍ଥାରେ କିଶୋରୀ ରମାବାଈ ଓ ତାଙ୍କ ଭାଇ ଶ୍ରୀନିବାସ ହିନ୍ଦୁ ତୀର୍ଥଯାତ୍ରୀ ଭାବରେ ଯାଯାବର ଜୀବନ ବିତେଇବାକୁ ଲାଗିଲେ । କାରଣ, ସେମାନେ ବ୍ରାହ୍ମଣ ଜାତିର ହୋଇଥିବାରୁ ଶାରୀରିକ ଶ୍ରମ କରିବା ସମାଜରେ ଗ୍ରହଣୀୟ ନଥିଲା । ଭାଇ ଭଉଣୀ ଏହିପରି ଭାବରେ ବୁଲୁ ବୁଲୁ ୧୮୭୮ ମସିହାରେ କଲିକତାରେ ପହଞ୍ଚିଲେ । ସେଠାରେ ରମାବାଈ ସଂସ୍କୃତ ଶ୍ଲୋକ ଆବୃତ୍ତି କରି ଜନସାଧାରଣଙ୍କୁ ଶୁଣାଇ କିଛି ଅର୍ଥ ଉପାର୍ଜନ କରି ନିଜକୁ ପୋଷଣ କଲେ । ଏହାରି ମଧ୍ୟରେ ଏକ ବାଳିକା ଯେ ସଂସ୍କୃତ ଶ୍ଲୋକ ଆବୃତ୍ତି କରି ଖ୍ୟାତି ଅର୍ଜନ କରୁଛି, ଏ ସମ୍ବାଦ ପଣ୍ଡିତମାନଙ୍କ ନିକଟରେ ପହଞ୍ଚିଥିଲା । ଫଳରେ କିଛି ବିଦ୍ୱାନ୍ ବ୍ୟକ୍ତି ତାଙ୍କ ପାଣ୍ଡିତ୍ୟର ପରୀକ୍ଷା କରିବା ପାଇଁ ତାଙ୍କୁ ଡକାଇଲେ ଏବଂ ତାଙ୍କର ବୁଦ୍ଧିମତ୍ତାର ଉତ୍କର୍ଷତାରେ ସେମାନେ ସ୍ତମ୍ଭୀଭୂତ ହୋଇଥିଲେ । ୧୮୭୮ ମସିହାରେ କଲିକତା ବିଶ୍ୱବିଦ୍ୟାଳୟର ସଂସ୍କୃତ ବିଭାଗ ରମାବାଈଙ୍କୁ 'ପଣ୍ଡିତା' ଓ 'ସରସ୍ୱତୀ' ଉପାଧି ପ୍ରଦାନ କରିଥିଲା ।[୪]

ଦୁଃଖର ବିଷୟ ଏହି ଯେ ରମାବାଈଙ୍କୁ ବାଇଶ ବର୍ଷ ବୟସ ହୋଇଥିବା ବେଳେ ତାଙ୍କର ଭାଇ ଇହଲୀଳା ସମ୍ବରଣ କଲେ । କେହି ସମ୍ପର୍କୀୟ ପୁରୁଷ ବ୍ୟକ୍ତି ସେ ସମୟରେ ତାଙ୍କ ଜୀବନରେ ନଥିବା ଯୋଗୁଁ ରମାବାଈଙ୍କ ଜୀବନ ସମ୍ପୂର୍ଣ୍ଣ ଏକାକୀ ହୋଇ ଯାଇଥିଲା ସେ କାଳର ଭାରତ ପରି ଏକ ଦେଶରେ ଯେଉଁଠାରେ ନାରୀ ସମ୍ପୂର୍ଣ୍ଣଭାବେ ନିର୍ଭର କରିଥାଏ ପୁରୁଷ ଉପରେ । ଏହି ସମୟରେ ଜଣେ ବଙ୍ଗୀୟ ଯୁବ ଓକିଲ ବିପିନ ବିହାରୀ ନାମକ ବ୍ୟକ୍ତିଙ୍କ ସହିତ ରମାବାଈଙ୍କର ବନ୍ଧୁତ୍ୱ ସ୍ଥାପନ ହେଲା । ବିପିନ ବିହାରୀ ବିବାହ ପାଇଁ ରମାବାଈଙ୍କୁ ପ୍ରସ୍ତାବ ଦେଲେ । ତେବେ ଏ ବିବାହରେ କିଛିଟା ବାଧାବିଘ୍ନ ଥିଲା । ସେତେବେଳେ ବିଶ୍ୱାସ ଥିଲା ଯେ ଅଲଗା ଜାତିରେ ବିବାହ କଲେ ଲକ୍ଷ ଲକ୍ଷ ଜନ୍ମର ଧର୍ମ ନଷ୍ଟ ହୋଇଯାଏ । ଏହା ସତ୍ତ୍ୱେ ୧୮୮୦ ମସିହା ନଭେମ୍ବର ୧୩ ତାରିଖ ଦିନ ସେମାନେ ବିବାହ କରି ପୁନାକୁ ଚାଲିଗଲେ ।[୫] ପରେ ତାଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହୋଇଥିଲା, ତା'ର ନାମ ଥିଲା ମନୋରମା ।

ପୁନଶ୍ଚ ରମାବାଈଙ୍କ ଜୀବନରେ ଆଉ ଏକ ଦୁଃଖଦ ଘଟଣା ଘଟିଲା । ତାଙ୍କର ଦ୍ୱିତୀୟ ବିବାହ ବାର୍ଷିକୀ ପାଳନ କରିବା ପୂର୍ବରୁ ବିପିନ ବିହାରୀ ହଇଜାରେ ପୀଡ଼ିତ ହୋଇ ମୃତ୍ୟୁବରଣ କଲେ । ଏଣୁ ରମାବାଈ ଓ ତାଙ୍କର ଶିଶୁ କନ୍ୟା ନିରାଶ୍ରୟା ହୋଇ ବିପଦ ପୂର୍ଣ୍ଣ ପରିସ୍ଥିତିରେ ଜୀବନ ଅତିବାହିତ କଲେ । ଅଜାତିରେ ବିବାହ ହୋଇଥିବା କାରଣରୁ ଉଭୟ ପରିବାରର ସଦସ୍ୟ ସେମାନଙ୍କୁ ଗ୍ରହଣ କରିବାକୁ ମନା କରି ଦେଲେ । ଏପରି ସମୟରେ ତାଙ୍କର ଜଣେ ସମ୍ପର୍କୀୟା ଡାକ୍ତର ଆନନ୍ଦି ବାଈ (ଭାରତର ପ୍ରଥମ ହିନ୍ଦୁ ମହିଳା ଡାକ୍ତର) ତାଙ୍କୁ ସହାନୁଭୂତି ପ୍ରଦର୍ଶନ କରି ବିଦେଶ ଯାଇ ଶିକ୍ଷାଲାଭ କରିବାକୁ ପ୍ରବର୍ତ୍ତାଇ ଥିଲେ ।

୧୮୮୨ ମସିହାରେ ଭାରତରେ ଶିକ୍ଷାର ଉନ୍ନତି ପାଇଁ ହଣ୍ଟର୍ କମିସନ୍ (Hunter Commission) ନିଯୁକ୍ତ କରାଯିବାରୁ ରମାବାଈ ଏହି କମିସନ୍ ନିକଟରେ ତାଙ୍କ ବକ୍ତବ୍ୟ ରଖି କହିଥିଲେ, ''ଏ ଦେଶରେ ମହିଳାମାନଙ୍କର ଶିକ୍ଷାକୁ ନେଇ ଶତକଡ଼ା ଅନେଶତ ଭାଗ ଶିକ୍ଷିତ ପୁରୁଷ ବିରୋଧ କରନ୍ତି । କେବଳ ଏତିକି ନୁହେଁ, ଯଦି ମହିଳାଙ୍କର ସାମାନ୍ୟତମ ଭୁଲ୍ ଦେଖନ୍ତି, ତା'ହେଲେ ସୋରିଷ ଦାନାକୁ ପର୍ବତରେ ପରିଣତ କଲା ପରି ସେମାନେ ଏହି ଭୁଲ୍‌କୁ ବିରାଟ କରି ତା'ର ଚରିତ୍ର ସଂହାର କରନ୍ତି ।''[୬]

ଏଣୁ ମହିଳାମାନଙ୍କୁ ଶିକ୍ଷକ ପ୍ରଶିକ୍ଷଣ ତାଲିମ ଦିଆଯିବା ସଙ୍ଗେ ସଙ୍ଗେ ମହିଳା ବିଦ୍ୟାଳୟ ପରିଦର୍ଶକ ନିଯୁକ୍ତିର ଆବଶ୍ୟକତା ରହିଛି ବୋଲି ମଧ୍ୟ ରମାବାଈ ମତପ୍ରକାଶ କଲେ । ଆହୁରି ମଧ୍ୟ ସେ ଜଣାଇଲେ ଯେ ମହିଳାମାନଙ୍କର ଚିକିତ୍ସାର ସୁବିଧା ପାଇଁ ସେମାନଙ୍କୁ ମେଡ଼ିକାଲ କଲେଜରେ ଶିକ୍ଷାଲାଭର ବ୍ୟବସ୍ଥା କରାଯାଉ । ତାଙ୍କର ଏକଥା ଏକ ବିରାଟ ଚାଞ୍ଚଲ୍ୟ ସୃଷ୍ଟି କଲା ଏବଂ ଏହି ସମ୍ବାଦ ବି ରାଣୀ ଭିକ୍‌ଟୋରିଆଙ୍କ ପାଖରେ ପହଞ୍ଚିଲା । ଫଳରେ ଏ କାର୍ଯ୍ୟ ଫଳବତୀ ହେବାକୁ ଲାଗିଲା । ପରବର୍ତ୍ତୀ ସମୟରେ ରମାବାଈ ଖ୍ରୀଷ୍ଟିଆନ ସଂସ୍ଥା ସହ ଯୋଗାଯୋଗ କଲେ ଏବଂ Community of St. Mary the Virgin (CSMV)ର ସାହାଯ୍ୟ ପାଇଁ ଅନୁରୋଧ କଲେ । ଏହି ସଂସ୍ଥା ଏଥିରେ ରାଜି ହୋଇ ରମାବାଈଙ୍କର ଇଂଲଣ୍ଡରେ ଶିକ୍ଷାଲାଭ ପାଇଁ ଆର୍ଥିକ ସହାୟତାର ବନ୍ଦୋବସ୍ତ କଲେ ।

୧୮୮୩ ମସିହାରେ ରମାବାଈ ତାଙ୍କ କନ୍ୟାଙ୍କ ସହିତ ଇଂଲଣ୍ଡ ଯାତ୍ରା କଲେ ।[୭] ଲଣ୍ଡନରେ ସେଣ୍ଟ୍‌ମେରୀର (Saint Mary) ସିଷ୍ଟରମାନେ ତାଙ୍କୁ ସ୍ୱାଗତ କରିବା ସଙ୍ଗେ ସଙ୍ଗେ

ଚେଲଟନହାମ୍ ଫିମେଲ୍ କଲେଜ (Cheltenham Female College)ରେ ସଂସ୍କୃତ ପ୍ରଫେସର ପଦବୀରେ ଯୋଗ ଦେବାର ବ୍ୟବସ୍ଥା କଲେ । ଏହା ସହ ତାଙ୍କୁ ଇଂରାଜୀ ଶିକ୍ଷା ବି ପ୍ରଦାନ କଲେ । ସେଣ୍ଟମେରୀର ନନ୍‌ମାନେ ସେମାନଙ୍କ ଦ୍ୱାରା ପ୍ରତିଷ୍ଠିତ ହତଭାଗ୍ୟା ମହିଳାଙ୍କ ଆଶ୍ରୟସ୍ଥଳ କିପରି ଚାଲିଛି – ତାହା ତାଙ୍କୁ ଦେଖାଇଲେ । ସେମାନଙ୍କ ଠାରୁ ରମାବାଈ ନିଜର ପ୍ରସ୍ତାବିତ ଆଶ୍ରୟସ୍ଥଳ କିପରି ଗଠନ କରିବେ ତା'ର ଧାରଣା ଲାଭ କରିଥିଲେ । ଖ୍ରୀଷ୍ଟିଆନଙ୍କ ଦ୍ୱାରା ଏହି ଜନହିତକର କାର୍ଯ୍ୟରେ ସେ ଏତେ ପ୍ରଭାବିତ ହୋଇଥିଲେ ଯେ ରମାବାଈ ଏହି ଧର୍ମ ବିଶ୍ୱାସକୁ ଗ୍ରହଣ କରିବାକୁ ସ୍ଥିର କଲେ ।

ରମାବାଈଙ୍କ ସମ୍ପର୍କୀୟା ଆନନ୍ଦିବାଈ ଶିକ୍ଷାଲାଭ କରିଥିବା Pennsylvania Women's Medical College ରେ ୧୮୮୬ ମସିହାରେ ସେ ଯୋଗ ଦେଲେ ।[୮] ଏଠାକାର ମହିଳା Dean Rachel L. Bodley ରମାବାଈଙ୍କ ପ୍ରସ୍ତାବିତ ବିଦ୍ୟାଳୟ ଏବଂ ବାଲ୍ୟ ବିଧବାଙ୍କ ପାଇଁ ଆଶ୍ରୟସ୍ଥଳ ପ୍ରତିଷ୍ଠା କଥାକୁ ଗୁରୁତ୍ୱର ସହ ଗ୍ରହଣ କରି ରମାବାଈଙ୍କୁ ଆମେରିକାରେ ଶିକ୍ଷା ଚାଲୁ ରଖିବାକୁ ପରାମର୍ଶ ଦେଲେ । ୧୮୮୭ରେ ବୋଷ୍ଟନ୍‌ରେ ଆମେରିକାନ ରମାବାଈ ଆସୋସିଏସନ୍ (American Ramabai Association) ଗଠିତ ହେଲା ।[୯] ସେଠାରେ ସେ ଏକ ପୁସ୍ତକ ରଚନା କରି ପ୍ରକାଶିତ କରିଥିଲେ ଯାହାର ନାମ 'The High Caste Hindu Woman' ଦେଇଥିଲେ । ସେଥିରେ ବର୍ଣ୍ଣିତ ହୋଇଥିଲା ଭାରତର ନବଜାତ ଶିଶୁ କନ୍ୟା ହତ୍ୟା, ବାଲ୍ୟ ବିବାହ ଏବଂ ବାଲ୍ୟ ବିଧବାମାନଙ୍କର ସମସ୍ୟା ।

ନିଜ ଦେଶଠାରୁ ଛଅବର୍ଷ କାଳ ଦୂରରେ ରହି ରମାବାଈ ବହୁ ଅଭିଜ୍ଞତା ନେଇ ଭାରତକୁ ପ୍ରତ୍ୟାବର୍ତ୍ତନ କଲେ । ଆସିବାର ପ୍ରାୟ ଛଅ ସପ୍ତାହ ମଧ୍ୟରେ ରମାବାଈ ପୁନେରେ ପ୍ରତିଷ୍ଠା କଲେ 'ଶାରଦା ଭବନ' । ଏହାର ପ୍ରଥମ ଛାତ୍ରୀ ଥିଲେ ଉଚ୍ଚ ଜାତିର ଦୁଇଜଣ ବାଲ୍ୟ ବିଧବା ।

୧୮୯୩ ମସିହା ସୁଦ୍ଧା ଶାରଦା ଭବନରେ ଶିକ୍ଷା କରୁଥିଲେ ପଚାଶଜଣ ଛାତ୍ରୀ । ଏହାର ନିକଟବର୍ତ୍ତୀ ଅଞ୍ଚଳ କେଦଗାଁରେ ଏକ ବିରାଟ ଫାର୍ମ କିଣି ରମାବାଈ ପ୍ରତିଷ୍ଠା କଲେ ଏକ 'ମୁକ୍ତି' ଆଶ୍ରୟସ୍ଥଳ । ଏହା ଶାରଦା ଭବନର ପରିବର୍ତ୍ତିତ ନାମ ଅଟେ । ଏଠାରେ ଶିଳ୍ପଭିତ୍ତିକ ଏକ ବିଦ୍ୟାଳୟ, ଦୁଗ୍ଧ ଉତ୍ପାଦନ କେନ୍ଦ୍ର ଏବଂ ପନିପରିବା ଚାଷ କରାଯାଉଥିଲା ।

୧୮୯୬-୯୭ ମସିହାରେ ଭାରତରେ ପ୍ରଚଣ୍ଡ ଦୁର୍ଭିକ୍ଷ ଦେଖା ଦେଇଥିଲା ।[୧୦] ରମାବାଈ ବଳଦ ଗାଡ଼ିରେ ଗାଁ ଗାଁ ବୁଲି ହଜାର ହଜାର ବିତାଡ଼ିତ ବାଲ୍ୟ ବିଧବା, ଅନାଥ ଶିଶୁ ଓ ନିରାଶ୍ରୟଙ୍କୁ 'ମୁକ୍ତି' ମିଶନକୁ ନେଇ ଆସିଥିଲେ । ୧୯୦୦ ମସିହା ସୁଦ୍ଧା 'ମୁକ୍ତି'ରେ ଥିଲେ ପନ୍ଦର ଶହ ଅନ୍ତେବାସୀ ।

ଯେତେବେଳେ 'ବୋଷ୍ଟନ୍ ରମାବାଈ ଆସୋସିଏସନ' ଏହାର ଦଶବର୍ଷିୟା ସମୀକ୍ଷା କରାଇଲେ – ସେଥିରେ ବର୍ଣ୍ଣନା ଥିଲା ଯେ ତିନିଶହ ପଚାଶ ଜଣ ବାଲ୍ୟ ବିଧବା ସ୍ନାତକ ହେବା ପରେ ସ୍ୱଇଚ୍ଛାରେ ଶିକ୍ଷକତା, ସେବିକା (nurses) ଏବଂ ଅନ୍ୟାନ୍ୟ ମିସନାରୀ କାର୍ଯ୍ୟରେ ନିଯୁକ୍ତ ହୋଇଥିଲେ । ଏଣୁ ଆସୋସିଏସନ୍ ଏହି ସଂସ୍ଥାକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସାହାଯ୍ୟ ଦେବାକୁ ସ୍ଥିର କଲା ।

୧୯୦୦ ମସିହାରେ ରମାବାଈଙ୍କର କନ୍ୟା ମନୋରମା ଆମେରିକାରୁ ଶିକ୍ଷାପ୍ରାପ୍ତ କରି 'ମୁକ୍ତି'ରେ ଭାଇସ୍-ପ୍ରିନ୍‌ସପାଲ ହେଲେ ଏବଂ ପରବର୍ତ୍ତୀ ସମୟରେ ତାଙ୍କର ବୃଦ୍ଧା ମାତା ରମାବାଈଙ୍କର ସେବା-ଯତ୍ନର ଦାୟିତ୍ୱ ନେଲେ ।

ପଣ୍ଡିତା ରମାବାଈ ୧୯୨୨ ମସିହା ଏପ୍ରିଲ ୫ ତାରିଖ ଦିନ ଇହଲୀଳା ସମ୍ବରଣ କଲେ[୧୧] । ପ୍ରଚଣ୍ଡ ସାଂସ୍କୃତିକ ଓ ଧାର୍ମିକ କୁସଂସ୍କାର ସତ୍ତ୍ୱେ ଏପରି ଜଣେ ଭାରତୀୟ ନାରୀ ବାଳିକା ଓ ମହିଳାମାନଙ୍କୁ ସାମାଜିକ ନିର୍ଯାତନା ଓ ଯୌନ ଶୋଷଣରୁ ମୁକ୍ତି ଦେଇ ଏକ ମହାନ୍ ବ୍ୟକ୍ତିତ୍ୱର ପରିଚୟ ଦେଇଥିଲେ ।

'ମୁକ୍ତି ମିଶନ' ଏବେ ବି ସକ୍ରିୟ ଅଛି ଯାହା ନାରୀମାନଙ୍କୁ ଶିକ୍ଷା, ବିଭିନ୍ନ ବୃତ୍ତିର ପ୍ରଶିକ୍ଷଣ କାର୍ଯ୍ୟକ୍ରମ ତଥା ବିଧବା, ଅନାଥ ଏବଂ ଚକ୍ଷୁହୀନମାନଙ୍କୁ ସୁରକ୍ଷା ଯୋଗାଇ ଚାଲିଛି । ପଣ୍ଡିତା ରମାବାଈ ମଧ୍ୟ ବାଇବେଲକୁ ମୂଳ ହିବ୍ରୁ ଓ ଗ୍ରୀକ୍ ଭାଷାରୁ ନିଜ ମାତୃଭାଷା ମରାଠୀରେ ଅନୁବାଦ କରିଥିଲେ । ବ୍ରିଟିଶ ସରକାରଙ୍କ ତରଫରୁ ତାଙ୍କୁ ୧୯୧୯ ମସିହାରେ ତାଙ୍କର ସମାଜ ସେବା କାର୍ଯ୍ୟ ପାଇଁ କାଇସରି-ଇ-ହିନ୍ଦ୍ (Kaisari-i-Hind) ମେଡ଼ାଲ ପ୍ରଦାନ କରାଯାଇଥିଲା ।

ଭାରତୀୟ ନାରୀମାନଙ୍କ ଉନ୍ନତି ପାଇଁ କାର୍ଯ୍ୟ କରିଥିବା ହେତୁ ପଣ୍ଡିତା ରମାବାଈଙ୍କ ନାମରେ ଭାରତ ସରକାର ଏକ ସ୍ମାରକୀ ଡାକ ଟିକଟ ପ୍ରକାଶ କରିଛନ୍ତି ୧୯୮୯ ମସିହା ଅକ୍ଟୋବର ଛବିଶ ତାରିଖ ଦିନ; ଯାହାର ଦାମ୍ ୬୦ ପଇସା ରଖା ଯାଇଛି ।[୧୨]

ଭାରତୀୟ ବାଲ୍ୟ ବିଧବାମାନଙ୍କର ରକ୍ଷାକର୍ତ୍ତ୍ରୀ, ସମାଜ ସଂସ୍କାରିକା ଓ ଜୀବନବ୍ୟାପୀ ସାଧିକା ରୂପେ ଜୀବନ ବିତାଇଥିବା ଏହି ମହାନ୍ ଆତ୍ମା ପଣ୍ଡିତା ରମାବାଈ ସରସ୍ୱତୀ ଡୋଙ୍ଗ୍ରେଙ୍କୁ ସମଗ୍ର ଭାରତୀୟ ମହିଳାମାନଙ୍କର କୋଟି କୋଟି ପ୍ରଣାମ ।

❑❑❑

---

**ତଥ୍ୟ ନିର୍ଦ୍ଦେଶିକା :**

(୧). 'The Great Women', by Joan Marlow, Published by Galahad Books, New York City;

(୨). Internet (୩). 'The Great Women', by Joan Marlow, Published by Galahad Books, New York City;

(୪). ତତ୍ରୈବ;

(୫).. Internet; (୬). ତତ୍ରୈବ; (୭). ତତ୍ରୈବ; (୮). ତତ୍ରୈବ;

(୯). 'The Great Women', by Joan Marlow, Published by Galahad Books, New York City;

(୧୦). Internet (୧୧). ତତ୍ରୈବ; (୧୨). Phila India, Catalogue No. 1216.

# ଦିବ୍ୟ ଉପସ୍ଥିତି

## ଦୟାନିଧି ପାତ୍ର

ସମୀରଣେ ପାଏ ନିତି
ପରଶ ତୋ'ର
ସୂରୁଜ ଆଲୋକେ ଦେଖେ
ରୂପ ତୋହର
ଛାଇ ପରି ରହି ଅଛ ପାଖେ ମୋହର
ମା'... ପାଖେ ମୋହର
ସମୀରଣେ ... ।୦।

ଭୁଲି ଯିବି କାଳେ ଥରେ
ରହି ଆଖି ପଲକରେ
ଧୈର୍ଯ୍ୟ ସାହସ ଦେଉଛୁ
ଚାଲିବାକୁ ଏ ପଥରେ
ତୋ' ବିନା ମୋ କଥା କେ ଭାବିପାରେ
ମା ... କେ ଭାବି ପାରେ
ସମୀରଣେ ... ।୧।

ବାଟବଣା ହେବି କାଳେ
ଚାଲୁ ଚାଲୁ ଏ ପଥରେ
ତୋର ସ୍ନେହ ବୋଳା କଣ୍ଠ
ଶୁଭିଯାଏ ମୋ କାନରେ
ଲକ୍ଷ୍ୟରେ ମୁଁ ପହଞ୍ଚିବି
ମା ତୋ' କୃପାରେ
ମା ... ତୋ' କୃପାରେ
ସମୀରଣେ ... ।୨। ❑

ଯଦି ତୁମେ ତୁମ ବିଶ୍ୱାସକୁ ଅଟଳ ରଖ ଏବଂ ତୁମ ହୃଦୟକୁ ନିରନ୍ତର ଭଗବାନଙ୍କ ପ୍ରତି ଉନ୍ମୁକ୍ତ ରଖ ତା'ହେଲେ ସକଳ ବାଧା-ବିପତ୍ତି ଯେତେ ବିରାଟ ହେଉନା କାହିଁକି, ତାହା ତୁମ ସତ୍ତାର ବୃହତ୍ତର ପୂର୍ଣ୍ଣତା ଦିଗରେ ସହାୟକ ହୋଇଉଠିବ ।

— ଶ୍ରୀମା

# ଚମ୍ପା

## ଗିଜୁଭାଇ ବଧେକା

[ଗିଜୁଭାଇ ବଧେକାଙ୍କ ସୃଷ୍ଟ **''ଚମ୍ପା''** ଚରିତ୍ର ବାସ୍ତବିକ ଏକ ସହଜ, ସରଳ, ହୃଦୟଗ୍ରାହୀ, ମାନବପ୍ରେମୀ ଚରିତ୍ରଟିଏ । ଖୁବ୍ ଛୋଟ ବୟସରୁ ହିଁ ଚମ୍ପା ଭିତରେ ଉଦାରତାର ଉନ୍ମେଷ ଘଟିଛି । ବାଳିକା ଚମ୍ପା ଖୁବ୍ ସହଜରେ ସମସ୍ତଙ୍କର ଆବଶ୍ୟକତା ତଥା ସମସ୍ୟାକୁ ହୃଦୟଙ୍ଗମ କରି ପାରୁଛି ଓ ସେସବୁର ସମାଧାନ ପାଇଁ ତତ୍ପର ହୋଇ ଉଠୁଛି; କିନ୍ତୁ ତା'ର ମାଆ ଓ ପରିବାରର ସଦସ୍ୟମାନେ !! ଦେଖିବାକୁ ଗଲେ ସେମାନେ ତା'ର ବ୍ୟକ୍ତିତ୍ୱକୁ ନିମ୍ନମାନର ବୋଲି ବିଚାର କରୁଛନ୍ତି । ଚମ୍ପାର ସୂକ୍ଷ୍ମ ମାନବିକତାକୁ ତା'ର ବ୍ୟକ୍ତିତ୍ୱର ଦୁର୍ବଳତା ବୋଲି ପ୍ରତିପାଦନ କରିବାକୁ ବାରଂବାର ଚେଷ୍ଟା କରୁଛନ୍ତି ।

ନିମ୍ନୋକ୍ତ ଆଲେଖ୍ୟଟିରେ ଗତାନୁଗତିକ ପାରିବାରିକ ଜୀବନର କେତେକ ଛୋଟ ଛୋଟ ଘଟଣାର ଅବତାରଣା କରି ଲେଖକ ଚମ୍ପାର ବ୍ୟକ୍ତିତ୍ୱର ସ୍ୱତନ୍ତ୍ରତାକୁ ଉପସ୍ଥାପନ କରିବାକୁ ପ୍ରୟାସ କରିଛନ୍ତି । ଏବେ ଦେଖିବା ଆମେ ଚମ୍ପାର ବିଭିନ୍ନ କାର୍ଯ୍ୟକ୍ରମକୁ କେଉଁ ଦୃଷ୍ଟିରେ ଦେଖୁଛେ – କେଉଁ ମାପକାଠିରେ ତଉଲ କରୁଛେ ! – ସମ୍ପାଦନା]

ଘରକୁ ଅତିଥି ଆସିବାର ଥିଲା । ମାଆବାପା ଭାବିଲେ, ଅତିଥି ଘରକୁ ଆସିଲା ପରେ ଯାଇହିଁ ରୋଷେଇ ଆରମ୍ଭ କରିବେ । ହୁଏତ ସେମାନେ ଆସି ନ ପାରନ୍ତି ମଧ୍ୟ ।

ଚାକର ଭାବିଲା, ଅତିଥି ଆସିଲା ପରେ ପାଣି ଗରମ କରିବି । ଏଥିରେ କେତେ ବା ସମୟ ଲାଗିବ ?

କିନ୍ତୁ ଯେତେବେଳେ କୁନି ଚମ୍ପା ଶୁଣିବାକୁ ପାଇଲା ଯେ ଘରକୁ ଅତିଥି ଆସିବାର ଅଛି, ସେ ସଙ୍ଗେ ସଙ୍ଗେ ବଗିଚାରେ ପହଞ୍ଚି ଗଲା ଏବଂ କିଛି ଫୁଲ ତୋଳି ଆଣିଲା । ତା'ର ବାକି ସବୁ କାମ ଗୋଟିଏ ପଟେ ରଖି ମାଳା ଗୁନ୍ଥିବାରେ ଲାଗି ପଡ଼ିଲା । ସେ ମାଳା ଗୁନ୍ଥିବା ସହିତ ଅତିଥିମାନଙ୍କ ସମ୍ପର୍କରେ ଭାବିବାରେ ଲାଗିଥିଲା ।

ସେଦିନ ଅତିଥି ଆସିଲେ ନାହିଁ । ମାଆବାପା, ଚାକର ସମସ୍ତେ ତାକୁ କହିଲେ : ''ଚମ୍ପା ତୁ ତୁଛାଟାରେ ଏତେ ସମୟ ନଷ୍ଟ କରି ଦେଲୁ । ଏତେଗୁଡ଼ାଏ ଫୁଲ ମଧ୍ୟ ନଷ୍ଟ ହୋଇଗଲା । ତୁ ଗୋଟାଏ ନିହାତି ମୂର୍ଖ ପିଲା ।''

ସତରେ ଚମ୍ପା କ'ଣ ମୂର୍ଖ ଥିଲା ?

*

ରେଳଗାଡ଼ି ସାଢ଼େ ଆଠଟା ବେଳକୁ ପହଞ୍ଚିବାର ଥିଲା । ଯୋଜନା ଏଇୟା ଥିଲା ଯେ ଗାଡ଼ି ଷ୍ଟେସନ ପହଞ୍ଚିବାର ଅଧ ଘଣ୍ଟା ଭିତରେ ସମସ୍ତେ ପ୍ରସ୍ତୁତ ହୋଇଯିବେ । କାରଣ ଷ୍ଟେସନରୁ ଘରକୁ ପହଞ୍ଚୁ ପହଞ୍ଚୁ ଆହୁରି ଅଧ ଘଣ୍ଟା ସମୟ ଲାଗିବ । ଏବେ ତ ଆଠଟା ବାଜି ପନ୍ଦର ମିନିଟ ମାତ୍ର । କିନ୍ତୁ ରାସ୍ତାରେ କୌଣସି ଗାଡ଼ିର ଶବ୍ଦ ଶୁଣିବା ମାତ୍ରେ କୁନି ଚମ୍ପା ସଙ୍ଗେ ସଙ୍ଗେ ଦଉଡ଼ି ଯାଇ କବାଟ ଖୋଲି ପକାଉ ଥିଲା । ବାହାରେ କିଛି ଶୋର ଶବ୍ଦ ଶୁଭିଲେ ଚମ୍ପା କବାଟ ପାଖକୁ ଧାଇଁ ଯାଉଥିଲା । କୋଉଠି କିଛି ଟିକେ ଖଡ଼ଖାଡ଼ ହେଲେ ସେ କବାଟ ପାଖରେ ପହଞ୍ଚି ଯାଉଥିଲା ଏବଂ ଭାବୁଥିଲା – ହୁଏତ ଦିଦି ଆସି ଯାଇଥିବ ।

ସମସ୍ତେ କହିଲେ – ''ଆରେ ! ଆମର ଏଇ ଚମ୍ପାକୁ ଦେଖ, ଏବେ ଗାଡ଼ି ପହଞ୍ଚିବାକୁ ଆହୁରି କେତେ ସମୟ ବାକି ଅଛି; କିନ୍ତୁ ଚମ୍ପା ଏତେ ଅଧୀର ହେଉଛି କାହିଁକି ? ଧୈର୍ଯ୍ୟ ବୋଲି ତା' ପାଖରେ କିଛି ନାହିଁ । ତୁଛାଟାରେ ବାରଂବାର କବାଟ ପାଖକୁ ଯାଉଛି ଏବଂ ହଇରାଣ ହେଉଛି ।''

ସତରେ ଚମ୍ପା କ'ଣ ଅଧୀର ହେଉଥିଲା ?

*

ଅହମଦାବାଦରେ ନିଜର ପାଠପଢ଼ା ସମାପ୍ତ କରି ଦିଦି ଆଜି ଘରକୁ ଫେରିବାର ଥିଲା । ତାର ବାର୍ତ୍ତା ପହଞ୍ଚି ସାରିଥିଲା । ତାକୁ ପାଛୋଟି ଆଣିବା ପାଇଁ ବଡ଼ଭାଇ ଷ୍ଟେସନ ଯାଇଥିଲେ । ବାକି ସମସ୍ତେ ଘରେ ବସି ଗପସପ କରୁଥିଲେ । ଶୀତଦିନ ଥିଲା । ତେଣୁ ସମସ୍ତେ ଉହ୍ମେଇକୁ ଘେରି କରି ବସିଥିଲେ ।

ଦିନେ ଘରର ଦୁଆର ମୁହଁରେ ଗୋଟିଏ ଗରିବ ଲୋକ ଆସି ପହଞ୍ଚିଲା । ବିଚରା ଲୋକଟି ସହିତ ଛୋଟ ଛୁଆଟିଏ ମଧ୍ୟ ଥିଲା । ଗରିବ ଲୋକଟି ଭୋକିଲା ଥିଲା ଏବଂ ତା' ସାଙ୍ଗରେ ଥିବା ଛୋଟ ଛୁଆଟି ମଧ୍ୟ ଭୋକିଲା ଥିଲା । ମାଆ ଘରେ ଥିବା ବାସି ରୁଟି ଆଣି ସେମାନଙ୍କୁ ଖାଇବାକୁ ଦେଲେ ।

ବାପା କହିଲେ – ''ତାକୁ ଖଣ୍ଡେ ଦୁଇଖଣ୍ଡ ଗରମ ରୁଟି ମଧ୍ୟ ଦିଅ । ସେ ଛୋଟ ପିଲାଟି ବାସି ରୁଟି ଚୋବାଇ ପାରିବ ନାହିଁ ।'' ବାପ-ପୁଅ ଉଭୟେ ବାସି ଏବଂ ତାଜା ରୁଟି ଖାଇବାକୁ ଲାଗିଲେ । ଚମ୍ପା ଘର ଭିତରକୁ ଗଲା ଏବଂ ଡବାରେ ରଖା ହୋଇଥିବା ଘିଅରୁ ଟିକିଏ ନେଇ ଆସିଲା । ଗରିବ ଲୋକଟି ହାତକୁ ଘିଅ ବଢ଼ାଇ ଦେଇ କହିଲା – ''ନିଅ ମଉସା, ଏଇଥିରୁ ଟିକେ ତା' ରୁଟିରେ ଲଗାଇ ଦିଅ । ବିନା ଘିଅ ଲଗା ରୁଟି ସେ ଛୋଟ ଛୁଆଟିକୁ ଜମାରୁ ଭଲ ଲାଗୁ ନ ଥିବ ।'' ମାଆ, ବାପା ଉଭୟେ ଚମ୍ପାକୁ ଦେଖିବାକୁ ଲାଗିଲେ । ମାଆ କହିଲେ – ''ଏ ଝିଅଟା ମୁଣ୍ଡରେ ଟିକିଏ ବି ବୁଦ୍ଧି ନାହିଁ । ସେ ବୁଝିପାରୁ ନାହିଁ ଯେ ଘିଅ କାହାକୁ ଦେବା ଉଚିତ ଏବଂ କାହାକୁ ଦେବା ଅନୁଚିତ । ଭିକାରିକୁ କେହି କ'ଣ କେବେ ଘିଅ ଦିଏ ?''

ସତରେ ଚମ୍ପା ମୁଣ୍ଡରେ କ'ଣ ଟିକିଏ ବି ବୁଦ୍ଧି ନ ଥିଲା ?

*

ପଡ଼ୋଶୀ କମଳା ମାଉସୀଙ୍କ ଝିଅ ସରଳା ଆସି ଚା' ଗୁଣ୍ଡ ଟିକିଏ ମାଗିଲା । ମାଆ ବାସି ବାସନ ମାଜୁ ଥିଲେ । ବଡ଼ଭାଇ ତାଙ୍କର ପାଠ ମୁଖସ୍ଥ କରୁଥିଲେ । ଆଉ ସାନ ଭଉଣୀ ତ' ଏଯାଏ ଶୋଇଥିଲା । ମାଆ ବାପାଙ୍କୁ କହିଲେ – ''ତୁମେ ଏଇ ସରଳାକୁ ଚା' ଗୁଣ୍ଡ ଟିକେ ଦେଇ ଦିଅ । ସେଇ ସାନ ଡବାରେ ଅଛି । ସେଥିରୁ ଦେବ ।''

ବାପା କହିଲେ – ''ଦାନ୍ତ ଘଷି ଦେଇ ଶୀଘ୍ର ଆସୁଛି ।''

ଚମ୍ପା ସେଇଠି ଛିଡ଼ା ହୋଇ ସବୁ ଶୁଣୁଥିଲା । ସେ ଘରେ ଥିବା ବଡ଼ ଡବାରୁ ଗିନାଏ ଚା'ଗୁଣ୍ଡ ବାହାର କରି ସରଳା ହାତରେ ଦେଇ କହିଲା – ''ଯା'କୁ ନେଇଯା' । ଦୁଇଦିନ ଚଳିଯିବ । ଏଥିରୁ ତିଆରି ଚା' ଭାରି ସୁଆଦିଆ ।'' ମାଆ କେତେବେଳୁ ଆସି ଚମ୍ପାର ମୁହଁକୁ ଅନାଇ ରହିଥିଲେ । ସରଳା ସେଇଠି ଥିଲା । ସେଥିପାଇଁ ସେ ଚମ୍ପାକୁ କିଛି କହିଲେ ନାହିଁ । ବାପା ଆସିଲା ପରେ ମାଆ କହିଲେ – ''ଏଇ ଚମ୍ପାକୁ ତ କେଉଁ ଜିନିଷ କେତେ ଦିଆଯିବ ତା'ର ହିସାବ ଜଣା ନାହିଁ । ଚାମଚେ ଚା' ବଦଳରେ ଗୋଟେ ଗିନା ଚା' ଦେଇ ଦେଲା ।''

ସତରେ କ'ଣ ଚମ୍ପାକୁ କୌଣସି ଜିନିଷର ହିସାବ ଜଣା ନାହିଁ ?

*

ଥରେ ସୁମତିର ମା' ଏବଂ ସୁମତି ଦୁହିଁଙ୍କୁ କୌଣସି କାମରେ ଆସି ଚମ୍ପା ଘରେ ରାତି କଟାଇବାକୁ ପଡ଼ିଲା । ସେମାନଙ୍କୁ ଅଚାନକ ଅଟକିବାକୁ ପଡ଼ିଥିଲା, ତେଣୁ ସେମାନେ ସାଙ୍ଗରେ କୌଣସି ଲୁଗାପଟା ଆଣି ନ ଥିଲେ । ପ୍ରଶ୍ନ ଉଠିଲା ସେମାନେ ସକାଳୁ ଗାଧୁଆପାଧୁଆ ସାରି ପିନ୍ଧିବେ କ'ଣ ? ଚମ୍ପାର ମାଆ ସୁମତିର ମା'ଙ୍କୁ ଗାଧୋଇବା ପାଇଁ ଖଣ୍ଡେ ଶାଢ଼ି ଦେଇ କହିଲେ – ''ତୁମେ ଏଇଟିକୁ ପିନ୍ଧି ଗାଧୋଇ ପକାଇବ ଏବଂ ଗାଧୋଇ ସାରି ନିଜର ଶାଢ଼ି ଖଣ୍ଡକ ପିନ୍ଧି ପକାଇଲେ ଭଲ ହେବ ।'' କିନ୍ତୁ ଚମ୍ପା ସୁମତିକୁ ତା'ର ଚୁନ୍ନି-ଘାଘରା ଦେଇ କହିଲା – ''ସୁମତି ତୁ ଗାଧୋଇ ସାରିଲେ ଏଇଟିକୁ ପିନ୍ଧି ତୁମ ଘରକୁ ଯିବୁ । କାଲି ପୁଣି ଫେରାଇ ଦେବୁ ।'' ମାଆ କହିଲେ – ''ସୁମତିକୁ ତୋ'ର ପୁରୁଣା କୁର୍ତ୍ତା ଖଣ୍ଡେ ଦେଇ ଦେ । ସେଇଟିକୁ ପିନ୍ଧି ସେ ଗାଧୋଇ ପଡ଼ିବ ଏବଂ ତା'ର ପୋଷାକ ପିନ୍ଧି ତାଙ୍କ ଘରକୁ ଯିବ ।'' ଚମ୍ପା କହିଲା – ''ନାଇଁ ମା', ତାକୁ ମୁଁ ମୋର ନୂଆ ଚୁନ୍ନି-ଘାଘରା ଦେବି । ଏମିତି ବି ତା'ର ପୋଷାକ ବହୁତ ମଇଳା ହୋଇ ଗଲାଣି ।'' ତା'ପରେ ସେ ତା'ର ନୂଆ ଚୁନ୍ନି-ଘାଘରା ବାହାର କରି ମା'କୁ ପଚାରିଲା –''ମା' ଏଇଟି ଭଲ ଦେଖା ଯାଉଛି ନା ? ଏହା ମୁଁ ସୁମତିକୁ ପିନ୍ଧିବାକୁ ଦେଉଛି ।'' ସେଠି ସୁମତିର ମାଆ ମଧ୍ୟ ବସିଥିଲେ । ଚମ୍ପାର ମାଆ ମନେ ମନେ ଚମ୍ପା ଉପରେ ରାଗିଥିଲେ ମଧ୍ୟ ତାକୁ ମୁହଁ ଖୋଲି କିଛି କହି ପାରିଲେ ନାହିଁ । ସନ୍ଧ୍ୟାରେ ଚମ୍ପାର ମାଆ ତା'ର ବାପାଙ୍କୁ କହିଲେ – ''ଆମର ଏଇ ଚମ୍ପାଟା ଏକଦମ୍ ବୋକୀଟାଏ । କାହାକୁ କେଉଁ ଲୁଗା ଦିଆଯିବା ଉଚିତ, କାହାକୁ ଦିଆଯିବା ଅନୁଚିତ କିଛି ବି ଜାଣିପାରେ ନାହିଁ ।''

ସତରେ ଚମ୍ପା କ'ଣ ବୋକୀଟାଏ ?

*

ଚମ୍ପା ଏବଂ ତା'ର ମା' ଉଭୟେ ବସିଥିଲେ । ରାମଜୀ କାକାଙ୍କ ପୁଅ ପାଖ ଗଳି ଦେଇ ଆସିଲା ଏବଂ ସେଇଠି ବସି ପଡ଼ିଲା । ଚମ୍ପା ତାକୁ କହିଲା – ''ବୁଝିଲୁ ମାଧବ, ଆଜି ଆମ ଘରେ ନା ଲଡ଼ୁ ତିଆରି ହୋଇଥିଲା ।'' ମାଧବ କହିଲା – ''ଆଚ୍ଛା, ଏମିତି କଥା । ତା' ହେଲେ ତ ମାଉସୀ ମୋ ପାଇଁ ମଧ୍ୟ କିଛି ମିଠାଇ ରଖିଥିବେ ।'' ଚମ୍ପାର ମାଆ କଥାର ମୋଡ଼ ବଦଳାଇ କହିଲେ – ''ପୁଅ, ମାଧବ ! ତୁ ଚମ୍ପାର କଥାକୁ ଜମାରୁ ବିଶ୍ୱାସ କରିବୁ ନାହିଁ । ସେ ତୋତେ ମିଛ କହୁଛି ।'' ଚମ୍ପା କହିଲା – ''ନା, ମାଧବ ! ମୁଁ ତୋତେ ସତ କହୁଛି

ଯେ, ଆମ ଘରେ ଲଡୁ ତିଆରି ହୋଇଥିଲା ଏବଂ ଆମେ ସମସ୍ତେ ଖାଇଥିଲୁ । ଆହୁରି କେତୋଟି ବଳିଛି ମଧ୍ୟ ।'' ରହ ତୋ' ପାଇଁ ଆଣୁଛି ବୋଲି କହି ସେ ଘର ଭିତରକୁ ଗଲା ଏବଂ ମାଧବ ପାଇଁ ଗୋଟେ ମିଠାଇ ନେଇ ଆସିଲା । ଚମ୍ପାର ମାଆ କଥାଟିକୁ ଲୁଚାଇବାକୁ ଚାହୁଁଥିଲେ । କିନ୍ତୁ ଚମ୍ପା ତାହା କରିବାକୁ ଦେଲା ନାହିଁ । ରାତିରେ ଚମ୍ପାର ବାପା ଘରକୁ ଆସିଲା ପରେ ସେ ତାଙ୍କୁ କହିଲେ – ''ବୁଝିଲ, ଆମ ଚମ୍ପାର ବୋଧଶକ୍ତି ବୋଲି କିଛି ନାହିଁ । ଯେଉଁ କଥାଟି ଲୁଚାଇ ରଖିବାକୁ ଚାହୁଁଥିବ, ସମସ୍ତଙ୍କ ଆଗରେ ସେ ତାହା ଖୋଲି ଦେଉଛି ।''

ସତରେ କ'ଣ ଚମ୍ପାର ବୋଧଶକ୍ତି ବୋଲି କିଛି ନାହିଁ ?

*

ଦିନେ ଚମ୍ପା ଏବଂ ହୀରା ପରିବା କିଣିବାକୁ ଗଲେ । ହୀରା ଗୋଟିଏ କିଲୋଗ୍ରାମ ବାଇଗଣ କିଣିଲା । ଚମ୍ପା ମଧ୍ୟ ଗୋଟିଏ କିଲୋଗ୍ରାମ ବାଇଗଣ କିଣିଲା । ସେମାନେ ଘରେ ପହଞ୍ଚିବା ପରେ ଜଣା ପଡ଼ିଲା ଯେ ହୀରାର ବାଇଗଣ ଅଧିକ ଜଣା ପଡୁଛି । ଆଉ ଚମ୍ପାର ବାଇଗଣ କମ୍ । ଓଜନ କରିବାରୁ ଦେଖାଗଲା ଯେ ଚମ୍ପାର ବାଇଗଣ ଗୋଟିଏ କିଲୋଗ୍ରାମ ଥିଲା କିନ୍ତୁ ହୀରାର ବାଇଗଣ ଗୋଟିଏ କିଲୋଗ୍ରାମରୁ କିଛି ଅଧିକ ଥିଲା । ଚମ୍ପାର ମାଆ କହିଲେ, ଆମ ହୀରା ଭଲ ସଉଦା କରି ଜାଣେ ।'' ହୀରା କହିଲା – ''ଜାଣିବିନି କେମିତି ! ଯେତେବେଳେ ପରିବା ଦୋକାନୀ ଟିକିଏ ଅନ୍ୟମନସ୍କ ହେଲା ମୁଁ ଚଟ୍ କରି ବଡ଼ ବାଇଗଣଟିଏ ଉଠାଇ ନେଇଥିଲି ।'' ଏହା ଶୁଣି ଚମ୍ପା କହିଲା, ''ତାହା ତ' ଏକ ପ୍ରକାର ଚୋରି । ମୁଁ ସେମିତି କରି ପାରିବି ନାହିଁ ।'' ଚମ୍ପାର ମାଆ କହିଲେ – ''ଆମ ଚମ୍ପା ଟିକିଏ ବି ହୁସିଆର ନୁହେଁ ।''

ସତରେ ଚମ୍ପା କ'ଣ ହୁସିଆର ନୁହେଁ ?

*

ଗଳିରେ ଖେଳୁ ଖେଳୁ ପିଲାମାନେ ପରସ୍ପର ମଧ୍ୟରେ ଝଗଡ଼ା ଆରମ୍ଭ କରିଦେଲେ । ଦୁଇଜଣ ପିଲା ବିଧା ଗୋଇଠା ମରାମରି ହେଲେ । ଚମ୍ପା ସେମାନଙ୍କ ପାଖରେ ଛିଡ଼ା ହୋଇଥିଲା । ସେ ଭାବିଲା, ଏ ଦୁଇଜଣଙ୍କ ମଧ୍ୟରେ ମଧ୍ୟସ୍ଥି କରି ମୋତେ ସେମାନଙ୍କର ଝଗଡ଼ା ବନ୍ଦ କରିଦେବା ଉଚିତ । ନଚେତ୍ ସେମାନେ ଦୁହେଁ ଦୁହିଁଙ୍କର ମୁଣ୍ଡ ଫଟାଇ ଦେବେ । ଚମ୍ପା ସେମାନଙ୍କୁ ଛଡ଼ାଇବାରୁ ସେମାନଙ୍କ ମଧ୍ୟରୁ ଗୋଟିଏ ପିଲା ଚମ୍ପାର ହାତକୁ ଜୋର୍‌ରେ କାମୁଡ଼ି ଦେଲା । ଚମ୍ପାର ହାତରୁ ରକ୍ତ ବୋହିବାକୁ ଲାଗିଲା । ଚମ୍ପା ଘରକୁ ଫେରି ଯାଇ କଟା ସ୍ଥାନରେ ପଟି ବାନ୍ଧିବାକୁ ଲାଗିଲା । ଏ ସମ୍ପର୍କରେ ସୂଚନା ପାଇ ଚମ୍ପାର ବାପା କ୍ରୋଧ ଜର୍ଜରିତ ହୋଇ ଚିତ୍କାର ଛାଡ଼ିଲେ, ''ସେ ବଦମାସକୁ ତ ତୁ ପଥର ମାରିବାର ଥିଲା, ପଥର । ସେ ଆଉ ଥରେ କାମୁଡ଼ିବା ଭୁଲି ଯାଇଥା'ନ୍ତା ।'' ଚମ୍ପାର ମାଆ କହିଲେ, ''ଆମ ଚମ୍ପା ତ ଡରକୁଳୀଟାଏ । ସେ କ'ଣ ପଥର ମାରିବ ?''

ଚମ୍ପା କ'ଣ ସତରେ ଡରକୁଳୀ ଥିଲା !

*

ଥରେ ଚମ୍ପା ତା'ର ସାଙ୍ଗସାଥୀମାନଙ୍କ ସହିତ ଦେବ ଦର୍ଶନ ପାଇଁ ଯାଇଥିଲା । ମନ୍ଦିର ପରିସରରେ କୁନି ଝିଅଟିଏ ଏକାକୀ କାନ୍ଦୁଥିଲା । ସେ ତା' ମାଆ ସହିତ ମନ୍ଦିରକୁ ଆସିଥିଲା କିନ୍ତୁ ଭିଡ଼ ଭିତରେ କୁନି ଝିଅଟି ତା' ମାଆଠାରୁ ଅଲଗା ହୋଇ ଯାଇଥିଲା । ଚମ୍ପା ତା'ର ସାଙ୍ଗମାନଙ୍କୁ କହିଲା – ''ଚାଲ କୁନି ଝିଅଟିକୁ ତାଙ୍କ ଘରେ ଛାଡ଼ି ଦେଇ ଆସିବା ।'' ସାଙ୍ଗମାନେ କହିଲେ, ''ନାଇଁ ଚମ୍ପା ତାକୁ ତା' ଘରେ ଛାଡ଼ିବାକୁ ଗଲେ ବିଳମ୍ବ ହେବ, ଆଉ ଆମେ ଘରେ ଗାଳି ଶୁଣିବୁ ।'' ଚମ୍ପା କୁନି ଝିଅଟିକୁ ତା' ଘରେ ଛାଡ଼ିବା ପାଇଁ ଏକା ଗଲା । ତା' ସାଙ୍ଗମାନେ ଘରକୁ ଫେରିଯାଇ ଚମ୍ପାର ମାଆଙ୍କୁ ସବୁକଥା ଜଣାଇ ଦେଲେ । ସବୁକଥା ଶୁଣି ଚମ୍ପାର ମାଆ କହିଲେ – ''ଝିଅଟି ଏକଦମ୍ ଗାଁଉଲି ବାହାରିଲା । ସେ ଝିଅଟିକୁ ନେଇ ତା' ଘରକୁ ଯିବା କ'ଣ ଦରକାର ଥିଲା ? ଯା'ର ଝିଅ ହଜିଛି, ସେ ଆସି ଖୋଜି ନେଇଥା'ନ୍ତା ।''

ସତରେ କ'ଣ ଚମ୍ପା ଗାଁଉଲି ଥିଲା ?

(ମୂଳ ଗୁଜରାଟୀ ରଚନାରୁ ଅନୁବାଦ :
କାହ୍ନୁ ଚରଣ ମହାକୁଡ଼)

❑❑❑

# ସତରେ ପରୀମାନେ ଅଛନ୍ତି !

ଏଇ ଘଟଣାଟି ଘଟିଥିଲା ଜେରୁଜେଲମ୍‌ରେ ରହୁଥିବା ରାବାଇ ଜେରେମିଆଙ୍କ ଜୀବନରେ । ଇହୁଦୀମାନଙ୍କ ଧର୍ମଯାଜକଙ୍କୁ ରାବାଇ ବୋଲି କୁହାଯାଏ । ସେଦିନ ଜେରେମିଆ ତାଙ୍କ ଘରେ ବସିଥିଲେ । ଏଇ ସମୟରେ ଜଣେ ପ୍ରୌଢ଼ ଭଦ୍ରଲୋକ ତାଙ୍କ ପାଖରେ ପହଞ୍ଚି କାନ୍ଦିବାକୁ ଲାଗିଲେ । କଥା କ'ଣ ବୁଝୁବୁଝୁ ଜଣା ପଡ଼ିଲା ଯେ ଭଦ୍ରଲୋକଙ୍କର ଏକ ମାତ୍ର ଝିଅ ଭାରି ସୁନ୍ଦରୀ, ପ୍ରତିଭାବାନ୍ ଏବଂ ଧୀରସ୍ଥିର; ହେଲେ ସେ ଝିଅଟି ଖୁବ୍ ଅସୁସ୍ଥ । ଜଣା ପଡ଼ିଛି ଯେ ତା'ର ଯକୃତ୍‌ରେ କ୍ୟାନସର୍ ଏବଂ ସେ ଅତି ବେଶୀରେ ମାସଟିଏ ବଞ୍ଚିବ । ଝିଅର ବୟସ ଜମାରୁ ଛଅ । ସେଇ ଚିନ୍ତାରେ ବାପା ଭାଙ୍ଗି ପଡ଼ିଛନ୍ତି । ପୂରା ପରିବାର ବିପର୍ଯ୍ୟସ୍ତ ଅବସ୍ଥାରେ ଅଛି ।

ଜେରେମିଆ ଭଦ୍ରଲୋକଙ୍କୁ ସାନ୍ତ୍ୱନା ଦେଲେ ଏବଂ ଝିଅଟିକୁ ଦେଖିବାକୁ ଚାହିଁଲେ । ଝିଅକୁ ଦେଖି ସେ ବିଶ୍ୱାସ କରି ପାରିଲେ ନାହିଁ ଯେ ଏତେ ସୁନ୍ଦର ଏବଂ ଚଳଚଞ୍ଚଳ ଝିଅ, ଅଥଚ ତା'ର ଆୟୁଷ ମାତ୍ର ମାସେ ! ଝିଅଟିକୁ ପାଖକୁ ଡାକି ଜେରେମିଆ କହିଲେ, ''ମା'ରେ ! ସ୍ୱର୍ଗରେ ଭଗବାନ୍ ଅଛନ୍ତି, ଯିଏ ତୋ' ଭଳିଆ କୁନି ଝିଅମାନଙ୍କୁ ଭାରି ଭଲ ପାଆନ୍ତି । ତୁ ତାଙ୍କୁ କହିଲେ ସେ ତୋ' ପାଇଁ ପରୀଟିଏ ପଠାଇ ଦେବେ । ସେଇ ପରୀ ତୋ'ର ଯନ୍ତ୍ରଣା ଏବଂ କଷ୍ଟ ଭଲ କରି ଦେବ ।''

ଝିଅଟି କିଛି ସମୟ ତାଙ୍କ ମୁହଁକୁ ଚାହିଁ କହିଲା, ''ହେଲେ ଆମ ବିଜ୍ଞାନ ସାର୍ କହୁଥିଲେ ଯେ ପ୍ରକୃତରେ ପରୀ ବୋଲି କେହି ନାହାନ୍ତି । ଏସବୁ ନିହାତି ମନଗଢ଼ା କଥା ।'' ଜେରେମିଆ କହିଲେ, ''ନା, ନା, ସେମିତି ନୁହେଁ । ପରୀମାନେ ଅଛନ୍ତି । ସେମାନଙ୍କୁ ଡାକିଲେ ସେମାନେ ଆସନ୍ତି ଏବଂ ଉପକାର କରନ୍ତି ।'' ଝିଅଟି ବିସ୍ମୟଭରା ଚକ୍ଷୁରେ ତାଙ୍କୁ ଅନାଇ ରହିଲା । ସେଇଠୁ ଜେରେମିଆ କହିଲେ, ''ଝିଅ ! ତୋ'ର ଯଦି ବିଶ୍ୱାସ ନ ହେଉଛି, ଆଜି ଚାଲ ଈଶ୍ୱରଙ୍କ ପାଖକୁ ଚିଠି ଲେଖିବା ।'' ସେଇଠୁ ଝିଅଟି ତା'ର କୁନି କୁନି ହାତରେ ଚିଠିଟିଏ ଲେଖି ଗୋଟିଏ ପରୀ ପଠାଇବାକୁ ଅନୁରୋଧ କଲା । ଗ୍ରାହକଙ୍କର ଠିକଣା ରହିଲା, 'ଭଗବାନ୍, ସ୍ୱର୍ଗ' । ଦୁଇ ଦିନ ପରେ ଝିଅଟି ଏକ ଚିଠି ପାଇଲା । ଏକ ବାସ୍ନାଭରା ଚିଠିରେ ଭଗବାନ୍ ସୁନ୍ଦର ଗୋଲାପୀ ଅକ୍ଷରରେ ଲେଖିଥିଲେ ଯେ, ସେ ସେଇ ରାତିରେହିଁ ଗୋଟିଏ ସୁନ୍ଦରୀ ପରୀ ପଠାଇ ଦେବେ, ଯେ କି ଗୋଟିଏ ସାଙ୍ଗ ଭଳି ଝିଅଟିର ପାଖେ ପାଖେ ରହିବ । ସତକୁ ସତ ସେଇ ରାତିରେ ଝିଅଟି ପରୀକୁ ସ୍ୱପ୍ନରେ ଦେଖିଲା । ସୁନ୍ଦର ଧଳା ପୋଷାକ ପରିହିତା ପରୀ, ଯାହାର ହାତରେ ଝଟକୁ ଥିଲା ତାରକାଖଚିତ ସୁନାର ବାଡ଼ିଟିଏ । ସେଇ ପରୀ ଝିଅଟିର ପାଖେ ପାଖେ ରହିବ ବୋଲି କହିଲା । ପରଦିନ ସକାଳୁ ଝିଅଟି ଅତି ଖୁସି ମନରେ ଉଠିଲା ଏବଂ ତା' ପରଠାରୁ ତା' ମନରେ ଏକ ଅପୂର୍ବ ଆନନ୍ଦ ଦେଖା ଦେଲା । ପ୍ରତି ମୁହୂର୍ତ୍ତରେ ସେ ପରୀର ଉପସ୍ଥିତିକୁ ଉପଲବ୍ଧି କରିବାକୁ ଲାଗିଲା । କ୍ରମେ ସେ ତା'ର ଯନ୍ତ୍ରଣା ଭୁଲିଗଲା । କିଛିଦିନ ପରେ ଡାକ୍ତରମାନେ ଅବିଶ୍ୱାସ୍ୟ କଣ୍ଠରେ କହିଲେ, ''ଝିଅଟିର ରୋଗ ଭଲ ହେବାର ଲକ୍ଷଣ ଦେଖାଗଲାଣି ।'' କିଛି ଦିନ ପରେ ସେ ପୂରା ଭଲ ହୋଇଗଲା ।

ପ୍ରକୃତରେ ସେଦିନ ଜେରେମିଆ ଡାକଘରୁ ଚିଠିଟି ନେଇ ଯାଇ ଭଗବାନଙ୍କ ନାମରେ ସୁନ୍ଦର ଏକ ପ୍ରବୋଧନାମୂଳକ ଉତ୍ତର ଲେଖିଥିଲେ । ପରୀମାନଙ୍କ ପ୍ରତି ବିଶ୍ୱାସ ନ ତୁଟୁ ବୋଲି ସେ ଏହା କରିଥିଲେ । ସେ ଜାଣିଥିଲେ ଯେ ଈଶ୍ୱର ଏବଂ ଅଲୌକିକତା ପ୍ରତି ଆସ୍ଥା ତୁଟିଗଲେ ମଣିଷ ନିଜର ସବୁଠାରୁ ବଡ଼ ଅବଲମ୍ବନକୁ ହରାଇବ ।

(କଥା ଶତକ - ୨, ପୃଷ୍ଠା ୪୯-୫୦,
ସଂକଳନ ଓ ସମ୍ପାଦନା : ସୌମ୍ୟରଞ୍ଜନ ପଟ୍ଟନାୟକ)

❑❑❑

# ସମାଜରେ ଏକାତ୍ମଭାବ

***ପ୍ରଶ୍ନ :** ଆମ ସମାଜରେ ପରସ୍ପର ଏକାତ୍ମଭାବ ଟିକିଏ ହେଲେ ନ ରହିବାର କାରଣ କ'ଣ ?*

**ଉତ୍ତର :** ଅହଂ ଏବଂ ଅଜ୍ଞାନତା । ତେବେ ଏ ସତ୍ୟ ଟିକକର କିଞ୍ଚିତ୍ ବ୍ୟାଖ୍ୟା ପ୍ରୟୋଜନ ।

ସୃଷ୍ଟିର ଭିତ୍ତି ହେଲା ବିଭିନ୍ନତା । ଏକ ପ୍ରଶ୍ନର ଉତ୍ତରରେ ଲେଖିଥିବାର ମନେ ପଡୁଛି, ଏକଦା ଭଗବାନ୍ (ଆଦିଶକ୍ତି କୁହନ୍ତୁ ବା ବ୍ରହ୍ମ କୁହନ୍ତୁ) 'ଏକମେବଦ୍ୱିତୀୟମ୍' ଥିଲେ । ତାଙ୍କର ଇଚ୍ଛା ହେଲା ସେ ଏକ ନ ରହି ବହୁ ହେବେ, ନିଜଠାରୁ ଭିନ୍ନ କିଛି ହେବେ । ନିଜ ଇଚ୍ଛାରେ ସେ ପରମ ଜ୍ଞାନକୁ ଅଜ୍ଞାନରେ ପରିଣତ କଲେ ଏବଂ ସେହିଠାରୁ ପୁଣି ନିଜ ସ୍ୱରୂପ ଅର୍ଥାତ୍ ଜ୍ଞାନକୁ ପ୍ରତ୍ୟାବର୍ତ୍ତନ ଆରମ୍ଭ କଲେ । ଏକରୁ ବହୁ ହେଲେ ଏବଂ ବହୁ ଭିତରେ ପରସ୍ପର ଏକତ୍ୱର ସନ୍ଧାନରେ ବ୍ରତୀ ହେଲେ ।

ଅତଏବ ଭିନ୍ନତା ସୃଷ୍ଟିର ଅନିବାର୍ଯ୍ୟ ବୈଚିତ୍ର୍ୟ । କିନ୍ତୁ ଆମ ଅଜ୍ଞାନତା ଭିନ୍ନତାକୁ ବିରୋଧରେ ପରିଣତ କରେ । ଜଣେ ରାଜା ଥିଲେ ଯିଏକି ବିଶ୍ୱାସ କରୁଥିଲେ ଯେ ଭଗବାନ୍ ନିରାକାର । ତାଙ୍କ ବିଶ୍ୱାସକୁ ଗ୍ରହଣ କରି ନେଇଥିଲେ ତାଙ୍କର ଯାବତୀୟ ପ୍ରଜା । ଦିନେ ସେ ଶୁଣିଲେ, ରାଜ୍ୟ ସୀମାନ୍ତରେ ଶିବିର ପକାଇଥିବା ଜଣେ ସନ୍ଥ କହୁଛନ୍ତି କି ଭଗବାନ୍ ଉଭୟ ନିରାକାର ଓ ସାକାର । ରାଜା ସନ୍ଥଙ୍କୁ ତଲବ କରି ସେ ତାଙ୍କ ମତଠାରୁ ଭିନ୍ନ ମତ କିପରି ପ୍ରଚାର କରୁଛନ୍ତି ବୋଲି ପ୍ରଶ୍ନ କଲେ । ସନ୍ଥ କହିଲେ, ''ଆପଣଙ୍କ ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ମୁଁ ଆପଣଙ୍କୁ ଏବଂ ଆପଣଙ୍କ ତିନି ବିଜ୍ଞ ମନ୍ତ୍ରୀଙ୍କୁ ଗୋଟାଏ ଛୋଟ ପ୍ରଶ୍ନ କରିବି ।'' ସେ ଚାରି ଖଣ୍ଡ ଟିକି ଟିକି କାଗଜରେ ପ୍ରଶ୍ନ ଲେଖି ରାଜା ଓ ତିନି ମନ୍ତ୍ରୀଙ୍କୁ ଧରାଇ ଦେଲେ ଓ ପ୍ରଶ୍ନ ତଳେ ଉତ୍ତରଟିମାନ ଲେଖି ଦେବାକୁ ଅନୁରୋଧ କଲେ । ତତ୍ପରେ କାଗଜଟିମାନ ପଢ଼ା ହେଲା । ସଭିଙ୍କ ପାଇଁ ପ୍ରଶ୍ନ ଥିଲା ସମାନ; ''ମାଟି କ'ଣ ?'' ରାଜାଙ୍କ ଉତ୍ତର : ''ଧରିତ୍ରୀର ଉପାଦାନ ।'' ମନ୍ତ୍ରୀବର୍ଗଙ୍କ ଉତ୍ତର : ''ମାଟି ଫସଲର ଭିତ୍ତି'', ''ମାଟି ପାଣିଠାରୁ ପୃଥକ୍'' ଏବଂ ''ଯାହା ଉପରେ ଆମେ ଚାଲୁଁ'' ।

ସନ୍ଥ ପଚାରିଲେ, ''ମହାରାଜ, ମାଟି ଭଳି ଏକ ଅତି ସାଧାରଣ ଚିଜର ପରିଚୟ ଯଦି ଏତେ ଭିନ୍ନ ପ୍ରକାର ହୋଇପାରେ ଅଥଚ ପ୍ରତ୍ୟେକ ପରିଚୟ ସତ୍ୟ ହୋଇପାରେ, ତେବେ ଭଗବାନଙ୍କ ଭଳି ଅସାଧାରଣ ବିଷୟର ବହୁବିଧ ପରିଚୟ ସମ୍ଭବ ହେବାରେ ବିସ୍ମୟ କ'ଣ ?''

ରାଜାଙ୍କ ଭିତରେ ଜ୍ଞାନ-ପିପାସା ଥିଲା । ସେ ବୁଝିଲେ । ଆମ ଭିତରେ ଜ୍ଞାନର ଉଦ୍ରେକ ହେଲେ ଆମେ ମଧ୍ୟ ବୁଝିବା ଯେ ଭିନ୍ନତା ସତ୍ତ୍ୱେ ଆମେ ଏକାତ୍ମ । ଥରେ ଜଣେ ଜିଜ୍ଞାସୁ ଯୋଗୀ ବାମାକ୍ଷେପାଙ୍କୁ ପ୍ରଶ୍ନ କଲେ, ''ଭଗବାନ୍ ଏକ ନା ବହୁ ?'' କ୍ଷେପା ଉତ୍ତର ଦେଲେ, ''ସ୍ୱରୂପରେ ଏକ; ରୂପରେ ବହୁ ।'' ଦିନେ ଏହି ଉପଲବ୍ଧି ଆମକୁ ଏକାତ୍ମ ପାଶରେ ଆବଦ୍ଧ କରିବ ।

ସମାଜରେ ଏକାତ୍ମ ଭାବ ଯେ ''ଟିକିଏ'' ବୋଲି ନାହିଁ, ତାହା ନୁହେଁ । କେତେକ ପରିମାଣରେ ରହିଛି ବୋଲି ସମାଜ ତିଷ୍ଠି ରହିଛି ଏବଂ ମନ୍ଥର ପ୍ରଗତି ମଧ୍ୟ ସମ୍ଭବପର ହେଉଛି ।

**– ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ,
ପୃ. ୧୨୭-୧୨୮) ❑

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Available in Bhubaneswar *(wholesale/retail)*:
**Adarsh Food Processing Industry**
Flat no. 309. Madhaba Nilayam Complex, Near Rabi Talkies,
Lewis Road, Bhubaneswar - 751014, Cell No. 9437000646

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 9442249355 / 0413-2224935 / 2339477
Email: sales@ayurlabsindia.com
Website: www.ayurlabsindia.com

**Vol. LIV, No. 7** **R.N.I. No. 18163/70.**


Navaprakash (Monthly), July, 2023 Registration No. PY/51/2021-23

**Date of Posting : 7th, 8th of every month** **Licenced to Post without prepayment**

TN/PMG(CCR)/WPP-63/2021-23

## ବିଶେଷ ସୂଚନା :

ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୫୦ତମ ଜନ୍ମ ଶତବାର୍ଷିକୀ ପାଳନର ପ୍ରାକ୍ କାଳରେ ତାଙ୍କ ରଚିତ ମହାର୍ଘ କାବ୍ୟଗ୍ରନ୍ଥ ମନ୍ତ୍ରମୟୀ 'ସାବିତ୍ରୀ'ର ପ୍ରଥମ ଭାଗର ଓଡ଼ିଆ ପଦ୍ୟାନୁବାଦ ପ୍ରକାଶ ପାଇଲା । ଏହାର ଅନୁବାଦକ ପ୍ରଥିତଯଶା, ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ସାହିତ୍ୟିକ ଶ୍ରୀ ମନୋଜ ଦାସ । ଏହି ଗଭୀର ସାଧନାଲବ୍ଧ, ପ୍ରତୀକଧର୍ମୀ ଗ୍ରନ୍ଥଟିକୁ ସହଜ ପଠନ ଓ ମନନ କରିବା ଉଦ୍ଦେଶ୍ୟରେ ମୂଳଗ୍ରନ୍ଥ ସହ ଓଡ଼ିଆ ଅନୁବାଦକୁ ଏକତ୍ର ସନ୍ନିବେଶିତ କରାଯାଇଛି ।




## ସାବିତ୍ରୀ

**ଏକ କିଂବଦନ୍ତି ଏବଂ ଏକ ପ୍ରତୀକ**

**(ପ୍ରଥମ ଭାଗ)**

୮୪୧ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **୫୦୦/-** ଟଙ୍କା ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**

**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Gopal Chandra Mahana

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**